Spreading Knowledge Amongst Mankind.....

ସେପ୍ଟେମ୍ବର - ୨୦୧୭ SEPTEMBER - 2017



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର

## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 9594993733

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ଏଣୁତେଣୁ......

ଜୟ ଜଗନ୍ନାଥ ।

ଓଡିଆମାନେ ହେଲେ ଶାନ୍ତିପ୍ରିୟ । ଏଣୁ ଆଗରୁ ଓଡିଆମାନେ ଓଡିଶା ବାହାରକୁ ଯିବାକୁ ଚାହୁଁନଥିଲେ । ପାଠଶାଠ ପଢି ଛୋଟ ଚାକରୀଟିଏ ହେଲେ ମଧ୍ୟ ଓଡିଶାରେ ଯଦି ମିଳଗଲା ତେବେ ତାହାଠାରୁ ଭଲକଥା କଛି ନାହିଁ ବୋଲି ଭାବୁଥିଲେ । ତେଣୁ ଘରର ଆଖପାଖରେ, ଆଉ ଅଧିକ ବାଟ ହେଲେ ଭୁବନେଶ୍ୱର ପର୍ଯ୍ୟନ୍ତ ଚାକରି ଖୋଜା ଯାଉଥିଲା । ମୋର ମନେଅଛି, ୧୯୯୭ ମସିହାରେ ମୋର ଯେତେବେଳେ ବ୍ୟାଙ୍କରେ ପ୍ରଥମ ପୋଷ୍ଟିଂ ଗୌହାଟୀରେ ହେଲା, ସେତେବେଳେ ପରିବାର ପରିଜନ, ସାଙ୍ଗସାଥି ଆଉ ବନ୍ଧୁବାନ୍ଧବମାନେ ଅନେକ ପ୍ରକାର କଥା କହି ଏତେ ଦୂରରେ ଚାକରୀ ନକରିବା ପାଇଁ ପରାମର୍ଶ ଦେଇଥିଲେ ଆଉ ବହୁତ କଷ୍ଟରେ ମୁଁ ଘର ବାହାରକୁ ପାଦ କାଢିଥିଲି । କନ୍ତୁ, ଆଜିକାଲି ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଆଜିକାଲି କେବଳ ଭାରତବର୍ଷରେ ନୁହେଁ, ଓଡିଆମାନେ ପହଞ୍ଚି ପାରିଛନ୍ତି ପୃଥିବୀର ଅନେକ ଦେଶରେ ଆଉ ସହରରେ କେବଳ ନିଜ ଦକ୍ଷତା ଯୋଗୁ । ଜୀବିକା ଅର୍ଜନ ପାଇଁ ଦୂରରେ ରହିବା ସତ୍ତ୍ୱେ ବାହାରେ ରହୁଥିବା ଓଡିଆମାନେ ନିଜର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅନେକ ପ୍ରକାରର ଚେଷ୍ଟା ମଧ୍ୟ କରି ଚାଲିଛନ୍ତି । ବିଭିନ୍ନ ସ୍ଥାନ ମାନଙ୍କରେ ଓଡିଆ ସମାଜ ଗଠିତ ହୋଇ ଓଡିଶାର ସଂସ୍କୃତିକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମନେ ପକେଇବା, ଓଡିଆ ପର୍ବପର୍ବାଣୀ ପାଳନ କରିବା ଏବଂ ଏହା ସଙ୍ଗେ ସଙ୍ଗେ ନୂଆ ପିଢିକୁ ଓଡିଶାରେ ଐତିହ୍ୟ ଓ ସଂକୃତିକୁ ଜଣାଇବା କାର୍ଯ୍ୟ ଚଳାଇଛନ୍ତି । ଆଉ ଏଇଥିପାଇଁ ଆଜି ଓଡିଶା ବାହାରେ ରହିଲେ ମଧ୍ୟ, ନିଜ ଜନ୍ମଭୂମି ଆଉ ମାତୃଭାଷା ପାଇଁ କଛିଟା ଅବଦାନ କରିବାର ଇଚ୍ଛା ପ୍ରତ୍ୟେକ ଓଡିଆଙ୍କ ପାଖରେ ଦେଖାଯାଉଛି ।

ଓଡିଶାରେ ରହିଛି ଅନେକ ଦର୍ଶନୀୟ ସ୍ଥାନ, ମନ୍ଦିର, ପାହାଡ, ପର୍ବତ, ନଦୀ, ହ୍ରଦ ଓ ସମୁଦ୍ର । କନ୍ତୁ ଏସବୁ ଥିବା ସତ୍ତ୍ୱେ ଓଡିଶା ଆଜି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରୁନାହିଁ । ଏହାର କାରଣ ହେଉଛି ପ୍ରଚାର ଓ ପ୍ରସାରର ଅଭାବ । ଆମ ରାଜ୍ୟରେ ଅନେକ ନଦୀ ଏବଂ ସମୁଦ୍ର ଥିବାବେଳେ ଏପର୍ଯ୍ୟନ୍ତ ଗୋଟିଏ ଭଲ "ୱାଟର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ" ଦେଖିବାକୁ ମିଳେନାହିଁ । ଆମ ରାଜ୍ୟରେ ଏପରି ଅନେକ ସୁନ୍ଦର ସ୍ଥାନ ଅଛି ଯେଉଁଠାକୁ ଗଲେ

ସେଠାରୁ ଆଉ ଫେରିବାକୁ ମଧ୍ୟ ଇଚ୍ଛା ହୁଏନାହିଁ ଏହାର ସୌନ୍ଦର୍ଯ୍ୟତା ଓ ପ୍ରାକୃତିକ ପରିବେଶ ଯୋଗୁ । ଗ୍ରାମ୍ୟ ସୁନ୍ଦର ପରିବେଶ । କିନ୍ତୁ ଏହିସବୁ ଯାଗା ବିଷୟରେ ଅନେକ ଲୋକେ ଜାଣିନାହାନ୍ତି । ଆମ ଓଡିଶାରେ ଅନେକ ପ୍ରକାରର ପର୍ବପର୍ବାଣୀ ପାଳନ କରାଯାଏ । ଆଉ ଯଦି ଏହି ପର୍ବପର୍ବାଣୀମାନଙ୍କୁ ନେଇ କିଛିଟା ଭିନ୍ନ ଧରଣର ପରିବେଶ ସୃଷ୍ଟି କରାଯାଇ ପାରନ୍ତା, ତାହାହେଲେ ପର୍ଯ୍ୟଟକମାନେ କେବଳ ଯେ ଓଡିଶା ପ୍ରତି ଆକର୍ଷିତ ହୁଅନ୍ତେ ତାହାନୁହେଁ, ଓଡିଶା ବିଷୟରେ ଅନେକ କଥା ମଧ୍ୟ ଜାଣି ପାରନ୍ତେ ।

ଓଡିଶା ହେଉଛି ଏକ ଗ୍ରାମ ବହୁଳ ରାଜ୍ୟ । ଏକ ଗ୍ରାମ ବହୁଳ ରାଜ୍ୟ ହିସାବରେ, ଏଠାରେ "ରୁରାଲ୍ ଟୁରିଜିମ୍" ଆରମ୍ଭ କରିବାପାଇଁ ଯଥେଷ୍ଟ ସୁଯୋଗ ରହିଛି । ଆଜିକାଲି ଅନେକ ରାଜ୍ୟରେ "ରୁରାଲ୍ ଟୁରିଜିମ୍" ଏବଂ "ବ୍ରେଡ୍ ଆଣ୍ଡ୍ ବ୍ରେକଫାଷ୍ଟ" ସ୍କିମ ଆରମ୍ଭ ହୋଇଗଲାଣି ଏବଂ ପର୍ଯ୍ୟଟକଙ୍କ ଦ୍ୱାରା ଆଦୃତ ହୋଇପାରିଛି ମଧ୍ୟ । ଅବଶ୍ୟ ଓଡିଶା ସରକାର ପର୍ଯ୍ୟଟନର ବିକାଶ ପାଇଁ ଏବେ ଅନେକ ପ୍ରକାର ପଦକ୍ଷେପ ନେଉଛନ୍ତି, କିନ୍ତୁ ତାହା ଆଜିର ଦିନରେ ଯଥେଷ୍ଟ ନୁହେଁ । ପର୍ଯ୍ୟଟନ ମାନଚିତ୍ରରେ ଓଡିଶାକୁ ଆଗକୁ ନେବାକୁ ହେଲେ ଅନ୍ୟ ରାଜ୍ୟମାନଙ୍କ ପରି ଆକ୍ରାମକ ନୀତି ଗ୍ରହଣ କରିବାକୁ ପଡିବ ଯେଉଁଥିପାଇଁ ପ୍ରତ୍ୟେକ ଓଡିଆଙ୍କ ଅବଦାନ ମଧ୍ୟ ଆବଶ୍ୟକ ।

ଜୟ ଉତ୍କଳ, ଜୟ ଓଡିଆବାସୀ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ବାସନା ର ମୂଳୋତ୍ପାଟନ | ପ୍ରତିଭା ପ୍ରିୟଦର୍ଶିନୀ | ୦୭ |
| ଜାତୀୟ ପତାକା | କାଳକଙ୍କର | ୧୦ |
| ତୁମେ ପ୍ରଭୁ ଭଲ ସ୍ୱଭାବର | ଶଶଧର ମହାପାତ୍ର | ୧୧ |
| ଅଲିଖା ଅକ୍ଷର | ଡ. ବିଜ୍ଞାନୀ ଦାସ | ୧୨ |
| ଯାତ୍ରୀଟିଏ ମୁହିଁ ଦୂର ଦିଗନ୍ତର | ଦେବସ୍ମିତା ବେହେରା | ୧୯ |
| ସ୍ୱାଧିନତାର ୭୦ ବର୍ଷ ପରେ | ମୋହନ ଚନ୍ଦ୍ର ବିଷୋୟୀ | ୨୦ |
| ମିଥ୍ୟା ଅଭିମାନ | ଆଶା ସାହୁ | ୨୨ |
| ତୁମ ପାଇଁ | ମଧୁଛନ୍ଦା ବେହେରା | ୨୮ |
| ଭଲ ପାଇବାର ଋଣ | ସୁଲୋଚନା ପଟ୍ଟନାୟକ | ୨୯ |
| ମୋ କଥା | ଅନୁସୂୟା ମିଶ୍ର | ୩୦ |
| ଆଶାର ସଂଗ୍ରାର | ଭାସ୍କର ଚନ୍ଦ୍ର ଖଣ୍ଡା | ୩୩ |
| ତୁମ ବିନା ସବୁ ଶୁନ୍ୟ | ବିନୟ ମହାପାତ୍ର | ୩୪ |
| ଭିକାରି | ସୁବଳ ମହାପାତ୍ର | ୩୬ |
| ବିଶ୍ୱ ଜନନୀ ଚରଣେ | ହିମାଂଶୁ ଶେଖର ବାରିକ୍ | ୪୪ |
| ବିଗତ ଅତୀତ ଆଉ ମୁଁ | ନୃସିଂହ ଚରଣ ବେହେରା | ୪୫ |
| ଛଅ ପଞ୍ଝା ତିରିଶ | ସୁଧାଂଶୁ ଦ୍ୱିବେଦୀ | ୪୬ |
| ମୋ ଝରକା ବାହାରୁ | ଡ. ମନୀଷା ମିଶ୍ର | ୫୧ |
| ପାକସ୍ତାନରୁ ପାନାମା | ସୁସ୍ମିତା ମହାପାତ୍ର | ୫୨ |
| ଉତ୍ତର ବଙ୍ଗର ହାତୀ | ଅଶୋକ ବିଶ୍ୱାଳ | ୫୩ |
| ଧବଳେଶ ମାହାତ୍ମ୍ୟ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୬୪ |
| ରାୟବାହାଦୁର ଡଃ ଆର୍ତ୍ତବଲ୍ଲଭ ମହାନ୍ତି | ବରଦା ପ୍ରସନ୍ନ ଦାସ | ୬୮ |
| ସମଲପୁରି କବିତା – କମିହାଁର ସୁଖେ ଜୀବନ | ଆଶୁତୋଷ ମେହେର | ୭୧ |
| ତୁମେ କହିଥିଲ | ସନାତନ ମହାକୁଡ | ୭୨ |
| ରାଜନୀତି ଚଉତିଶା | ଉଦୟନ ସୂପକାର | ୭୩ |
| ଆଲ୍‌ବମ୍ | ପରମିତା ମିଶ୍ର | ୭୪ |

| | | |
|---|---|---|
| ତୁମ ପାଇଁ....... | ପ୍ରଦେଶ କୁମାର ପ୍ରଧାନ | ୭୭ |
| ଅସ୍ତିତ୍ୱ | ଶାନ୍ତିଲତା ମିଶ୍ର | ୭୮ |
| ସତୀ | କାଳକଙ୍କର | ୭୯ |
| ମନେ ପଡେ... | ଶୁସାନ୍ତ କୁମାର ନାୟକ | ୮୯ |
| ଅସ୍ତରାଗିଣୀ ( ଧାରାବାହିକ) | ପ୍ରଫେସର ଅଜନ୍ତା ପଣ୍ଡା | ୯୦ |
| ଜୀବନ... ତମେ କେଉଁଠି!! | ସଚ୍ଚିଦା ନନ୍ଦ ବାରିକ | ୯୩ |
| ମହିଷାମର୍ଦ୍ଦିନୀ | ଦୀପକ ଷଡଙ୍ଗୀ | ୯୫ |
| ବୟସର କୃଷ୍ଣଚୂଡା | ସୁବ୍ରତ କୁମାର ମୁଦୁଲି | ୯୬ |
| ଅଖଣ୍ଡ ଭାରତର ସ୍ୱପ୍ନ | ଡ. ସୌମ୍ୟ ରଞ୍ଜନ ମିଶ୍ର | ୯୭ |
| ଶୁନ୍ ବିଦେଶି | ଶୁଭମ ନାୟକ | ୯୯ |
| କୋହିମା ହୋଟେଲରେ ତିନଟି ଛବି: ତିନ ଦିଗନ୍ତ, ତିନଟି ଛବି ( ଧାରାବାହିକ ଭ୍ରମଣ କାହାଣୀ) | ପ୍ରିୟବ୍ରତ ପାତ୍ର | ୧୦୦ |
| ଦରଦ୍ | ଫିରୋଜ କୁମାର ପଟେଲ | ୧୧୦ |
| ମା | ପ୍ରଶାନ୍ତ କୁମାର ନାଥ | ୧୧୧ |
| ଧ୍ୱଂସାବିମୁଖୀ | ପ୍ରସନ୍ନ ପ୍ରୟାସ ଭୁଏ | ୧୧୨ |
| ସିଖଖା ନେଇ ଇ କବିତା | ଏମ୍. ବିଜୟ କୁମାର | ୧୧୩ |
| ମଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୧୧୫ |
| ଟିକଏ ହସନ୍ତୁ | ସଂଗୃହୀତ | ୧୧୬ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୧୧୭ |




# ବାସନା ର ମୂଳୋତ୍ପାଟନ



ପ୍ରତିଭା ପ୍ରିୟଦର୍ଶିନୀ

ସ୍ୱାମୀ ଶିବାନନ୍ଦ ବୁଝାଇଛନ୍ତି ଯେ ବାସନାର ଅବଦମନ ନୁହେଁ ବରଂ ମୂଳୋତ୍ପାଟନ ହିଁ ଉଚିତ ବିଚାର। ଏଠାରେ ବାସନା ର ବିଭିନ୍ନ ସ୍ତର ଓ ତାହାର ପ୍ରଭାବ ଓ ନିରାକରଣ ବିଷୟରେ ସମ୍ୟକ ଆଲୋଚନା କରିବା।

## ବାସନା ( ଅତିସୂକ୍ଷ୍ମ ବା ନିଗୁଢ଼) , କିଭଳି ପରିଦୃଷ୍ଟ ହୁଏ

* * * * * * * * * * * * * * * * * * * * * * * * * * * * * * * * * * * * *

ମନ ରୂପକ ସରୋବରରେ ବାସନା ଏକ ତରଙ୍ଗ ସଦୃଶ। ଏହାର ଆସ୍ଥାନ ହେଉଛି କାରଣ ଶରୀର ( casual body) । ସେଠାରେ ଏହା ବୀଜ ସ୍ୱରୂପ ରହିଥାଏ ଏବଂ ମନ- ସରସୀ ରେ କ୍ରମଶଃ ଉଜାଗର ହୁଏ। ଫୁଲ, ଫଳ, ଡାଳ, ପତ୍ର ବିଶିଷ୍ଟ ବିରାଟ ବୃକ୍ଷଟିଏ ଯେମିତି ବୀଜ ଭିତରେ ରହିଥାଏ, ଠିକ୍ ସେଇଭଳି ବାସନା ମନୁଷ୍ୟର ଅନ୍ତଃକରଣ ( ଚିତ୍ତ, ମାନସ, ଅଭିମାନ, ବୁଦ୍ଧି) ଓ କାରଣ ଶରୀର ( casual or seed- body) ରେ ଅପ୍ରକଟ ବା ସୁପ୍ତ ହୋଇ ରହିଥାଏ। ନିତ୍ୟ ନୂତନ ଫୁଲ ଫୁଟେ ଏବଂ ଦିନେ ଦୁଇ ଦିନରେ ମଉଳିଯାଏ। ସେହିଭଳି ବାସନା ମଧ୍ୟ ଫୁଲ ପରି ଗୋଟିଏ ପରେ ଗୋଟିଏ ଜନ୍ମ ନିଏ, ମନ ତଳକୁ ଆସେ ଏବଂ ଜୀବ( ଏକକ ପ୍ରାଣୀ) ମନରେ ସଂକଳ୍ପ ( ଚିନ୍ତନ, ବିଚାର କଳ୍ପନା) ଜନ୍ମାଏ ଓ ଉପଭୋଗର ସେହି ସୁଖମୟ ବସ୍ତୁର ପ୍ରାପ୍ତ୍ୟର୍ଥେ ପ୍ରୟାସ କରିବାକୁ ଅଙ୍କୁଶ ମାରି ପ୍ରବର୍ତ୍ତାଏ। ବାସନା, କ୍ରିୟା ବା କାର୍ଯ୍ୟର କାରଣ ହୁଏ ଏବଂ କ୍ରିୟା ବାସନାକୁ ଅଧିକ ଦୃଢତା ପ୍ରଦାନ କରେ। ଏହା ଏକ ଚକ୍ର, ଏକ ନିଷ୍ଠୁର, ଅନୈତିକ, ଅବଗୁଣୀ ଚକ୍ର। ବ୍ରହ୍ମ ସମ୍ବନ୍ଧୀୟ ଜ୍ଞାନର ଆଗମନ ହେଲେ ସମସ୍ତ ବାସନା ଆପଣାଛାଏଁ ଦୂରେଇ ଯାଆନ୍ତି। ଭିତର ର ବାସନା ହିଁ ମନୁଷ୍ୟର ପ୍ରକୃତ ଶତ୍ରୁ। ତାହାକୁ ମୂଳରୁ ନଷ୍ଟ କରିବାକୁ ହେବ, ସମ୍ପୂର୍ଣ୍ଣ ଭାବେ ବିନାଶ କରିବାକୁ ହେବ। ସେଗୁଡିକ ପୁରୁଣା ଅଭ୍ୟାସ ସଦୃଶ।

ଏକ ବୃହତ ବୃକ୍ଷ ନଜର ସମସ୍ତ ଅବୟବକୁ ସାଉଁଟି କ୍ଷୁଦ୍ର ବୀଜ ମଧ୍ୟରେ ସୂକ୍ଷ୍ମ ଅବସ୍ଥାରେ ରହିଥାଏ। ସୁପ୍ତିରୁ ଉଜାଗର ହୋଇ ଆତ୍ମପ୍ରକାଶ କରିବାପାଇଁ ଏହାକୁ ସମୟ ଲାଗେ। ଯେମିତି କାମଲାଳସା ଜଣେ ବ୍ୟକ୍ତି ମଧ୍ୟରେ ବାଳକ ଅବସ୍ଥାରେ ମଧ୍ୟ ଥାଏ। ୧୮ ବର୍ଷ ବେଳକୁ ଏହା ପରିଦୃଷ୍ଟ ହୁଏ ଏବଂ ସମଗ୍ର ଶରୀରରେ ଏହାର ପ୍ରଭାବ ଅନୁଭୂତ ହୁଏ ପ୍ରାୟ ୨୫ ବର୍ଷ ବୟସ ବେଳକୁ। ୨୫- ୪୦ ବର୍ଷ ମଧ୍ୟରେ ଏହାର ବ୍ୟାପକ ପ୍ରଭାବ ପଡେ ଓ ତା'ପରେ କମିବା ଆରମ୍ଭ ହୁଏ। ଅନେକ ଭୁଲ ଓ ଦୁଷ୍ଟ କାର୍ଯ୍ୟ, ବ୍ୟବହାର, ମନୁଷ୍ୟ ଏହି ୨୫- ୪୫ ବର୍ଷ ବୟସ ମଧ୍ୟରେ କରିଥାଏ। ଏହା ଏକ ଜଟିଳ ସମୟ। ସାନଥିବା ବେଳେ ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ଗୁଣ ଗୁଡିକରେ ବିଶେଷ ପାର୍ଥକ୍ୟ ଦେଖାଯାଏ ନାହିଁ। ଯୌବନାରମ୍ଭ ବା ବୟଃସନ୍ଧି ( Puberty) ଉପନତ ହେବାପରେ ସେମାନଙ୍କ ଠାରେ ନିର୍ଦ୍ଦିଷ୍ଟ ଆଚରଣ, ଗୁଣ ଓ ପ୍ରକୃତିର ପରିପ୍ରକାଶ ସ୍ପଷ୍ଟ ବାରିହୁଏ।

## ଚପଳତା ( ମୃଦୁ ବା ସୌମ୍ୟ ବାସନା)

* * * * * * * * * * * * * * * * * * * * * * * * * *

ଚପଳତା ଏକ ପ୍ରକାର ସୌମ୍ୟ ବାସନା। ଏହା କମ ସମୟ ପାଇଁ ରହେ। ମୁଖ୍ୟତଃ ଦୁଇ ପ୍ରକାର ଚପଳତା ମନୁଷ୍ୟ ଠାରେ ଦେଖାଯାଏ। ପ୍ରଥମଟି ହେଉଛି ଜିହ୍ଵା ଚପଳତା, ଯେଉଁଥିରେ ଜିହ୍ଵା ଅବିରତ ସୁସ୍ଵାଦୁ, ସୁଖାଦ୍ୟ ଖାଇବାର ଲାଳସା କରେ। ଏହା କ୍ଷୁଧାର ଏକ ବାଧିତ, ରୁଗ୍ଣ ଓ ଅପ୍ରିତିକର ପ୍ରକାର ଅଟେ। ଦ୍ଵିତୀୟ ପ୍ରକାର ହେଉଛି ଉପସ୍ଥ ଚପଳତା, ଯେଉଁଥିରେ ଶରୀର ବାରମ୍ବାର ସ୍ପର୍ଶ ଓ ସମ୍ଭୋଗ ସୁଖ ଇଚ୍ଛାକରେ।

## ବାସନା - ଅଧୀରତା ଓ ଦାସତ୍ଵ ର କାରଣ

* * * * * * * * * * * * * * * * * * * * * * * * * * * * *

ମନ ଅଧୀର ହେବାର ପ୍ରମୁଖ କାରଣ ହେଉଛି ବାସନା। ଯେତେବେଳେ ମନରେ କୌଣସି ବାସନା ଉଜାଗର ହୁଏ, ସେତେବେଳେ ବିଷୟ- ବୃତ୍ତି- ପ୍ରବାହ ର ସ୍ରୋତ ଉଜାଣି ବହିବା ଆରମ୍ଭ କରେ, ତଥା ମନ ଓ ଇଚ୍ଛିତ ବସ୍ତୁ ମଧ୍ୟରେ ଏକ ନିବିଡ ସଂଯୋଗ ସ୍ଥାପିତ ହୁଏ। ସେହି ବସ୍ତୁକୁ ପ୍ରାପ୍ତକରି ଉପଭୋଗ ନ କରିବା ଯାଏଁ ମନ ବ୍ୟଗ୍ର ଓ ଅଶାନ୍ତ ରହେ। ବସ୍ତୁଟି ର ପ୍ରାପ୍ତି ଓ ଉପଭୋଗ ହେବାଯାଏଁ ବୃତ୍ତି ( ଚିନ୍ତା/ ବୈଦ୍ୟୁତିକ ତରଙ୍ଗ) ର ପ୍ରବାହ ବସ୍ତୁ ଆଡକୁ ହିଁ ହୋଇଥାଏ। ସାଧାରଣ ଭାବରେ ମନୁଷ୍ୟଙ୍କ ବାସନାକୁ ପ୍ରତିରୋଧ ବା ଅବଦମିତ କରିବା ପାଇଁ ଦୁର୍ବଳ ନିଷ୍ଠୟ, କାମଦିଏ ନାହିଁ।

ମନରେ ଥିବା ଏହି ବାସନା କୌଣସି ବସ୍ତୁ ପ୍ରତି ଆକର୍ଷଣ ସୃଷ୍ଟିକରି ବନ୍ଧନକୁ ଆମନ୍ତ୍ରଣ କରେ। ବାସନା ଉଭେଇ ଯିବାପରେ ଏହି ଦାସତ୍ୱର ପରିସମାପ୍ତି ହୁଏ। ମନଭିତରେ ବାସନା ନଥିଲେ ବାହ୍ୟଜଗତର କୌଣସି ବସ୍ତୁ ପ୍ରତି ଆକର୍ଷଣ, ଉତ୍ସାହ ଓ ପ୍ରଶଂସା ସୃଷ୍ଟି ହୁଏନାହିଁ। ମନୁଷ୍ୟର ସମସ୍ତ ଦୁଃଖ ଓ ପୀଡାର ମୂଳ କାରଣ ହେଉଛି ବାସନା। ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ କୌଣସି ବସ୍ତୁଠାରୁ କଷ୍ଟ ମିଳେନାହିଁ। ଜଳ ତୃଷ୍ଣା ନିବାରଣ କରେ, ବାୟୁ ନିଶ୍ୱାସ ସହିତ ଶୀତଳତା ଓ ଆମୋଦ ପ୍ରଦାନ କରେ। ସୂର୍ଯ୍ୟଙ୍କ ରଶ୍ମି ଜୀବନ ଉର୍ଜାର ସଞ୍ଚାର କରେ, ଅଗ୍ନି ଉଷ୍ମତା ଦିଏ। ଜୀବ ଦ୍ୱାରା ସୃଷ୍ଟ ବସ୍ତୁ ହିଁ ବନ୍ଧନ ଓ ଦାସତ୍ୱର କାରଣ ହୁଏ। ତେଣୁ ଆମେ ମନରେ ବାସନା କୁ ନ ସାଇତି, ଶୁଦ୍ଧ ସଂକଳ୍ପ ( ସତ୍ ଚିନ୍ତନ) କୁ ଧାରଣ କରିବା ଉଚିତ।

କେବଳ ନୈତିକ ପ୍ରଶିକ୍ଷଣ ଦ୍ୱାରା ଈର୍ଷା, ରାଗ- ଦ୍ୱେଷ, କାମ, କ୍ରୋଧ ଇତ୍ୟାଦି କୁ ଯଦିଓ ସମୂଳେ ନଷ୍ଟ କରିହେବ ନାହିଁ, ତଥାପି ଅବଦମିତ କରିହେବ। ନୈତିକତା ଓ ସଂସ୍କାର ବଳରେ ଅଶୁଭ ବାସନା ଗୁଡିକୁ କ୍ଷୀଣ କରାଯାଇ ପାରିବ। ତେବେ ବାସନାକୁ ଦମନ କରିବା ଅପେକ୍ଷା ମୂଳୋତ୍ପାଟନ କରିବା ଅଧିକ ଉଚିତ ପ୍ରତିକାର। ଜଣେ ଆଶାୟୀ ଉଚ୍ଚାକାଂକ୍ଷୀ ସାମୟିକ ଭାବେ ବାସନାକୁ ଦବାଇ ରଖିପାରେ। କିନ୍ତୁ ଅନୁକୂଳ ପରିସ୍ଥିତି ପାଇବା ମାତ୍ରେ ତାହା ଦୁଇଗୁଣା ପ୍ରଭାବ ସହିତ ପୁନଃ ଆତ୍ମପ୍ରକାଶ କରିବ।

ଯେମିତି ମନ୍ତ୍ରୀମାନେ ରାଜାଙ୍କ ଆଦେଶ ପାଳନ କରନ୍ତି ଠିକ୍ ସେମିତି ଆମର ପଞ୍ଚ ଇନ୍ଦ୍ରିୟ ମସ୍ତିଷ୍କ ଆଦେଶରେ କାର୍ଯ୍ୟ କରନ୍ତି। ତେଣୁ ନିର୍ମଳ ମସ୍ତିଷ୍କ ଓ ଉଚିତ ପ୍ରୟାସ କରି ବାସନାକୁ ବିଲୋପ କରିବାକୁ ହେବ। ସଂସାର ସାଗରରେ ଚକ୍କର କାଟୁଥିବା ମନ ରୂପକ ପାତ୍ରକୁ ବାନ୍ଧିରଖିଥିବା ବାସନାର ଦୀର୍ଘ ଓ ବଳିଷ୍ଠ ରଜ୍ଜୁକୁ ପୃଥକ- ପୃଥକ କରି ଛିନ୍ନ କରି ପକାଇବା ପାଇଁ ନିଜର ପୂର୍ଣ୍ଣ ସାଧ୍ୟ ମତେ ଚେଷ୍ଟା କରିବାକୁ ହେବ। ବାସନାର ଉନ୍ମୂଳନ ଠିକ ଭାବରେ ହେବା ଉଚିତ। ଯଦି ବିବେକ ଓ ଆତ୍ମଚିନ୍ତନ ଦ୍ୱାରା ବାସନାକୁ ନଷ୍ଟ କରାଯାଏ, ତେବେ ସର୍ବଦା ଅଧୀର ଓ ବ୍ୟଗ୍ର ରହୁଥିବା ମନ ଘିଅ ବିହୀନ ଦୀପ ଭଳି ସ୍ଥିର, ନିଷ୍କ୍ରିୟ ଓ ଶାନ୍ତ ହୋଇଯାଏ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ



# ଜାତୀୟ ପତାକା



କାଳକଙ୍କର

ଗଛସବୁ ନିର୍ବଂଶ ହେବାକୁ ବାକିଅଛି ଅନେକ ସମୟ
ପଛକୁ ଗୃହିଁଲେ ଶୁଭୁଛି ଗାନ୍ଧିବୁଢାଙ୍କ କରୁଣା ବିଳାପ
ହଜିଯାଇଛି ଅଯୋଧାର ଭବ୍ୟ ମନ୍ଦିରର ସ୍ୱପ୍ନ
ଭାରତବର୍ଷରେ ଗଣି ହେଉନାହିଁ ଜୀବନ
ଅସୀମ ଅତଳ ସାଗରର ଛାତି ଉପରେ ଉଡୁଛି
ତିନିରଂଗର ଦୁଇମନର ଜାତୀୟ ପତାକା ।।

ଧସି ପଡିଛି ସୁଉଚ୍ଚ ପାହାଡ ପର୍ବତ କେତେକାଳୁ
ମାଙ୍କଡଙ୍କୁ ହନୁମାନ କହି ଲାଭ କଣ ଭାଇ
ବିଦୁର ହୁଅନ୍ତୁ କ ବିଭୀଷଣ ଅଥବା ଉଗ୍ରସେନ
ଭୟରେ କଂପୁଛି ସମଗ୍ର ସଂସାରର ଜୀବନ
କେତେବେଳେ କେଉଁଠି ଚଡକ ପଡିବ ଯେ
ଡାକ୍ତର ନ ଥିବେ କ ନ ଥିବେ ଡାକ୍ତରଖାନାର ଚିହ୍ନ
ସବୁଠାରେ ଶୁଭୁଥିବ ସତ୍ୟରାମ ନାମ
କୁନି ହାତରେ ତଥାପି ପତାକାର ହେବ ଯେ ଉଡାଣ ।।
ସୀମାରେ ଛିଣ୍ଡି ଯିବକ ଡ୍ରଇଂର ସଫେଦ କାଗଜ
କାନଭାସ୍ କଣ କହିବନାହିଁ କେଉଁ ଆଡେ ଅଛି ଶାଳଗ୍ରାମ
ଅୟୁତ ଶତାବ୍ଦି ଧରି ମଣିଷର ଏଇ ଗଢା ଯେତେ ଘର ବାଡି
କେଉଁ ବନ୍ୟା କେଉଁ ବାତ୍ୟା କେଉଁ ଭୂମିକଂପେ
ବଦଳାଇଦେବ ସଂଜ୍ଞା ଅବା ନିଜନାମ
ସମସ୍ତ ଅନିଶ୍ଚିତତା ଭିତରେ ବଂଚିରହିବ ଭାରତ
କି ସୁନ୍ଦର ଏ ଆମ ଭୁବନ ଅଣୁ ପରମାଣୁ ଅବା ଯେତେ ଅହଂ
ସବୁକୁ ଏ ଜାତୀୟପତାକା ଦେବ ଏକଇ ଆହ୍ୱାନ
ବସୁଧୈବ କୁଟୁମ୍ବକମ୍, ସତ୍ୟମେବ ଜୟତେର ବର୍ଣ୍ଣ ।।



ସୌଭାଗିନୀ, ରଟିଲେ, ରେଂଚ, ପୁରୀ

# ତୁମେ ପ୍ରଭୁ ଭଲ ସ୍ୱଭାବର



ଶଶଧର ମହାପାତ୍ର

ଜନ୍ମ, ମରଣ ତୁମ ସୃଷ୍ଟିର ଭିଆଣ
ଏ'ତ ସବୁ ନାଟ ନିଖିଳ ରାଜନ
କାହାକୁ ଦେଇଛ ତୁମେ ସୁନ୍ଦର ଜୀବନ
କହାକୁ କରିଛ ପରା ଦୀନ, ଅକିଞ୍ଚନ

କେଉଁ ଶିଶୁ ପାଉନାହିଁ ମାଆର ମମତା
କା' ଜୀବନେ ଭରିଅଛ ବେଦନା ଓ ବ୍ୟଥା
ଖୁସିରେ କାଟୁଛି କିଏ ଜୀବନଟା ସାରା
କା' ନୟନୁ ବହୁଅଛି ଲୋତକର ଧାରା

ପେଟ ପୁରିବାକୁ ନାହିଁ କା' ପାଶେ ଦାନା
ଦେହ ଲୁଚବାକୁ ନାହିଁ କା'ର ଖଣ୍ଡେ କନା
ଯିଏ ନିରାଶ୍ରୟ ତା'କୁ ଦିଅନାହିଁ କିଛି
ଯିଏ କିଛି ଲୋଡେନାହିଁ ବେଶୀ ପାଉଅଛି

ଭିନ୍ନ ଢଙ୍ଗରେ ତୁମେ କାହାକୁ ମାରୁଛ
ଦୁଇ ଚକାଡୋଳା ମେଲି ସବୁତ ଦେଖୁଛ
କିଏ ମରୁଅଛି ପରା ଭୋକ, ଉପାସରେ
କିଏ ବେଶୀ ଖାଇଖାଇ ବେମାରିରେ ମରେ

କିଏ ଆଜି କ୍ଷୀରି, ପୁରି ବଳକା ଛାଡୁଛି
ଅଇଁଠା ପତ୍ରକୁ କିଏ ଗୃଟିକି ଖାଉଛି
ମାଛି ଭଣଭଣ ଦେଖ ଅଇଁଠା ଖଲିରେ
ପେଟ ପୋଡି ଗଲାବେଳେ ପଡେନା ଦୃଷ୍ଟିରେ

ଫୁଟପାଥ୍, ଷ୍ଟେସନରେ କିଏ ନିଏ ଆଶରା
ତା' ସ୍ୱପ୍ନ ଅଧୁରା, ତା' ଜୀବନ ଘସରା
ଶୀତରାତି କାଟେ କିଏ ରେଳଷ୍ଟେସନରେ
ମୁଣ୍ଡ ଗୁଞ୍ଜିବାକୁ ଘର ଦେଲନାହିଁ ଥରେ

ମା'ଟିଏ ଶୋଇଅଛି ତିନି ଛୁଆ ଧରି
ସ୍ୱାମି ଯାଇଅଛି ଛାଡି ସ୍ତ୍ରୀ'କୁ ପାଶୋରି
ଏ'ମାନେ ନୁହଁନ୍ତି କେବେ ଧାଉଁଥିବା ଯାତ୍ରୀ
ଷ୍ଟେସନରେ ଏମିତି ବିତାଅନ୍ତି ରାତି

ଦିନେ ନୁହେଁ, ଏ' ଘଟଣା ଘଟୁଅଛି ନିତି
ସୁଖ ନିଦ୍ରାରେ ଦେଖ କାଟୁଛନ୍ତି ରାତି
ମା'ଟିର ହାତ ଲମ୍ବିଅଛି ତାଙ୍କୁ ଛୁଇଁ
କାଳେ ଚମକପଡିବେ ତା' ଛୁଆ କେହି

କାହାକୁ କର ନଜର, କିଏ ହୁଏ ପର
କିଏ ପଡିଗଲେ ତୁମେ ତା' ହାତଧର
ମହାପ୍ରଭୁ! ଏତେ ତୁମ ବାଛ ଓ ବିଚାର
ଭାବୁଥିଲି ତୁମେ ପ୍ରଭୁ ଭଲ ସ୍ୱଭାବର

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଅଲିଭ୍ ଅକ୍ଷର



ଡ. ବିଜ୍ଞାନୀ ଦାସ

ପରୀକ୍ଷା ସରିଯାଇଥିଲା । ଦିନଗୁଡିକ ସବୁ ଭାରି ଭାରି ଲାଗୁଥିଲା । ପରୀକ୍ଷାପରେ ଗାଁରେ ସପ୍ତାହଟିଏ ବିତାଇ ପଦ୍ମା ପୁଣି ଭୁବନେଶ୍ୱର ଫେରିଆସିଥିଲା । ଭାରି ଗରମ, ଗୁଳୁଗୁଳ ହେଉଥିଲା ଗାଁରେ । ତାପରେ, ଇଲେକ୍ଟ୍ରିସିଟି ବି ରହୁନଥିଲା । ତା ସାଙ୍ଗକୁ ମଶା । ଭୁବନେଶ୍ୱରରେ ସେଇ ସମସ୍ୟା ନାହିଁ । ହୁଏତ ରାଜଧାନୀ ବୋଲି, ସେତିକ ସୁବିଧା ରାଜଧାନୀ ବାସିନ୍ଦାଙ୍କୁ ମିଳେ । ଗରମଦିନରେ ଶୀତତାପନିୟନ୍ତ୍ରିତ କୋଠରିରେ ବସିବା ହେଲା ସ୍ୱର୍ଗର ସୁଖ । ସେ ସୁଖର ମୋହ କଛି କମ୍ ନୁହେଁ ।

ପ୍ରମୋଦ ଏବେ ଭୁବନେଶ୍ୱରରେ ନୂଆ ଘରଟିଏ କରିଛି । ତିନିମହଲା ଘରଟି ସବୁ ନୂଆ ଡିଜାଇନରେ ତିଆରି ହୋଇଛି । ପ୍ରମୋଦର ଯୋଜନା ଅନୁଯାୟୀ, ଉପର ଦୁଇମହଲା ଭଡା ଦିଆଯିବ । ତଳମହଲା ପ୍ରମୋଦ ଓ ତାର ପରିବାର ପାଇଁ ରହିବ । ତେବେ ପଦ୍ମାର ବାହାଘର ପରେ ହିଁ ଘର ଭଡାରେ ଲାଗିବ । ବାହାଘର ବେଳକୁ ଗାଁରୁ ସମସ୍ତେ ଭୁବନେଶ୍ୱର ଆସିବେ । ସେମାନଙ୍କ ରହିବାପାଇଁ ଘରଟି ବ୍ୟବହୃତ ହେବ । ଯଦିଓ ଅଶୀଲକ୍ଷ ଟଙ୍କା ଋଣ ନେଇ ସିଏ ସେ ଘରଟି କରିଛି, ତେବେ ସେସବୁ ନେଇ ତାର ଚନ୍ତାନାହିଁ । ତାର ବିଶ୍ୱାସ ଯେ ଘର ଭଡା ଲାଗିଗଲେ ଖୁବ୍‌ଶୀଘ୍ର ସିଏ ସେସବୁ ଋଣ ପରିଶୋଧ କରିପାରିବ ।

ଏବେ ପ୍ରମୋଦର ଘର ସଜାଇବା ଦାୟିତ୍ୱ ପଦ୍ମାର । କେଉଁ ରୁମରେ କେଉଁ ଫର୍ନିଚର୍ ରହିବ, କେଉଁଠି କେଉଁ ରଙ୍ଗର କାର୍ପେଟ୍ ପଡିବ, କେଉଁ ଘର କେମିତି ସଜାଯିବ, ଏସବୁ ଚନ୍ତାକରିବା ଦାୟିତ୍ୱ ପଦ୍ମାର । ପ୍ରମୋଦ ଖାଲି ଟଙ୍କା ଖର୍ଚ୍ଚକରିବ ଓ ଜିନଷ ଅର୍ଡର କରିବ ।

ଏବେ ପରୀକ୍ଷାପରେ ପଦ୍ମା ସେ ଘର ସଜାସଜି ବିଷୟରେ ବିଶେଷ ଅନୁଧାନ କରୁଛି । ପୂରା ସକାଳୁ ସଞ୍ଜ ଯାଏଁ । ସକାଳୁ ଖିଆପିଆ ସାରି ସେ ବାହାରିଯାଏ । ବିଭିନ୍ନ ଫର୍ନିଚର୍ ଦୋକାନ ସବୁ ବୁଲିଦେଖେ; ସେମାନଙ୍କର ରୁମ୍ ଡିଜାଇନ୍ ବୁକଲେଟ୍ ସବୁ ଟିକନଖି କରି ଅନୁସନ୍ଧାନ କରେ । ଏମିତି ପ୍ରାୟ ପନ୍ଦରଦିନ ଭିତରେ ସବୁ ଡିଜାଇନ୍ ଫାଇନାଲ୍ ହୋଇଗଲା

ଓ ଭଉଭଉଣୀ ମିଶି ଆଲୋଚନା କରି ଘରପାଇଁ ସବୁ ଜିନଷ ଅର୍ଡର୍ କରିଦେଲେ । ବାସ୍, ରଜ ପୂର୍ବରୁ ପ୍ରମୋଦର ଘର ପୂରା ସୁନ୍ଦର ଓ ନଖୁଣ ଭାବେ ପ୍ରସ୍ତୁତ ହୋଇଗଲା । ସମସ୍ତେ ଖୁସି । ପ୍ରମୋଦ ବ୍ରାହ୍ମଣ ଡାକ ଗୃହପ୍ରବେଶ କରାଇଲା । ଗାଁରୁ ବାପା, ବୋଉ, ମାମୁଁ ଓ ମାଇଁ ଆସିଥିଲେ । ପ୍ରମୋଦର ଘରଦେଖି ସେମାନଙ୍କ ଛାତି କୁଣ୍ଢେମୋଟ ହୋଇଗଲା । ଦିନଥିଲା, ପେଟପୂରା ଖାଇବାକୁ ସେମାନଙ୍କ ପାଖରେ ସମ୍ବଳର ଅଭାବଥିଲା । ହେଲେ ଈଶ୍ୱରଙ୍କ କୃପାରୁ ଓ ଭାଗ୍ୟଦେବୀଙ୍କ ଆଶୀର୍ବାଦରୁ ତାଙ୍କ ପୁଅ ଆଜି ଯୋଗ୍ୟହୋଇ ଏତେବଡ ଅଫିସର୍ ହୋଇଛି। ଝିଅ ବି ଖୁବ୍ ଶୀଘ୍ର ବଡଘରେ ବାହାହେବ ।

ମାଇଁ ବୋଉକୁ କହିଲେ, "ବୁଝିଲ, ପଦ୍ମାର ତ ଖୁବ୍ଶୀଘ୍ର ବାହାଘର ସରିଯିବ । ଏବେ ପ୍ରମୋଦର ବାହାଘର ବିଷୟରେ ଭାବ । ତାକୁ ବି ତ ତିରିଶି ଟପିଗଲାଣି । "

ପଦ୍ମାର ବୋଉ ଉତ୍ତରରେ କହିଲେ, "ହଁ, ସେକଥା ତ କେବେଠାରୁ ଆମେ ତାକୁ କହୁଛୁ । ହେଲେ ଭଉଣୀ ବାହାଘର ନସରିଲେ ବାହା ହେବନି ବୋଲି ଜିଦ୍କରି ସିଏ ସ୍ରେଫ୍ଠାକ୍ ମନାକରି ଦେଉଥିଲା । ଏବେ ତ ପଦ୍ମାର ବାହାଘର ସରିଯିବ । ଯଦି ଭଲ ଝିଅଟିଏ ଜୁଟିଗଲା ତ ଆସନ୍ତା ମାର୍ଗଶୀର ପ୍ରଥମ ତିଥିରେ ତା' ବାହାଘର କରିଦେବା । "

ମାଇଁ - "ମୋ ଭଉଣୀର ନଣନ୍ଦର ଝିଅଟିଏ ଅଛି । ଦେଖିବାକୁ ସୁନ୍ଦର । ଏବେ ବାଙ୍ଗାଲୋରରେ କାମକରୁଛି । କହିବ ତ, ତାଙ୍କ ସହିତ କଥାବାର୍ତ୍ତା କରିବି । "

ପଦ୍ମାର ବୋଉ - "ମଲା, ଏଥିରେ କହିବାର କଣଅଛି ? ତମେ ବି ତ ତାର ମାଇଁ । ତମ ଆଖିରେ ଯଦି କେଉଁଠି ପ୍ରମୋଦ ପାଇଁ ଯୋଗ୍ୟ ପିଲା ଦେଖୁଛ, ବୁଝାବୁଝି କର । "

ମାଇଁ ଏଥିରେ ଖୁସି ହୋଇଗଲେ । ସାଙ୍ଗେସାଙ୍ଗେ ତାଙ୍କ ଭଉଣୀର ନଣନ୍ଦଙ୍କୁ ଫୋନ୍କରି ଝିଅର ଫଟୋ ମଗେଇଲେ । ସେ ଝିଅଟିକୁ ପଦ୍ମା ଜାଣିଛି । ତା' ସହିତ ତିନି ଚାରିଥର ଦେଖା ବି ହୋଇଛି । ସିଏ ବଡ ଅହଂକାରୀ ଝିଅଟିଏ ବୋଲି ପଦ୍ମାର ମନେହୁଏ । ସବୁବେଳେ ବଡ ଷ୍ଟାଇଲରେ ଥାଏ, ପାର୍ଲର୍ ଯାଇ ମେକ୍ଅପ୍ ହୋଇ ପାର୍ଟିକୁ ଯାଏ ଓ ସେଲୁନ୍ ଯାଇ କେଶକୁ କେବେ କୁଞ୍ଚିତ କରାଏ ତ କେବେ ସିଧା । ସେ ଝିଅଟି ଜାହ୍ନବୀ ଅପାଙ୍କ କ୍ଲାସେମେଟ୍ । ତାଙ୍କୁ ଜାହ୍ନବୀ ଅପାଙ୍କ ଘରେ ହିଁ ପଦ୍ମା ଦେଖିଛି । ସେ ଝିଅ କଣ ଭାଇକୁ ଯୋଗ୍ୟ ହେବ ? ଛାଡ, ସେକଥା ପଦ୍ମା ପ୍ରମୋଦକୁ ପରେ ଜଣେଇଦେବ । ଏବେ ମାଇଁ ଯାହା କରୁଛନ୍ତି, କରୁଥାଆନ୍ତୁ।

ଗୋଟିଏ ଦିନ ରହି ସମସ୍ତେ ଗାଁକୁ ଫେରିଗଲେ । ଏବେ ସମସ୍ତେ ପଦ୍ମାର ବାହାଘର ପାଇଁ ଦିନ ଗଣୁଥାଆନ୍ତି । ମଙ୍ଗଳପାଗ ଗାଁରେ ହେବ ଓ ବାହାଘର ଭୁବନେଶ୍ୱରରେ । ପ୍ରମୋଦ ବାହାଘରର ଆୟୋଜନ ଦାୟିତ୍ୱ ନେଇଥାଏ । ହେଲେ ମାମୁଁ ଅଭିମାନ କରିବାରୁ, ଗାଁର ଭୋଜି ଓ ଅନ୍ୟ ସମସ୍ତ ଦାୟିତ୍ୱ ମାମୁଁଙ୍କୁ ଦିଆଗଲା । ଜେଜେମା ମରଣମୁଖରୁ ସତେକି ଫେରିଆସିଛନ୍ତି । ପଦ୍ମା ବାହାଘର ଦେଖିବା ହିଁ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ । ଆଉ ସେଇ ଚମତ୍କାର ସମସ୍ତେ ଅନୁଭବ କରିଛନ୍ତି । ପଦ୍ମାର ନିର୍ବନ୍ଧ ପରେ ଜେଜେମାଙ୍କ ଦେହ ଯେମିତିଭାବେ ସୁସ୍ଥ ହେବାକୁ ଲାଗିଲା, ସେଇଟା ଚମତ୍କାର ନୁହେଁ ତ ଆଉ କଣ ? ଏବେ ସିଏ ଖାଲି ବୋଉକୁ ଅର୍ଡର୍ କରୁଛନ୍ତି, "ହେ ବାଲିଆଣୀ, ନଟକୁ ଡକେଇବୁ । ସିଏ ଆମ ସୁର୍ଜୁ ଘର ବନ୍ଧୁ ପା । ତା' ପୁଅବୋହୂଙ୍କ ପାଇଁ ବେଖର ଦେବୁ । "

ବୋଉ ଖାଲି ସବୁଥିରେ "ହଁ" ମାରିଦିଏ ।

ପୁଣି ଜେଜେମା ତାଗିଦ୍ କରନ୍ତି, "ଆଲୋ ହେ, ଆମ ପଦ୍ମାର ଶାଶୁଘରର ସମସ୍ତଙ୍କ ପାଇଁ ଗୋଟିଗୋଟି କରି ବେଖର ଠିକ୍ କରି ରଖିଲୁ କି ନାହିଁ ? ମୋ ନାତୁଣୀ ନହେଲେ ଜୀବନସାରା ଖୁଣ୍ଟା ଖାଇବ । "

ବୋଉ ବେଳେବେଳେ ବିରକ୍ତ ହୋଇଯାଏ । ସେଇକଥା ବାରମ୍ବାର ଶୁଣିବାକୁ କାହାକୁ ବା ଭଲଲାଗିବ ? ଏମିତିକି ପଦ୍ମା ବି ବିରକ୍ତ ହୋଇଯାଉଥିଲା । ଜେଜେମା ତାକୁ ସେଇ ଏକା ଉପଦେଶ ଦେଉଥିବେ, "ଦେଖେ, ଦୁହିତା ଦୁଇକୁଳକୁ ହିତା । ଶାଶୁ, ଶ୍ୱଶୁରଙ୍କୁ ମାନକରି ଚଳିବୁ । ଘରର ମାନମର୍ଯ୍ୟାଦା ରଖିବୁ । ସେ ପରମାର ଯତ୍ନନେବୁ । ନହେଲେ ଟିକେ ଖୁଣ ରହିଲେ, ଦୁଇକୁଳକୁ ପିତା ହୋଇଯିବୁ । "

ସମସ୍ତେ ଏବେ ପଦ୍ମାର ବାହାଘରକୁ ଅପେକ୍ଷା କରିଥାନ୍ତି । ହେଲେ ବାହାଘର ଦିନ ଯେତେ ପାଖେଇ ଆସୁଥାଏ, ପଦ୍ମା ସେତେ ନର୍ଭସ୍ ହେଉଥାଏ । ଯେତେ ଗୁହିଁଲେ ବି ରବିଙ୍କୁ ସେ ହୃଦୟରୁ କାଢିପାରୁନଥାଏ । ଏବେ ଯେ ସତକୁ ସତ ତାକୁ ଅଭିନେତ୍ରୀ ସାଜିବାକୁ ପଡିବ, ସେକଥା ଭାବି ଭୟ ବି ଲାଗୁଥାଏ । କେବେ ଯଦି ହୃଦୟର କବାଟଟା ଖୋଲିଯିବ, ତେବେ ? ପରମେଶ୍ୱର ସେ ଖୋଲା କବାଟ ଦେଇ ଯଦି ପଦ୍ମାର ହୃଦୟରେ ରବିଙ୍କୁ ଆବିଷ୍କାର କରିଦେବେ ତ, ତେବେ କଣହେବ ? ସେ କଣ ପଦ୍ମାକୁ ଛାଡପତ୍ର ଦେଇଦେବେ ? ଅସତୀ, କଳଙ୍କିନୀ

ଆଖ୍ୟାଦେଇ ତାକୁ କୋର୍ଟ, କଚେରି ଓ ଖବରକାଗଜର କାହାଣୀ କର୍‌ଇବେ ? ଆଉ ପଦ୍ମା ଦୁଇକୁଳକୁ ପିତା ହୋଇଯିବ ?

ମନର ଏକଥା ଶୁଣାଇବା ପାଇଁ ପଦ୍ମାର ସେମିତି କେହି ସାଙ୍ଗ ନଥିଲେ । କଏ ଜାଣେ, ତୁଣ୍ଡରୁ ଦିତୁଣ୍ଡ ହୋଇ, ଏ ତୁଣ୍ଡବାଇଦ ସହସ୍ରକୋଶ ବ୍ୟାପିଯିବ ? ତେବେ ପରମେଶ୍ୱରଙ୍କର ଦୋଷ କଣ ? ସିଏ ତ ବଡ ଖୋଲାମନର ମଣିଷ । ଶାଶୁଙ୍କ ପର୍‌ମର୍ଶରେ ନିର୍ବନ୍ଧ ପରେ ପରମେଶ୍ୱର ଆମେରିକା ଫେରିବା ପୂର୍ବରୁ ସେମାନେ ସାଙ୍ଗହୋଇ ରେଷ୍ଟୁରାଣ୍ଟ୍ ଯାଇଥିଲେ । ସେଇଠି ପରମେଶ୍ୱର ତାକୁ ପର୍‌ଚ୍ଚରିଥିଲେ ଅତି ଖୋଲାଭାବେ, "ପଦ୍ମା, ତମେ ଏ ବାହାଘରରେ ଖୁସି ତ? "

ଉତ୍ତର ନଦେଇ ପଦ୍ମା ପର୍‌ଚ୍ଚରିଦେଲା, "ଆଉ ଆପଣ, ଆପଣ ଖୁସି ତ? "

ପରମେଶ୍ୱର ଉତ୍ତରରେ କହିଲେ, "ଖୁସି ମାନେ ବହୁତ ଖୁସି । ତମ ଭଳି ସୁନ୍ଦର, ବୁଦ୍ଧିମତୀ ଓ ଗୁଣର ଝିଅକୁ ପାଇ କଏ ଖୁସି ନହେବ କୁହ ତ? "

ପଦ୍ମା ନୀରବ ରହିଲା ।

ପରମେଶ୍ୱର ପୁଣି କହିଚାଲିଲେ, "ତମେ ହୁଏତ ଭାବୁଥିବ, ମୁଁ ଇଞ୍ଜିନିୟରିଙ୍ଗ୍ କଲେଜରେ ପଢୁଥିଲି, ଆମେରିକାରେ ବି ମାଷ୍ଟର୍‌ସ୍ କରୁଥିଲି, ମୋର ଗାର୍ଲଫ୍ରେଣ୍ଡ ଥାଇପାରନ୍ତି, କାହା ସହିତ କିଛି ସଂପର୍କ ଥାଇପାରେ । ସତ କହିବାକୁ ଗଲେ, ମୋର ଅନେକ ଗାର୍ଲଫ୍ରେଣ୍ଡ ଅଛନ୍ତି, ମାନେ ଫ୍ରେଣ୍ଡସ୍, ଯେଉଁମାନେ ଗାର୍ଲ, ମାନେ ଝିଅ, ହେଲେ କଣା ସହିତ ବାହାହୋଇ ଜୀବନକାଟିବା ଭଳି ସଂପର୍କ ହୋଇନି । "

ପଦ୍ମା ପରମେଶ୍ୱରଙ୍କର ଏ ନିର୍ଭିକତାରେ ଖୁସିହେଲା । ପରମେଶ୍ୱର ପୁଣି ତାଙ୍କର ପ୍ରଥମ ପ୍ରଶ୍ନକୁ ଓହର୍‌ଇଲେ, "ଆଉ ତମ ବିଷୟରେ କିଛି କୁହ । "

ପଦ୍ମା କହିଲା, "ମୁଁ ପି.ଏଚ୍.ଡି କରିବାପାଇଁ ଲକ୍ଷ୍ୟ ରଖିଥିଲି । ଏତେଶୀଘ୍ର ବାହାଘର ହୋଇଯିବ ବୋଲି ଆଶା କରିନଥିଲି । ସେଇଥିପାଇଁ ଟିକେ ନର୍ଭସ୍ ଲାଗୁଛି । "

ପରମେଶ୍ୱର ଖୋଲା ହସହସି ପ୍ରତିଶ୍ରୁତି ଦେବାଭଳି କହିଲେ, "ଏଇ କଥା ? ଜମା ବି ନର୍ଭସ୍ ହୁଅନି । ମୁଁ କଥାଦେଉଛି ଯେ, ତମ ପି.ଏଚ୍.ଡି. କରିବାରେ ମୁଁ ତମକୁ ସବୁ ରକମର

ସାହାଯ୍ୟ କରିବି । ଏମିତି କି ତମକୁ ଗ୍ରେଷେଇ କରିବାକୁ ସମୟ ନହେଲେ, ତମପାଇଁ ଭାତ, ଡାଲ୍‌ମା ତିଆରି କରି ଖୁଆଇପାରିବି । "

ପଦ୍ମାକୁ ହସମାଡିଲା । ପରମେଶ୍ୱର ଯେମିତି ଅଭିନୟ କରି ହାତରେ ଭାତ ଓ ଡାଲ୍‌ମା ତିଆରି କରିବାର ଭଙ୍ଗୀ ପ୍ରଦର୍ଶନ କଲେ, ସେଥିରେ ଯେ କେହି ବି ହସିଥାଆନ୍ତା ।

ପରମେଶ୍ୱର ପୁଣି କହିଗ୍ଲଲିଲେ, "ହଁ, ତମକୁ ଜଣେଇବାର ଅଛି ଯେ, ଅଭିନୟ କଳାରେ ମୋର ଶତକଡା ଶହେଭାଗ ଦକ୍ଷତା ଅଛି । ମୁଁ ଆମ ସ୍କୁଲରେ ଗ୍ଲରିବର୍ଷ ଶ୍ରେଷ୍ଠ ଅଭିନେତା ପୁରଷ୍କାର ପାଇଆସୁଥିଲି । "

ସେଇକଥା ଏବେ ଭାବିବସିଲେ ପଦ୍ମାକୁ ଦୁଃଖଲାଗେ । ପରମେଶ୍ୱରଙ୍କୁ ଜଣେ ଭଲ ଝିଅ ଦରକାର ଯିଏ କି ତାଙ୍କୁ ଶତକଡା ଶହେଭାଗ ପ୍ରେମ ଦେଇପାରିବ । ହେଲେ ପଦ୍ମାର ହୃଦୟ ଓ ମନରେ ଯେ ରବିଙ୍କ ପ୍ରେମର ନାଁ ଅଲିଭା ଅକ୍ଷରରେ ଲେଖାସରିଛି ? ଏବେ ସେ ନାଁକୁ ନା ଲିଭେଇହେବ, ନା ପରମେଶ୍ୱରଙ୍କୁ ସେତିକଟା ପ୍ରେମ ଦେଇହେବ ?

ବେଳେବେଳେ ଇଚ୍ଛା ହେଉଥିଲା ଯେ ସିଏ ସବୁ ସତକଥା କହିଦିଅନ୍ତା ଓ ଏ ମାନସିକ ଗ୍ଲପରୁ ନସ୍ତାର ପାଆନ୍ତା । ହେଲେ ସେ ସତ କହିବାର ଅଜଣା ପରିଣାମକୁ ଭାବିଦେଲେ ତାର ଆହୁରି ଭୟହୁଏ । କେବଳ ପଦ୍ମା ଓ ପରମେଶ୍ୱରରଙ୍କ ପରିବାର ନୁହେଁ, ରବିଙ୍କ ପରିବାରକୁ ମଧ୍ୟ ଏ ସତ୍ୟ ବିଧ୍ୱସ୍ତ କରିଦେବ । ଆଉ ରବିଙ୍କ ପରିବାର, ସେ ପଞ୍ଚାୟତର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପରିବାର । ସେ ପରିବାରର କଛି ବି ଅଘଟଣ ସାରା ପଞ୍ଚାୟତକୁ ଛାରଖାର କରିଦେବ । ସହଜେ ତ ରାଜନୀତି ସେ ଅଞ୍ଚଳରେ ସକ୍ରିୟ ଆଉ ବିରୋଧୀ ଦଳ ସବୁବେଳେ ଶାସକଦଳକୁ ଛକ ରହିଛନ୍ତି । ପଦ୍ମାର ଏ ସାମାନ୍ୟ କଥାଟା ହୁଏତ ବିରୋଧୀଦଳଙ୍କୁ ରବିଙ୍କ ବାପାଙ୍କ ବିରୁଦ୍ଧରେ ଉତ୍ତ୍ୟକ୍ତ କରାଇବାପାଇଁ ଇନ୍ଧନ ଯୋଗାଇପାରେ ।

"ନାଁ, ନାଁ, ଏକଣ ମୁଁ ଭାବୁଛି ? ନୀରବ ରହିବା ଓ ଏ ବିଷକୁ ହଜମ କରି ନୀଳକଣ୍ଠ ସାଜିବା ହିଁ ମୋ ପାଇଁ ଉତ୍ତମ କର୍ତ୍ତବ୍ୟ । "

ପଦ୍ମାର ଭାବନାରେ ବାଧାଦେଇ ମିଲିଅପାଙ୍କ ଫୋନ୍ ଆସିଲା । ଭାଗ୍ୟକୁ ପଦ୍ମା ସେତେବେଳେ ଭୁବନେଶ୍ୱରରେ ଏକାକୀ ଥିଲା । ପ୍ରମୋଦ କାମରେ ବାହାରକୁ ଯାଇଥିଲା ।

ମିଲିଅପା ପଗ୍ଚରିଲେ, "ପଦ୍ମା, ରବି ଏବେ ଫୋନ୍ କରିଥିଲେ, ତୁ ତାଙ୍କ ଫୋନ୍‌ର ଇମେଲ୍‌ର ଉତ୍ତର କାହିଁକି ଦେଉନୁ? "

ପଦ୍ମା ମିଲିଅପାକୁ ସବୁକଥା କହିଦେଲା । ରବିଙ୍କର ଆମେରିକାନ୍ ଝିଅ ସହିତ ସମ୍ବନ୍ଧଠାରୁ ଆରମ୍ଭକରି ତାର ନିର୍ବନ୍ଧ ଓ ଆସନ୍ତା ଜୁଲାଇ ତେର ତାରିଖରେ ବିବାହ ହେବାର ଖବର ବି ଦେଲା ।

ମିଲିଅପା ପଗ୍ଚରିଲେ, "କା' ସହିତ ବାହାଘର ହେଉଛି ? ସିଏ କଣ କରନ୍ତି ? "

ଉତ୍ତରରେ ମିଲିଠାରୁ ପରମେଶ୍ୱରଙ୍କ ବିଷୟରେ ସବୁ ଶୁଣି ମିଲିଅପା ଦୀର୍ଘଶ୍ୱାସ ନେଲେ । "ପଦ୍ମା, ତତେ ବାହାଘର ପାଇଁ ଅନେକ ଅଭିନନ୍ଦନ । ହେଲେ ଏଇଟା ସତ ଯେ ରବିଙ୍କର କୌଣସି ଆମେରିକାନ୍ ଝିଅ ସହିତ ଆଫେୟାର୍ ନାହିଁ । ସିଏତ ଖାଲି ତାଙ୍କ ମା' ଓ ଭାଉଜଙ୍କୁ ଗୋଟିଏ ଗୋରୀଝିଅକୁ ବାହାହେବାକୁ ସ୍ଥିର କରିଛନ୍ତି ବୋଲି କହିଥିଲେ, କାରଣ ତୁ ବି ତ ଗୋଗ୍ରରଙ୍ଗର ଝିଅ ନା । ହେଲେ ସେଇକଥାଟାକୁ ଯାହାର ଯାହା ଇଚ୍ଛାହେଲା ବନେଇ ଚୁନେଇ ଗୁଜବ ସୃଷ୍ଟିକଲେ । ତୁ ବି କେମିତି ସେଭଳି ଗୁଜବକୁ ବିଶ୍ୱାସ କରି ଏତେବଡ ଡିସିସନ୍ ନେଲୁ ମୁଁ ବୁଝିପାରୁନ । "

ପଦ୍ମାର ମୁଣ୍ଡ ଗୋଳମାଳ ହୋଇଗଲା, "ତମେ ସତ କହୁଛ ମିଲିଅପା, ରବିଙ୍କର କେଉଁ ଆମେରିକାନ୍ ଝିଅ ସହିତ ଆଫେୟାର ନାହିଁ ? "

ମିଲିଅପା ବିରକ୍ତ ହୋଇ କହିଲେ, "ସତରେ ପଦ୍ମା, ତୁ ଏକଥା ପଗ୍ଚରୁଛୁ ଶୁଣି ମତେ ବେଶି ଦୁଃଖଲାଗୁଛି । ତୁ କଣ ତାଙ୍କୁ ଜାଣିନୁ ସିଏ କେମିତି ସିରିୟସ୍ ପିଲା । ଆଉ ତୋ ପାଇଁ ସିଏ ଜାହ୍ନବୀ ସହିତ ପ୍ରସ୍ତାବ ବି ମନା କରିଦେଲେ । ହେଲେ ତୁ ? ତୁ ତାଙ୍କୁ ଅବିଶ୍ୱାସ କରି ଏବେ ବାହାବେଦୀରେ ବସିବାକୁ ଯାଉଛୁ । ଏମିତି ତୁ କରିପାରିଲୁ କେମିତି ? "

ପଦ୍ମାର ହୃଦୟ ବିଦୀର୍ଣ୍ଣ ହୋଇଗଲା । "ମୁଁ ତେବେ କଣ କରିବି ମିଲିଅପା ? "

"ଯାହା ତୋର ଇଚ୍ଛା, ଯାହା ତୁ ଭଲ ଭାବିବୁ, ସେଇଆ କର । ମୋ ମୁଣ୍ଡ ବି କାମକରୁନ । ତୋ ଭଳି ଏତେ ଦୃଢମନା ଝିଅ ଗୁଜବ ଦ୍ୱାରା ପ୍ରଭାବିତ ହୋଇ ଏମିତି ଏକ ଭୁଲ୍ ପଦକ୍ଷେପ ନେବ ବୋଲି ମୁଁ ଭାବିପାରିନଥିଲି । "

ମିଳିଅପା ଫୋନ୍ ରଖିଦେଲେ । ପଦ୍ମା କ୍ଷତବିକ୍ଷତ ଚଉରେ ସେମିତି ସେ ସୋଫାରେ ବସିରହିଲା ।

ଦୁଇଦିନ ବିତିଗଲା । ପଦ୍ମା ଗାଧୋଇନ କି ଖାଇନ । ସେଇଠି ସେ ସୋଫାରେ ବସିଛି । କାନ୍ଦିକାନ୍ଦି ଆଖି ଫୁଲିଗଲାଣି । ରବି ତାକୁ କଣ ଭାବୁଥିବେ ? ବେଇମାନ, ଚରିତ୍ରହୀନା ଝିଅ; ଜଣକୁ ପ୍ରତିଶ୍ରୁତି ଦେଇ ଆଉ ଜଣକୁ ବିବାହ କରିବା ପାଇଁ ଗୋଡଟେକି ଅପେକ୍ଷା କରି ବସିଛି। ପଦ୍ମା, ପଦ୍ମାବତୀ, ମା' ଲକ୍ଷ୍ମୀ ଠାକୁରାଣୀଙ୍କ ନାଁ ବହି ସିଏ ଏମିତି ଅଲକ୍ଷ୍ମୀ କାମ କେମିତି କରିପାରିଲା ? ନିଜ ଉପରେ ଘୃଣାଆସିଲା । ଇଚ୍ଛାହେଲା, ନିଜକୁ କ୍ଷତବିକ୍ଷତ କରି ଏ ଇହଧାମରୁ ଚିରଦିନ ପାଇଁ ବିଦାୟ ନେଇଯିବାକୁ, ତାହେଲେ ଏ କଳଙ୍କିତ ଜୀବନର କାହାଣୀ ଏତିକରେ ଅନ୍ତ ହୋଇଯିବ । ଭବିଷ୍ୟତରେ ଆଉ ଅଧିକ କଳଙ୍କ ସୃଷ୍ଟି କରିବାପାଇଁ ଅସ୍ତିତ୍ୱ ନଥିବ ।

ପୁଣି ପରମୁହୂର୍ତ୍ତରେ ମନର ପରଦାରେ ନିଜ ପ୍ରିୟଜନମାନଙ୍କ ଛବି ଭାସିଆସିଲା । ବାପା, ବୋଉ, ଭାଇ, ଜେଜେମା । ସେମାନଙ୍କ ସ୍ନେହ, ମମତା, ଅବଦାନ ଓ ତ୍ୟାଗ, ଏସବୁର କଣ କିଛି ମାନେ ନାହିଁ ? ହଁ, ସିଏ ଭୁଲ୍ କରିଛି । ତେବେ ସେଥିପାଇଁ ନିଜ ପରିବାରକୁ କାହିଁକି ଶାସ୍ତି ଭୋଗିବାକୁ ପଡିବ ? କେତେ ଦୁଃଖକଷ୍ଟ ସହି, ପିଲା ଦୁଇଟିଙ୍କୁ ଜୀବନଠାରୁ ବଳି ଯତ୍ନúକରି ବଢାଇ ଆସିଛନ୍ତି ତାର ବାପାବୋଉ । ଏବେ ଏ ପରିଣତ ବୟସରେ ସେ ପିଲାମାନଙ୍କର ସୁଖ ଦେଖି, ସଫଳତା ଦେଖି ଟିକେ ଖୁସିହେବାର ସୌଭାଗ୍ୟରୁ ସେମାନଙ୍କୁ ବଞ୍ଚିତ କରିବାର କି ଅଧିକାର ଅଛି ପଦ୍ମାର ? ପଦ୍ମା କଣ ଏତେ ଅବିବେକୀ ହୋଇପାରିବ ?

କବାଟ ଠକ୍‌ଠକ୍ ହେଲା । ପ୍ରମୋଦ ଫେରିଆସିଥିଲା । କଲିଂବେଲ୍ ବଜାଇ ବି କିଛି ପ୍ରତିକ୍ରିୟାର ଆଭାସ ନପାଇ ସିଏ ଜୋରରେ କବାଟ ବାଡେଇଲା । "ପଦ୍ମା, ଏ ଦିନଟାରେ ତୁ ଶୋଇପଡିଲୁ ନା କଣ ?"

ପ୍ରମୋଦ ଫୋନ୍ ବି ଲଗେଇଲା ।

କବାଟପିଟାର ଶବ୍ଦ ଶୁଣି ପଦ୍ମା ଭାବନାରାଜ୍ୟରୁ ବାସ୍ତବତାକୁ ଫେରିଆସିଲା । ଫୋନରେ ଜବାବ ଦେଉଦେଉ କବାଟ ଖୋଲିଲା ।

ପ୍ରମୋଦ ଭିତରକୁ ପଶି ଆସୁଆସୁ ପଦ୍ମା ତଳେ କଚୁଡି ହୋଇପଡିଲା ।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଯାତ୍ରୀଟିଏ ମୁହିଁ ଦୂର ଦିଗନ୍ତର



ଦେବସ୍ମିତା ବେହେରା

ଯତ୍ରୀଟିଏ ମୁହିଁ ଦୂର ଦିଗନ୍ତର
ସୀମାହୀନ ମୋର ପଥ,
ଏକାକୀ ଗ୍ଲଲିବି ଜୀବ ଥିବାଯାଏଁ
ଜମା ମିଛ ନୁହେଁ ସତ ।
ଭସା ପତରକୁ ସାହା ଏକା କରି
ପିମ୍ପୁଡି ଯାଏ ଜଳେ ଭ୍ସି,
ଏକା ଗ୍ଲଲିବାରେ ଭୟ୍ କାହିଁପାଇଁ
ନିଜେ ପର୍ ନିଜେ ସାଥି ।
ଏ ନୀଳ ଆକାଶ ପଥ ଦେଖାଉଛି
ଗାଇ ହସି ହସି ଗୀତ,
ଜୀବନର ଚଲ୍ ପଥରେ ମିଳନ୍ତି
କେତେ ନୂଆ ନୂଆ ମିତ ।
ନଦୀ କୂଳେ କୂଳେ ବିଜନ ବିଳାସୀ
କାଶତଣ୍ଡୀ ରୂପରେଖା,
ପବନରେ ଝୁଲି ବାରତା ଦିଏ ସେ
ଗ୍ଲଲିବାକୁ ଏକା ଏକା ।
ଗୋଧୂଳି ଲଗନ ଆଶା ଦେଇ ଗାଏ
ଆଗାମୀ ସକାଳ ଗୀତ,
ଜୀବନ ଜୀଇଁବା ଆଶାରେ ଗ୍ଲଲିଛି
ନମାନ ନିଦାଘ ଗୀତ ।
ଜୀବନକୁ ଯଦି କେବେ ମୁଁ ଭେଟିବି
ଜାଳିବି ଆଶାର ଦୀପ,
ଯାତ୍ରୀଟିଏ ମୁହିଁ ଦୂର ଦିଗନ୍ତର
ସୀମାହୀନ ମୋର ପଥ ।

ୟୁନିଟ୍ – ୯, ବାୟାବାବା ମଠ ଲେନ୍,
ଭୁବନେଶ୍ୱର – ୭୫୧୦୨୨



# ସ୍ୱାଧିନତାର ୭୦ ବର୍ଷ ପରେ



ମୋହନ ଚନ୍ଦ୍ର ବିଷୋୟୀ

ମନ୍ଥରି ଗଲାକି ଅଶୋକ ଚକ୍ରର ଗତି,
କିବା ପ୍ରତିବନ୍ଧକ ଅଛି ପ୍ରଗତି ପଥରେ,
ରାମ ରାଜ୍ୟ ଏଣେ ବହୁ କୋଶ ଦୂରେ,
ଆଶଙ୍କା ଉପୁଜେ ସେଦିନ ଆସିବକି ସତରେ।
ସ୍ୱାଧିନତାର ୭୦ ବର୍ଷ ପରେ।




କୁରୁକ୍ଷେତ୍ର ଜିଣିଲ ସିନା ଅହିଂସା ବଳରେ,
ଅମୂଲ୍ୟ ରଥକୁ ଜିମା ଦେଲ କାହା ହାତରେ
ଶାରଥୀ ମାନେ ଥିଲେ ଜେତେ ଅନ୍ଧ ସ୍ୱାର୍ଥରେ
ସ୍ୱପ୍ନ ଭି ଲାଗେ ବହୁଦୂରେ ବାପୁ ତୁମେ ଗଲାପରେ,
ସ୍ୱାଧିନତାର ୭୦ ବର୍ଷ ପରେ।

ବେକାରି ପାଏନ ଋଣ ହେବା ପାଇଁ ସ୍ୱାବଲମ୍ବି,
ବ୍ୟାଙ୍କ ବାରେଣ୍ଡାରେ ଦଉଡି ଚପଲ ଯାଏ ଛିଣ୍ଡି।
ମାଲ୍ୟା ଭଳି ଟାଉଟର ଦେଶକୁ ଦିଅନ୍ତି ଭଣ୍ଡି,
କଏ ଖାଏ ଆମ୍ବ ଟାକୁଆ ତ କଏ ଅନାହାରେ ମରେ,
ସ୍ୱାଧିନତାର ୭୦ ବର୍ଷ ପରେ।

ଯୋଜନା ଏଣେ ଦେଶେ ଚାଲିବ ବୁଲେଟ ଟ୍ରେନ,
ଯେଉଁ ଦେଶେ ପୁଣି ରାସ୍ତାର ଅଭାବୁ ଜାଣ,
ମାଁ କରିଥାଏ ବାହୁଙ୍ଗି ଶିକାରେ ଛୁଆ ପ୍ରଶବନ।
ଲୁହବନ୍ୟାକୁ କେ ରୋକିବ ଏ ଦୃଶ୍ୟ ଦେଖିଲା ପରେ,
ସ୍ୱାଧିନତାର ୭୦ ବର୍ଷ ପରେ।

ଦେଶେ ରହିଛନ୍ତି ଜେତେକ ଶିଳ୍ପାନୁଷ୍ଠାନ,
ନିଜ ଉତ୍ପାଦନର ମୂଲ୍ୟ ନିଜେ କରନ୍ତି ନିର୍ଧାରଣ ।
ମୂଲଚୁଲ ହୁଏ ବଜାରରେ ଚାଷିର ଶଶ୍ୟ ମାନ,
ଆଜିବି ଜଳେନି ଚୁଲି ଚାଷୀ ମୁଲିଆଙ୍କ ଘରେ,
ସ୍ୱାଧିନତାର ୭୦ ବର୍ଷ ପରେ ।



କାହା ମୃତ୍ୟୁପରେ ହୁଏ ସ୍ୱର୍ଣ୍ଣ ପ୍ରତୀମା ସ୍ଥାପନ,
କିଏ ସତ୍କାରି ନପାରି କାନ୍ଧେ ନିଏ ଗାଁ ସ୍ମଶାନ ।
ଏଠି କିଏ ନିଇତି ବିହରି ଥାଏ ବିମାନରେ ତ,
ଆଉ କାହାର ଛପର ନଥାଏ ଛାତରେ,
ସ୍ୱାଧିନତାର ୭୦ ବର୍ଷ ପରେ ।

କିଏ କରିଦିଏ ସରକାରି କୋଠାକୁ ପିତୃ ସଂମ୍ପତି,
**ପଲିଥିନ କୁଡିଆଟି ବିସ୍ଥାପିତ ହୁଏ ରାତା ରାତି ।**
ଗରିବଙ୍କ ପାଇଁ ସ୍ୱାଧିନତା କେବଳ ଏକ ଶବ୍ଦଟି,
ମୁଣ୍ଡ ଗୁଞ୍ଜିବାକୁ ଛାତ ନାହିଁ ପ୍ରାଣ ହାରେ ଫୁଟପାତରେ।
ସ୍ୱାଧିନତାର ୭୦ ବର୍ଷ ପରେ ।

କେବେ ସତ ହେବ ବାପୁଙ୍କ ସେହି ସ୍ୱପ୍ନ,
ରାମ ରାଜ୍ୟର ହେବ ପର୍ତ୍ୟାବର୍ତନ ।
ଗର୍ବେ କହିବା ସ୍ୱାଧୀନ ଭାରତର ସନ୍ତାନ,
ସ୍ୱାଧିନ କହିବାକୁ ମନ ଆଜିବି କୁଣ୍ଠାବୋଧ କରେ,
ସ୍ୱାଧିନତାର ୭୦ ବର୍ଷ ପରେ ।

ଖରଖରିଆ, ବଣଶୋଳା, ଚକଟି, ଗଞ୍ଜାମ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ମିଥ୍ୟା ଅଭିମାନ



ଆଶା ସାହୁ

ଘଡିରେ ପ୍ରାୟ ତିନଟା ବାଜିଛି । ଖରାଦିନର ଦିପହର୍ ଗରମ ଗୁଳୁଗୁଳରେ ଦେହ ଜଳ ପୋଡି ଯାଉଛି । ତା ପରେ ପୁଣି ଘନ ଘନ ପାୱାରକଟ୍ । ଘରେ ବାହାରେ କେଉଁଠି ହେଲେ ଶାନ୍ତି ନାହିଁ । ଇଏ ତାଙ୍କର ପରମ ଶାନ୍ତିରେ ଶୋଇପଡିଛନ୍ତି । ଗରମ ହେଉ, ଗୁଳୁଗୁଳ ହେଉ, ମଶା କାମୁଡନ୍ତୁ, ତାଙ୍କର କଛି ଯାଏ ଆସେ ନାହିଁ । କର୍ଣ୍ଣଙ୍କ ଭଳ ଅଭେଦ୍ୟ କବଚଟିଏ ଲାଗିଛି ବୋଲି ମୁଁ ସବୁବେଳେ ତାଙ୍କୁ ଥଟ୍ଟା କରେ । ଶନବାର, ରବିବାର ମାନଙ୍କରେ ସେ କୁମ୍ଭକର୍ଣ୍ଣ ଭଳ ଶୋଇ ଘୁଙ୍ଗୁଡି ମାରିବେ । ମୋତେ ଭାରି ଈର୍ଷା ଲାଗେ ।

ପୁଅ କୋଚିଂ ଯିବାକୁ ବାହାରିଛି । ତାର ଗୁଣ ମଧ୍ୟ ତଦ୍ରୁପ । ବାହାଘର ବେଳେ ବାଇଗଣ ରୁଆ । କୁଆଡେ ବାହାରିଲା ବେଳକୁ ତାର ମନେପଡିବ, ଜୋତା ପଲିସ୍ ହେବ, ଚପଲ ପିନ୍ଧି ଗଲେ ଚଳନ୍ତା, କନ୍ତୁ ନା! ସାର୍ଟ ବୋତାମ ଛିଣ୍ଡି ଯାଇଛି । ଆରେ, ଅଲଗା ସାର୍ଟ ପିନ୍ଧିଗଲେ ଚଳବନ? ଭାରି ଏକଜିଦିଆ । ଯାହା କହିଥିବ ସେଇଆ । ଆଜି ପୁଣି ତା ବ୍ୟାଗର ଜୀପ୍ ଖରାପ ହୋଇଯାଇଛି । ଦେଖୁ ଦେଖୁ ଗ୍ରରିଗ୍ରରିଟା ବ୍ୟାଗ । ସବୁର ଜୀପ୍ ଗୁଡା ଖରାପ । ଭାରି ରାଗ ହେଲା । ରାଗକୁ ଗ୍ରପିରଖି ତାକୁ ବୁଝାଇ ଶୁଝାଇ ଗୋଟିଏ ବ୍ୟାଗ ଚଳଲା ମୁତାବକ ସିଲେଇ କରି ସେଫ୍ଟି ପିନ୍ ଲଗେଇ ତାକୁ ପଠାଇଲି ।

ସବୁ ଶନବାର ଓ ରବିବାର ମାନଙ୍କରେ ଜୀପ୍ ତିଆରି କଲାବାଲା ଆସେ । କ ଖରା, କ ବର୍ଷା, ଶୀତ, ଖରାବେଳେ ତାର ଡାକ ଶୁଭେ । "ପ୍ୟାଣ୍ଟ, ସାର୍ଟ, ବ୍ୟାଗ, ପର୍ସର ଚେନ୍ ଲଗେଇନଅ ।" ଏ ଡାକଟା ଶୁଣିବା ମୋର ଅଭ୍ୟାସରେ ପଡିଯାଇଥିଲା । ତେଣୁ ଏଇ କେତେ ସପ୍ତାହ ହେଲା ଯେ ସେ ଆସୁନାହିଁ, ଏକଥା ମୋତେ ଟିକେ ଅଡୁଆରେ ପକାଇ ଦେଇଥିଲା ।

ବାରବର୍ଷ ହେଲା ଏ କଲୋନୀର କ୍ୱାର୍ଟରରେ ଆମେ ରହିଛୁ । ପୁଅ ପ୍ରଥମରେ ପଢୁଥିଲାବେଳେ ଆମେ ଏ କଲୋନୀକୁ ଆସିଲୁ । ସରକାରୀ କଲୋନୀ । ଉଚ୍ଚା ଉଚ୍ଚା ପାଚେରି । ବଡ ବଡ ଲୁହାର ଗେଟ । ଗେଟ ପାଖରେ ପୁଣି ଚବିଶ ଘଣ୍ଟା ୱାଚମେନର ଡିଉଟି । ଶନବାର

ରବିବାରକୁ ଛାଡିଦେଲେ ଅନ୍ୟ ଦିନ ମାନଙ୍କରେ କ ଫେରିବାଲା, କ କବାଡିବାଲା, କ ଜିନଷ ଆସବାବ ତିଆରି କଲାବାଲା, ସମସ୍ତଙ୍କ ପ୍ରବେଶ ନଷେଧ । ତେଣୁ ଆମେ ଗୃହିଣୀମାନେ ପ୍ରାୟ ସପ୍ତାହାନ୍ତକୁ ଅପେକ୍ଷା କରିଥାଉ । କଏ ଗୁରୁଗଛ କଣିବ, କଏ ପ୍ରେସର କୁକର ମେସିନ୍ ତିଆରି କରେଇବ, କଏ ଜୋତା ଛତା ସିଲେଇ କରେଇବ, କଏ ସୋଫା କଭର, ବେଡସିଟ୍ କଣିବ ବା କଏ ଏଇ ଚେନବାଲା ପାଖରେ ଜୀପ୍ ତିଆରି କରେଇବା । ଅଲଗା ବେପାରୀମାନେ ତ ବଦଳୁଥାନ୍ତି ବା କେବେ କେବେ ଆସନ୍ତିନ, କନ୍ତୁ ଏଇ ଚେନ୍ ତିଆରି କଲା ବାଲାଟି ନୟମିତ ଆସେ । କେବେହେଲେ ତାର ଆସିବା ବନ୍ଦ କରେନ । ଲୋକଟି ମଧ୍ୟ ବାରବର୍ଷ ତଳେ ଯେମିତି ଥିଲା, ଏବେ ମଧ୍ୟ ସେମିତି । ମୁଁ ବେଳେ ବେଳେ ଭାବେ ତାର ବୟସ ବୋଧେ ଗୋଟିଏ ଜାଗାରେ ଅଟକ ଯାଇଛି । କଳା ମଚମଚ ଚକ୍କଣ ସୁଗଠିତ ଶରୀର । ସ୍ମିତ ଶୀର୍ଷ । ମୁଣ୍ଡର କଳାବାଳକୁ ତେଲ ଲଗାଇ ପାଟେଇ କୁଣ୍ଡା ହୋଇଥାଏ । କଳା ପେଣ୍ଟ ସାଙ୍ଗକୁ ଧଳା ଫୁଲ୍ ସାର୍ଟ । ପୁରୁଣା, କନ୍ତୁ ସଫା । ପାଦରେ ହଳେ ହାୱାଇ ଚପଲ । ଇଏ ହେଲା ତାର ବେଶଭୂଷା । ସାଇକଲରେ ଖଣ୍ଡେ କଳା ବ୍ୟାଗ ଭିତରେ ତାର ଯନ୍ତ୍ରପାତି ଝୁଲି ରହିଥାଏ ।

ତାର ବ୍ୟବହାର ଭାରି ଭଦ୍ର ଓ ମାର୍ଜିତ । ତାର ଶାଳୀନ ବ୍ୟବହାର ପାଇଁ ସବୁ ଗୃହିଣୀମାନେ ତାକୁ ଭାରି ଭଲ ପାଉଥିଲେ । ସେ ମଧ୍ୟ ଯାହାର ଜୀପ୍ ଚେନ୍ ତିଆରି କରେ, ତାଙ୍କ ସାଙ୍ଗରେ ଗପ ଜୋଡେ । ମଜା ମଜା କଥା କହି ସମସ୍ତଙ୍କୁ ହସେଇ ହସେଇ ବେଦମ କରାଏ । କାମ ଭଲ କରେ ଓ ପଇସା ନେବାରେ ମଧ୍ୟ ତାର ନୀତି କୋହଳ । ଆମେ ମାନେ ସବୁ ତାକୁ ବେଶି ପଇସା ଦେବାକୁ ମଧ୍ୟ ପଛାଉ ନଥିଲୁ । ମୋଟରେ ତାର ରୋଜଗାର ଏକ ରକମ ଭଲ ଓ ଚଳଲା ମୁତାବକ ଥିଲା ।

ମୋ ସହିତ କଥା ହେଉହେଉ କେବେ କେମିତି ସେ ନଜ ବିଷୟରେ ମଧ୍ୟ ଗପେ । ତାର ପରିବାର ଛାଡି ତାର ସାନଭାଇର ପରିବାରର ଦାୟିତ୍ୱ ମଧ୍ୟ ତାର ମୁଣ୍ଡ ଉପରେ । ସାନଭାଇ ତାର ଇଲେକ୍ଟ୍ରି ଖୁଣ୍ଟରେ ଚଢି କାମ କରୁ କରୁ କରେଣ୍ଟ ଖାଇ ମଲା । ତାର ନଜର ଗୋଟିଏ ପୁଅ, ଗୋଟିଏ ଝିଅ ଓ ସାନଭାଇର ଦୁଇଟି ଝିଅ । ପୁଅ ତାର ଏ ବର୍ଷ ଦ୍ୱାଦଶ ବୋର୍ଡ ଦେବ । ଭାରି ମେଧାବୀ । ସେ ତାକୁ କଲେକ୍ଟର କରିବ ବୋଲି ଇଚ୍ଛା । ମୁଁ ମଜା ନେବାକୁ କୁହେ, "ତୁମେ ପୁଅ କଲେକ୍ଟର ହେଲେ ତ ଆମ ଛୁଆଙ୍କୁ ପ୍ୟାଣ୍ଟ ଓ ବ୍ୟାଗରେ ସବୁବେଳେ ସେଫ୍ଟି ପିନ୍ ଲଗେଇବାକୁ ପଡିବ ।" ସେ କୁହେ, "ମ୍ୟାଡାମ୍ ଜୀ, ମୋ ପୁଅ କଲେକ୍ଟର ହେଲେ ସୁଦ୍ଧା

ମୁଁ ମୋ କାମ ଛାଡିବିନି । ଇଏ ମୋର ଲକ୍ଷ୍ମୀ, ଏଇ ମୋତେ ଓ ମୋର ପରିବାରକୁ ବଞ୍ଚେଇ ରଖିଛି । ରାମ୍, ରାମ୍, ଯାକୁ କଣ ତ୍ୟାଗ କରିବା ଯୁକ୍ତିକର? ”

ହେଲେ, ଏତେଦିନ ହେଲା ସେ ଗଲା କୁଆଡେ? ଗତ କେତେ ସପ୍ତାହ ହେଲା ତ ତାର ଡାକ ଆଉ ଶୁଭୁନି । ଧିରେ ଧିରେ ପୂରା କଲୋନୀର ଗୃହିଣୀମାନଙ୍କର ଭୁଲେଣି ପଡିଗଲା ଏ ବିଷୟ ନେଇ । ମାର୍କେଟକୁ ଯାଇ ମଧ ଜୀପ୍ ତିଆରି କରେଇ ହେବ, କିନ୍ତୁ ହାତ ପାହାନ୍ତାରେ ଯେଉଁ କାମ ହେଉଥିଲା, ତା ଛଡା ଆମ ସମସ୍ତଙ୍କର ତା ପ୍ରତି ଗୋଟିଏ ମାୟା ଲାଗି ଯାଇଥିଲା ।

ଦିନେ ଖରାବେଳେ ମୁଁ ଶୁଖୁଥିବା କପଡା ଉଠାଉ ଥାଏ କାନରେ ବାଜିଲା ସେଇ ଏକାପ୍ରକାର ଡାକ । କିନ୍ତୁ କଣ୍ଠସ୍ୱର କୋମଳ ଓ ପିଲାଳିଆ । ମୁଁ ସଙ୍ଗେ ସଙ୍ଗେ ଗେଟ୍ ପାଖକୁ ଗଲି । ଆଉ ମଧ ଆଖପାଖର ପ୍ରାୟ ସମସ୍ତ ଫ୍ଲାଟରୁ ଗୃହିଣୀ ମାନଙ୍କର ମୁହଁ ସବୁ ଦେଖାଗଲା । କିଏ ବାଲକୋନୀରେ, ତ କିଏ ଦରଜା ପାଖରେ, ଆଉ କିଏ ଝରକାର ପରଦା ଆଢୁଆଳରେ । ମୁଁ ଦେଖିଲି ସତର ଅଠର ବର୍ଷର ପିଲାଟିଏ । ଅବିକଳ ସେ ଜୀପ୍ ତିଆରି କଲାର ରୂପ । ସେହି ଆଖି ସେଇ ମୁହଁ, ସେଇ ଚୁଟି ଆଉ ହଁ, ସେଇ ସାଇକଲ ଓ ସେଇ ବ୍ୟାଗ । ମୁଁ ଆନୁମାନ କଲି ଏ ନିଶ୍ଚୟ ତାରି ପୁଅ ହୋଇଥିବ ।

ମୋ ମନରେ ଛନକା ପଶିଲା । ଏକ ତ ଏତେଦିନ ପରେ ଏ ଡାକ ଶୁଣାଯାଉଛି, ଦ୍ୱିତୀୟରେ ଡାକଲାବାଲା ପୂର୍ବର ସେହି ଲୋକ ନୁହେଁ ।

ମୁଁ ସଙ୍ଗେ ସଙ୍ଗେ ଗେଟ୍ ପାଖକୁ ଯାଇ ତାକୁ ଡାକଲି । ସେ ପାଖକୁ ଆସି ପ୍ରଥମେ ନମସ୍କାର ହେଲା । ଅତି ନମ୍ର ଓ ମିଠା ତାର କଣ୍ଠସ୍ୱର ।

ମୁଁ ତାକୁ ବାରଣ୍ଡାରେ ବସିବାକୁ କହି ଭିତରକୁ ଗଲି କିଛି ବ୍ୟାଗ ଓ ପର୍ସ ଆଣିବା ପାଇଁ । ଜୀପ୍ ତିଆରି କରାଇବା ତ ଏକ ବାହାନା ଥିଲା । ମୁଁ ଚାହୁଁଥିଲି ତା ବିଷୟରେ ଅଧିକ ଜାଣିବାକୁ ।

ବାହାରକୁ ଆସି ଦେଖିଲି ସେ ଖାତାଟିଏ ଧରି କଣ ସବୁ ଏକା ଧାନରେ ଲେଖିପକାଉଛି । ମୁଁ ତାକୁ ଡିଷ୍ଟର୍ବ କରିବାକୁ ଚାହିଁଲିନି । ନିରିଖେଇ ଦେଖିଲି, ସେ ଦ୍ୱାଦଶ ଶ୍ରେଣୀର ଇଣ୍ଟିଗ୍ରାଲ୍ ଗୁଡା କସି ପକାଉଥାଏ । ମୋର ମନଟା ଗୋଳେଇଘାଣ୍ଟି ହୋଇଗଲା । ମୁଁ ସଠିକ୍ ଅନୁମାନ କରିଥିଲି ଯେ ଇଏ ହେଉଛି ସେଇ ଲୋକର ମେଧାବୀ ପୁଅ । ଏମିତି କି ଅସୁବିଧା ହେଲା ଯେ ପିଲାଟିକୁ

ନିଜର ପାଠ ଛାଡି ପେଟପାଟଣା କଥା ଚିନ୍ତା କରିବାକୁ ପଡିଲା । ଭଗବାନଙ୍କର କି ଅନ୍ୟାୟ ସତେ?

ମୋ ପୁଅ ତ ପୁଣି ଏଇ ବୟସର । କିନ୍ତୁ ସେ କେତେ ଜିଦଖୋର୍ । ନକହିଲା ପର୍ଯ୍ୟନ୍ତ ସେ ନିଜର ଟାସ୍କ ମଧ୍ୟ କରେନା, ନିଜେ ନିଜେ ପାଠ ପଢିବା ତ ଦୂରର କଥା । କେତେ ଅୟସରେ ବଢିଛି । କିଛି ଅଭାବ ଅସୁବିଧା ଜାଣିନାହିଁ । ତଥାପି ତାକୁ ଆହୁରି ସୁବିଧା ଦରକାର । ସତକଥା, କାହାର ପାଲିଙ୍କି ଉପରେ ପାଟଛତା, କାହାର ବେଡି ଉପରେ କୋରଡା ।

ଏ ପିଲାଟି ବିଚରା ଖାତା ଖଣ୍ଡେ ମଧ୍ୟ ଭଲକରି ପାଉନାହିଁ ଲେଖିବାକୁ । ଖରାରେ ତରାରେ ବୁଲିବୁଲି ହାଲିଆ ହୋଇ ମଧ୍ୟ ପାଠ ପଢିବାର କି ଆଗ୍ରହ ।

କିଛି ସମୟ ପରେ ସେ ମୋତେ ସେଠାରେ ଉପସ୍ଥିତ ଦେଖି ଅପ୍ରସ୍ତୁତ ହୋଇପଡିଲା । ସଙ୍ଗେ ସଙ୍ଗେ ଖାତା ବନ୍ଦ କରି ବ୍ୟାଗର ଜୀପ୍ ଗୁଡିକ ସଜାଡିବାରେ ଲାଗିପଡିଲା । ବାପ ହାତ ପରି ତାର ହାତ ମଧ୍ୟ କୁଶଳୀ । ପାଞ୍ଚମିନଟରେ ସେ ସବୁ ଜୀପ୍ ସଜାଡିଦେଲା । ତାକୁ ଅପେକ୍ଷା କରିବାକୁ କହି ମୁଁ ଭିତରକୁ ଗଲି । ପଇସା, ଗ୍ଲାସେ ସର୍ବତ ଓ କିଛି ବିସ୍କୁଟ ଧରି ବାହାରକୁ ଆସିଲି । ପୁଣି ସେ ବହିରେ ମଜ୍ଜି ଯାଇଥାଏ । ମୋ ପୁଅର ଭଲା ଏହାର କାଣିଚାଏ ଧ୍ୟାନ ଥାଆନ୍ତା ।

ତାକୁ ଡାକି ମୁଁ ସର୍ବତ ଗ୍ଲାସଟା ଧରେଇଲି । ବିସ୍କୁଟ ତା ପାଖରେ ରଖିଲି । ସେ ସର୍ବତ ତକ ପିଇଦେଲା, କିନ୍ତୁ ବିସ୍କୁଟ ଖାଇବାକୁ ଜମା ରାଜି ହେଲାନି ।

ଏ ଭିତରେ ଆମ ଆଖପାଖର କେତେ ଗୃହିଣୀ ଆସି ପହଞ୍ଚି ଯାଇଥାଆନ୍ତି ଆମ ଘରକୁ । ସମସ୍ତେ ମିଶି ଆମେ ତା ବାପା କଥା ପଚାରିଲୁ । ତା ଆଖି ଲୁହରେ ଢଳଢଳ ହେଲା । ତାର ଦୁଃଖ କାହାଣୀ ଶୁଣି ଆମର ଆଖି ମଧ୍ୟ ଛଳଛଳ ହୋଇଗଲା । ବାପ ତାର ଦିନେ ଏମିତି ଖରାରେ ବୁଲୁବୁଲୁ ବେହୋଶ୍ ହୋଇ ପଡିଗଲା । ଏତେ ବଡ କୁଟୁମ୍ବ ପୋଷିବା ଦାୟିତ୍ୱ ଥିଲା ତାର । ତେଣୁ ସେ ନିଜେ ଦିନରେ ଥରେ ମାତ୍ର ଦୁଇଟା ଶୁଖିଲା ରୁଟି ଖାଇ ନିଜର ଜୀବନ କେବଳ ବଞ୍ଚଉଥିଲା । ଏମିତି ଖାଲିପେଟରେ ରହି ରହି ତାକୁ ପାରାଲେସିସ୍ ହୋଇଗଲା । ସରକାରୀ ଡାକ୍ତରଖାନାରେ ତା ବୋଉ କୌଣସିମତେ ସମସ୍ତଙ୍କୁ ହାତଗୋଡ ଧରି ତାର ଚିକିତ୍ସା କରାଇଲା । କିନ୍ତୁ ବାପ ତାର ସମ୍ପୂର୍ଣ୍ଣ ଭଲ ହେଲାନାହିଁ । ଏବେ ମଧ୍ୟ ସେ ବିଛଣାରେ । ଉଠିବାର

ଆଶା ସମ୍ପୂର୍ଣ୍ଣ ବୃଥା । କିନ୍ତୁ ସେ ସବୁ ବୁଝେ ଓ ଠାରରେ ସମସ୍ତଙ୍କୁ ମନକଥା ବୁଝାଏ । ତାର ସମସ୍ତ ଠାରର ସାରାଂଶ ଏଇୟା ଯେ ମେଧାବୀ ପୁଅଟି ତାର ଖୁବ୍ ପାଠ ପଢୁ ।

ପୁଅ ବିଚରା ଏବେ କରିବ କଣ? ବାପ ପରେ ଘରର ବଡ ହିସାବରେ ଏ ପରିବାରର ଦାୟିତ୍ୱ ତା ମୁଣ୍ଡ ଉପରେ । ତଥାପି ବିଚରା ପାରୁ ପର୍ଯ୍ୟନ୍ତ ଚେଷ୍ଟା ଚଳାଇଛି ଦୁଇଆଡକୁ । ପରିବାର ପୋଷୁଛି ଆଉ ପାଠ ଭି ପଢୁଛି । ଆମେ ସମସ୍ତେ କାମନା କଲୁ ବିଚରା ନିଜ ଲକ୍ଷ୍ୟରେ ସଫଳତା ଲାଭ କରୁ ।

ତା ପର ରବିବାର ଅନେକ ଗୁଡିଏ ପୁରୁଣା କୋଚିଂ ମେଟରିଏଲ୍ ମୁଁ ତାକୁ ଦେଲି । ସେ ଖୁସିରେ ଗଦଗଦ ହୋଇପଡିଲା । ମୁଁ ଭାବିଲି, ଯାହାହେଉ ଗୋଟିଏ ପୁଣ୍ୟ କାମ ମୋ ଦ୍ୱାରା ହେଲା । ଏମିତି ଦିନ ବିତି ଚାଲିଥାଏ । ପୁଅର ପରୀକ୍ଷା ନେଇ ମୁଁ ବ୍ୟସ୍ତ ହୋଇଗଲି । ପୁଅ ଦ୍ୱାଦଶ ବୋର୍ଡରେ ମୋଟେ ଅଶି ପର୍ସେଣ୍ଟ ରଖିଲା । ଜେ.ଇ.ଇ. ପରୀକ୍ଷାରେ ମଧ୍ୟ ଏତେ ଭଲ କଲାନାହିଁ । କୌଣସି ମତେ ଧାଁ ଧପଡ କରି ଗୋଟିଏ ଇଞ୍ଜିନୀୟରିଂ କଲେଜରେ ତାକୁ ଦେବାକୁ ସ୍ଥିର କଲୁ । ଅନେକ ଗୁଡିଏ ଡୋନେସନ୍ ଲାଗିବ ।

ଏଇ ବ୍ୟସ୍ତତା ଭିତରେ ଦିନେ ସେ ପିଲାଟିକୁ ଦେଖିଲି ଆମ ଦାଣ୍ଡ ଦୁଆରେ । ପୁଅ ପାଇଁ ମନ ଭଲ ନଥିଲେ ସୁଦ୍ଧା କୌତୁହଳ ବଶତଃ ତାର ରେଜଲ୍ଟ ବିଷୟରେ ପଚାରିଦେଲି । ସେ ମୋଟ ବୟାନବେ ପର୍ସେଣ୍ଟ ରଖିଥିଲା ଓ ଜେ.ଇ.ଇ. ରେ ମଧ୍ୟ ବହୁତ ଭଲ ରେଙ୍କ ରଖିଥିଲା । ପାପୀ ମନରେ ମୋର କେଉଁଠି ନା କେଉଁଠି ଈର୍ଷ୍ୟାର ନାଗଟିଏ ଫଣା ଟେକିଲା । ଅହଙ୍କାର ମଧ୍ୟ ଆସିଲା, ଏତେ ଗୁଡିଏ ମେଟରିଏଲ ଦେଇ ନଥିଲେ କଣ ସେ ଭଲ କରି ପାରିଥାଆନ୍ତା । ପିଲାଟି କୃତ୍ୟକୃତ୍ୟ ହୋଇପଡୁଥାଏ । କିନ୍ତୁ ମନରେ ତାର ହରଷ ନଥାଏ, ଚେହେରାରେ ଖୁସି ନଥାଏ । ଏତେ ଭଲ ରେଙ୍କ୍ ରଖିବା ସତ୍ୱେ ସେ ଭଲ ଇଞ୍ଜିନୀୟରିଂ କଲେଜରେ ଏଡମିସନ୍ ନେଇପାରିବ ନାହିଁ ଟଙ୍କା ଅଭାବରୁ । ମୁଁ କେବଳ ମନଦୁଃଖ କଲି । ସେ କଣ ସବୁ ଭାବି ଭାବି ଆକାଶକୁ ଅନେଇ ଅନେଇ ଚାଲିଗଲା ।

ଏ ଭିତରେ ଚାରି ପାଞ୍ଚମାସ ବିତି ଯାଇଥାଏ । ହଠାତ୍ ସେ ପିଲାଟିରେ ଆବିର୍ଭାବ ଘଟେ ସେ କଲୋନୀ ରାସ୍ତାରେ । ମୁଁ ଭାବୁଥାଏ ସେ ବୋଧେ ପାଠ ଛାଡିଦେଇ ଥିବ । କିନ୍ତୁ ତାର ପ୍ରଫୁଲ୍ଲ ଚେହେରା ଦେଖି ମୁଁ କାବା ହେଲି । ଭାରି ଭଦ୍ର ବେଶ ପୋଷାକରେ ସେ ଆସି ମୋତେ ପ୍ରଣାମ କଲା । ସେ ଚାଲିଯାଉଥିଲା, ମୁଁ ତାକୁ ଅଟକାଇ ତା ସମ୍ବନ୍ଧରେ ଜାଣିବାକୁ ଚାହିଁଲି । ଆଖି

ଦୁଇଟା ତାର ସନ୍ଧ୍ୟାତାର୍ ଭଳଆ ଚକ୍ ଚକ୍ ଦେଖାଗଲା । ସେ ଦୂରରେ ଗୋଟିଏ ଘରଆଡେ ଦେଖାଇ କହିଲା ଯେ ସେଇ ବାବୁ ତାର ଏଡମିସନର ଖର୍ଚ୍ଚ ବହନ କଲେ ଓ ଗୋଟିଏ +୨ କୋଚିଂ ସେଣ୍ଟର ରେ ତାକୁ ଫେକଲ୍ଟି ରଖେଇ ଦେଲେ । ସେ ତାଙ୍କୁ ଦେଖା କରିବାକୁ ଯାଉଛି ।

ମୋର ମନ ଏଡେ ଟିକେ ହୋଇଗଲା, ସତେକ ଲଜ୍ଜାରେ ମୁଁ ମାଟି ତଳକୁ ପଶି ଯାଉଛି । ଯେଉଁ ଦୁଇଟା ବୁଢାବୁଢୀଙ୍କୁ ଏ କଲୋନୀ ଲୋକେ ହେୟ ମନେ କରନ୍ତି, କଞ୍ଜୁସ୍ ଓ ଗର୍ବି ବୋଲି ଅଖ୍ୟା ଦିଅନ୍ତି, ସେମାନେ ପୁଣି ଏଡେ ମହାଦାନୀ ଓ ପରୋପକାରୀ କେମିତି ହେଲେ? ସେମାନେ କାହା ସାଙ୍ଗରେ ମିଳାମିଶା କରନ୍ତି ନାହିଁ । କ୍ୱଚତ୍ ଦେଖାହେଲେ ଆଖି ମିଳାନ୍ତି ନାହିଁ । ଉଡା ଉଡା ଖବରରେ ସମସ୍ତେ ଏହା ଜାଣିଥିଲେ ଯେ ସେ ବୃଦ୍ଧ ଦମ୍ପତିର ଏକମାତ୍ର ପୁଅ ଜର୍ମାନୀରେ ଅଛି, ସେମାନଙ୍କ ଦାୟିତ୍ୱ ନେଏନ କି ଦେଖା କରିବାକୁ ସୁଦ୍ଧା ଆସେନ । ବୁଢା ବୁଢି ଦୁହେଁ ନିଜ ଦୁଃଖରେ ନିଜେ ବୁଡି ରହିଥାଆନ୍ତି ।

ବର୍ତ୍ତମାନ ମୁଁ ହୃଦୟଙ୍ଗମ କଲି ଯେ ହୁଏତ ସେମାନେ ନିଜର ଦୁଃଖ କାହା ସମ୍ମୁଖରେ ପ୍ରକଟିତ କରିବାକୁ ଗ୍ୱହାନ୍ତି ନାହିଁ । ନିଜ ପୁଅର କାର୍ଯ୍ୟ କଳାପ ସମ୍ବନ୍ଧରେ ଅନାବଶ୍ୟକ ଚର୍ଚ୍ଚା କରିବାକୁ ଗ୍ୱହାନ୍ତି ନାହିଁ । କିନ୍ତୁ ଗରୀବ ଦୁଃଖି ଲୋକଙ୍କର ସାହାଯ୍ୟ କରିବାକୁ ପଛାନ୍ତି ନାହିଁ । ଏହାର ସଦ୍ୟ ପ୍ରମାଣ ଏ ପିଲାଟି ।

ମୋ ପୁଅ ସକାଶେ ମୁଁ ଲକ୍ଷ ଲକ୍ଷ ଟଙ୍କା ଡୋନେସନ୍ ଦେଇ ପାରିଲି । କିନ୍ତୁ ପ୍ରତିଭାସମ୍ପନ୍ନ ଏଇ ପିଲାଟିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏଡମିସନ୍ ଫିସ୍ ପାଇଁ ସାମାନ୍ୟ କେଇଟା ଟଙ୍କା ଦେବାକୁ ମୋର ହାତ ଗଲାନାହିଁ । ସାମାନ୍ୟ ଅନୁପୋଯୋଗି (ଆମପାଇଁ) ବହି କେତେଟା ଦେଇ ମୁଁ ନିଜକୁ ମହାଦାନୀ ମନେ କରୁଛି । ଗୋଟିଏ ଗରୀବ ମେଧାବୀ ପିଲାର ଯେ ଭବିଷ୍ୟତ ନ ହେବାକୁ ଯାଉଥିଲା, ତାହା ତ କାହିଁ ମୋ ମନରେ ଆସିଲାନାହିଁ । ଏକଥା ଭାବି ଭାବି ମୁଁ ଯେ କେତେବେଳେ ସେ ବୃଦ୍ଧ ଦମ୍ପତିଙ୍କ ଦ୍ୱାରରେ ଛିଡା ହୋଇ କଲିଂବେଲ୍ ବଜଉଥାଏ ମୋର ମନେନାହିଁ । କିନ୍ତୁ ମନରେ ଗୋଟିଏ ଦୃଢ ସଂକଳ୍ପ ଜନ୍ମ ନେଉଥାଏ, ଏ ପିଲାଟିକୁ କଲେକ୍ଟର ହେବାରେ ମୁଁ ଅବଶ୍ୟ ସାହାଯ୍ୟ କରିବି । ତା ବାପା ଚେନବାଲାର ସ୍ୱପ୍ନ ଅବଶ୍ୟ ସାକାର ହେବ ।

ବସନ୍ତ ବିହାର, ନୂଆଦିଲ୍ଲୀ

# ତୁମ ପାଇଁ



ମଧୁଛନ୍ଦା ବେହେରା

ସୂର୍ଯ୍ୟର ପହିଲି କରଣ ଗୋ ତୁମେ
ବର୍ଷାର ପ୍ରଥମ ଟୋପା
ବସନ୍ତ ଋତୁର ମୃଦୁ ମଳୟ ଗୋ
କବିର ଅଲେଖା ଭାଷା ।
ପୂର୍ଣ୍ଣମୀ ଆକାଶେ ଚନ୍ଦ୍ରମା ଗୋ ତୁମେ
କୋଇଲିର କୁହୁଗାନ
ଦେଖିବାକୁ ତୁମେ ଯେମିତି ସୁନ୍ଦର
ସେମିତି ତୁମର ମନ
ସାଗର ବେଳାର ବାଲୁକା ଶଯ୍ୟାରେ
ତୁମେ ଶାମୁକା ଟିଏ ।
ଶାମୁକା ଭିତରେ ମୁକ୍ତା ପରି ତୁମ
ମନଟି ଝଲକୁଥାଏ ।
ସୃଷ୍ଟିର ପ୍ରଥମ ପୁରୁଷ ଯେ ତୁମେ
କ ବର୍ଣ୍ଣିବି ତୁମ ରୂପ
ଅଦ୍ଭୁତ ବୈଭବ ଅଟେ ତୁମ ରୂପ
ମୁଁ ଯେ ତାଙ୍କ କଳ୍ପାତୀତ ।



କଟୱାରିଆ ସରାଇ, ନୂଆ ଦିଲ୍ଲୀ

# ଭଲ ପାଇବାର ଋଣ



ସୁଲୋଚନା ପଟ୍ଟନାୟକ

ମୁଁ ତୁମକୁ ଭଲ ପାଏ
ସେତିକ କହିବାକୁ
ଜୀବନଟିଏ ଗ୍ଭଲିଗଲା ।
ଜାଣିବାକୁ ଇଚ୍ଛାହୁଏ
ଏହାର ଆରମ୍ଭ କେଉଁଠୁ ହେଲା ?
ତୁମେ ମୋତେ ପ୍ରଥମେ ଯେବେ ଗ୍ଭହିଁଥିଲ ?
ଯେବେ ଆମର ଗ୍ଭରି ଆଖିର ମିଳନ ହେଲା ?
ଅବା
ଯେବେ ତୁମେ ମୋ' ହାତ ଧରି କହିଲ
"ଆସଯିବା ଅସ୍ତଗାମୀ ସୂର୍ଯ୍ୟର
ଲାଲିମାରେ ବୁଡିଯିବା" ?
ମୋ' ହୃଦୟରେ ଏକ ଅନନ୍ୟ ସ୍ପନ୍ଦନ
ନୂତନ ଅନୁଭୁତିର ସୃଷ୍ଟି କଲା ।
ମୁଁ ହଜିଗଲି ।
ଭଲ ପାଇବା ମତେ
ଅବେଳରେ କୁତୁକୁତୁ କଲା ।
ତୁମକୁ ନ ଦେଖିଲେ ହୃଦୟରୁ କୋହଉଠିଲା ।
ଆଖି ଛଳଛଳ ହେଲା ।
ଅକାରଣେ କାନ୍ଦ ଲାଗିଲା ।
ଇଏତ ଭଲ ପାଇବାର ଲକ୍ଷଣ ।
ଆଜି କହୁଛି ତୁମକୁ
ଶୁଣ ବା ନ ଶୁଣ
ଜାଣ ବା ନ ଜାଣ
ନ ପହଞ୍ଚୁ ମୋ' ଜୀବନର ଶେଷ କ୍ଷଣ ।
ବିଶ୍ୱାସ କର ପ୍ରିୟ
ତୁମକୁ
ମୋ' ଭଲ ପାଇବାର ଋଣ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ମୋ କଥା



ଅନୁସୂୟା ମିଶ୍ର

ଜାଣିଛି, ଆଶ୍ଚର୍ଯ୍ୟ ହୋଇଯିବ ତୁମେ ହଠାତ୍ ମୋଠାରୁ ଏଇ ଚଠିଟି ପାଇ। ଆଗରୁ ଅନେକଥର ଭାବିଛି ସବୁକଥା ଖୋଲି କହିଦେବି ତୁମକୁ, ଅନେକ ଚେଷ୍ଟା ବି କରିଛି ତୁମର ନିକଟତର ହେବାକୁ। ମାତ୍ର ପ୍ରତିଥର ତୁମ ଆଖିରେ ଥିବା ମୋ ପ୍ରତି ଘୃଣା ଓ ହେୟ ମନୋଭାବ ପଥରୁଦ୍ଧ କରିଛି ମୋର ସମସ୍ତ ଆଗ୍ରହର। ଆଜି କିନ୍ତୁ ଆବହାୱାରେ ପରିବର୍ତ୍ତନକୁ ଲକ୍ଷ୍ୟ କରି ମୁଁ ସାହସ କରୁଛି ତୁମ ଆଗରେ ନିଜକୁ ଖୋଲିଦେବାକୁ, ନିଜର ବାସ୍ତବିକତାକୁ ସାବ୍ୟସ୍ତ କରିବାକୁ, ତୁମଠାରେ ଥିବା ମୋର ସମସ୍ତ ଆଶା ଆକାଂକ୍ଷାକୁ ଖୋଲି କହିବାକୁ।

ଜାଣିଛ, ଏଠାକାର ପରିସ୍ଥିତି ଆଉ ଆଗପରି ନାହିଁ। ଆଗରୁ ମୋ ଦୁଆରେ ପ୍ରତିଟି କରାଘାତରେ ମୁଁ ଲକ୍ଷ୍ୟ କରୁଥିଲି ଅଜସ୍ର ଅସହାୟତାର କରୁଣ ରାଗିଣୀ। ପ୍ରତିଟି ପାଦଶବ୍ଦ ଥିଲା ଅନିଚ୍ଛାକୃତ। ପ୍ରତିଟି ଆଖିରେ ଢଳଢଳ ହେଉଥିଲା ଅଲୋଡା ଅବଶିଷ୍ଟ ନିଃଶ୍ୱାସକୁ ବୋହି ନପାରିବାର ଅସମର୍ଥତା। ପ୍ରତିଟି ମନରୁ ଉଛୁଳି ଉଠୁଥିଲା "ଅବହେଳିତ"ର ଅବସାଦ। ଆଉ, ପ୍ରତିଟି ଯୋଡହସ୍ତ ନିଜ ପରିଜନଙ୍କର କୁଶଳ କାମନା ତ କରୁଥିଲା, ମାତ୍ର ନିଜ ପାଇଁ ଖୋଜି ବୁଲୁଥିଲା ମୃତ୍ୟୁର ଆଶ୍ରୟ। କେମିତି ଏକ "ପରିତ୍ୟକ୍ତ"ର ବାତାବରଣ ଘେରି ରହୁଥିଲା ମୋତେ। ଶ୍ୱାସରୁଦ୍ଧ ହୋଇଯାଉଥିଲା ମୋର, ଯେତେବେଳେ ଆଶାୟୀ ଆଖି ଯୋଡିଏ ବୁଜି ହୋଇ ଯାଉଥିଲା ଚିରଦିନ ପାଇଁ ମୋ ରି ଅଗଣାରେ, ସ୍ନେହଆଦର- ସେବାଯତ୍ନର ଅଭାବରେ। ଖୁବ୍ ଦୋଷୀ ମନେ କରୁଥିଲି ମୁଁ ନିଜକୁ ନିଜ ଅସ୍ତିତ୍ୱକୁ ନେଇ। ପ୍ରତିଟି ନିର୍ବାପିତ ଜୀବନଦୀପ ସହିତ ମୁଁ ଅକ୍ଷମଣୀୟ ହୋଇ ଉଠୁଥିଲି ନିଜ ନିକଟରେ। ଆଉ, ତିବ୍ରତର ହୋଇ ଉଠୁଥିଲା ମୋର ବିଦ୍ରୋହର ସ୍ୱର ସେଇ ସୃଷ୍ଟିକର୍ତ୍ତାଙ୍କ ବିରୁଦ୍ଧରେ – ଏଇ କଣ ତାଙ୍କ ସୃଷ୍ଟିର ନିୟମ? ଯେତେଦିନ ଯାଏଁ ଗଛଟିଏ ଛାଇ ଦେଉଥିବ ସେତିକି ଦିନ ତା ମୂଳରେ ପାଣି ଦିଆଯିବ। ଯେଉଁଦିନ ସେ ପତ୍ରଝଡା ଦେବ, ସେଦିନ ତାର ଡାଳସବୁ ବି କାଟି ନେଇଯିବେ ସେଇମାନେ ଯେଉଁମାନଙ୍କ ଜୀବନକୁ ଦିନେ ସେ ସୁସଜ୍ଜିତ କରିଥିଲା ଫୁଲଫଳ ଦେଇ।

ଲ୍ଗୁଛି, ଏତେ ଦିନେ ସେ ଶୁଣି ପାରିଛନ୍ତି ମୋ କଥା । ଏବେ ବଦଳ ଯାଇଛି ଅନେକ କଛି । ବଦଳଛି ମୋ ପ୍ରତି ଲ୍ଲେକଙ୍କର ମନୋବୃତ୍ତି । ସବୁକଛି ମୁଁ ଯେମିତି ଗ୍ଚହୁଁଥିଲି ଠିକ୍ ସେମିତି । ମୋ ଦୁଆର ମୁଖରିତ ହୁଏ ଏବେ "ଉତ୍ସାହ"ର ଧାଁଧପଡରେ । କେହି ଆଉ ଆସନ୍ତିନ ଏଠିକୁ କାହାକୁ ଛାଡିଯିବାକୁ । ପ୍ରତିଟି ଆଗନ୍ତୁକ ପାଦଶବ୍ଦରେ ସ୍ପଷ୍ଟ ବାରିହୁଏ ଜୀବନକୁ ଆଦରି ନେବାର ଏକ ସକାରାତ୍ମକ ଚନ୍ତାଧାର୍ । ନା ବୟସର ଭ୍ର ଜଣାପଡେ, ନା ନଃଶ୍ୱାସଟା ବୋଝ ପରି ମନେହୁଏ । ଜୀବନର୍ସ୍ତରେ ଏଠି ଅନେକ ସାଥୀ । ସମସ୍ତେ ତ ସମଅବସ୍ଥାସଂପନ୍ନ । ତେଣୁ ବାଣ୍ଟିନଅନ୍ତି ପରସ୍ପରର ପ୍ରତିଟି ଅନୁଭବକୁ ସମାନ ଭବରେ । ପରିଜନଙ୍କଠାରୁ ଦୂରତା ଥାଏ ସତ, ମାତ୍ର ନଃସଙ୍ଗତା ନୁହଁ । ଦିନର ଆରମ୍ଭଠାରୁ ଦିନଚର୍ଯ୍ୟାର ପ୍ରତିଟି ସୋପାନ ଅତିକ୍ରମ କରି ଗ୍ତି ହୋଇଯାଏ ସିନା, କେହି କାହାର ହାତ ଛାଡନ୍ତିନ । **Morning Walk**ଠାରୁ ନେଇ **Prayer hall**ରେ ମିଳତ ପ୍ରାର୍ଥନା, **dining hall**ରୁ ନେଇ **TV** ଦେଖା । ତାପରେ ମିଳମିଶି ବଗିଗ୍ଚକାମ, ବ୍ୟାଡମିଣ୍ଟନ୍ ଖେଳ, ପୁଣି **evening walk** । ଶେଷରେ **Library** ରେ କଛି ସମୟ ପଢାପଢି ପରେ ଗ୍ତ୍ରିଭୋଜନ ପାଇଁ **Dining hall**ରେ ପୁଣି ସମସ୍ତେ ଏକାଠି – ଏମିତି ଗହଳ ଚହଳ ଭିତରେ ଖୁବ୍ ଜୀବନ୍ତ ଲ୍ଗେ ମୋ ଅଗଣାଟି ଏବେ ସବୁବେଳେ । ପ୍ରତିଟି ସପ୍ତାହାନ୍ତରେ ଯେତେବେଳେ ପ୍ରିୟଜନଙ୍କ ହାତଧରି ସମସ୍ତେ ଫେରି ଯାଆନ୍ତି ନଜ ନଜର ପରିବାର ନକଟକୁ, ସେତେବେଳେ ମୁଁ ହିଁ ନଃସଙ୍ଗ ହୋଇଯାଏ । ନର୍ଜନତା ମୋତେ ଅଣନଃଶ୍ୱାସୀ କରିଦିଏ ଆଉ, ମୁଁ ଗ୍ଚହିଁ ରହେ ସେମାନଙ୍କର ଫେରିବା ବାଟକୁ ।

ସତ କହିବାକୁ ଗଲେ, ଆଧୁନକତା ନକଟରେ କୃତଜ୍ଞ ମୁଁ ଆଜି । ସେଇ ହିଁ ବଦଳାଇ ଦେଇପାରିଛି ମୋ ପ୍ରତି ସମସ୍ତଙ୍କର ଅନୋଭ୍ବ । ଆଧୁନକ ଜୀବନଶୈଳୀ ଯେତିକ ବ୍ୟସ୍ତବହୁଳ, ସେତିକ ବ୍ୟକ୍ତିକୈନ୍ଦ୍ରିକ । ସ୍ୱାର୍ଥପରତା କହିଲେ ଭୁଲ୍ ହେବ, ମାତ୍ର ଆଜି ନଜ ପରିବାର ପାଇଁ ମଧ ସମୟ ନାହିଁ କାହା ପାଖରେ । ଘରେ ଘରେ ପିଲ୍ମାନେ ବ୍ୟସ୍ତ ପ୍ରତିଯୋଗିତାମୂଳକ ଆଜିର ଶିକ୍ଷା ବ୍ୟବସ୍ଥାକୁ ନେଇ । ବାପା, ମା ବ୍ୟସ୍ତ ଆଧୁନକ ଜୀବନଶୈଳୀ ନମନ୍ତେ ଅତ୍ୟାବଶ୍ୟକ ବା ଅପରିହାର୍ଯ୍ୟ ମନେ ହେଉଥିବା ଉପକରଣର ଯୋଗାଡରେ । ଏହି ପରିପ୍ରେକ୍ଷୀରେ ବୟସ୍କମାନେ ଯଦି "ଘର" ନାମରେ ଅଭିହିତ ଗ୍ଚରିକାନ୍ଥର ନର୍ଜନତା ମଧରେ ନଜକୁ ଆବଦ୍ଧ ନ ରଖି ଆଗେଇ ଆସିଲେ ସାଂପ୍ରତିକତାର ସ୍ରୋତରେ ନଜକୁ ସାମିଲ୍ କରିଦେବା ପାଇଁ, ତେବେ କ୍ଷତି କଣ? ପରିସ୍ଥିତି ସାଙ୍ଗରେ ସାଲିସ୍ କରିନେବା

ହିଁ ତ ପରିପକ୍ୱ ଚନ୍ତାଧାର୍‌ର ପରିଚ୍ଛୟକ। ଆଜିର ସମାଜ ମଧ୍ୟ ଏ ଦିଗରେ ସମ୍ବେଦନଶୀଳ ଏବଂ ଅନେକ ସଚେତନ ହୋଇଗଲ୍‌ଣି। ଅନେକ ଅନୁଷ୍ଠାନ ମଧ୍ୟ ସ୍ୱଇଛାରେ ସହଯୋଗର ହାତ ବଢାଇଲେଣି।

ମୋଟାମୋଟି ଭାବେ କହିବାକୁ ଗଲେ, ମୋ ପ୍ରତି ଥିବା ଦୃଷ୍ଟିକୋଣ ସାଙ୍ଗେ ଏବେ ବଦଳ ଗଲିଣି ମୁଁ, ବଦଳ ଗଲ୍‌ଣି ମୋ ଚେହେରା। ଅଲୋଡାପଣର ଖାଁ ଖାଁ ଭାବ ଆଉ ଖାଇ ଗୋଡାଏନ ମୋ ଦୁଆରେ। ମୋ ଅଗଣାରେ ବି ଢେଉ ଭାଙ୍ଗେ ସବୁଜିମାର ସ୍ରୋତ। ଘୁରିଆଡେ ଖେଳବୁଲେ ଚଳଚଞ୍ଚଳତା। ଅଜଣ୍ଡିତ ଜାଣି ମଧ୍ୟ ଭବିଷ୍ୟତ ଦିଗରେ ଆଗେଇ ଚାଲନ୍ତି ଦୃଷ୍ଟିଭଙ୍ଗୀ ଏଛି। ଜାଣିଛି, ଦିନେ ନା ଦିନେ ନିଶ୍ଚୟ ଭେଟ ହେବ ତୁମ ସାଙ୍ଗେ ମୋର। ସେଦିନ ତୁମ ଆଖିରେ ମୋ ପ୍ରତି ଅଚହ୍ନା ବା ଅନାଦର ଭାବ ନ ଦେଖିବି, କେବଳ ସେଇଥିପାଇଁ ଏତେସବୁ କଥାର ଅବତାରଣା। ମୁଁ ତ ଗ୍ୱହିଁ ବସିଛି ସେଦିନକୁ, ଭାବୁଛି, ହୁଏତ ଏସବୁ ଶୁଣିବା ପରେ ତୁମେ ବି ମୋତେ ଆଗ୍ରହରେ ଆଦରିନେବ।

ହଁ, ବଡ କଥାଟିଏ ତ କହିବାକୁ ଭୁଲି ଯାଇଛି। ଏବେ ମୋର ନାଁ ବି ବଦଳ ଯାଇଛି। ସମସ୍ତେ ମୋତେ ଡାକୁଛନ୍ତି **"still young at heart"** ନାଁ ରେ। ଆଗରୁ କହିଦେଲି, **name plate**ରେ ନୂଆ ନାଁ ଟିଏ ଦେଖି ଲେଉଟି ନଯାଅ ଯେମିତି।

ରହୁଛି,

ତୁମ ଅପେକ୍ଷାରେ

"ଜରାନିବାସ"

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର

***

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ସେପ୍ଟେମ୍ବର ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:**

**vedantimagazine@gmail.com"**

# ଆଶାର ସଂଗ୍ୱର



ଭାସ୍କର ଚନ୍ଦ୍ର ଖଣ୍ଡା

ଦୁଷ୍ଚିନ୍ତାର ଶେଯପୋରେ
ଜମି ରହିଥିବା  ଅବ୍ୟବହୃତ ଶିଉଳକୁ
କରେ ଯଦି ସଫା
ଖୋଜି ପାଏ ଆଲୋକର ଶିଖା
ଦୁର୍ଭାବନା କରି ଦୂର
ହୁଏ ନୂଆ ଆଶାର ସଂଗ୍ୱର    ।୧।

ଅନୁସନ୍ଧାନର ତାଳେ
ଦେଖେ ନୂଆ ଆଶାର କରଣ
ବିଚ୍ଛୁରିତ ସେ ପ୍ରଶସ୍ତ ମାର୍ଗେ
ବାଛି ନେଇ
ନୂଆ ସେଇ  ପଥ ଜୀବନର
ହୋଇଥାଏ ଦିନେ ଅଗ୍ରସର    ।୨।

ଜୀଇବାକୁ ହେଲେ ଏଠି
ମିଳଥାଏ ସଂଘର୍ଷର ପଥ
ପଛ ଘୁଞ୍ଚା ନ ଦେଇ ସେ
ଆପଣାଇ ସେ ପଥକୁ
ଯଦି ହୁଏ ଆଗଭର
ଗ୍ଢଖେ ପୁଣି ସ୍ୱାଦ ଜୀବନର  ।୩।

ଭାଙ୍ଗିଗଲେ ବସା
ପ୍ରୟାସରତ ନୁହଁ କ ?
ହେଉ ପଛେ ଛୋଟ ବୁଢିଆଣୀ
ବାନ୍ଧେ ନୂଆ ବସା
ଗଢିଥାଏତ ପୁଣି ନୂଆ ତା ସଂସାର
କରି ସେଇ ଆଶାର ସଂଗ୍ୱର    ॥୪।

ସହଦେବଖୁଣ୍ଟା, ବାଲେଶ୍ୱର

ବେଦାନ୍ତୀର ପୂଜାସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ପୂଜା ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ସେପ୍ଟେମ୍ବର ୧୫ ତାରିଖ ଭିତରେ ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ - vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ତୁମ ବିନା ସବୁ ଶୁନ୍ୟ



ବିନୟ ମହାପାତ୍ର

କେଡେ ସହଜ ରେ, ଖୁସି ରହିବାକୁ,
କହି ଦେଇ ତୁମେ,
ପର ଦେଶେ ଗ୍ଳଲି ଗଲ,
ତୁମେକ ଜାଣନ, ସବୁ ଖୁସି ମୋର,
ତୁମ ସାଥେ ତୁମେ,
ଗଲ୍ ବେଳେ ନେଇ ଗଲ ।
ତୁମେ ମୋର ହସ, ତୁମେ ମୋର ଖୁସି,
ତୁମ ବିନା କାହୁଁ
ଆସିବ ବା ଖୁସି ମୋର,
ହସ ମୋ ଓଠର, ତୁମେ ନେଇ ଗଲ,
ତୁମ ବାଟ ଗ୍ଳହିଁ,
ସରୁ ନାହିଁ ଦିନ ମୋର ।

ଶୋଇବାକୁ ନଦ, ଆସିବ କେଉଁଠୁ,
ତୁମ ପଛେ ପଛେ,
ନଦ ସବୁ ଗ୍ଳଲି ଗଲେ,
ସପନ ସବୁ ମୋ, ଉଜୁଡା ଉଜୁଡା,
ନଦ ନ ଆସିଲେ,
ସପନ କ ଆସେ ଭଲେ ।
ଖୋଲ୍ ଆଖି ରେ ମୁଁ, ସପନ ବୁଣଇ,
ଭ୍ବନା ରେ ମୋର,
ତୁମ ଛବି ଭ୍ବି ଭ୍ବି,
ଦିନ ସପନ ମୋ, ତୁଟି ଯାଏ ପ୍ରୀୟ,
ମନେ ମନେ ମୋର,
ଆଙ୍କୁଛି ତୁମର ଛବି ।

ସବୁ କଛି ଅଛି, ଏଇଠାରେ ପ୍ରୀୟ,
ତୁମେ ନାହଁ ପାଖେ,
ଘର ଲ୍ଗେ ଖାଲି ଖାଲି,
ଜରିଜନ ଲ୍ଗେ, ତୁମ ଡାକ ବିନା,
ଟିକଏ ଶବଦେ,
ଚମକଇ ଆଖି ମେଲି ।
ଗୁଣୁ ଗୁଣୁ ଗୀତ, ଭୁଲି ସାରିଲିଣି,
ମନେ ପଡେ ନାହିଁ,
କେଉଁ ସଙ୍ଗୀତ ର ସୁର,
କ ଗ୍ରେ ଗାଇବି, ଅନୁଗ୍ରଗ ବିନା,
ତୁମ ବିନା ଶୁନ୍ୟ,
ମୋ ପାଇଁ ସାଗ୍ ସଂସାର ।

ସେକ୍ଟର- ୯, ପକେଟ୍- ୪,
ନରେଲା, ଦିଲ୍ଲୀ

# ଭିକାରି



ସୁବଳ ମହାପାତ୍ର

ଅହମଦାବାଦ- ପୁରୀ ଏକ୍ସପ୍ରେସ ଅନଗୁଳ ଷ୍ଟେସନ ରେ ପହଁଚଲା । ରାତି ପ୍ରାୟ ୩.୫୦ । ଶୀତ ରାତି ଯୋଗୁଁ ଷ୍ଟେସନ ଟା ଘୁମେଇ ପଡିଥାଏ । ରାହୁଲ ଅହମଦାବାଦ ରୁ ଗାଁକୁ ଆସିଥାଏ । ଶୀତ ଦିନ । ଏ.ସି. ରେ ଟିକେଟ ନ ମିଳବାରୁ ସ୍ଲିପର ରେ ସିଟ୍ କରିଥାଏ । ଶୀତ ଅସମ୍ଭାଳ । ଏତେ ଶୀତରେ ତା ଦେହ ହାତ ଥରି ଯାଉଥାଏ । ଆସ୍ତେ ଆସ୍ତେ ବ୍ୟାଗ ଧରି ସେ ଏକ ନମ୍ବର ପ୍ଲାଟଫର୍ମ ଆଡେ ପାଦ ବଢେଇଲା । ପ୍ଲାଟଫର୍ମ କୁ ଆସୁ ଆସୁ ଗୋଟେ ଛୋଟ ଝିଅ ଉପରେ ତା ଆଖି ପଡିଗଲା । ବୟସ ପ୍ରାୟ ୫- ୬ ବର୍ଷ ହେବ । କୁଙ୍କୁଣୀ- କାଙ୍କୁଣୀ ହୋଇ କାନ୍ଥକୁ ଲାଗି ଶୋଇଥାଏ ।      ଫ୍ରକ ତାର ପୁରା ଶରୀରକୁ ଘୋଡାଇବାକୁ ସକ୍ଷମ ନଥିଲା । ଉପରେ ଗୋଟେ ଛିଣ୍ଡା କନ୍ଥା । ଏତେ ଜାଗାରୁ ଚିରା ଯେ ଶୀତ କୁ ବି ଲାଜ ଲାଗିବ । ପାଖରେ ଗୋଟେ ବୁଜୁଳୀ । ତା ଉପରେ ମୁଣ୍ଡ ଦେଇ ସେ ଶୋଇଥାଏ । ଗୋଡ ବାହାରକୁ ବାହାରିଥାଏ ଆଉ ନଦରେ ବି ସେ ଗୋଡ ଦୁଇଟିକୁ ଘୋଡେଇବାକୁ ବୃଥା ପ୍ରୟାସ କରୁଥାଏ । ପାଖରେ ଆଉ କେହି ନଥାନ୍ତି । ଶୀତ ବହୁତ ହେଉଥାଏ । କିଛି ଲୋକ ଦୂରରେ ନିଆଁ ପୂହିଁ ହେଉଥାନ୍ତି । ରାହୁଲ କୁ ଟିକେ ଅଜବ ଲାଗିଲା । ଏକୁଟିଆ ଝିଅଟି ଶୋଇଛି, ପାଖରେ କେହି ବି ନାହାନ୍ତି । ପୁଣି ଏତେ ଶୀତ ଯେ, ଜ୍ୟାକେଟ, ମଫଲର, ହାତରେ ଗ୍ଲୋବ୍ସ ପିନ୍ଧିକି ବି ସେ ଥରି ଯାଉଛି । କେମିତିଆ ବାପା ମା କେଜାଣି, ଛୋଟ ଝିଅଟିକୁ ଏକୁଟିଆ ଛାଡି ଦେଉଛନ୍ତି । ସେ ତା ପାଖରେ ଥିବା ମିଲିଟାରୀ କମ୍ବଳଟା ଦେଇ ଦବ ବୋଲି ଭାବିଲା । ସେମିତିବି ୫ ବର୍ଷ ତଳେ ସେ କମ୍ବଳଟା ନେଇ କି ସେ ଅହମଦାବାଦ ଯାଇଥିଲା । ଏବେ ଭଲ ମୁଲାୟମ କମ୍ବଳ ଅଛି ତା ପାଖରେ । ଏଇଟାରେ କିଛି କାମ ନାହିଁ । ଶୀତ ରାତି, ଟ୍ରେନ ରେ ସିଟ ଉପରେ ପକେଇଲେ ଉଷୁମ ଲାଗିବ ବୋଲି ଭାବି ସେ ନେଇ କି ଆସିଥିଲା । ଝିଅଟିକୁ ଦେଖି ଦୟା ଲାଗିଲା । ଘରକୁ ନେଲେ ମା କାହାକୁ ଗୋଟେ ଦେଇଦେବେ ନହେଲେ କନ୍ଥା ରେ ସିଲେଇ କରି ଦେବେ । ତା ଠୁ ଭଲ ଝିଅଟି ହେଲେ ଶୀତରୁ ରକ୍ଷା ପାଇବ ।

କମ୍ବଳଟି କାଢି ଝିଅ ଉପରେ ପକାଇବା କ୍ଷଣି ଭିକାରିଟେ କେଉଁଠି ଥିଲା, "ମୋ ଝିଅ, ମୋ ଝିଅ" କହି ଧାଇଁ ଆସିଲା । ଭିକାରିକୁ ଦେଖି ରାହୁଲ ଟିକେ ଘୁଞ୍ଚିଗଲା ଆଉ ଭିକାରିଟିକୁ ଦେଖିବାକୁ ଲାଗିଲା । ମନେ ମନେ ଭାବିଲା  "ୟେ ପିଲା ରାମୁର ନୁହେଁ ତ"? ଏବେ କେତେ ଯେ

ପିଲା ଚୋର ବୁଲୁଛନ୍ତି । ନିଶା ଦେଇ ଛୋଟ ଛୁଆଙ୍କୁ ଶୁଆଇ ଦେଉଛନ୍ତି, ତାପରେ ଅଲଗା ଜାଗାକୁ ନେଇ ବିକ୍ରି କରୁଛନ୍ତି । ନିଶ୍ଚୟ ୟେ ପିଲା ଚୋର । ଝିଅଟିକୁ ନିଶା ଦେଇ ଶୁଆଇ ଦେଇଛି । ନହେଲେ ଏତେ ଶୀତରେ, ଖଣ୍ଡେ ମାତ୍ର ଛିଡା କନ୍ଥାରେ କଣ କେହି ଏତେ ନିଦରେ ଶୋଇପାରେ?

ରାହୁଲ ଭିକାରିଟିକୁ ଅବିଶ୍ୱାସ ଭରା ଚାହାଣିରେ ଦେଖିଲା । ଭିକାରି ପରିକା ତ ଲାଗୁଛି । କିନ୍ତୁ ଏ ଝିଅ ଆସିଲା କେଉଁଠୁ? ସେ ଭିକାରିକୁ ପଚାରିଲା, "ଆଚ୍ଛା, ଏ ଝିଅ କଣ ତୋ ନିଜ ଝିଅ? ତା ମା କୁଆଡେ ଗଲା? ସେ ଏତେ ଶୀତରେ ଏଠି ଶୋଇଛି କେମିତି? କେଉଁଠୁ ଆସିଲୁ ଆଉ କେଉଁଠିକୁ ଯିବୁ? " ସତ ସତ କହ ନହେଲେ ଏବେ ପୋଲିସ ଡାକିବି । ସତ କହ କେଉଁଠୁ ଚୋରି କରିଛୁ ଏ ପିଲାକୁ? ଧମକେଇ ପଚାରିଲା ରାହୁଲ । ରାହୁଲର ପାଟି ଶୁଣି ଝିଅଟି ଉଠି ପଡିଲା ଆଉ "ବା'ଆ" ବୋଲି କହି ଭିକାରିକୁ କୁଣ୍ଢେଇ ପକେଇଲା । ପାଟି ଶୁଣି ଝିଅଟି ଡରି ଯାଇଥିଲା । ଭିକାରି କିଛି ନକହିଲେ ବି ରାହୁଲ ବୁଝିଯାଇଥିଲା, ଏ ଝିଅ ଭିକାରିର ନିଜ ଝିଅ । କିନ୍ତୁ କିଛି ଲୋକ ଏପରି ବି ଅଛନ୍ତି, ଛୋଟ ପିଲାଙ୍କୁ ଚୋରି କରି ନିଜର ପରିଚୟ ଦିଅନ୍ତି ଆଉ ବଡ ହେଲାପରେ ତାକୁ ନେଇ ଦଲାଲକୁ ବିକ୍ରି କରନ୍ତି । ପୋଲିସ ଆସିଲେ ବି ଝିଅଟି ଯେହେତୁ ବାପା ଡାକୁଛି, ପୋଲିସ ବି କିଛି କରି ପାରିବନି । ତେଣୁ ସେ ଆଉ କିଛି ପ୍ଲାନ କଲେ ସତଟା ଜାଣି ହେବ ।

ଭିକାରି, ଝିଅଟିକୁ କୋଳରେ ପୁରେଇ କହିଲା, "ନାଇଁ ଆଜ୍ଞା, ୟେ ମୋ ଝିଅ । ମୁଁ କେଉଁଠୁ ଚୋରି କରିନି ।

ଭିକାରି ଆଉ ତା ଝିଅ ଆଖିରେ ଲୁହ ଦେଖି ରାହୁଲ ଟିକେ ତରଳି ଗଲା ।

ରାହୁଲ - - ତା' ମା କୁଆଡେ ଗଲା?

ଭିକାରି – ମରି ଯାଇଛି ।

ରାହୁଲ – କେମିତି?

ଭିକାରୀ – ଘର ପୋଡିରେ ତା ମା ମରିଗଲା ।

ରାହୁଲ – କେବେ ହେଲା ଘର ପୋଡି?

ଭିକାରି – ମାସେ ହେଲାଣି ।

ରାହୁଲ – ସେବେଠୁ, ଏ ଷ୍ଟେସନରେ ରହୁଛୁ?

ଭିକାରି – ହଁ!

ରାହୁଲ – ଘର କେମିତି ପୋଡିଲା?

ଭିକାରି – କେହି ଜଣେ ଆସି ନିଆଁ ଲଗେଇ ଦେଲା । ଆମେ ସବୁ ଶୋଇଥିଲୁ । ଝିଅକୁ ବାହାରକୁ ଫିଙ୍ଗି ଦେଲି, ସେ ବଞ୍ଚିଗଲା । ମୋର ହାତ ଆଉ ଗୋଡ ଖଣ୍ଡେ ଖଣ୍ଡେ ଜାଗାରୁ ପୋଡି ଯାଇଛି । ସେ ଘୋଡି ହୋଇଥିବା କୋଚଟା ଗାମୁଛା କାଢି ହାତ ଆଉ ଗୋଡ ଦେଖେଇଲା । ( ଗୋଡ ଆଉ ହାତରେ ପୋଡା ଦାଗ, ଏବେ ବି ଶୁଖି ନଥିଲା) ସ୍ତ୍ରୀ ଭିତରେ ପୋଡି ହେଇଗଲା । ଡାକ୍ତରଖାନାରେ ଦି ଦିନ ପଡିଲା, ତା ପରେ ମରିଗଲା ।

ସେ ଏମିତି କହିଲା ଯେମିତି କ ତା'ର କଛି ଅନୁଶୋଚନା ନାହିଁ କମ୍ବା କାନ୍ଦି କାନ୍ଦି ଆଖିର ଲୁହ ସବୁ ଶୁଖି ଗଲାଣି, ଆଉ ଲୁହ ନାହିଁ ବାହାରିବାକୁ । ଏବେ କେବଳ ଗୋଟିଏ ଚନ୍ତା, ଝିଅକୁ କେମିତି ପୋଷିବ ।

ରାହୁଲ – ଦେଖିବାକୁ ତ ଠିକ ଠାକ ଅଛୁ, ଭିକ ମାଗିବାକୁ ଲାଜ ଲାଗେନ?

ଭିକାରି – ଲାଜ କାହିଁକ ଲାଗିବ? ସମସ୍ତେ ତ ଭିକାରି । ମନ୍ଦିର ରେ ତିନ ଜଣ ଭିକାରି ଭିକ ମାଗନ୍ତି । ଆମେ ଭିକାରି ଦଳ ବାହାରେ ଭିକ ମାଗୁ, ଧନୀ ଲୋକମାନେ ମନ୍ଦିର ଭିତରେ ଭଗବାନଙ୍କଠୁ ଭିକ ମାଗନ୍ତି ଆଉ ପଣ୍ଡାମାନେ ଲୋକଙ୍କଠୁ ଭିକ ମାଗନ୍ତି ।

ରାହୁଲ – ଏବେ ତ ସରକାର କେତେ ଯୋଜନା କଲେଣି, ଟଙ୍କାକଆ ଚାଉଳ, ଆହାର କେନ୍ଦ୍ର ଆହୁରି କେତେ କ'ଣ । ଭିକ ନମାଗି କଛି କାମଦାମ କଲେ ଚଳନ୍ତାନି?

ଭିକାରି – ଆମର ଆଜ୍ଞା କଣ କାର୍ଡ ଅଛି ଯେ ମିଳବ ଟଙ୍କାକଆ ଚାଉଳ? କଏ ଦବ ଆମକୁ କାର୍ଡ? ନାଁ ଘର ଅଛି ନାଁ ଗାଁ ।

( ରାହୁଲ ଟିକେ ଭାବନାରେ ପଡିଗଲା । ସେମିତି ବି ଟଙ୍କାକଆ ଚାଉଳ ନେଇ ଲୋକମାନେ କରୁଛନ୍ତି କ'ଣ । ୩୦ ଟଙ୍କାରେ ୩୦ କଲୋ ଚାଉଳ କଣିଲେ । ଘରପାଇଁ ୧୫ କଲୋ ରଖି ୧୫ କଲୋ, କଲୋ ପ୍ରତି ୩୦ ଟଙ୍କା ଦରରେ ବିକ୍ରି କଲେ । ବାସ, ମାସ ଯାକର ତେଲ, ଲୁଣ ପଇସା ହେଇଗଲା । ବାଡିରୁ ପନ୍ଦ ଫୁଲ ପରି କଛି ମିଳଗଲା ତରକାରୀ ଆଉ ଭଜା ପାଇଁ । ଦିନେ ଖଟିଲେ ମାସ ଯାକର ମଦ ଖର୍ଚ୍ଚ ଚଳଲା । ପୁଣି ଆର ମାସପାଇଁ ୩୦ ଦିନରେ ପିଇଥିବା ୩୦ଟା ବୋତଲ ବିକ୍ରି କଲେ, ୩୦ ଟଙ୍କା ମିଳଯିବ । ପୁଣି ଚାଉଳ ୩୦ କଲୋ ଆସିଯିବ । ସେଥିପାଇଁ ତ ଆଜିକାଲି କାମ କରିବା ପାଇଁ ମୁଲିଆ ମିଳୁ ନାହାନ୍ତି । ଘରକାମ ପାଇଁ ମୁଲିଆ ନାହାନ୍ତି । ଚାଷବାସ ପାଇଁ ମୁଲିଆ ନାହାନ୍ତି । ସେଥିରେ ପୁଣି ସରକାର ସେମାନଙ୍କର ଦିନକଆ ଭଡା ବଢେଇ ୩୦୦ କଲେଣି । ଏଠି ପିଲା ଇଞ୍ଜିନିଅରିଂ କରିସାରି ଦରମା ପାଉଛନ୍ତି ଟଙ୍କା ୩୦୦୦ ମାସକୁ । କନ୍ତୁ ମୁଲିଆ ପାଉଛି ୯୦୦୦)

ରାହୁଲର ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଭିକାରି କହିଲା – ଆହାର କେନ୍ଦର ( କେନ୍ଦ୍ର) କଥା କୁହନ୍ତୁନ ଆଜ୍ଞା! ସବୁ ପ୍ରହସନ । ସେଠି ଗରିବ କମ, ବାବୁ ବେଶୀ ଆସୁଛନ୍ତି ଖାଇବାକୁ ।

ନୁକ ( ଲୋକ)  ତ ପାଖ ହୋଟେଲରୁ ଅଣ୍ଡା କମ୍ବା ମାଛ ଧରି ଆସି ଆହାର କେନ୍ଦ୍ରରୁ ଭାତ ଡାଲି ଆଣି ଖାଉଛନ୍ତି । କେହି କେହି ତ କାରରେ ଆସୁଛନ୍ତି, କାରକୁ କଛି ଦୂରରେ ରଖିଦେଇ, କେନ୍ଦର ( କେନ୍ଦ୍ର) ରେ ଖାଇ କ ପୁଣି କାର ରେ ବସିକ ପଳାଉଛନ୍ତି । ସେଠି ଆମକୁ ପଗୃରେ କଏ?  ଗଲେ ଦୂର ଦୂର, ମାର ମାର କରୁଛନ୍ତି ।

ଗ୍ହୁଲ ଭ୍ବିଲ୍ ସେମିତି ବି ଏବେ ଗ୍ତି ଅଛି । ଘରେ ସମସ୍ତେ ଶୋଇଥିବେ । ପାହାନ୍ତିଆରୁ କାହିଁକ ଘର ଲୋ୍କଙ୍କୁ ହଇଗ୍ଣ କରିବ, ସକାଳ ହେଉ, ଯିବ ଘରକୁ । ସେତିକ ସମୟ ୟା ସହ କଥା ହେଇ କାଟି ହେବ । ଏହା ଭ୍ବି ଗ୍ହୁଲ ତାକୁ ପଗ୍ରିଲ୍-

ଗ୍ହୁଲ – ଆଛା, ତୋ ଘର କେଉଁଠି ଆଉ ତୁ ଏଠିକୁ ଆସିଲୁ କେମିତି?

ଭିକାରି – ସେ ବହୁତ କଥା ଆଜ୍ଞା!

ଗ୍ହୁଲ – ତୁ କଣ ଭିକାରି ହେଇ ଜନ୍ମ ହେଇଥିଲୁ ନାଁ କଏ ତୋତେ ଭିକାରି କଲ୍?

ଭିକାରି କହିବାକୁ ଆରମ୍ଭ କଲ୍, "ନାଁ, ନାଁ, ମୋ ଘର ଗାଁ ରେ । ଭ୍ଇ ଭଉଣୀ ଆମେ ପାଞ୍ଚ ଜଣ । ଦୁଇ ଭ୍ଇ ଆଉ ତିନ ଭଉଣୀ । ବାପା ଗ୍ଷ କରନ୍ତି । ଭଲରେ ଭଲରେ ଗ୍ଲୁଥିଲ୍ ଆମ ସଂସାର । ମୁଁ ସପ୍ତମ ଯାଏ ପାଠ ପଢିଛି । ସପ୍ତମରେ ପଢିଲ୍ବେଳେ ସ୍କୁଲକୁ ଛଉ ଡାକ୍ତର ଆସି ପରୀକ୍ଷା କରି କହିଲେ, ମୁଁ କୁଆଡେ କୁଷ୍ଠ ରୋ୍ଗୀ । ମୋ ହାତରେ ସେତେବେଳେ ଗୋଟେ ଧଳା ଛଉ ହୋଇଥାଏ । ଗାଁର ପୁରୁଖା ଲୋ୍କ କହୁଥିଲେ ସେଟା କୁଆଡେ ବୟସ ଛଉ । ଆପେ ଗ୍ଲିଯିବ । ମୋ ମା କେତେ ଜାଗାରୁ କେତେ ଔଷଧ ଆଣି ଦେଲ୍ ଖାଇବାକୁ, ଲଗେଇବାକୁ । ଶିବଙ୍କ ଛଡା ଫୁଲ, ପାଦୁକ, କେତେକଣ ଲଗେଇଲ୍, କନ୍ତୁ ଫଳ କଛି ହେଲ୍ନାହିଁ । ଡାକ୍ତରଙ୍କ କହିବା ପରେ ସମସ୍ତେ ବିଶ୍ବାସ କଲେ ମୁଁ କୁଷ୍ଠରୋ୍ଗୀ । ଗାଁ ରେ ନଶାପ ହେଲ୍ । ମୋତେ ଗାଁ ଛାଡି ଗ୍ଲିଯିବାକୁ କୁହାଗଲ୍ । ନହେଲେ ଆମ ପରିବାରକୁ ବାଛନ୍ଦ କଗ୍ଯିବ । ମା' ତ କାନ୍ଦିକାଟି ଗଡୁଥାଏ । ବାପା, ଆଉ ଗ୍ରିଜଣ ପିଲ୍ଙ୍କ ମୁହଁକୁ ଗ୍ହିଁ ମୋତେ ଘର ଛାଡି ଗ୍ଲିଯିବାକୁ କହିଲେ ନହେଲେ କୁଆଡେ ମୋ ଭଉଣୀମାନେ ବାହା ହେଇ ପାରିବେନ । ବାରବର୍ଷ ବୟସର ପିଲ୍ଟା କୁଆଡେ ଯିବ ଆଜ୍ଞା । ( ତା ଆଖିରେ ଲୁହ ଟଳ ଟଳ କରୁଥାଏ) କନ୍ତୁ ବାପା ମା, ଭ୍ଇ ଭଉଣୀଙ୍କ ମୁହଁକୁ ଗ୍ହିଁ ମୁଁ ଘର ଛାଡିଲି ।

ଗ୍ଲି ଗ୍ଲି, ଦି ଦିନ କାଳ ନଖାଇ ନପିଇ, କାନ୍ଦି କାନ୍ଦି ମୋ ମୁହଁ ହାତ ଫୁଲି ଯାଇଥାଏ । ମୁଁ ଆସି ପହଞ୍ଚିଲି ଏଇ ଅନୁଗୁଳର ଜଗନ୍ନାଥ ମନ୍ଦିରରେ । ଭୋ୍କରେ ପେଟ ଜଳୁଥାଏ । ଦିନ ପ୍ରାୟ ତିନଟା ହେବ । ଜଗନ୍ନାଥଙ୍କ ଅବଢା ଆଉ ମା ବୁଢୀ ଠାକୁଗ୍ଣୀଙ୍କ ପାଖରେ ହେଉଥିବା ଭୋ୍ଗ ବଳଗଲେ, ସେମାନେ ଭିକାରିମାନଙ୍କୁ ଦେଇ ଦିଅନ୍ତି । କଛି ଭିକାରି ଖାଇ ବସିଥାନ୍ତି । ଭୋ୍କରେ ମୋତେ କଛି ଦେଖା ଯାଉ ନଥାଏ । ସମସ୍ତେ ନଜ ନଜ ଠୁ ଛଡେଇ ଖାଉଥାନ୍ତି ।

ଭୋକ ହେଉଥିଲେ ବି ଭିକାରିମାନଙ୍କ ସହ ବସି ଖାଇବାକୁ ମୋତେ ଲାଜ ଲାଗିଲା । ମୁଁ କଛି ଦୂରରେ ଠିଆ ହୋଇ ତାଙ୍କ ଖାଦ୍ୟ ଆଡେ ଚାହିଁଥାଏ । କଛି ଦୂରରେ ଗୋଟେ ପାଗେଳୀ ଆଉ ତା କୁନ ଝିଅ ବସି ଖାଉଥାନ୍ତି । ପାଗେଳୀ କଣ ଭାବିଲା କେଜାଣି ତା ଖାଇବା ଗିନା ଧରି ମୋ ପାଖକୁ ଆସିଲା ଆଉ ତା ହାତରେ କଛି ଖାଦ୍ୟ ଧରି ମୋରେ ଖୁଆଇଦେଲା । ମୁଁ ଏତେ ଭୋକରେ ଥିଲି ଯେ କେତେବେଳେ ତା ହାତରୁ ମୁଁ ଖାଦ୍ୟ ଖାଇ ସାରିଥିଲି ମୁଁ ବି ଜାଣିନ । ସେଇ ଦିନଠୁ ମୁଁ ବି ଭିକାରି ଦଳରେ ସାମିଲ ହୋଇଗଲି ।

( ଭିକାରିର ଝିଅଟି ଭିକାରି କୋଳରେ ଢୁଳାଉଥିଲା) ତେଣୁ ଭିକାରିଟି ଝିଅକୁ ଶୁଏଇ ଦେଲା । ଆଉ ରାହୁଲ ଦେଇଥିବା କମ୍ବଳଟି ତା ଉପରେ ଘୋଡେଇ ଦେଲା । ରାହୁଲ ବି ପାହାଚରେ ବସି ପଡିଲା ଆଉ ଭିକାରିଠୁ ଅଧିକ କଛି ଜାଣିବାକୁ ଚାହିଁଲା ।)

ରାହୁଲ – କନ୍ତୁ ତୋ ଠି ତ କୁଷ୍ଠ ରୋଗୀର କୌଣସି ଲକ୍ଷଣ ଦେଖା ଯାଉନ?

ଭିକାରି – ହଁ ଆଜ୍ଞା, ମୁଁ ବି ଆଶ୍ଚର୍ଯ୍ୟ ହେଲି ଜେତେବେଳେ ମୋ ଠି କଛି ବି ଲକ୍ଷଣ ଦେଖାଗଲା ନାହିଁ । ଏଠି ମନ୍ଦିର ଆଗରେ କେତେ କୁଷ୍ଠରୋଗୀ ଅଛନ୍ତି । ସେମାନଙ୍କ ହାତ ଗୋଡର ଆଙ୍ଗୁଠି ଛିଡି ଛିଡି ଯାଏ ଆଉ ସେମାନେ ରକ୍ତ ପୂଜକୁ ପୋଛି ଆଙ୍ଗୁଠିରେ କନା ବାନ୍ଧି ରୁହନ୍ତି । ମୋ ଠି କୌଣସି ଲକ୍ଷଣ ଦେଖା ନଯିବାରୁ ଥରେ ସାହସ କରି ଜଣେ ଡାକ୍ତରଙ୍କୁ ଦେଖେଇଲି, ସେ କହିଲେ ମୁଁ କୁଷ୍ଠରୋଗୀ ନୁହେଁ । ଏଇଟା ଗୋଟେ ବୟସ ଛଉ । ତା ପରେ ଖୁସି ହୋଇ ଗାଁ କୁ ଗଲି । କନ୍ତୁ ଗାଁ ରେ ମୋରେ ପୂରେଇଲେନ, କାରଣ ମୁଁ ଭିକାରି ହୋଇସାରିଥିଲି । ବାପା, ବାଡି ଧରି ମାରିବାକୁ ଗୋଡେଇଲେ । ମା ଗୋଟେ ଚେପା ଟୁଲା କଂସାରେ ଭାତ ଗଣ୍ଡେ ବାଢିଦେଲା ଆଉ କଂସାକୁ ଭିକାରୀଙ୍କୁ ଖାଇବାକୁ ଦେଲାପରି ଆଡେଇଦେଲା । ନଖାଇ ଫେରି ଆସିଲି, ସେଇଦିନୁ ଆଉ ଗାଁକୁ ଯାଇନ । ଜଣେ ଡାକ୍ତରଙ୍କ ଗୋଟିଏ ଭୁଲ କଥା ମୋ ଜୀବନକୁ ବରବାଦ କରିଦେଲା ଆଜ୍ଞା! ”

ରାହୁଲ – ଆଛା, ତୁ ଭିକାରି ଦଳରେ ସାମିଲ ହେଲୁ, ତା' ପରେ? ରାହୁଲ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

ଭିକାରି – ପାଗେଳୀ ବୁଢୀ, ତା ଝିଅ କୁ ଆଉ ମୋତେ ନଜ ଛୁଆପରି ପାଳିବାକୁ ଲାଗିଲା । ମୁଁ ବି ଜଗନ୍ନାଥ ମନ୍ଦିର ଆଗରେ ବସି ଭିକ ମାଗିବାକୁ ଲାଗିଲି । ଆସ୍ତେ ଆସ୍ତେ ମୁଁ ପାଗେଳୀକୁ ମୋ ମା ପରି ଦେଖିବାକୁ ଲାଗିଲି । ଆମେ ସେଇ ମନ୍ଦିରରେ ବସି ଭିକ ମାଗୁ, ମନ୍ଦିରରେ ଖାଉ ଆଉ ସେଇଠି ଶୋଇପଡୁ । ନା ଘର ଥାଏ ନା ଜାଗା । ଯିଏ ଆଗ ଗାମୁଛା ପକାଇଲା ସେ ଜାଗା ତା'ର, ଗୋଟେ ରାତି ପାଇଁ । ଏମିତି ଚାଲିଥାଏ ଜୀବନ । ସମୟକ୍ରମରେ ଜାଣିବାକୁ ପାଇଲି ଯେ, ଏ ଝିଅ ବି ପାଗେଳୀର ନୁହଁ । ଅବାଂଛିତ ପିଲାଟିକୁ କେହି ଜଣେ ରାସ୍ତା କଡରେ

ଫିଙ୍ଗି ଦେଇ ଯାଇଥିଲା । ବୁଢୀ ତାକୁ ପାଳଛି ୭ ବର୍ଷ ହେଲା । କଛି ବର୍ଷ ପରେ ବୁଢୀ ମରିଗଲା । ବୁଢୀର ଝିଅ ଆଉ ମୁଁ ରହିଲୁ । ଆମେ ଦି ଜଣ ଭଲ ସାଙ୍ଗ ହେଇଗଲୁ । ଅନ୍ୟ ଭିକାରିମାନେ ଆମକୁ ଅଲଗା କରିଦେଲେ । ଆମେ ଏକାଠି ଭିକମାଗୁ, ଏକାଠି ଖାଉ, ଏକାଠି ଶୋଉ । ସେତେବେଳେ ଦୁଇଜଣ ଯାକ ଯୌବନରେ ପହଞ୍ଚିଥାଉ । ସେ ମୋ ପାଇଁ ବଞ୍ଚେ ଆଉ ମୁଁ ତା ପାଇଁ । ମନ୍ଦିରରୁ ଡାଲି, ତରକାରୀ ମିଳଲେ ସେ ମୋ ପାଇଁ ଆଣେ ଆଉ ମୁଁ ତା ପାଇଁ । ଆଉ କେହି ତ କଥା ବି ହୁଅନ୍ତିନ । ଆମେ ଦି ଜଣ ଆମ ଦୁନଆଁରେ ଥାଉ । ଆସ୍ତେ ଆସ୍ତେ ଆଜ୍ଞା ତାକୁ ଭଲ ପାଇ ବସିଲି । ସେ ବି ମୋତେ ।

( ରାହୁଲ ମନେମନେ ଭାବିଲା, ଭିକାରି ହେଇ ପ୍ରେମ!! ବାଃ...)

ଭିକାରି କହି ଚାଲିଥାଏ, ଦୁନଆଁ ରେ ଆମ ଦି ଜଣଙ୍କୁ ଛାଡିଦେଲେ ଆଉ କେହି ନଥିଲେ ଆମ ପାଇଁ । କାହାକୁ କହିବୁ କାହାକୁ ପଚାରିବୁ? ସପ୍ତମ ଶ୍ରେଣୀରେ ସାର୍ କହିଥିଲେ, ଗୋଟେ ଭଲ ସାଙ୍ଗେ ଗୋଟେ ପାଠାଗାର ସହ ସମାନ । ସେଥିପାଇଁ ମୁଁ ମୋର ସବୁଠୁ ଭଲ ସାଙ୍ଗ ଆଉ ଗୋଟିଏ ବୋଲି ସାଙ୍ଗକୁ ବାହା ହେଇ ପଡିଲି ।

ରାହୁଲ – ତମେ ତେବେ ବାହା ହେଇଛ? କେଉଁଠି? ସେଇ ମନ୍ଦିରରେ?

ଭିକାରି – ଭିକାରିର ବାହାଘର କ'ଣ ଆଜ୍ଞା! ଆମକୁ ମନ୍ଦିରରେ କଏ ପୁରେଇବ? ଦି ଜଣ ଏକାଠି ରହିଲୁ । ଯୌବନ ଆଜ୍ଞା, କଛି ଦେଖେନ । ସେ ମୋତେ ଆଉ ମୁଁ ତାକୁ ଭରସା କଲି, ବାସ୍, ଆଉ କଣ ଦରକାର? ମୋତେ ଆଉ ମନ୍ଦିର ବେଢାରେ ରହିବାକୁ ଭଲ ଲାଗିଲା ନାହିଁ । ମୁଁ କାଠ, ବାଉଁଶ, ଭଙ୍ଗା ଟିଣ, ପଲିଥିନ ସବୁ ସଂଗ୍ରହ କରି ମନ୍ଦିର ବାହାରେ ନାରଣସାଗର ପାଖରେ ଥିବା ଗୋଟେ ସରକାରୀ ଜାଗାରେ ମୁଣ୍ଡ ଗୁଞ୍ଜି ରହିବା ପାଇଁ ବଖୁରିଆ ନୁଆଁଣିଆ ଘରଟିଏ ବାନ୍ଧିଲି । ସେଠାରେ ରହିଲୁ ଆମେ । କଛିଦିନ ପରେ ସେ ମା ହେଲା । ସେଇ ଘରଟି ରେ ସେ ଏଇ ଝିଅଟିକୁ ଜନ୍ମ ଦେଲା । ବାପା ମା ଛୁଆ ତିନଜଣ ରହିଲୁ ସେଠି । ମନ୍ଦିର ଆଗରୁ ଭିକ ମଗା ପଇସା ନ ଅଣ୍ଟିବାରୁ ମୁଁ ବାହାର ଗାଁକୁ ଭିକ ମାଗି ଯାଏ ଆଉ ମୋ ସ୍ତ୍ରୀ ଆଉ ଝିଅ ମନ୍ଦିର ଆଗରେ ଭିକ ମାଗନ୍ତି ।

ଭିକାରି ପାଖରେ ଥିବା ମଳଛିଆ ବୋତଲରୁ ପାଣି ମୁନ୍ଦେ ପିଇଲା ଆଉ ପୁଣି ଥରେ କହି ଚାଲିଲା, "ଭଲରେ ଭଲରେ ଚାଲିଥିଲା ଆଜ୍ଞା, ଆସ୍ତେ ଆସ୍ତେ ମୁଁ ପୁରୁଣା ସାଇକଲ ଖଣ୍ଡେ ଟଙ୍କା ଦୁଇଶହ ଦେଇ କଣିଲି ଆଉ ଦୂର ଗାଁ କୁ ଭିକ ମାଗିବାକୁ ଗଲି । ଝିଅ ଆଜ୍ଞା ବଡ ହେଉଥାଏ । ବଡ ଆଶା ଥାଏ, ତାକୁ ପାଠ ପଢେଇବି । ସେଥିପାଇଁ ବେଶୀ ବେଶୀ ପରିଶ୍ରମ କଲି । ସାଇକଲ ରେ ଗୋଟେ ଗୋଟେ ଦିନରେ ଦୁଇ- ତିନଟା ଗାଁରେ ବୁଲି ଭିକ ମାଗେ । ଝିଅକୁ ଘରି

ବର୍ଷ ହେଲା ପରେ ଗୋଟେ ସ୍କୁଲ ରେ ତା ନାଁ ଲେଖେଇ ଦେଲି । ଝିଅ ପ୍ରଥମରେ ପଢୁଛି ଆଜ୍ଞା ।

ରାହୁଲ – ହେଲେ ତମ ଘର କେମିତି ପୋଡିଲା?

ଭିକାରି – ସେଦିନ ରାତିରେ କିଛି ଲୋକ ପୋଖରୀରୁ ମାଛ ଚୋରି କରିବାକୁ ଆସିଲେ । ଯାହା ମା, ବାହାରକୁ ପରିସ୍ରା ଆସିଥାଏ । ସେ ଲୋକମାନଙ୍କୁ ଦେଖିଦେଲା । ସେ ଲୋକମାନେ ବି ତାକୁ ଦେଖିଲେ । କାଳେ ସକାଳୁ କାହାକୁ କହିଦେବ, ସେଥିପାଇଁ ରାତିରେ ହିଁ ମୋ ଘରେ ନିଆଁ ଲଗେଇ ଦେଲେ । ମୋ ସ୍ତ୍ରୀ ପୋଡି ହେଇଗଲା ବେଳେ ସେଇ ଲୋକମାନଙ୍କୁ ହିଁ ସମ୍ଭୁ ( ଗାଳି କରିବା) ଥିଲା । ପରେ ଡାକ୍ତରଖାନାରେ ବି ସେକଥା କହିଲା । ଦି ଦିନ ପରେ ବୁଢୀ ମରିଗଲା ଆଜ୍ଞା । ସେଇଦିନୁ ଆମେ ଦି ଜଣ ଏଠିକି ପଳେଇ ଆସିଲୁ । କହିସାରି ଭିକାରିଟି ଲୁହ ପୋଛିଲା ।

ହଠାତ୍ ରାହୁଲର ମୋବାଇଲ ରିଙ୍ଗ ହେଲା । ସକାଳ ହୋଇ ସାରିଥିଲା । ରାହୁଲର ମା ଫୋନ କରିଥିଲେ । ରାହୁଲ ଫୋନ ଉଠେଇ କହିଲା, "ହଁ, ମୁଁ ଷ୍ଟେସନରେ ଅଛି । ବାହାରୁଛି ଏବେ । ଅଧଘଣ୍ଟେରେ ପହଞ୍ଚିବି ଘରେ ।"

ଫୋନଟା ପକେଟରେ ରଖିଲା ବେଳେ ହାତ ସେଗାରେଟ ପ୍ୟାକେଟରେ ବାଜିଲା ।

ରାହୁଲ କହୁ କହୁ କହିଦେଲା – ତୁ ସିଗାରେଟ ଟାଣୁ? ଚାଲ ଯିବା ବାହାରକୁ ।

ଭିକାରି – ସିଗାରେଟ ଟାଣିବାକୁ ପଇସା କୁଆଡୁ ପାଇବି ବାବୁ । ବେଳେ ବେଳେ ବିଡି ଖଣ୍ଡେ ଖଣ୍ଡେ ଟାଣେ ।

ରାହୁଲ – ହଉ ଚାଲ, ଯିବା ବାହାରକୁ ।

ରାହୁଲ ବସିବା ଜାଗାରୁ ଉଠିଲା ଆଉ ତା ବ୍ୟାଗ ଧରି ଆଗେଇଲା । ପଛେ ପଛେ ଭିକାରି ବି ବାହାରକୁ ଆସିଲା । ବାହାରକୁ ଆସି ରାହୁଲ ଖଣ୍ଡେ ସିଗାରେଟରେ ନିଆଁ ଲଗେଇଲା ଆଉ ଭିକାରିକୁ ବି ଗୋଟେ ସିଗାରେଟ ଦେଲା ।

ସିଗାରେଟ ଟାଣିଲା ଭିତରେ ରାହୁଲ ଚିନ୍ତା କରୁଥାଏ, ଯାହାକୁ କିଛି ଟଙ୍କା ସାହାଯ୍ୟ କଲେ ଭଲ ହେବ । ବିଚରା କେତେ କଷ୍ଟରେ ଅଛି । ଝିଅ ପାଇଁ ଫ୍ରକ ଗୋଟେ ବି କିଣି ପାରୁନି । ଖାଇବାକୁ ବି ପଇସା ନାହିଁ ।

ରାହୁଲ ପାଖ ଦୋକାନରୁ କିଛି ପାଉଁରୁଟି ଆଉ ଘୁଗୁନି କିଣି ଝିଅକୁ ଖାଇବା ପାଇଁ ଦେଲା । ନିଜ ପର୍ସ ବାହାର କରି ଦୁଇହଜାର ଟଙ୍କା ତା ହାତରେ ଦେଲା ଆଉ କହିଲା ଆଜି ବଜାରକୁ ଯାଇ,

ଝିଅ ପାଇଁ ଭଲ ଡ୍ରେସ୍ ଗୋଟେ ଦୁଇଟା କିଣି କ ଆଣିବୁ । ଆଉ ତା ପାଇଁ ସାବୁନ ଖଣ୍ଡେ ଆଉ ତେଲ ବି ଆଣିବୁ । ହେଲା!!

ପଇସା ପାଇ ଭିକାରିଟି କାନ୍ଦ କାନ୍ଦ ହୋଇଗଲା । ରାହୁଲ ତା ଆଖିରେ କୃତଜ୍ଞତାର ଅଶ୍ରୁ ଦେଖି ପାରିଲା । ଭିକାରି ହାତ ଯୋଡି ରାହୁଲକୁ ମୁଣ୍ଡିଆ ମାରିଲା । ରାହୁଲ ତା କାନ୍ଧରେ ହାତ ରଖି କହିଲା- "ଥାଉ, ଯା, ଝିଅ ସିଆଡେ ଏକା ଅଛି ।" ଆଉ ଅଟୋ ଧରି ଘରକୁ ବାହାରିଲା ।

ପରଦିନ.....

ରାହୁଲକୁ ଇଛା ହେଲା ଥରେ ଯାଇ ସେ କୁନ ଝିଅ ଟିକେ ଦେଖି ଆସିବ । ନୂଆ ଡ୍ରେସରେ ଝିଅଟି ବହୁତ ସୁନ୍ଦର ଦେଖା ଯାଉଥିବ । ରଜରେ ଝିଅମାନେ ନୂଆ ଡ୍ରେସ ପିନ୍ଧି ଖୁସିରେ କୁରୁଳିଲା ପରି ସେ ବି ଖୁସିରେ ନାଚ ଯାଉଥିବ ।

ସକାଳୁ ସକାଳୁ ସେ ଗାଧୋଇ ପାଧୋଇ, ଡ୍ରେସ ପିନ୍ଧି ବାହାରି ପଡିଲା । ମା କହିଲା, ଚା ଟିକେ ପିଇ ଦେଇ ଯାଆ । ମା'ଙ୍କ ହାତରୁ ଚା କପ ନେଇ ସେ ଚୌକିରେ ବସି ପଡିଲା । ଟି- ପଏ ଉପରେ ପଡିଥିବା ଦୈନିକ ଖବରକାଗଜ ଉପରେ ଟିକେ ଆଖି ବୁଲେଇ ଆଣିବାର ଲୋଭ ସମ୍ବରଣ କରି ନପାରି ଖବରକାଗଜଟିକୁ ଉଠେଇ ଆଣିଲା । ଦ୍ୱିତୀୟ ପୃଷ୍ଠାଟିକୁ ଆଡଉ ଆଡଉ, ତା ଆଖି ଗୋଟେ ଜାଗାରେ ଅଟକି ଗଲା । ଖବରଟିକୁ ସେ ଗୋଟେ ନିଶ୍ୱାସରେ ପଢିଗଲା । ସେଥିରେ ଲେଖାଥିଲା....

[ ଅନୁଗୁଳ ଷ୍ଟେସନରୁ ଲୁଟେରା ଗିରଫ]

"ଅନୁଗୁଳ, ୨୯/ ୧୨, କାଲି ସକାଳୁ ଅନୁଗୁଳ ଷ୍ଟେସନରୁ ଏକ ଲୁଟେରାକୁ ଗିରଫ କରାଯାଇଛି । ଲୁଟେରା ସହ ଗୋଟେ ୫- ୬ ବର୍ଷର ଝିଅକୁ ବି ଉଦ୍ଧାର କରାଯାଇଛି । ଲୁଟେରାର ପ୍ରକୃତ ନାମ ଆଉ ସେ କେଉଁଠିକାର ବାସିନ୍ଦା, ଜାଣିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି । ଛୋଟ ଝିଅଟିକୁ ସେ କେଉଁଠୁ ଚୋରି କରି ଆଣିଥିବା ସନ୍ଦେହ କରାଯାଉଛି । ଝିଅଟିର ନା ରିନୁ ଆଉ ବାପା ନା ମଣ୍ଟୁ ପାଇକରାୟ ବୋଲି ଜଣାପଡିଛି, କିନ୍ତୁ ତା ଗାଁ ବିଷୟରେ ସେ କିଛି କହି ପାରୁନି ।


ସୂଚନା ଯୋଗ୍ୟ ଯେ, ୨୮ ତାରିଖ ସକାଳୁ ଅନୁଗୁଳ ଷ୍ଟେସନ ରେ ପୋଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଗୋଟେ ଝିଅ ମିଲିଟାରୀ କମ୍ବଳ ଘୋଡି ହୋଇ ଏକା ଶୋଇଥିବାର ଦେଖି ପୋଲିସକୁ ସନ୍ଦେହ ହେଲା । ଏ ସମୟରେ ଝିଅଟିର ମୁଣ୍ଡ ତଳେ ଥିବା ଗୋଟେ ବୁଜୁଳିରୁ ମୋବାଇଲ ରିଂ ହେବାର ସାଉଣ୍ଡ ଆସିଲା । ଝିଅଟିକୁ ଉଠେଇଲା ପରେ, ସେ ଏକ ଭିକାରି ର ଝିଅ ପରି ଦେଖା ଯାଉଥିଲା । ଚିରା ଡ୍ରେସ ପିନ୍ଧିଥିଲା । ପୋଲିସକୁ ଦେଖି ହଡବଡେଇ ଯାଇ ସେ କହିଲା ଯେ ସେ ଚୋର ନୁହଁ । ଗୋଟେ ଲୋକ ତାକୁ ଚୋରି କରି ଆଣି

ଭିକ ମାଗିବାକୁ ବାଧ୍ୟ କରୁଛି ଆଉ ତାକୁ ବାପା ନଡାକଲେ ମାରିଦବ ବୋଲି କହିଛି । ପୋଲିସ ଢୁସିଆରରେ ଝିଅକୁ ଛାଡି ସେ ଲୋକକୁ ଅପେକ୍ଷା କରି ପାଖାପାଖି ଜାଗାରେ ଲୁଚ ବସି ରହିଥିଲେ । ଲୋକଟି ଆସିବା କ୍ଷଣି ତାକୁ କାବୁ କରିନେଲେ । ଲୁଟେରା କିଛିଦିନ ହେଲା ଅନୁଗୁଳ ଷ୍ଟେସନକୁ ଆସିଥିଲା । ସେ ରାତିରେ ଯିବା ଆସିବା ଯାତ୍ରୀ ଆଉ ଟ୍ରେନରୁ ଚୋରି କରୁଥିଲା । ଦିନରେ ପୋଡା ଦାଗ ଥିବା ଷ୍ଟିକର ହାତ ଗୋଡରେ ଲଗାଇ ଝିଅ ସହ ଭିକ ମାଗୁଥିଲା । ରାତିରେ ଟ୍ରେନ ରହିବା କ୍ଷଣି ସେ ବଗି ଭିତରେ ପଶି ଶୋଇଥିବା ଯାତ୍ରୀମାନଙ୍କଠାରୁ ପର୍ସ, ମୋବାଇଲ, ସୁନା ଚେନ୍ ଚୋରି କରୁଥିଲା ଆଉ ଟ୍ରେନ ଛାଡିବା ପୂର୍ବରୁ ଓହ୍ଲେଇ ଯାଉଥିଲା । ତା ପାଖରୁ ୧୫ଟି ମୋବାଇଲ, ନଗଦ ୧୭୦୦୦ ଟଙ୍କା, ଦୁଇଟି ସୁନା ଚେନ୍ ଉଦ୍ଧାର କରାଯାଇଛି । ଲୁଟେରାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି ଆଉ ଝିଅଟିକୁ ତା ବାପା ମାଙ୍କ ପରିଚୟ ମିଳବାଯାଏ ମାଳତୀ ଚୌଧୁରୀ ଆଶ୍ରମରେ ରଖିବାର ବ୍ୟବସ୍ଥା କରାଯାଇଛି ।"

ଖବରକାଗଜରେ ଦିଆ ଯାଇଥିବା ଫୋଟୋ ରେ ରାହୁଲର ମିଲିଟାରୀ କମ୍ବଳ ଆଉ ଚାରିଟି ପାଞ୍ଚଶହ ଟଙ୍କିଆ ନୋଟ ରାହୁଲକୁ ମିଳି ମିଳି କରି ଚାହିଁ ରହିଥିଲେ.....

ସେପଟେ ଟି- ପଏ ଉପରେ ରଖା ଯାଇଥିବା ଚା ଥଣ୍ଡା ହେବାରେ ଲାଗିଥିଲା ।

ଗାନ୍ଧୀନଗର, ଗୁଜରାଟ





ହିମାଂଶୁ ଶେଖର ବାରିକ୍

# ବିଶ୍ୱ ଜନନୀ ଚରଣେ

ହେ ବିଶ୍ୱ ଜନନୀ ପାପ ବିନାଶିନୀ ମାତ
ଶ୍ରୀ ଚରଣେ ତୋର କରେ ମୁହିଁ ପ୍ରଣିପାତ
ମୁଁ ଯେ ଅକଞ୍ଚନ ସୁତ
ଜାଣେ ନାହିଁ ଭଲ ମନ୍ଦ ସୁକୃତ ଦୁରିତ ॥
ପାପ ପଙ୍କେ ସ୍ଥିତ ସଦା ମୋହର ଜୀବନ
ତୋର ଉପାସନା ପାଇଁ ବଳେ ନାହିଁ ମନ
ଅଟେ ଅଧମ ଅଜ୍ଞାନ
ଜାଣେ ନାହିଁ ପୂଜା ନ୍ୟାସ ସ୍ତୁତି ସ୍ତବ ଧ୍ୟାନ ॥
ଅନେକ ଉତ୍ତମ ସୁତ ଅଛି ସିନା ତୋର
ଅଧମ ହେଲେ ବି ମୁହିଁ ସନ୍ତାନ ତୋହର
ହୋଇପାରେ କୁସନ୍ତାନ
ହେଲେ ମାତା ତାକୁ କରି ପାରେନା ବର୍ଜନ ॥
କ୍ଷୁଧା ତୃଷା ହେଲେ ଆସେ ଜନନୀର କୋଳ
ଆକୁଳେ ପୁତ୍ରର ମାତା ହୁଅଇ ବ୍ୟାକୁଳ
ଅବୋଧ ବାଳକ ମୁହିଁ
ବିପଦେ ପଡି ତୋ ପାଦେ ଆସିଅଛି ଧାଇଁ ॥
କରୁଣା ବାରିଧି ବୋଲି ଜଗତରେ ଖ୍ୟାତ
ତ୍ୟାଗ କରିବୁନି ଜାଣେ ହେଲେ ବି ପତିତ
ଶରଣ ଦେବୁ ଚରଣେ
ସଦା ଆନନ୍ଦିତ ହେବି ତୋର ଦରଶନେ ॥
ଲୋଡା ନାହିଁ ମୋର ସୁଖ ଧନ ବଇଭବ
ବିଜ୍ଞାନ ପାଣ୍ଡିତ୍ୟ ମୋକ୍ଷ ଅବା ଇନ୍ଦ୍ରପଦ
ଏତିକ ମାଗୁଣି ମାତ
ତୋର ନାମ ସୁମିରଣେ ମନ ରହୁ ରତ ॥

ସୁମଧୁର କଣ୍ଠେ କରେ ଦିବ୍ୟ ପ୍ରବଚନ
ଘାତକ ଯେବେ ତୋ ନାମ କରଇ ଶ୍ରବଣ
କର୍ଣ୍ଣେ ଶୁଣି ନସ୍ୱ ଜନ
ଅଚିରେ ହୁଅଇ ମହାସୁଖୀ ଧନବାନ ॥
କରଇ ଯିଏ ତୋହର ମନ୍ତ୍ର ଅନୁଷ୍ଠାନ
ତାହାର ସୁଫଳ କେବେ ନୁହଇଁ ବର୍ଣ୍ଣନ
କର କରୁଣା ସିଞ୍ଚନ
ତୋର ପାଦ ଧ୍ୟାୟୀ ମୋର ଯାଉ ଏ ଜୀବନ ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର



# ବିଗତ ଅତୀତ ଆଉ ମୁଁ



ନୃସିଂହ ଚରଣ ବେହେରା

ନିଜକୁ ଖୋଜିବା ସମ୍ଭବ ନୁହେଁଇ
ଥରେ ହଜିଗଲା ପରେ,
ଅପହାନ୍ତା ହୁଏ ସୁନେଲି ସ୍ୱପ୍ନ
ଥରେ ନିଦ ଭାଙ୍ଗିଗଲା ପରେ ।
ମନ ଅଳନ୍ଦର ଜମା ସବୁ ଦ୍ୱନ୍ଦ
ମାଗେ ଯାହା ଖାଲି ଉତ୍ତର,
ହୃଦୟ ଅବା ମୋ କ ଉତ୍ତର ଦେବ
ସେ ତ ଅଛି ଏଠି ନିରୁତ୍ତର ।
ଏଇ ଦୁନିଆରେ କିଏ ବା ରହିଛି
କିଏ ବା ରହିବ ଏଇଠି,
ବିଗତ ଅତୀତ ମୋ ମରୀଚିକାମୟ
ଖୋଜେ ଅସ୍ତିତ୍ୱର ମାପକାଠି ।
ଆବର୍ତ୍ତମାନର ପାଦ ଚପି ଚପି
ନିର୍ଦ୍ୱନ୍ଦେ ଆସେ ବିଗତ ଅତୀତ
ସ୍ମୃତିର ନିଆଁକୁ ମନରେ ଜଳେଇ
ଖୋଜେ ସେ ଅତୀତ ହଜିଲା ଦିନ ।
ଘଟିଥିବା ସବୁ ଘଟଣାକୁ ନେଇ
ଚାଲେ ମୁଁ ଜୀବନର ପଥେ,
ବିଗତ ଅତୀତ ଆଉ ଫେରିକି ଆସିବ
ଚାଲିବାକୁ ଆଜି ମୋ ସାଥେ ।
ଜୀବନର ଏହି ଦୁର୍ଗମ ପଥରେ
ଅତୀତ ଦେଖାଏ ବଞ୍ଚିବା ରାହା,
ଲଭିଥିବା ଅନୁଭବ ହିଁ ରାହା ।



ଭୋଇନଗର, ଭୁବନେଶ୍ୱର

# ଛଅ ପଞ୍ଝା ତିରିଶ

ମୂଳ ହିନ୍ଦୀ – ପୁନମ ସିଂହ
ଅନୁବାଦ: ସୁଧାଂଶୁ ଦ୍ୱିବେଦୀ



ସୁଧାଂଶୁ ଦ୍ୱିବେଦୀ

ସେଦିନ ଜୀବନର ସବୁଠୁ ଭୟଙ୍କର କାଳରାତି ଥିଲା । ମନ୍ଦିରରେ ବଜୁଥିବା ଘଣ୍ଟା ଓ ମସଜିଦ୍ ରେ ପାଠ ହେଉଥିବା ଆଜାନ୍ ଭିତରେ ବି ଆର୍ତ୍ତନାଦ ଶୁଭୁଥିଲା । ଆମ୍ଭମାନଙ୍କ ଧମନୀରେ ରକ୍ତ ଜମାଟ ବାନ୍ଧି ଯାଇଥିଲା ଯେମିତି । ପୃଥିବୀ, ଆକାଶ, ଅନ୍ତରୀକ୍ଷ କେଉଁ ଗହନ ଶୂନ୍ୟରେ ଝୁଲୁଥିଲେ ବୋଧହୁଏ । ଆମ୍ଭେମାନେ ନା କିଛି କହିପାରୁଥିଲୁ? ନା କାନ୍ଦିପାରୁ ଥିଲୁ? ନା ଚିତ୍କାର କରିପାରୁଥିଲୁ? ନା ହାହାକାର କରିପାରୁଥିଲୁ? ସଭିଏଁ ଯେମିତି ପଥର ପାଲଟି ଯାଇଥିଲେ । ସଂଜ୍ଞାଶୂନ୍ୟ ନିର୍ବାକ୍ ।

ମୋ ଭାଇର ଶବ କ୍ଷତ- ବିକ୍ଷତ ଅବସ୍ଥାରେ ସମ୍ମୁଖରେ ପଡିଥିଲା । କିନ୍ତୁ ସେ କୋଉଠି ବି ନଥିଲା । କେଜାଣି କୋଉଠିକୁ ଚାଲିଯାଇଛି ଗହନ ରାତି ଅନ୍ଧାର ଭିତରେ ।

ଘରକୁ ଫେରୁଥିବାବେଳେ ଗୋଟେ ମାଲ ବୋଝେଇ ଟ୍ରକ୍ ତାକୁ ଦଳି ଚକଟି ଦେଇଥିଲା । କ୍ଷଣିକରେ ଗୋଟେ ହସଖୁସିର ପରିବାର ଉଜୁଡି ଗଲା । ମୂଳ ଛିଡି ଯାଇଥିବା ଗଛ ପରି ବାପା ମୋ ଅଚେତନ ହାତରେ ସଂବେଦନା ଦେଉଥିଲେ । ହୃଦୟରେ କୋହକୁ ଆୟତ୍ତ କରିପାରୁ ନଥିବା ମା' କୋଳରେ ଗୋଟିଏ ମାସର କଅଁଳ ଶିଶୁକୁ ଶୋଇଦେଇ କେହି କହୁଥିଲା, "ତାହାରି ଅଂଶ ତ ଇଏ । ସବୁକିଛି ସରିଯାଇନି, ନିଜ ପିଲାଦିନ ସମର୍ପି ଯାଇଛି । ଧର୍ଯ୍ୟଧର ଭାଉଜ । ହୃଦୟକୁ ପଥର କରିବାକୁ ହେବ ।"

ଅଳ୍ପ ଦୂରତାର ଗୋଟିଏ କୋଣରେ ଅଭାଗିନୀ ବିଧବାକୁ ଘେରି କିଏ କେତେପ୍ରକାର ଟିପ୍ପଣି କରୁଥିଲେ । ଭାଉଜର ମା' ତା ଝିଅକୁ କହୁଥାନ୍ତି, "ରାତି ଅନ୍ଧାରରେ ଆକାଶରେ ସୂର୍ଯ୍ୟ ଥାଏନି ପାଗଳି । ସୁନାମି ସିନା ଜୀବନକୁ ଭସେଇ ନିଏ, ହେଲେ ପୃଥିବୀ ସେଇମିତି ଘୁରୁଥାଏ । ନିଜ ଛୁଆକୁ ଦେଖ । ତୋତେ ହିଁ ତାକୁ ସାହାରା ଦେବାକୁ ହେବ ।"

ପରିଜନ- ପୁରଜନଙ୍କ କଣ୍ଠରୁ ବାହାରୁଥିବା ଭରସାର ଶବ୍ଦ ସେତେବେଳେ କାହାରିକୁ ସଚେତନ କରିପାରୁ ନଥିଲା । ସୁରେଟି କାନ୍ଧରେ ଗୋଟେ ହସ- ଖୁସି ପରିବାରର ଉଜୁଡି ଯାଇଥିବା ଦୁନଆ ରାମନାମ ସତ୍ୟ ଶବ୍ଦରେ ମଶାଣିକୁ ଆଗଉଥିଲା ।

ମୋଠୁ ସାତବର୍ଷ ଛୋଟ ଥିଲା ମୋ ଭାଇ । ଦିବ୍ୟ ରୂପ ଥିଲା ତାର । ଦେବ ପୁରୁଷ ସଦୃଶ । ଅସମୟରେ ସେ ଚାଲିଯିବାରୁ ତା ଜନ୍ମ କାହାଣୀ ସମସ୍ତଙ୍କର ମନେ ପଡିଯାଇଥିଲା ।

ବିତିଯାଉଥିବା ସମୟ ସୁଅରେ ଗଛ ଡାଳରୁ ହଳଦିଆ ପତ୍ର ଝରିପଡେ । ସଂଭବତଃ ନିୟତୀର ନିର୍ଦ୍ଦେଶ ଥିଲା । ହଠାତ୍ ଅସମୟରେ ଜଣେ ଅଘୋରୀ ବାବା ନିଜ ଶ୍ୱାନ ସହ ଆମର ଘର ଅଗଣାରେ ପ୍ରକଟ ହୋଇଗଲେ । ଜେଜେ ଗାଧୋଇସାରି ଚଉତରାରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଥାନ୍ତି । ଶ୍ୱାନର ଭୋ ଭୋ ଶବ୍ଦ ଓ ଅଘୋରୀ ବାବାଙ୍କର ଗୁରୁଗମ୍ଭୀର ଡାକରାରେ ତାଙ୍କ ଚେତନା ପଶିଲା । "ଆରେ ହେ କଳିଯୁଗ ସନ୍ଥ! ମୋ ଶ୍ୱାନକୁ ଆଜି ଖାଇବାକୁ ଦେ । ଈଶ୍ୱର ତୋ ମନୋକାମନା ପୁରା କରିବେ ।"

ବାବାଙ୍କର ଭସ୍ମରଂଜିତ ଭୀମକାୟ ଶରୀର, ମଦ୍ୟପ ଆଖି ଶିଆଳ ଲଟା ଭଳି ତଳକୁ ଓହଳଥିବା ଜଟା । ତାଙ୍କର ଏଭଳି ଚେହେରା ଦେଖିବାପରେ ଜେଜେଙ୍କ ଶରୀରରେ କମ୍ପନ ସୃଷ୍ଟି ହୋଇଯାଇଥିଲା । କିନ୍ତୁ ଅଘୋରୀ ବାବାଙ୍କ ଆଖିର ତୀକ୍ଷଣ ସମ୍ମୋହନରେ ଜେଜେ ସିଧା ତାଙ୍କ ଚରଣତଳେ ପଡି କହିଲେ, "କଣ ଖାଇବେ ବାବା? "

"ମୁଁ ଅଘୋରୀ, କାଶୀ ଶ୍ମଶାନରେ ରହେ । ତୋ ଘରେ ଆଜି ଯାହା ରୋଷେଇ ହୋଇଛି ସବୁତକ ନେଇଆ ।"

ଜେଜେ ସ୍ୱୟଂ ଆସନ ପାରି ଚଉତରା ଥିବା ଚୌକି ଉପରେ ବାବାଙ୍କୁ ବସେଇଲେ । କିଛି ସମୟ ମଧ୍ୟରେ ଏକ ବଡ ପରାତରେ ଭାତ, ଡାଲି, ତରକାରି, ଦହି ଇତ୍ୟାଦି ବାବାଙ୍କୁ ପରସିଲେ । ଘରର ଚାକର, ପୂଝାରୀ ଓ ଅନ୍ୟ ସଦସ୍ୟମାନଙ୍କ ଭିଡ ଜମିଗଲା । ସଭିଏଁ ଚକିତ ହୋଇ ଦେଖୁଥାନ୍ତି ଅଘୋରୀ ବାବା ଓ ତାଙ୍କ ଶ୍ୱାନ ଗୋଟିଏ ପରାତରେ ଚପର ଚପର କରି ଖାଉଛନ୍ତି । ବାଲଟିରେ ହାତ, ଡାଲି, ତରକାରି ଅଲଗା ରଖା ହୋଇଥାଏ । ହେଲେ ଅଘୋରୀ ବାବା ଦ୍ୱିତୀୟ ଥର ଆଉ କିଛି ନ ନେଇ ଉଠିଗଲେ । କିନ୍ତୁ ଶ୍ୱାନଟି ବହୁସମୟ ଯାଏ

ଚପର ଚପର କରି ଖାଉଥାଏ । ଗୋଟିଏ ଜଟା ଦଉଡିକୁ ଛାତି ଉପରେ ପକେଇ ଗମ୍ଭୀର କଣ୍ଠରେ ସେ ମୋ ଜେଜେଙ୍କୁ ପଚାରିଲେ, "ତୋତେ ଘୃଣା ଲାଗିଲାନି? "

ଜେଜେ ହାତ ଯୋଡି ନମ୍ରଭାବେ କହିଲେ, " ନା ବାବା ଆଦୌ ଘୃଣା ଲାଗିଲାନି? "

ତାପରେ ସେ ପ୍ରସନ୍ନ ଚିତ୍ତରେ କହି ଉଠିଲେ, 'ଆଜି ତୁ ମୋ ଶ୍ୱାନକୁ ମନୁଷ୍ୟୋଚିତ ବ୍ୟବହାର ଦେଇଛୁ, ମୁଁ ବହୁତ ଖୁସି, କିଛି ଦରକାର ତ କହ? "

ଜେଜେଙ୍କ ମନ ମଧ୍ୟରେ ଦବି ରହିଥିବା ଇଚ୍ଛା ପ୍ରକଟ ହେଲା । 'ବଡ ପୁଅ ପାଇଁ ଗୋଟେ ପୁତ୍ର କାମନା କରୁଛି ବାବା । ଛଅ ବର୍ଷର ଗୋଟେ ନାତୁଣୀ ଅଛି । ହେଲେ ଭବିଷ୍ୟତ ପାଇଁ ପୁଅଟିଏ ଆବଶ୍ୟକ ।"

ଜେଜେଙ୍କ ମୁହଁରୁ କଥା ସରିଛି କି ନା ସଙ୍ଗେ ସଙ୍ଗେ ଅଘୋରୀଙ୍କ ମୁହଁ ହିଂସ୍ର ଓ ଆଖି ଡହ ଡହ ନିଆଁ ପରି ହୋଇଗଲା । ତଥାପି ଜେଜେ ବ୍ୟାତୁର ହୋଇ ତାଙ୍କୁ ଦେଖୁଥାନ୍ତି । ନାତିଟିଏ ପାଇବାପାଇଁ ମନର ଆକାଂକ୍ଷାକୁ ଅପେକ୍ଷା କରିଥାନ୍ତି ।

ହଠାତ୍ ଅଘୋରୀ ବାବା ଆକାଶକୁ ଦେଖିବାକୁ ଲାଗିଲେ । କିଛିକ୍ଷଣ ମନେ ମନେ ଗୁଣୁଗୁଣୁ ହେଲେ । ପୁଣି ହୁଂକାର ଛାଡି କହିଲେ, 'ବହୁତ କଠିନ ଓ ଅସାଧ କାମନା ତୋର ନିଶ୍ଚୟ ପୂରଣ ହେବ । କିନ୍ତୁ.....

'କିନ୍ତୁ କଣ ବାବା? " ଜେଜେଙ୍କ ମନରେ ଉତ୍ସୁକତା ।

'ଆଗକୁ କଣ ହେବ ସମୟ କହିବ", ଅଘୋରୀ ଜବାବ୍ ଦେଲେ ।

ସେତିକିବେଳେ ମୁଁ ରାମୁଦାଦା ସହିତ ସ୍କୁଲ ବ୍ୟାଗ୍ ପିଠିରେ ଝୁଲେଇ ଅଗଣା ରାସ୍ତାରେ ସ୍କୁଲକୁ ଯାଉଥାଏ । ଅଘୋରୀ ବାବା ମୋତେ ଦେଖି କହିଲେ, "ଏଇ ଝିଅଟି ତୋ ପୁଅର ପ୍ରଥମ ସନ୍ତାନ ତ? "

'ହଁ ବାବା", ଜେଜେ ଉତ୍ତର ଦେଲେ ।

'ଡାକ ତାକୁ, ଅଘୋରୀଙ୍କ ହୁକୁମ୍ ।

ଜେଜେ ଡାକ ମାରିଲେ । ଗ୍ରାମୁଦାଦା ମୋତେ କୋଳରେ ବସେଇ ଚଉତରାକୁ ନେଇଗଲେ । ଅଘୋରୀ ବାବା ଓ ତାଙ୍କ କୁକୁରକୁ ଦେଖି ମୁଁ ବହୁତ ଡରୁଥାଏ । ହେଲେ ସେ ଜେଜେଙ୍କୁ ମୋ ବୟସ ପଗ୍ଚାରିବା ପରେ ତାଙ୍କୁ ମୁଣ୍ଡିରୁ ଏକ ସୂତା ବାହାର କରି ମୋ ଶରୀରର ମାପ ନେଇସାରି କହିଲେ, "ଛଅ ପଞ୍ଚା ତିରିଶ"।

ପୁଣି ସେଇ ସୂତାକୁ ଦୁଇ ହାତର ପାପୁଲି ଭିତରେ ଗୁଡେଇ ସାରି ଖୋଲିଦେଲେ । ତାଙ୍କ ହାତରେ ଗୋଟେ ତାବିଜ୍ ଥାଏ । ଯେଉଁଥିରେ ତିରିଶ ଅଙ୍କ "ଊ" ଅକ୍ଷରରେ ଲେଖା ହୋଇଥିଲା ।

ତାପରେ ସେ ଆଦେଶାତ୍ମକ ସ୍ୱରରେ କହିଲେ, 'ଅମାବାସ୍ୟା ଦିନ ବୋହୂର ବାଁ ହାତରେ ୟାକୁ ବାନ୍ଧିଦେବୁ । ନଅ ମାସ ଯାଏ ମୋ କୁକୁରକୁ ପ୍ରତିଦିନ ସ୍ମରଣ କରୁଥିବୁ । ତୋ ଇଛା ପୂର୍ଣ୍ଣ ହେବ ।"

ଅଘୋରୀ ବାବାଙ୍କ ଗଣନାନୁସାରେ ଠିକ୍ ନଅ ମାସ ପରେ ମୋ ଭାଇ ଜନ୍ମ ହେଲା । ସେଦିନ ଜେଜେ ସବୁଠୁ ଖୁସି ହୋଇ ଅଘୋରୀ ବାବାଙ୍କ ଦର୍ଶନ ନମନ୍ତେ ବାଇୟା ହୋଇଯାଇଥିଲେ । ଅନେକ ସହର ବଜାର ଶ୍ମଶାନରେ ଖୋଜିଲେ । ଶେଷରେ ଜେଜେ, ଜେଜି ବନାରସର ଗଙ୍ଗା କୂଳରେ ଗୋଟିଏ ମାସ ଡେରା ପକାଇ ରହିଲେ । କନ୍ତୁ ତାଙ୍କ ଶେଷ ଜୀବନ ଯାଏ ଆଉ ଅଘୋରୀ ବାବାଙ୍କର ଦର୍ଶନ ପାଇଲେ ନାହିଁ ।

ଧିରେ ଧିରେ ଆମେ ଭାଇ- ଭଉଣୀ ବଡ ହେଲୁ । ସମୟ ପ୍ରବାହରେ ସେ ସବୁ କାହାଣୀ ବିସ୍ମୃତ ହୋଇଗଲା । ଜେଜେ ଓ ଜେଜିଙ୍କ ମୃତ୍ୟୁପରେ ସେ ତାବିଜ ଓ ଛଅ ପଞ୍ଚା ତିରିଶର ଗଣନା ଆଉ କେହି ଦୋହରାଇ ନାହାନ୍ତି । ଭାଇର ଜନ୍ମପରେ ମା' ବାହୁରେ ବନ୍ଧା ହୋଇଥିବା ତାବିଜଟା କୁଆଡେ ଯେ ଉଭେଇଗଲା ତାହା ଆଉ କେହି ଖୋଜି ନାହାନ୍ତି ।

ବିସ୍ମୃତିର ଦ୍ୱାରପାଖେ ବାପା ଅସହାୟ ସ୍ପନ୍ଦନହୀନ ଭାବେ ଠିଆ ହୋଇଥାନ୍ତି । ଗଙ୍ଗାର ଲହଡିରେ ଭେଣ୍ଡିଆ ପୁଅର ଅସ୍ଥି ବିସର୍ଜନ ସାରି ଫେରିଥିବା ବେଳେ ଅଦୃଶ୍ୟରେ ଦେଖୁଥିଲେ ଜଣେ ଜଟାଜୁଟ ଧାରୀ ଅଘୋରୀ ବାବା କୁକୁର ସହିତ ଗଙ୍ଗାର ଲହଡି ଭିତରେ ସମାହୀତ ହୋଇଯାଉଛନ୍ତି । ଅତୀତରେ ଯାହା ସେ ସର୍ଜନା କରିଥିଲେ, ତାହା ତାଙ୍କରି ଭିତରେ ଲୀନ ହୋଇଯାଉଛି ।

ଏହିଭଳ ଜଣେ ପିତା ଯେତେବେଳେ ଜୀବନରେ ଅସହାୟ ହୋଇଯାଏ ପୁଣି ଥରେ ନଜକୁ ସଜାଡିବା ପାଇଁ ସେହି ଜୀବନ ଭିତରକୁ ଫେରିବାକୁ ହୋଇଥାଏ । ଆଉ ମା' ଜଣେ ଜୀବିତ ଶ୍ମଶାନ ହୋଇଯାଇଥିଲ୍ ଯେମିତି । ମରିସାରିବା ପରେ କେମିତି ବଞ୍ଚିବାକୁ ହିଏ ତାହା ମୁଁ କେବଳ ଦେଖୁଥିଲି । ମୋତେ ଛଅ ବର୍ଷ ବୟସରେ ମୋ ଭାଇ ପାଇଁ କାଳର ତିଥି ଘୋଷିତ ହୋଇଥିଲ୍ । ଯଦି କେହି କହେ ମୁଁ ହିଁ ତା ମୃତ୍ୟୁର କାରଣ, ତାହେଲେ ତାହା ହିଁ ନଗ୍ନ ସତ୍ୟ । ମୋ ଭିତରେ ଏଭଳ ଏକ ଯନ୍ତ୍ରଣା ପ୍ରତୀତ ହେଉଥିଲ୍ । ଯେମିତି ଶୁଖୁନଥିବା କଞ୍ଚା ଘା' ରୁ ରସ ନଗୁଡୁଛି । ମୁଁ ଚତ୍କାର କରିବାକୁ ଚେଷ୍ଟା କଲେ ବି କରିପାରୁନ । "ଛଅ ପଞ୍ଚା ତିରିଶ" ଏକ ଗହନ ଅନ୍ଧକାର ଭିତରେ ଉଚ୍ଚାରିତ ହେଉଥିବା ଭାଷ୍ୟ । ବାସ୍ତବିକ ତାହା ଅଘୋରୀଙ୍କ ବରଦାନ ନୁହେଁ, ଅଭିଶାପ ଥିଲ୍ ବୋଧହୁଏ ।

ଯୋଗ ଫର ଲ୍ଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

***

ବେଦାନ୍ତୀର ପୂଜାସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ପୂଜା ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।
ଇମେଲ୍ – vedantimagazine@gmail.com / editor.vedantimagazine@gmail.com|
ହ୍ୱାଟସଆପ୍ ନଂ- 9594993733

# ମୋ ଝରକା ବାହାରୁ

ଡ. ମନୀଷା ମିଶ୍ର

ସବୁଦିନର ସେ ଝରକା ବାହାର ଦୃଶ୍ୟ
ସବୁଜ ଶାନ୍ତ, କୋମଳ ପରିବେଶ
ମନକୁ କରେ ମୋହିତ
ଦେଖି ଆନନ୍ଦିତ
ହେଲେ ସ୍ୱଳ୍ପ କ୍ଷଣର ଖୁସି
ଯେବେ ଭାବେ ଟିକେ ମୁଁ ବସି
କ'ଣ ଅଛି ସେପଟେ?

ସୂର୍ଯ୍ୟର ପ୍ରଥମ କିରଣ
ଚନ୍ଦ୍ରର ସ୍ନିଗ୍ଧ ଆଲୋକ
ଦିନ ଯାଏ
ଯାଏ ନଦଭର ରାତି
ସନ୍ଧ୍ୟାର ଆଳତି,
ମା'ଙ୍କ ମୂର୍ତ୍ତି, ଦୀପର ଜ୍ୟୋତି
ମନ୍ଦିର ଘଣ୍ଟି
ଦେଖୁଥାଏ ବସି ଝରକା ଭିତରୁ
ସୁନ୍ଦର ଭାବନା, କରେ ମନ ଆଲୋକିତ
ହେଲେ କେବେ ଯିବି ସତେ ମୁଁ
ଏଇ ଝରକାର ଆର ପଟକୁ!!
ଏକା ଏକା ବସି ଲେଖେ କେତେ ଚିଠି
ପାରେନ ପଠେଇ କାହାକୁ
ମନକଥା କନ୍ତୁ ଲେଖି
ଖୁବ୍ ବେଶି ଉତ୍ସାହରେ

ହୃଦୟକୁ କରେ ମୁଁ ଖାଲି
ଚନ୍ଦ୍ର ସବୁ ଆଙ୍କି
କାହ୍ନୁ ଭରି ଦେଲିଣି ମୁଁ ସିନା
ହେଲେ ଦେଖିବ ବା କିଏ ବା ଆସି?

ଆଜି କେତେ ରଙ୍ଗ ମୋ ଝରକା ବାହାରେ
କିନ୍ତୁ ପାଉନ କୋଉ ଫୁଲର ସୁଗନ୍ଧ
"ଆଶ ଦେଖିବ ଆମକୁ ନିକଟରୁ"-
ଡାକୁଛନ୍ତି ହାତ ଠାରି ନାଲି,
ନେଳ, ଗୋଲାପି, ନାରଙ୍ଗୀ, କେତେଥର!
ହଳଦିଆ ପ୍ରଜାପତି ଉଡି ଗଲିଯାଉଛି
ଡେଣା ଝାଡି ଝାଡି
ପାରୁନ ବି ତାକୁ ଧରି!

ସାଧାରଣ ମଣିଷ
ଅସାଧାରଣ ମନ
ସ୍ୱାଧିନତାର ସ୍ୱପ୍ନ କରେ ବ୍ୟାକୁଳ
ମନ ଉଚ୍ଛନ୍ନ
ମଣିଷ ଗଲିଯାଏ
ଆଶା ରହିଯାଏ ।

# ପାକସ୍ତାନରୁ ପାନାମା




ସୁସ୍ମିତା ମହାପାତ୍ର

ରାଜା ହେଉ ଅବା ମନ୍ତ୍ରୀ ହେଉ,
ଦୋଷ କଲେ ସଜା ଭୋଗଇ ସେହୁ ॥
ଅତି ଲାଳସାରୁ କ୍ଷମତାଚ୍ୟୁତ,
ବିଚାରା ସରିଫ୍ ଅପମାନିତ ॥
ଆଇସଲାଣ୍ଡ ପରେ ପାକସ୍ତାନ,
ବରଷେ ଉତ୍ତାରେ ଫସିଲା ଆନ ॥
ଅଯୋଗ୍ୟ ଘୋଷଣା ସଂସଦ କଲା,
ପ୍ରଧାନ ମନ୍ତ୍ରୀ ପଦବୀ ଗଲା ॥
ରାଜନୀତି ସାଥେ ବ୍ୟବସାୟରେ,
ଗୋଡ ଦେଇଥିଲେ ଦୁଇ ନାଆରେ ॥
ସମ୍ପତ୍ତି କଣିଲେ ଟିକସ ଫାଙ୍କି,
ଭର୍ଜିନ୍ ଦ୍ୱୀପକୁ ସରଗ ଆଙ୍କି ॥
ଭିଆଇଲେ ସେଠି ଜାଲ୍ କମ୍ପାନୀ,
ଦୁର୍ନୀତି କରି ହୋଇଲେ ଧନୀ ॥
ବୁଝୁଥିଲା ତାଙ୍କ ସମ୍ପତ୍ତି କଥା,
ପାନାମା ଆଇନ୍ ସେବକ ସଂସ୍ଥା ॥
ବେଇଆନ୍ କାରବାର ଯେତେକ
ବୁଝାସୁଝା କରେ ସଂସ୍ଥା ମୋସାକ ॥
ଖୋଲିଲେ ଗୁମର ଗୁଳାକ କରି,
ସାମ୍ବାଦିକ ଅନୁ ସନ୍ଧାନକାରି ॥
ଜର୍ମାନୀର ଗଣ- ମାଧ୍ୟମଠାରୁ,
ତଥ୍ୟ ହାତେଇଲେ ନଜ ଚେଷ୍ଟାରୁ ॥

ଗୁପ୍ତ ଦଲିଲ୍ ଦେଲେ ଫିଟାଇ,
ସମ୍ବାଦିକ ସଂଘ ସଦସ୍ୟ ଭାଇ ॥
ପାକସ୍ତାନେ ଝଡ ଉଠିଲା ଛାଏଁ,
ଛାତି ଧଡ ଧଡ ବିରୋଧୀ ଭୟେ ॥
ଅପରାଧୀ ନେତା ଇସ୍ତଫା ଦେଲେ,
ଅଧିକାର ଯେଣୁ ହରାଇ ଥିଲେ ॥
ପାନାମା ପେପର ପ୍ରଘଟ ହେଲା,
ଆପଣା ଗର୍ବ ଖର୍ବ ହେଲା ॥

ରାଉରକେଲା, ଓଡିଶା



# ଉତ୍ତର ବଙ୍ଗର ହାତୀ



ଅଶୋକ ବିଶ୍ୱାଳ

ଗଡି ଯାଇଥିବା ସକାଳର କରଣ ଝରକା ଫାଙ୍କା ଦେଇ ଭିତରକୁ ଆସୁଥିଲା । ଖୁବ୍ ଗରମ ହେବା କଥା । କଲିକତାରେ ମେ ମାସରେ ଖୁବ୍ ଗରମ ହୁଏ । ହୁଗୁଳୀ ନଦୀର ଆଦ୍ରତା, ଆଉ ବଢି ଯାଉଥିବା ତାପମାତ୍ରାରେ ଦେହରେ ଅସ୍ଥିରତା ବଢି ଯିବାର କଥା । କନ୍ତୁ ସେଦିନ ଝରକା ଫାଙ୍କ ଦେଇ ଝରି ଆସୁଥିବା ଗଛର ଛାଇରେ ଖୁବ୍ ଥଣ୍ଡା ଲାଗୁଥିଲା । ଲୋମ ଟାଙ୍କୁରି ଉଠୁଥିଲା । କଥାଟା ସେମିତି ତ । ଘର ଭିତରଟା କେମିତି ଅସ୍ୱାଭାବିକ ଭାବେ ଥଣ୍ଡା ହୋଇ ଯାଉଥିଲା ।

ମୁଁ ତାଙ୍କ ଆଡକୁ ଅନାଇଲି । ହଠାତ୍ ସେ କମିତି ପଥର ଭଳି ସ୍ଥିର ଆଉ ମୂକ ହୋଇଗଲେ । ତାଙ୍କ ଭିତରେ କେଜାଣି କଣ ଘଟୁଥିଲା । ତାଙ୍କ ପାଖରେ ସେହି ମୂର୍ତ୍ତୀମାନ ଠିଆ ହୋଇଥିଲେ । ତାଙ୍କର ଆଖି ସେହି ଆକାରମାନଙ୍କ ଉପରୁ ହଟୁ ନଥିଲା । ତାଙ୍କ ଛାତିରୁ ଲମ୍ବା ନଃଶ୍ୱାସ କମାରର ଭତି ଭଳି ବାହାରି ଆସିଲା । ଛାତିଟା ଜୋରରେ ଫୁଲି ଉଠି ହଠାତ୍ ପଡିଗଲା । ମୁଁ ମନେ ମନେ କେତେ କଣ ଭାବି ଥିଲି । ତାଙ୍କ କଥା ଶୁଣି ସବୁ ଭୂଲ ଯେମିତି ହୋଇ ଯାଉଥିଲା ।

ସବୁ ଭାଗ୍ୟ । - ତାଙ୍କର ଛାତି ସେମିତି ଜୋରରେ ଉଠୁଥିଲା, ପଡୁଥିଲା । ଆମେମାନେ ସେଠି ସମ୍ପୂର୍ଣ୍ଣ ନୂଆ, ପ୍ରଥମ ଥର ପାଇଁ ସାକ୍ଷାତ । ଏତିକିରେ ଏତେ କଥା ସେ କହିଦେଲେ । ନଜ ଭିତରେ ଛପି ରହିଥିବା କଥା ମାନ ଏକଦମ କହିବା କ ଦରକାର । କନ୍ତୁ ସେ ନଜ ଭିତରେ ରହିଥିବା ଭାବନାକୁ ଛୁପାଇ ପାରୁ ନଥିଲେ । ସେହି କଥା ବାର୍ତ୍ତାରୁ ମୁଁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଭଲକରି ଜାଣି ପାରୁଥିଲି ।

ସେ ପଦେ କଥା କହି ରହିଗଲେ । ଗାତୁଆ ହୋଇ ରହି ଯାଇଥିବା ତାଙ୍କ ଆଖି ଆମକୁ ଭିତରୁ ଡାକ୍ତରଭଳି ପରୀକ୍ଷା କରୁଥିଲା । ମଣିଷ ହଠାତ୍ କଣ ପାଇଁ ଭାଗ୍ୟବାଦୀ ହୋଇଯାଏ । ସେ ଆମଠୁ ଅନେକ ବଡ, ଅନେକ ଅଭିଜ୍ଞ, ପଦବୀର ଶେଷ ସୀମାରେ ପହଂଚଛନ୍ତି । କନ୍ତୁ ଏତେ ଜଲଦି ଭାଗ୍ୟ କଥା କହିବା କେମିତି ଅସ୍ୱାଭାବିକ ।

ଭାଗ୍ୟ ତୁମକୁ ଆଗକୁ ନେଇଯାଏ, ରବର ଭଳି ଭାଗ୍ୟ ଲମ୍ବିଯାଏ, ଟାଣି ହୋଇଯାଏ । ଆଗର ଦୁନିଆକୁ ଖୋଲିଦିଏ । ମଣିଷ ଭାଗ୍ୟ ଆଗରେ କେତେ ତୁଚ୍ଛ, କେତେ ନଗଣ୍ୟ – ଏକ ରେଲଗାଡିର ପୁରୁଣା ଇଞ୍ଜିନରୁ ଭକ୍ ଭକ୍ ହୋଇ ଶବ୍ଦ ଗୁଡା ବାହାରି ଆସୁଥିଲା । ସତ କହିବାକୁ ଗଲେ ମୁଁ କିଛି ବୁଝି ପାରୁ ନଥିଲି । ତାଙ୍କର ବିଶ୍ୱାସରେ ସେ ଠିକ୍ ଥାଆନ୍ତୁ । ଅନେକ କଥା କହି ହୋଇଥାଆନ୍ତା ।

ସେ ରହିଗଲେ, ପୁରୁଣା ଇଞ୍ଜିନ ଭଳି କଥା ସବୁ କିଛି ସମୟ ଧରି ଛାତିରୁ କିଛି ହାବୁକା ମାରି ଆସୁ ନଥିଲା ।

ଭାଗ୍ୟ ତୁମକୁ ଯେଉଁଠି ନବାର କଥା ସେଇଠିକୁ ନେଇଯାଏ । ମଣିଷ ହାତରେ କିଛି ନାହିଁ । ଆମେ ଖାଲି ବାହାସ୍ଫୋଟ ମାରିବା କଥା – ଏଥର ତାଙ୍କ କଥାରେ କେମିତି ଦୃଢତା ଥିଲା । କିଛି ହଲୁ ନଥିବା କଥା । ଅତି ସ୍ଥିର ଆଉ ଯେମିତି ମଣିଷ ପାଇଁ ବେଦବାକ୍ୟ । ଆମ ଭିତରେ ନଜକୁ ପ୍ରତି କ୍ଷଣରେ ଏପଟ ସେପଟ କରୁଥିବା ଚନ୍ତାଗୁଡା କେମିତି ସ୍ଥାଣୁ ହୋଇଗଲା । ତାଙ୍କ କଥାଗୁଡା ମନରେ ଭିତରେ ଅବାଧରେ ପଶି ଯାଉଥିଲା ।

ଭାଗ୍ୟ ଏମିତି ଏକ ଶବ୍ଦ, ତାର ପ୍ରକୃତ ଅର୍ଥ କଏ କେବେ ବାହାର କରି ପାରି ନାହାନ୍ତି । ଅନେକ କର୍ମକୁ ତ ବିଶ୍ୱାସ କରନ୍ତି । କନ୍ତୁ ପଦବୀରେ ଏତେ ଉପରେ ପହଞ୍ଚିଥିବା ବ୍ୟକ୍ତିଙ୍କ ମୁହଁରୁ ଏମିତି ଶବ୍ଦ ଶୁଣିଲେ କିଛି ଅବିଶ୍ୱାସ କରି ହୁଏନ । ସେ ଶେଷ ସୀମାରେ ତ ପହଞ୍ଚି ଯାଇଛନ୍ତି । ଭାଗ୍ୟ କଣ ତାଙ୍କର ଏତେ ସାଥି!

ଯେଉଁ ରାସ୍ତା ପାଇଁ ତୁମେ ତିଆରି ହୋଇଛ, ଭାଗ୍ୟ ତୁମକୁ ସେହି ରାସ୍ତାରେ ନେଇଯାଏ । ଅନ୍ୟ ରାସ୍ତାରେ ତୁମେ ଯାଇପାରିବ ନାହିଁ । ଭାବିବ ମଧ୍ୟ ନାହିଁ । ତୁମେ ଭାଗ୍ୟ ହିସାବରେ ହିଁ ଚାଲିବ । ଜନ୍ମ ପରଠୁ ସବୁ ଘଟଣା ଭାଗ୍ୟର ପୁସ୍ତକରେ ଆଗରୁ ସଠିକ ଭାବେ ଲେଖା ହୋଇ ରହିଛି । ତେଣୁ ରାସ୍ତାରେ ତୁମେ କେବେ ଭୁଲି ଭଟକ ଅଟକ ଯିବାର ପ୍ରଶ୍ନ ନାହିଁ । ଭାଗ୍ୟ ତୁମର ବିଧାତା । - ଶୋମକୁ ବୁଝାଉ ଥିଲେ । ଏମିତି କିଛି କଥା ଆରମ୍ଭ ହୋଇନାହିଁ ।

ଦର୍ଶନର ଏମିତି ଶବ୍ଦଗୁଡିକ ଗୁଢ ରହସ୍ୟରେ ପୂର୍ଣ୍ଣ । ଜାଣିବା ସହଜ ନୁହେଁ, ବୁଝିବା ତ ଦୂରର କଥା । ଜୀବନର ରାସ୍ତାରେ ଯଦି ସବୁବେଳେ ଭାଗ୍ୟ କାମ କରେ, ତାହେଲେ ଆମର ଚେଷ୍ଟା? କେମିତି ଏକ ଆଶ୍ଚର୍ଯ୍ୟଜନକ ପ୍ରଶ୍ନ । ରାସ୍ତାତ ଆଗରୁ ନର୍ଦ୍ଧାରିତ । ତେଣୁ ଆମର ଚେଷ୍ଟାର ମୂଲ୍ୟ? ଅନେକ ସମୟରେ ଆମକୁ ଲାଗେ ଆମେ କେମିତି ଦିଗହୀନ ହୋଇ

ଗ୍ଲୁଅଛେ । ଯାହାକୁ ଆମେ  ଦିଗ ବୋଲି ଭାବୁଅଛେ, ସେହି ରାସ୍ତା ଆମ ପାଇଁ ନିର୍ଦ୍ଧାରିତ ପଥ । ତେଣୁ ଆମେ କେବେବି ଦିଗହୀନ ନୁହେଁ ।

ମୁଁ ନିଜ ଉପରେ ହସୁଥିଲି । କି ଅବାନ୍ତର ଯୁକ୍ତିମାନ ମୋ ଭିତରେ ଉଙ୍କି ମାରୁଅଛି । ମୋ ଓଠ ଥରୁଥିଲା । ସତରେ ପତ୍ର ଭଳି ଥରୁଥିଲା । କିନ୍ତୁ ମୁହଁରୁ କିଛି ଶବ୍ଦ ବାହାରୁ ନଥିଲା । ଏ ଦର୍ଶନର କଥାରେ ନିଜ ଭିତରେ ଅନେକ ଦ୍ୱନ୍ଦ ଭରିଯାଏ । ଦ୍ୱନ୍ଦ କେବେ ସମାପ୍ତ ହୁଏନି ।

ତାଙ୍କର ଆଖି ଅନେକ ସମୟ ପର୍ଯ୍ୟନ୍ତ ତଳୁଆ ହୋଇ ରହିଥିଲା । ସେ ନିଜ ଭିତରେ କିଛି ଖୋଜୁଥିଲେ । ମଣିଷ ଅନେକ ସମୟରେ ନିଜ ଭିତରେ କେତେ ଖୋଜିଥାଏ । ବାଟ ଅବାଟ ସବୁ ଏକାକାର ଦେଖାଯାଏ । ସେ ଆଖିକୁ ଧିରେ ଉଠାଇଲେ । ଧାରୁଆ ନିଶକୁ ସାଉଁଳି ନେଲେ, ମୋଟା କଳା ନିଶ ସିଂହର କେଶର ଭଳି ଫୁଲି ଉଠିଲା । ତାଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ଶରୀର ସିଧା ହୋଇଗଲା, ବର୍ତ୍ତମାନ ସେ ଏକ ଅସାଧାରଣ ମଣିଷ ଭଳି ଲାଗୁଥିଲେ ।

ସେ ଏକ ଲମ୍ବା ଶ୍ୱାସ ନେଲେ । ତାଙ୍କ ଆଗରେ କିଛି କାଠର ମୂର୍ତ୍ତୀ ରଖା ଯାଇଥିଲା । ବାର୍ଣୀସ ହୋଇଥିବା ସେହି ଆକାର ଗୁଡା ଆଲୋକରେ ଚକ ଚକ କରୁଥିଲା ।

ମୁଁ ଦିନେ ହାତୀର ପେଟ ତଳେ ଥିଲି । ଦନ୍ତା ହାତୀ ମୋତେ ଗ୍ଳପୁଡା ମାରିଲା । -  ସେ ଆଶ୍ଚର୍ଯ୍ୟଜନକ କଥା କହୁଥିଲେ । ଆମର ସ୍ଥାଣୁ ଭାବନାରେ କେମିତି ହଠାତ୍ ଜୁଆର ଆସିଗଲା । ମୁଁ ଆଗର ଭାଗ୍ୟ ଉପରେ ମୋ ଭିତରର ଯୁକ୍ତିକୁ ଏଇଥିପାଇଁ ସ୍ଥାଣୁ କହିବି ଯେ ଏହା ମୋତେ ଆଉ କିଛି ଭାବିବାକୁ ଦେଉ ନଥିଲା । ମୋ ଭାବନାକୁ ପୁରା ପଥର ଭଳି ସ୍ଥାଣୁ କରି ଦେଉଥିଲା । କିଛି ହଲିବନି । ତାଙ୍କର ଏବେର କଥାରେ ମୋ ଆଖି ସମୁଦ୍ରର ଜୁଆରରେ ଯେମିତି ଫୁଲି ଉଠୁଥିଲା । ମୋ ଭିତରେ ବଢୁଥିବା ଅନୁସନ୍ଧିସ୍ତାକୁ ବୋହି ଯାଉଥିବା ପାଣି ଭଳି ଅନୁଭବ କରୁଥିଲି ।

ସେ ହାତକୁ ଉପରକୁ ଉଠାଇଲେ । ତାଙ୍କ ଅଜାଣତରେ ହାତ ଉପରକୁ ଉଠି ଯାଉଥିଲା । ଅଜାଣତରେ ଏଇଥିପାଇଁ କହିବି ଯେ କିଛି କଥା ନଥିଲା ହାତକୁ ଉପରକୁ ଉଠାଇବା ପାଇଁ । ମନ ଭିତରେ ତାଙ୍କର ଯେମିତି କିଛି ଘଟୁଛି । ସେ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ନିଜର ଗାଲକୁ ଅନେକ ଥର ଆଉଁସି ପକାଇଲେ । ତାଙ୍କ ମୁହଁ ବିକୃତି ହୋଇ ଉଠିଲା । ଚିକ୍କଣ କ୍ଷିଅର ହୋଇଥିବା ଗାଲରେ କିଛି ଚିହ୍ନ ନଥିଲା । ପଚଶ ବର୍ଷ ପରେ ସେ ଗାଲରେ ହାତୀ ଗ୍ଳପୁଡାର ଆଘାତ କେମିତି ପାଉଥିଲେ । ତାଙ୍କୁ ଲାଗୁଥିଲା ଏଇ ଏବେ ଯେମିତି ହାତୀ ତାଙ୍କୁ ଥାପଡ ମାରିଛି ।

ମୋ ଗାଲରେ ହାତୀ ଖୁବ୍ ଜୋରରେ ଗ୍ଣ୍ଡପୁଡା ମାରିଲା । ଏକ ମାସ ଧରି ଗାଲରେ ନୀଳ ଦାଗ ରହିଗଲା – ସେ ତାଙ୍କ ଗାଲରେ ହାତ ବୁଲାଉଥିଲେ । କେମିତି କ୍ଷୀଣ ଯନ୍ତ୍ରଣା ତାଙ୍କ ମୁହଁରେ ଫୁଟି ଉଠୁଥିଲା । ହାତୀରେ ଗ୍ଣ୍ଡପୁଡା ନିଶ୍ଚିତ ଭାବେ କଷ୍ଟ ଦାୟକ ଥିବ ।

ସେ ଅନେକ ସମୟ ଧରି ଚୁପ୍ ହୋଇଗଲେ । ତାଙ୍କର ଦୃଷ୍ଟି ଟେବୁଲ ଉପରେ ଲାଗି ରହିଥିଲା । ସେ କେଉଁଆଡେ ଚାହୁଁନଥିଲେ । ଝରକା ଦେଇ ଗଛର ଛାଇ ଟେବୁଲ ଉପରେ ପଡୁଥିଲା । ସେଇ ଛାଇ ଭିତରେ ସେ ଯେମିତି ହାତୀ ଦଳକୁ ଦେଖୁଥିଲେ । ହାତୀମାନେ ଟେବୁଲ ଉପରେ ଏ କୋଣରୁ ସେ କୋଣକୁ ଦୌଡୁଛନ୍ତି । ତାଙ୍କର ଆଖି ଟେବୁଲର ଏ କୋଣରୁ ସେ କୋଣ ପର୍ଯ୍ୟନ୍ତ ଏପଟ ସେପଟ ହେଉଥିଲା । ପବନରେ ବାହାର ଗଛ ହଲୁଥିଲା । ଗଛର ହଲୁଥିବା ଛାଇ ଟେବୁଲର କାଚ ଉପରେ ହଲୁଥିଲା । ତାଙ୍କ ଆଗରେ ସେ ଉତ୍ତର ବଙ୍ଗର ଅନେକ ବର୍ଷ ତଳେ ଘଟି ଯାଇଥିବା ଦୃଶ୍ୟମାନ ଆଉଥରେ ଯେମିତି ଅଭିନୀତ ହେଉଥିଲା । ସେ ଆମ ଆଡକୁ ମୋଟେ ଅନାଉ ନଥିଲେ । ଖାଲି ନିଜର ମୁଣ୍ଡ ହଲାଉ ଥିଲେ । ନିଜକୁ ନିଜେ କିଛି କହି ହେଉଥିଲେ । କିଛି କିଛି କ୍ଷୀଣ ଶବ୍ଦ ଆମ ଆଡକୁ ଭାସି ଆସୁଥିଲା ।

ହାତୀମାନେ ଆସି ଯାଇଛନ୍ତି । - ସେ ଛାଇକୁ ଅନାଇ କହି ହେଉଥିଲେ । ଉତ୍ତର ବଙ୍ଗରେ ଏବେ ଅନେକ ହାତୀ । ସବୁଆଡୁ ଖବର ଆସିଲାଣି । ସମସ୍ତେ ବ୍ୟସ୍ତ ହୋଇ ଉଠିଲେଣି । ସବୁଆଡୁ ଫୋନ୍ ଆସୁଛି ।

ଡି.ଏଫ୍.ଓ. ବ୍ୟସ୍ତ ହୋଇଗଲେ । ସବୁବେଳେ ଖବର । କେଉଁଠି ହାତୀଦଳ ଘର ଭାଙ୍ଗିଲେଣି ତ କେଉଁଠି ଫସଲ ଖାଇଲେଣି । ଲୋକମାନେ ଘର ଦ୍ୱାର ଛାଡି ଏଣେତେଣେ ପଳାଉଛନ୍ତି । ସବୁଆଡୁ ହାତୀ ମାନଙ୍କର ଉତ୍ପାତର ଖବର । ଡି.ଏଫ୍.ଓ. ଙ୍କ ବ୍ୟସ୍ତ ହେବା କଥା । ସାରା ଜିଲ୍ଲାରେ ଜଙ୍ଗଲ ଜୀବଙ୍କୁ ତାଙ୍କର ଦେଖିବାର କଥା । ସେ ଏବେ ଭଲ ଭାବରେ ଶୋଇ ପାରୁ ନାହାନ୍ତି ।

ମିଷ୍ଟର ବ୍ୟାସ ନିଜ ମୁଣ୍ଡକୁ ହଲାଇଲେ । ପଚଶ ବର୍ଷ ତଳେ ସେ କେବେ ଉତ୍ତର ବଙ୍ଗରେ ଡି.ଏଫ୍.ଓ ଥିଲେ । ସେହି ସମୟର କଥା । କଥାଟା ଭାବିଲାବେଳକୁ ସେ ନିଜକୁ ସେବେକାର ତରୁଣ ଡି.ଏଫ୍.ଓ ଭଳି ଭାବି ନଅନ୍ତି । ସେ ଜମା ଆମ ଆଡକୁ ଅନାଉ ନଥିଲେ । ତାଙ୍କ ଆଗରେ କିଛି ଅଜଣା ବ୍ୟକ୍ତି ବସିହନ୍ତି, ସେ କଥା ସେ ଜମା ଭାବୁ ନଥିଲେ । ତାଙ୍କର ମନ ହଲୁଥିବା ଛାଇ ମାନଙ୍କ ସହ ହାତୀ ଦଳ ଆଡକୁ ଗ୍ଲଲି ଯାଉଥିଲା ।

ସେ ହଜ ଚେଆରରୁ ଉଠି ପଡେଲେ । ସିଧା ଶରୀର, କ୍ଷୀଣ ତନୁ, ନାକ ତଳେ ଖୁବ୍ ମୋଟା ନଶ । ସେ ଚେଆର ଘ୍ରିପାଖ ଆଶ୍ଚର୍ଯ୍ୟଜନକ ଭ୍ବେ ବୁଲି ପଡିଲେ । ହଜକୁ ସେହି ପୁରୁଣା ଜଙ୍ଗଲ ଭିତରେ ଆବିଷ୍କାର କରୁଥିଲେ ।

ସେତେବେଳକୁ ତାଙ୍କୁ ତିରିଶ ମଧ ହୋଇ ନଥିଲ୍ । ତରୁଣ ବୟସ । ମନରେ ଅଦମ୍ୟ ସାହାସ । ସବୁ କଥାରେ ସେ ଆଗଭର ହୋଇ ବାହାରି ପଡୁଥିଲେ । ତାଙ୍କର ସେମିତି ଅଭ୍ୟାସ । ହାତୀ ମାନଙ୍କର କଥା ଶୁଣି ସେଦିନ ଖୁବ୍ ଜଲଦି ହଜକୁ ପ୍ରସ୍ତୁତ କରି ନେଇଥିଲେ ।

ଏକୁଟିଆ ହାତୀଟିଏ ଦଳରୁ ବାହାରି ଯାଇଥାଏ । ଏମିତିକା ଏକୁଟିଆ ହାତୀମାନେ ଖୁବ୍ ବିପଦଜନକ । ସେମାନେ କଛି କରି ଦେଇପାରନ୍ତି । ଏଗୁଡାକ ଏଣେ ତେଣେ ବୁଲନ୍ତି । କାହାକୁ ପାଖକୁ ଯିବାକୁ ଦିଅନ୍ତି ନହିଁ । ଯଦି କଛି ଘଟିଲ୍, ସେମାନେ ସିଧା କଛି ଇଙ୍ଗିତ ନଦେଇ ଆକ୍ରମଣ କରନ୍ତି । ଏମିତିଆ ଏକ ଅଳ୍ପ ବୟସର ହାତୀଟିଏ ଦଳରୁ ବାହାରି ଯାଇଥାଏ ।

ମିଷ୍ଟର ବ୍ୟାସଙ୍କ ପାଖକୁ ଖବର ଆସିଲ୍ । ସେତେବେଳକୁ ଖୁବ୍ ସକାଳୁ ସେ ପ୍ରସ୍ତୁତ ଥାଆନ୍ତି । ହାତୀ ଆକ୍ରମଣର ଖବର ସବୁବେଳେ ତାଙ୍କ ପାଖକୁ ଆସୁଥାଏ । ଏହି ହାତୀକୁ ହଜ ଦଳ ପାଖକୁ ଘଉଡାଇବାକୁ ହେବ ।

ହାତୀଟା ଖୁବ୍ ବଡ । ଉତ୍ତର ବଙ୍ଗର ଜଙ୍ଗଲ ଭିତରେ କେଉଁଠି ରହି ଯାଇଥାଏ । ଷ୍ଟାଫ୍ ମାନେ ଖୋଜି ପାଉ ନଥାନ୍ତି । ଉତ୍ତର ବଙ୍ଗର ଜଙ୍ଗଲ ଖୁବ୍ ଘଞ୍ଚ । ବର୍ଷର ଅଧିକାଂଶ ସମୟରେ ବର୍ଷା ହୁଏ । ବର୍ଷା ଦିନେ ତ ଘନ ଘୋର ବର୍ଷା । ସମତଳ ଅଞ୍ଚଳର ପରେ ଆରମ୍ଭ ହୋଇ ଯାଇଛି ହିମାଳୟର ପାହାଡ ଶୃଙ୍ଖଳା । ବର୍ଷା ଭର୍ତ୍ତି ବାଦଲ ଉତ୍ତର ବଙ୍ଗର ସମତଳ ଅଞ୍ଚଳରେ ମାଠିଆରୁ ପାଣି ଯେମିତି ଢାଳ ଦିଏ । ଗଛ ସବୁ ଖୁବ୍ ଜଲଦି ବଢି ଯାଆନ୍ତି । ଖୁବ୍ ଘଞ୍ଚ ଜଙ୍ଗଲ, ଉପରେ ତଳେ, ସବୁଆଡେ ଗଛମାନ ଖୁନ୍ଦି ହୋଇ ରହିଥାଏ । ଅଳ୍ପ କେଇ ହାତ ଦୂରରୁ କଛି ଦେଖିହୁଏ ନାହିଁ । ଏମିତିଆ ଏକ ଅଞ୍ଚଳରେ ବଦରାଗୀ ହାତୀଟା ହଜି ଯାଇଥାଏ ।

ହାତୀ ଘଉଡାଇବା ଦଳ ସେହି ହାତୀକୁ ଆଉ ପାଇଲେ ନାହିଁ । ସେମାନେ ବ୍ୟସ୍ତ ହେଉ ଥାଆନ୍ତି । ଏକୁଟିଆ ହାତୀ କେତେବେଳେ ମଣିଷକୁ ମାରି ଦେଇପାରେ । ସବୁ ଆଡେ ମଣିଷ, ସବୁଆଡେ ଜଙ୍ଗଲ, ଆଉ ତା ଭିତରେ ଏକ ବଦରାଗୀ ବଡ ହାତୀ ଏକୁଟିଆ ଘୁରି ବୁଲୁଛି । ଏମିତିଆ ଜଙ୍ଗଲରେ ହାତୀର ପାଦ ଚହ୍ନ ଖୋଜିବା ମଧ ଦୁଷ୍କର । ତଳେ କେଇ ଇଂଚ ମୋଟା

ସହା ପନ୍ଦର ଗାଲିଗ୍ମ । କାଦୁଆ ମାଟି । ଛୋଟ ଗୁଳ୍ମ ଭରି ଯାଇଛି । ପାଦକୁ ଆଣ୍ଠୁ ପର୍ଯ୍ୟନ୍ତ ଉଠେଇ ଗ୍ଲିବାକୁ ପଡେ । ସେମିତିଆ ଅଞ୍ଚଳରେ ହାତୀକୁ ଖୋଜିବାକୁ ପଡିବ ।

ମିଷ୍ଟର ବ୍ୟାସ କନ୍ତୁ ମୋଟେ ବ୍ୟସ୍ତ ହେଉ ନଥାନ୍ତି । ତାଙ୍କୁ ସେତେବେଳେ ଖୁବ୍ ମଜା ଲ୍ଗୁଥାଏ । ଏମିତିଆ ଜଙ୍ଗଲରେ ଆଡଭେଞ୍ଚର ପାଇଁ ଅନେକ ସୁଯୋଗ । ସେ ନଜ ଭିତରେ ଉତ୍ସାହ ଅନୁଭବ କରୁଥାଆନ୍ତି ।

ସେମାନଙ୍କ ଦଳ ହାତୀର ଖବର ପାଇଲ୍ । ଗ୍ମଷ ଜମି ପରେ ଜଙ୍ଗଲ ଆରମ୍ଭ ହୋଇଛି । ଘଣ୍ଟାଏ ପୂର୍ବରୁ ଲ୍ୋକମାନେ ଏକୁଟିଆ ହାତୀକୁ ସେଇଠି ଦେଖିଛନ୍ତି । ସେମାନେ ସାବଧାନତାର ସହ ଜଙ୍ଗଲ ଭିତରେ ପଶିଲେ । ଖୁବ୍ ସରୁ ଚଲ୍ ପଥରେ ହାତୀ ଯାଇଛି । କେଉଁଠି କେଉଁଠି ଓଦା ମାଟି ଉପରେ ହାତୀର ପାଦଚହ୍ନ ମିଳୁଥାଏ । ସେମାନେ ଖୁସି ହେଲେ । ଏମିତିଆ ଗ୍ସ୍ତାରେ ସେମାନେ ଖୁବ୍ ଶିଘ୍ର ହାତୀକୁ ପାଇଯିବେ ।

ପାଦଚଲ୍ ଗ୍ସ୍ତାର ଉପରେ ଡାଳ ସବୁ ଖୁବ ନୁଆଁଣିଆ ହୋଇ ଯାଆନ୍ତି । ମୋଟା ଲତା ସବୁ ସାପଭଳ ଗଛରେ ଚଢି ଥାଆନ୍ତି । ଏମିତିଆ ଭୟଙ୍କର ଜଙ୍ଗଲି ସାପ ସବୁଆଡେ । ଓହଳ ପଡିଥିବା ଲତାମାନ ଲ୍ଗୁଥାନ୍ତି ଅଜଗର ସାପ ।

ହାତୀ ଖୋଜୁଥିବା ଦଳ ସାବଧାନତାର ସହ ଆଗଉ ଥାଆନ୍ତି । ସେମାନେ ଭ୍ବୁଥିଲେ ଯେ ହାତୀ ଜଙ୍ଗଲ ଭିତରକୁ ଗ୍ଲି ଯାଇଥିବେ । କନ୍ତୁ ଗ୍ଲ୍କ ହାତୀ ମଣିଷର ବ୍ୟବହାର ବିଷୟରେ ଖୁବ୍ ଭଲ ଭ୍ବରେ ଜାଣିଥିଲ୍ । ହାତୀ ପାଦଚଲ୍ ଗ୍ସ୍ତାରେ କଛି ସମୟ ଗ୍ଲିବା ପରେ ବଙ୍କା ଗ୍ସ୍ତାରେ ଗ୍ଲି ଯାଇଥିଲ୍ । ଜଙ୍ଗଲ ଭିତରେ ଯାଇ ପୁଣିଥରେ ଜଙ୍ଗଲ ଧାରକୁ ଗ୍ଲି ଆସିଥିଲ୍ । ସେଠି ଏକ ପୋଖତ ଶୀକାରୀ ଭଳ ଶିକାରର ଫେରିବା ବାଟକୁ ଗ୍ହିଁ ବସିଥିଲ୍ । ଏଠି ଖୋଜୁଥିବା ଲ୍ୋକମାନେ ହାତୀର ଶୀକାର ।

ସେମାନେ ଜଙ୍ଗଲରେ ଅନେକ ସମୟ ଧରି ଖୋଜିଲେ । ସବୁ ବୃଥା । ହାତୀ ତ କେତେବେଳଠୁ ଜଙ୍ଗଲ ଭିତରୁ ବାହାରି ଗଲ୍ଣି । ସେମାନେ ଫେରି ଆସୁଥିଲେ । ହାତୀର ଖବର ମିଳଲେ ପୁଣି କଛି ପଦକ୍ଷେପ ନଆଯିବ । ହାତୀ ଆଉଥରେ ବାହାର ଧାନ କ୍ଷେତ ବା ଗାଁ ଅଞ୍ଚଳକୁ ଆସୁ ।

ଏଣେ ହାତୀ ଖୋଜୁଥିବା ଦଳ ପାଇଁ ଛକ ରହିଥାଏ । ତୃଣଭୋଜୀ ପ୍ରାଣୀମାନେ ସାଧାରଣତଃ ଛକ ରହି ଆକ୍ରମଣ କରନ୍ତି ନହିଁ । ସେମାନେ ଗ୍ଗିଗଲେ ସିଧା ଆକ୍ରମଣ କରନ୍ତି । କନ୍ତୁ ଛକ ରହିବା ସେମାନଙ୍କ ସ୍ୱାଭ୍ବ ନୁହେଁ ।

ଦଳ ହାଲିଆ ହୋଇ ଫେରି ଆସୁଥିଲା । ସମୟ ଅନେକ ଗଡି ଯାଉଛି । ଆଉ ସାବଧାନତା ନଥିଲା । ହାତୀ ଜଙ୍ଗଲ ଭିତରେ ହଜି ଯାଇଛି ।

ମଣିଷ ଦଳ ଜଙ୍ଗଲ ଧାର ପାଖକୁ ଆସିଗଲେଣି । ଟିକଏ ପରେ ଗୃଷ ଜମି ଆରମ୍ଭ ହେବ । ବର୍ଷା ବନ୍ଦ ହୋଇ ଯାଇଛି । ଗହଳଆ ପତ୍ର ଦେଇ ଅଳ୍ପ ଅଳ୍ପ ଆଲୋକ ଝରି ପଡୁଛି । ଜଙ୍ଗଲ ଭିତରେ ହାଲକା ଅନ୍ଧାର । ହଠାତ୍ ଖୁବ୍ ଜୋରରେ କାହାଳୀ ଶବ୍ଦ । କଛି ନଜଣାଇ ହାତୀ ସେମାନଙ୍କ ଉପରେ ଆକ୍ରମଣ କରିଦେଲା । ଗଛ ଡାଳ ଭାଙ୍ଗିବାର ମଡ୍ ମାଡ୍ ଶବ୍ଦ । ଜଙ୍ଗଲ ଭିତରେ ଯେମିତି ଝଡ ବୋହିଗଲା । ହାତୀର ଆକ୍ରମଣ ଖୁବ୍ ତୀବ୍ର । ଲୋକମାନେ ଜୀବନ ବିକଳରେ ଏଣେତେଣେ ଧାଉଁଥାଆନ୍ତି । ଏତେ ସବୁ ଏତେ ଶୀଘ୍ର ଘଟିଗଲା ।

ମିଷ୍ଟର ବ୍ୟାସ ନିଜକୁ ହାତୀର ପେଟ ତଳେ ଆବିଷ୍କାର କଲେ । ତାଙ୍କର ଉପରେ ସେହି ବିଶାଳ ବଦରାଗୀ ହାତୀ । ତଳେ ଅସହାୟ ଭାବରେ ପଡିଛନ୍ତି ମିଷ୍ଟର ବ୍ୟାସ । ସମସ୍ତେ ଏଣେତେଣେ ଧାଇଁ ପଳାଇ ଥାଆନ୍ତି । ହାତୀର ପେଟତଳେ ମିଷ୍ଟର ବ୍ୟାସ ନିଜେ କେମିତି ଆସିଲେ ବୁଝି ପାରୁନଥାନ୍ତି । ନିଜ ଉପରେ ଏକ ବିଶାଳ ଛାତ, ସେ ଛାତରୁ ହାତୀର ଦେହର କଂଟା ଭଳି ଲୋମ ସବୁ ଝୁଲୁଥାଏ । ମିଷ୍ଟର ବ୍ୟାସ ନିଜ ଉପରେ ସେହି କଂଟାକୁ ଅନୁଭବ କରୁଥାନ୍ତି । ହାତୀ ତାଙ୍କୁ ଗୋଡରେ ଦଳିବାକୁ ଚେଷ୍ଟା କରୁଥାଏ । ସେ ନିଜକୁ ବଞ୍ଚାଇ ପେଟ ତଳେ ବୁଲି ପଡୁଥାନ୍ତି । ହାତୀ ନିଜର ବିଶାଳ ମୁଣ୍ଡକୁ ଖୁବ୍ ଜୋରରେ ତଳକୁ ନେଇଆସିଲା । ମୋଟା ବିଶାଳ ଦାନ୍ତ ତାଙ୍କର ଗାଲକୁ ଛୁଇଁ ମାଟିରେ ଜୋରରେ ଭୁସି ହୋଇଗଲା । ସେ ଗାଲରେ ହାଲକା ଜଳିବାର ଅନୁଭବ କରୁଥାନ୍ତି । ନିଶ୍ଚିନ୍ତ ମୃତ୍ୟୁରୁ ଏବେ ରକ୍ଷା ପାଇ ଯାଇଛନ୍ତି । ହାତୀର ପ୍ରଥମ ଚେଷ୍ଟା ବୃଥା ଗଲା । ହାତୀ ଖୁବ୍ ଜୋରରେ କାହାଳ ଧ୍ୱନୀ କଲା । ତାଙ୍କ ଦେହରେ ହାତୀର ଲାଳ ବୋହି ପଡିଥାଏ । ତଳେ ମିଷ୍ଟର ବ୍ୟାସ ସେମିତି ପଡିଥାଆନ୍ତି । ହାତୀ କ୍ରୋଧରେ ଅଥୟ ହେଉଥାଏ । ପୁଣିଥରେ ହାତୀ ଜୋରରେ ନିଜର ଦାନ୍ତକୁ ତଳକୁ ନେଇ ଆସିଲା । ଦାନ୍ତ ମିଷ୍ଟର ବ୍ୟାସଙ୍କର କାନ୍ଧକୁ ଛୁଇଁ ମାଟିରେ ଭୁଷି ହୋଇଗଲା । ତାଙ୍କର ସାର୍ଟ ଚିରିଗଲା । କିନ୍ତୁ ମିଷ୍ଟର ବ୍ୟାସ ବଞ୍ଚିଗଲେ ।

ମିଷ୍ଟର ବ୍ୟାସଙ୍କର ବୁଦ୍ଧି ଲୋପ ପାଇଯାଇଥାଏ । ସେ କିଛି ଭାବିପାରୁ ନଥାନ୍ତି । ତଙ୍କର ସୁରକ୍ଷା ପ୍ରଣାଳୀ ତାଙ୍କର ବିବେକ, ବୁଦ୍ଧିର ସ୍ଥାନ ନେଇ ଯାଇଥାଏ । ଅଜାଣତରେ ଶରୀର ତାର ରକ୍ଷା କରୁଥାଏ । ହାତୀ ବାରମ୍ବାର ତାଙ୍କୁ ଭୁଷିବାକୁ ଚେଷ୍ଟା କରୁଥାଏ । ନିରନ୍ତର ପାଦରେ ଦଳି

ଦେବାର ଚେଷ୍ଟା ଥାଏ । ହାତୀର ସବୁ ଚେଷ୍ଟାକୁ ତାଙ୍କର ଶରୀର ତାଙ୍କ ଅଜାଣତରେ ପ୍ରତିହତ କରି ଗ୍ଭଲିଥାଏ ।

ଏଣେ ତାଙ୍କର ଦଳ ସମ୍ବିତ ଫେରି ପାଇଲେ । କେତେ ମୁହୁର୍ତ୍ତର କଥା । ସେମାନେ ସବୁ ଅଭିଜ୍ଞ ବ୍ୟକ୍ତି । ହଠାତ୍ ଆକ୍ରମଣରେ ସେମାନେ ବୁଦ୍ଧି ହଜାଇ ଦେଇଥିଲେ । ସେମାନେ ଦଳ ବାନ୍ଧି ଆଗେଇ ଆସିଲେ । ଖୁବ୍ ଜୋରରେ ସମସ୍ତେ ପାଟି କରୁଥାଆନ୍ତି । ଏଣେ ମିଷ୍ଟର ବ୍ୟାସ ହାତୀର ପେଟ ତଳେ ବଞ୍ଚିଯାଇଛନ୍ତି । ହାତୀ ଦଳେ ଲୋକଙ୍କୁ ଖାତିର ନକରି ମାରିବାର ଚେଷ୍ଟା ଚଳାଇଥାଏ । କଛି ନହେବା ଦେଖି ନିଜ ପେଟକୁ ତଳୁଆ କରିଦେଲା । କଛି ସମୟରେ ତଳେ ବସିଯିବ । ମିଷ୍ଟର ବ୍ୟାସ ଆଉ ବଞ୍ଚିବେ ନାହିଁ । ଯଦି ହାତୀ ତାଙ୍କ ଉପରେ ବସିଯାଏ, ସେ ଏକ ମୁହୁର୍ତ୍ତରେ ମରିଯିବେ । ଲୋକମାନେ ହାତୀର ଏମିତିଆ ଚେଷ୍ଟା ଦେଖି ଖୁବ୍ ଜୋରରେ ଚକ୍ରାର କରି ହାତୀ ଆଡକୁ ମଡି ଆସିଲେ । ହାତୀ ଦେଖିଲା ସେ ତଳେ ବସିଗଲେ ଆଉ ଉଠି ପାରିବ ନାହିଁ । ତଳେ ବସିବାର ଚେଷ୍ଟାରୁ ସେ ନିବୃତ ହୋଇ ଚକ୍ରାର କଲା । ଆଉ ଥରେ ଖୁବ୍ ଜୋରରେ ଦାନ୍ତ ମିଷ୍ଟର ବ୍ୟାସଙ୍କର ଶରୀରରେ ଭୁସି ଦେବାକୁ ଚେଷ୍ଟାକଲା । ହାତୀର ଦାନ୍ତ ମିଷ୍ଟର ବ୍ୟାସଙ୍କର ଛାତିର ଚମଡାରେ ଘସି ହୋଇ ତଳେ ଭୁଷି ହୋଇଗଲା ।

ତାଙ୍କର ଦଳ ହାତୀର ପାଖକୁ ମଡି ଆସିଲେ । ଯାହା ହାତରେ ଯାହା ଥିଲା ଧରି ସମସ୍ତେ ଚକ୍ରାର କରି ମାଡି ଆସୁଥାନ୍ତି । ଏମିତିଆ ନିଡରୁଆ ଦଳକୁ ଦେଖି ହାତୀ ଡରିଗଲା । ଏକ ଉତ୍କଟ କାନଫଟା ଚକ୍ରାର, ହାତୀ ନିଜର ବ୍ୟର୍ଥ ଚେଷ୍ଟାରୁ ନିବୃତ ହୋଇ ଜଙ୍ଗଲ ଭିତରକୁ ଦୌଡି ପଳାଇଲା । ସେ ମିଷ୍ଟର ବ୍ୟାସଙ୍କର ଶରୀର ଉପରୁ ପ୍ରାୟ ଲମ୍ବା ଲମ୍ଫ ଦେଲା । ତାର ଛୋଟ ଲାଙ୍ଗୁଡ ଠିଆ ହୋଇ ଯାଇଥାଏ । ଲୋକମାନେ ହାତୀର ପଳେଇବାର ରାସ୍ତା ଛାଡି ଦେଇଥାନ୍ତି । ହାତୀ ଡରି ପଳାଉ ।

ଏଣେ ମିଷ୍ଟର ବ୍ୟାସ ତଳେ ପଡିଥାନ୍ତି । ଅଜାଣତରେ ଏତେ ସଂଘର୍ଷ କଲାପରେ ସେ ଏବେ ପୁରା ନିଷ୍ଟଳ । ତାଙ୍କ ଦେହରେ ଜୀବନ ଅଛି ବୋଲି ସେ ନିଜେ ଜାଣି ପାରୁନଥାନ୍ତି । ସବୁ ତାଙ୍କୁ ସ୍ୱପ୍ନ ଭଳ ଲାଗୁଥାଏ । କାନ ପାଖରେ ହାତୀର ଉତ୍କଟ ଚକ୍ରାର ଭସି ଆସୁଥିଲା ଭଳ ଲାଗୁଥାଏ । ହାତୀ ଦାନ୍ତ ଘଷି ହୋଇଯାଇଥିବା ଯାଗା ସବୁ ଧାନୁଆ ଲଙ୍କା ଭଳ ଜଳୁଥାଏ । ସେ ମଲା ଭଳ ପଡିଥାନ୍ତି । ତାଙ୍କର ଆଖି ଅଧା ଖୋଲାଥାଏ । ବାହାରର ଆକାଶଟି ମେଘୁଆ । ଗଛର ଫାଙ୍କ ଦେଇ ତାଙ୍କ ଆଡକୁ ପବନ ବୋହି ଆସୁଥାଏ । ସେ ନିଜ ଗ୍ଭରିପାଖେ ମଣିଷର ଗୁଣୁଗୁଣୁ ଶବ୍ଦ ଶୁଣୁଥାଆନ୍ତି । ହାତୀର ଚକ୍ରାରରେ ତାଙ୍କର କାନ ତାବଦା ହୋଇ ଯାଇଥାଏ ।

ଅନ୍ୟମାନେ ତାଙ୍କୁ ଉହୁଙ୍କି ଦେଖୁଥାନ୍ତି । କଏ କଏ ହଲ୍ଉ ଥାଆନ୍ତି । ମିଷ୍ଟର ବ୍ୟାସଙ୍କର ଲୁଗାପଟା ସବୁ ହାତୀ ଆକ୍ରମଣରେ ଚରି ଯାଇଥାଏ । ଏମିତି ଆକ୍ରମଣରୁ କେହି ବଞ୍ଚି ନାହାନ୍ତି । ଅଧା ଖୋଲା ଆଖିରେ ମିଷ୍ଟର ବ୍ୟାସ ନଜ ଉପରେ ଆଲୋକ ଝରି ପଡୁଥିବାର ଅନୁଭବ କରୁଥାଆନ୍ତି । ତାଙ୍କ ଦେହରେ ପବନ ଚରିଯିବାର ଅନୁଭବ । କଳା କଳା ଚେହେରାମାନ ତାଙ୍କ ଦେହରେ ଯେମିତି ଚରି ଯାଉଥାନ୍ତି । ତାଙ୍କୁ ଲାଗୁଥିଲା ଯମଦୂତମାନେ ତାଙ୍କୁ ଯେମିତି ବାନ୍ଧି ନେବାପାଇଁ ଆସି ଯାଇଛନ୍ତି ।

ସେ ନଜର ଚେତା ପାଇଲେ । ପଥର ଭଳ ପଡିଥିବା ଶରୀର ହଲିଗଲା । ଏକ ଲମ୍ବା ଲମ୍ଫଦେଇ ଖୁବ୍ ଜୋରରେ ଦୌଡିଲେ । କଛି ବାଟ ଦୌଡି ଯାଇ ସ୍ଥିର ହୋଇଗଲେ । ତାଙ୍କର ସହକର୍ମୀଗଣ ଏମିତି କାହିଁକ ହେଲା ବୁଝି ପାରୁନଥିଲେ । ଏକ ପଥର ଭଳ ପଡିଥିବା ଶରୀର ହଠାତ୍ ଦୌଡିପାରେ ଏକଥା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।

ଟିକଏ ଦୂରରେ ଠିଆ ହୋଇ ସେ ବରଡା ପନ୍ର ଭଳ ଥରୁଥାନ୍ତି । ତାଙ୍କ ଦେହ ଖୁବ୍ ଜୋରରେ ହଲୁଥିଲା ଯେମିତି ତାଙ୍କୁ କଳେସୀ ଲାଗିଛି । ସେ ନଜକୁ ସମ୍ଭାଳ ନପାରି ତଳେ ବସି ପଡିଲେ । ଆଖି ବନ୍ଦ କରିଦେଲେ । ମୃତ୍ୟୁ ମୁଖରୁ ରକ୍ଷା ପାଇ ଯାଇଛନ୍ତି, ଏମିତିଆ ଆକ୍ରମଣକାରୀ ଦୁର୍ଦ୍ଦାନ୍ତ ହାତୀ କବଳରୁ ସେ ରକ୍ଷା ପାଇ ଯାଇଛନ୍ତି । ସେ ମାଟିରେ ମୁଣ୍ଡ ଲଗାଇ ଭଗବାନଙ୍କର ଅପାର କରୁଣା ପାଇଁ ପ୍ରଣାମ କଲେ ।

ଅନେକ ସମୟ ଧରି ସେ ସେମିତି ତଳେ ବସି ରହିଲେ । ଲୋକମାନେ ତାଙ୍କୁ ଘେରି ରହିଥାନ୍ତି । ତାଙ୍କର ଦେହସାରା କାଦୁଅ, କପଡା ଛିଣ୍ଡା । ସେ ଖୁବ୍ ଜୋରରେ ହସି ଉଠିଲେ । ଅନେକ ସମୟ ଧରି ଖୁବ୍ ଜୋରରେ ହସିଲେ । ଡିଏଫଓ କୁ ହାତୀ ଏକ ହସର ପାତ୍ର ବନାଇ ଦେଲା । ସମସ୍ତେ ଏ କାହାଣୀ ଶୁଣି ମଲା ପର୍ଯ୍ୟନ୍ତ ହସିବେ । ସିଂହର ସାହାସ ଥିବା ମୋଟା ନଶଧାରୀ ମଣିଷକୁ ହାତୀ ଏକ ଜୋକର ବନାଇ ଦେଲା । ମିଷ୍ଟର ବ୍ୟାସ ଖୁବ୍ ଜୋରରେ ପାଗଳ ଭଳଆ ହସୁଥାନ୍ତି ।

ମିଷ୍ଟର ବ୍ୟାସ ସେଦିନ ବଞ୍ଚିଗଲେ । ଏମିତିଆ ଆକ୍ରମଣରୁ ତାଙ୍କୁ ଭଗବାନ ରକ୍ଷା କରିଦେଲେ । ତାଙ୍କ ଗାଲରେ ହାତୀ ଦାନ୍ତର ଗୁପୁଡା ଯୋଗୁ ରକ୍ତ ଜମାଟ ହୋଇ ମାସେ କାଳ ଜମି ରହିଲା । ଛାଡି ଆଉ କାନ୍ଧର ଦାନ୍ତ ଆଂଚୁଡା କଛି ଦିନ ଭିତରେ ଶୁଖିଗଲା । ଯଦି ସେହି ହାତୀ ଦାନ୍ତ ଇଂଚ ବା ଦୁଇ ଇଂଚ ବାମକୁ ହୋଇଥାନ୍ତା ମିଷ୍ଟର ବ୍ୟାସ ସେଇଠି ଜୀବନ ହାରି ଦେଇଥାନ୍ତେ । ସେଇ ଦିନଠୁ ଭଗବାନଙ୍କ ପ୍ରତି ତାଙ୍କର ବିଶ୍ୱାସ ବଢିଗଲା ।

ଭାଗ୍ୟ, ସବୁ ଭାଗ୍ୟ - ମିଷ୍ଟର ବ୍ୟାସ ଆଉ ଥରେ କହି ଉଠିଲେ । ଘର ଭିତରର ସ୍ଥାଣୁତା ଭଗ୍ନ ହେଲା । ଉତ୍ତର ବଙ୍ଗର ସେହି ଦୁର୍ଦ୍ଦାନ୍ତ ହାତୀମାନଙ୍କର କଥାରେ ମେ ମାସର ଗରମ ଦିନଟା ଶୀତୁଆ ହୋଇଗଲା । ମୋର ଲୋମ ଟାଙ୍କୁରି ଉଠୁଥିଲା । ଏମିତିଆ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚି ଆସିବାର କାହାଣୀ ମନ ଭିତରେ ଡର ଭରି ଦେଉଥିଲା । ଡର କାହାକୁ ନଲାଗେ । ହାତୀର ପାଦତଳେ କ ଭୟାନକ ମୃତ୍ୟୁ ହୋଇ ଥାଆନ୍ତା ସେ ଦିନ ।

ମୁଁ ଆଖି ବନ୍ଦ କରିଦେଲି । ଉତ୍ତର ବଙ୍ଗର ହିମାଳୟ ପାଦ ଦେଶରେ ଥିବା ଶୁଷ୍କ ଜମି ଗୁଡିକ ଶୁଖି ଗଲାଣି । ଅନେକ ଦିନ ଖରା ପରେ ମାଟିରେ ଆଦ୍ରତା ଆଉ ନାହିଁ କହିଲେ ଚଳେ । କିଛି କିଲୋମିଟର ଦୁରରେ ହିମାଳୟର ତଳ ପାହାଡ ଗୁଡିକ ସ୍ପଷ୍ଟ ଦେଖାଯାଉଛି । ଘର ଗୁଡିକ କିଛି ଦୂରରେ । ଦଳେ ହାତୀଙ୍କୁ ଜଙ୍ଗଲ ବିଭାଗ ଘଉଡାଉଛି । ଦଳରେ ଅନେକ ହାତୀ । ସବୁ ବୟସର ହାତୀ, ଅଣ୍ଡିରା, ମାଈ ଆଉ ଖୁବ୍ ଛୁଆ ହାତୀ । ସବୁଠୁ ସାନ ପ୍ରାୟ ଦୁଇ ମାସର ହାତୀ । ସେମାନେ ଡରି ଯାଇଛନ୍ତି । ଖୁବ ଡରି ଯାଇଛନ୍ତି । ସବୁଆଡୁ ଉତ୍କଟ ଚିତ୍କାର । ସେମାନଙ୍କ ଆଡକୁ ନିଆଁ, ଧୂଆଁ ଭଳ ହୁଳାମାନ ଫୋପାଡା ଯାଉଛି । ସେମାନେ ଡରି ଗୋଟିଏ ଯାଗାରୁ ଅନ୍ୟ ଯାଗାକୁ ଦୌଡୁଛନ୍ତି । କିନ୍ତୁ କେଉଁଠିବି ସାହା ନାହିଁ, ରାହା ନାହିଁ । ସବୁ ଆଡେ ଚିତ୍କାର । ସେମାନଙ୍କ ଆଖିରେ ଡର । ଶୁଣ୍ଢ ସବୁ ତଳୁଆ ହୋଇଯାଇଛି । ଡରି ସେମାନେ ପଳାଉଛନ୍ତି ।

ମୋ ଆଖି ବନ୍ଦ କରି ନେଲି । ଛୁଆ ହାତୀଟିଏ ଦୌଡି ପଳାଉଛି । ଛୋଟ ଛୋଟ ଗୋଡ ଗୁଡିକ ହାଲିଆ ହୋଇ ଯାଉଛି । ତଳେ ମାଟିରୁ ଧୂଳି ଖୁବ୍ ଜୋରରେ ଉଡୁଛି । ସେ ଭିତରେ ତାର ଶରୀର ପ୍ରାୟ ଲୁଚ ଯାଉଛି । କେବେ କେବେ ତାର ମୁଣ୍ଡ ଦେଖାଯାଉଛି । ତାର ଡରୁଆ ଆଖିରେ ନିଃସହାୟତା ଫୁଟି ଉଠୁଛି । ସେ ତା ମା, ମାଉସୀମାନଙ୍କ ସହ ଦୌଡୁଛି । ବାହାରେ ଲୋକମାନେ ଚିତ୍କାର କରୁଛନ୍ତି, ନିଆଁ ହୁଳା ଫିଙ୍ଗୁଛନ୍ତି । ଟର୍ଚ୍ଚ ଆଲୋକରେ ତାର କଳା ଦେହଟା ଟିକଏ ଦେଖା ଯାଉଛି, ଲାଗୁଛି ଯେମିତି ସେ ଧୂଳି ସମୁଦ୍ରରେ ପହଁରୁଛି ।

ଭାଗ୍ୟ, ଖାଲି ଭାଗ୍ୟ । ସେଦିନ ହାତୀର ଯେଉଁ ଆକ୍ରମଣ, ମୁଁ ବଞ୍ଚିଗଲି । ଏହାକୁ ଭଗବାନଙ୍କ ଆଶୀର୍ବାଦ ନୁହେଁତ ଆଉ କଣ କହିବି । ମୋର ପୁନଃଜନ୍ମ ହେଲା - ମିଷ୍ଟର ବ୍ୟାସ ସେହି ହାତୀମାନଙ୍କର ଛବିକୁ ଦେଖି କହୁଥିଲେ । ଏତେ ସମୟ ପରେ କିଛି ଶବ୍ଦ ଆମର ହୃଦୟାଙ୍ଗମ ହେଉଥିଲା ।

ମୋ ଆଖି ତାଙ୍କ ଉପରେ ପହଁଚୁଥିଲା । ତାଙ୍କ ଭିତରର ଅନ୍ତଦ୍ୱନ୍ଦକୁ ବୁଝି ପାରୁଥିଲା । ସେ ଆଖି ବନ୍ଦ କରିଦେଲେ । ନଜର ଭାବନାକୁ ସଂଯତ କରୁଥିଲେ ।


ସେହି ଦିନଠାରୁ ମୁଁ ଭାଗ୍ୟ ଉପରେ ବିଶ୍ୱାସ କରିବାକୁ ଆରମ୍ଭ କଲି । - ତାଙ୍କର ସ୍ୱର ଅତି ସଂଜତ, ଶାନ୍ତ ।

ହାତୀ ପାଦତଳେ ଦଳ ହୋଇ ମରିଥିବା ଅନେକ ଶବ ଦେଖିଛି । ମଣିଷ ଶରୀର ମାଂସ ଗୁଳାରେ ପରିଣତ ହୋଇଯାଇଥାଏ । ହାଡ ଚୂନା ହୋଇଯାଇ ଥାଏ । ହାତୀ ଦାନ୍ତ ଆଘାତରେ ସହଜରେ ମୋଟା ଗଛ ଚରି ହୋଇଯାଏ । ମଣିଷ ଶରୀର ଅମିତିଆ ଦାନ୍ତ ପାଇଁ ଏକ କଦଳୀ ପତ୍ର । କନ୍ତୁ ମୁଁ ବଞ୍ଚି ଯାଇଥିଲି । ଏହାହିଁ ଥିଲା ଭଗବାନଙ୍କ ଅପାର କରୁଣା । - ମିଷ୍ଟର ବ୍ୟାସ ନଜର ଆଖି ବନ୍ଦ କରୁଥିଲେ ।

ମୁଁ ତାଙ୍କୁ ଲକ୍ଷ୍ୟ କରୁଥିଲି । ତାଙ୍କର ହଳଦିଆ ପଡି ଯାଉଥିବା ମୁହଁ ବିଶ୍ୱାସରେ ପୁଣି ଉଜ୍ଜ୍ୱଳ ହୋଇ ଉଠିଲା । ସେ ନଜ ଭିତରର ସମ୍ବିତ, ବିଶ୍ୱାସ ଖୋଜି ପାଉଥିଲେ । ଏହି ପଚଶ ବର୍ଷ ଭିତରେ ମିଷ୍ଟର ବ୍ୟାସ ଜୀବନରେ ଅନେକ ଯାତ୍ରା କରିଛନ୍ତି । ସେହି କଛି କ୍ଷଣର ଛାଇ ତାଙ୍କ ମନରେ ସବୁବେଳେ ଜୀବିତ ହୋଇ ରହିଛି ।

ସେହି ଦିନର କଥା । ଆକାଶଟା ଅନେକ ମେଘୁଆ, ତଳେ ଏକ ବିଶାଳ କଳା ଛାତ ଦେଇ କଛି ଆଲୋକ ଝରି ପଡୁଛି । ଏକ ଧଳା ଦାନ୍ତ ଚକ୍ର ଭଳ ମାଟିକୁ ଆଘାତ କରୁଛି, ଏକ ଘଡ ଘଡିର ଶବ୍ଦ । ସେ ଆଖି ବୁଲାଇଲେ । ମୋ ନଜର ସେହି ହାତୀର ଦଳ ଉପରେ ଥିଲା, କେତେ ସୁନ୍ଦର ଭାବେ କଏ ସେମାନଙ୍କ ଛବି ଉଠାଇଥିଲା ।

ମୁଁ ସେହି ଛୁଆ ହାତୀ କଥା ଭାବୁଥିଲି । ଧୂଳର ଉପରେ ତାର ମୁଣ୍ଡ ଭାସି ଯାଉଛି । ଆଖିରେ ଆଖିଏ ଡର । ତାର ଶୁଣ୍ଢ ନଇଁ ଯାଇଛି । ସେ ଖୁବ୍ ଡରି ଦୌଡୁଛି ଆଉ ଦୌଡୁଛି । ଆଶ୍ରୟ ପାଇଁ କେଉଁଠି ଗ୍ରହା ନାହିଁ, କେଉଁଠି ସାହା ନାହିଁ ।



ସେକ୍ଟର- ୩, ସଲ୍ଟଲେକ, କଲିକତା

# ଧବଳେଶ ମାହାତ୍ମ୍ୟ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ହେ ପ୍ରଭୁ ଧବଳେଶ୍ୱର!    ସାଙ୍କୁଡା ପିଠାଧୀଶ୍ୱର!
ତବ ଶ୍ରୀ ପଦ ପଙ୍କଜେ ଭକ୍ତି ପ୍ରଣତି ।
କରେ ଆମ୍ ନିବେଦନ    ଶ୍ରଦ୍ଧା ସୁମନେ ଅର୍ଚ୍ଚନ
ଭକ୍ତି ନୈବେଦ୍ୟରେ ସଦା କରଇ ସ୍ତୁତି
କର ପ୍ରଭୁ ଶୁଭାଶୀର୍ବାଦ
ବିଶ୍ୱ ପ୍ରାଣୀଙ୍କ ଆରତ ହେଉ ଦୂରିତ ॥

ପଙ୍କାଳମୁଠାରେ ଇଷ୍ଟ    ଏ ଅଞ୍ଚଳ ଦେବ ଶ୍ରେଷ୍ଠ
ଭକତ ହୃଦ କନ୍ଦରେ ହୁଅ ପୂଜିତ ।
ତୁମେ ପ୍ରତ୍ୟକ୍ଷ ଦେବତା    ପ୍ରାଣୀଙ୍କର ମୁକ୍ତିଦାତା
ଆଶୁ ବର ଦାନେ ତୋଷ ହୋଇଣ ତୁଷ୍ଟ ।
ତୁମେ ସତ୍ୟ- ଶିବ- ସୁନ୍ଦର ।
ଅଭୟ ମୁଦ୍ରାରେ ଦୁଃଖ ହରନ୍ତୁ ହର ॥

ପ୍ରଭୁ କରୁଣା ସାଗର!    ମୌନ- ଶାନ୍ତ ଅବତାର
ପିତା- ମାତା- ବନ୍ଧୁ- ସଖା ଇହ ଲୋକର ।
ମହାଦେବ ଜଗପ୍ରତି    ଉମାପତି- ମହାଯତି
ପରମ ବୈରାଗୀ ଏ ସଂସାରର ।
ତ୍ର୍ୟମ୍ବକ ହେ ମହାରୁଦ୍ର!
ମହାମୃତ୍ୟୁଞ୍ଜୟ ଦେବ ମହାକାଳର ॥

ମୁମ୍ଭ ମହିମା ଅପାର    ଦେବତାଙ୍କୁ ଅଗୋଚର
ମାନବ କାହୁଁ ଜାଣିବ ତୁମ ଅନ୍ତର ।

କେତେବେଳେ କୋପେ ବର          ତପେ କଦା ଦିଅ ବର
କୃପାକଟାକ୍ଷରେ ପ୍ରଭୁ ପାଳ ସଂସାର ।
ହେ! ଦେବାଧିଦେବ ଶଙ୍କର
ଭକ୍ତ ମନୋବାଞ୍ଛା ସଦା ପୂରଣ କର ॥

ରହିଅଛି ଜନଶ୍ରୁତି          ତୁମ ଆବିର୍ଭାବ ଖ୍ୟାତି
ଅଲୌକିକଦିବ୍ୟ ଲୀଳା ବଡ ଅଦ୍ଭୁତ
ଶ୍ୟାମ ପର୍ଣ୍ଣ ଗହଳରେ          ଲତା- ବୁଦା ଆଢୁଆଳେ
ନିକାଞ୍ଚନେ ଥିଲ ରହି କୁମାର ତାତ ।
ଲିଙ୍ଗ ରୂପେ ହେଲ ପ୍ରକଟ ।
ଗୁପ୍ତେ ରହି ଦେଖୁଥିଲ ସଂସାର ନାଟ ॥

ଗାଇଙ୍କୁ ନେଇଗୋପାଳ          ଗମି ସେହି ପୀଠସ୍ଥଳ
ଚରାଏ ଧେନୁ- ବତ୍ସାଙ୍କୁ ପ୍ରତ୍ୟେକ ଦିନ ।
ଦିନେ ଗୋପାଳ ଦେଖିଲା          ପ୍ରଭୁଙ୍କ ଅପୂର୍ବଲୀଳା
ବୁଦା ମଧ୍ୟେ ଗାଇ ଏକ ଦଣ୍ଡାୟମାନ ।
ତା ସ୍ତନରୁ ଝରଇ କ୍ଷୀର ।
ପ୍ରଭୁଙ୍କ ମସ୍ତକେ ପଡି ଲମ୍ବିଛି ଧାର ॥

ଦେଖି ଏ ଅପୂର୍ବ ଦୃଶ୍ୟ          ହୋଇଲା ଅତି ବିସ୍ମୟ
ସଦାଶିବଙ୍କ ପୟରେ ଗଲା ଶରଣ ।
କହିଲା ମୁଁ ନରାଧମ          ହୀନ- ପାମର ଅଜ୍ଞାନ
ଅପରାଧ କ୍ଷମା କରିଦିଅ ସଦଜ୍ଞାନ
ତୁମେ ପରା ଜଗଜ୍ଜୀବନ ।
ଭକ୍ତାଧୀନ ଅଟ ତୁମେ ହେ ପଞ୍ଚାନନ ॥

ତୁମ ପ୍ରକଟ ବାରତା          ଅନନ୍ତ ମହିମା ଗାଥା
ସମଗ୍ର ଭୁବନ ହୋଇଗଲା ପ୍ରଘ୍ଚର ।
ସାରା ଅଞ୍ଚଳେ ଚହଳ          ଭକ୍ତ ସର୍ବେ ହେଲେ ମେଳ
ଭକ୍ତିରେ ପୂଜା- ବନ୍ଦନା କଲେ ସତ୍ୱର ।

ଶଙ୍ଖ- ହୁଳହୁଳ ବାଦ୍ୟରେ ।
ପ୍ରକମ୍ପିତ ହେଲା ଜୟ ଧ୍ୱନ ଶବ୍ଦରେ ॥

ହୋଇ ସର୍ବେ ଏକ ମନ                    କୁଡିଆ କଲେ ନର୍ମାଣ
କୁଟୀରେ ରହିଣ ପ୍ରଭୁ ହେଲେ ପୂଜିତ ।
ଲାଗିଲା ଭକ୍ତ ଗହଳ                    ଆସ୍ଥାନ ଚଳ- ଚଞ୍ଚଳ ତୁଣ୍ଡ
ବାଇଦେ ହୋଇଲେ ପ୍ରଭୁ ବିଖ୍ୟାତ ।
ଶ୍ରଦ୍ଧା- ବିଶ୍ୱାସ- ଭକ୍ତିଭରେ ।
ପ୍ରଭୁଙ୍କୁ ସେବିଲେ ଭକ୍ତ ସବିନୟରେ ॥

କମ୍ବଦନ୍ତୀ କହେ ପୁଣି                    ମହିମା ତବ ବଖାଣି
ତୁମେ ପର୍ ଅଟ ପ୍ରଭୁ ଦୟାସାଗର ।
କେଉଁ ଏକ ଅଜ୍ଞ ଜନ                    ପ୍ରବେଶିଲା ପୀଠସ୍ଥାନ
ସାଥେ ଥିଲା ଗାଇ ଏକ କୃଷ୍ଣ ବର୍ଣ୍ଣର ।
ଚନ୍ତା ମନେ ହୋଇ ଅସ୍ଥିର ।
ରକ୍ଷାକର ରକ୍ଷାକର ହେ ମହେଶ୍ୱର!

ସାଷ୍ଟାଙ୍ଗ ପ୍ରଣିପାତରେ                    ପ୍ରଭୁଙ୍କୁ ପ୍ରାର୍ଥନା କରେ
ମୂଢମତି ଦରିଦ୍ର ମୁଁ ଅସାଧୁ କ୍ରୂର ।
କୁବୁଦ୍ଧିରେ କଲି ଚୋରୀ                    ଗୋମାତାକୁ ଅପହରି
କୁତ୍ସିତ କାର୍ଯ୍ୟରେ ମନ ବଳଲା ମୋର ।
କରିବାରେ କ୍ଷମା ପ୍ରଦାନ ।
ନ କରିବି କଦାଚତ ଏ ଘୃଣ୍ୟ କର୍ମ ॥

କୃତାଞ୍ଜଳ ପୁଟ ହୋଇ                    ନବେଦନ ଯେ କରଇ
ଗୋ ମାତାକୁ ତୁମଠାରେ କଲି ଅର୍ପଣ ।
ନନ୍ଦନୀୟ ଚୌର୍ଯ୍ୟବୃତ୍ତି                    ନ କରିବି ଶିବାପତି
କରୁଛି ପ୍ରତିଜ୍ଞା ସ୍ୱାମୀ ଛୁଇଁ ଚରଣ
କର ତ୍ରାହି ଭକତ ପ୍ରାଣ ।
ଭକତ ଦୁଃଖ ବାରେ କର ମୋଚନ ॥

ଚୌର ମନରେ ଚନ୍ତଇ      ଧସ୍‌ପଡିଯିବି ମୁହିଁ
ନାହିଁ ମୋର ପରିତ୍ରାଣ ମୁଁ ହୀନ ବଳ ।
ନ କରି କାଳ ବିଳମ୍ବ      ଦେଖାଅ ମହିମା ତବ
କୃଷ୍ଣା ଗୋମାତାକୁ କରିଦ୍ୟନ୍ତୁ ଧବଳ ।
ଖ୍ୟାତି ରହୁ କାଳକୁ କାଳ ।
ମୁର୍ଚ୍ଛିତ ହୋଇ ପଡିଲ୍ ପଦଯୁଗଳ ॥

ସଞ୍ଜ୍ଞା ପାଇଣ ଦେଖିଲ୍      ପ୍ରଭୁଙ୍କ ଅପୂର୍ବ ଲୀଳା
ଆକସ୍ମିକ ଭାବେ ଗାଈ ହେଲ୍ ଧବଳ,
ଆନନ୍ଦଶ୍ରୂଳ ନୟନ      କରିଲ୍ ପ୍ରଭୁ ବନ୍ଦନ
ମହା ବିପଦରୁ ନାଥ ଉଦ୍ଧାର କଲ,
ଧନ୍ୟ ଦେବ ଲୀଳା ତୁମର ।
ତବ ଶ୍ରୀ ପଦାରବିନ୍ଦେ ପ୍ରଣତି ମୋର ॥

କୃଷ୍ଣା ଗାଭିକୁ ଧବଳ      କରିଲ ଭକ୍ତ ବତ୍ସଳ
ସେହି କାରଣରୁ ତୁମେ ଧବଳେଶ୍ୱର,
ଧବଳ ବୃଷଭାରୁଢ      ହେ ସିତାଂଶୁ ଚନ୍ଦ୍ରଚୂଡ!
ଶ୍ୱେତ ଭସ୍ମବିଭୂଷିତ ଶ୍ରୀ ଗଙ୍ଗାଧର,
ଧବଳ ଶାନ୍ତିର ପ୍ରତୀକ ।
ବିମଳ ଶାଶ୍ୱତ ମହା ଶାନ୍ତିଦାୟକ ॥

ଦକ୍ଷ ଯଜ୍ଞ ବିନାଶକ      ତ୍ରିପୁରାସୁର ଘାତକ
ଦର୍ପ ଚୂର୍ଣ୍ଣ କରି ପ୍ରଭୁ ଦହିଲ ମାର,
ସାଗର ମନ୍ଥୁକୁ ଜାତ      ଦେବ ସୁଲଭ ସମ୍ପଦ
ଅନ୍ତିମେ ନର୍ଗତ ହଳାହଳ ଜହର,
ସେ ଗରଳ କରିଲ ପାନ ।
ନୀଳକଣ୍ଠ ନାମେ ଖ୍ୟାତ ହେଲ୍ ଭୁବନ ॥

ସାଙ୍କୁଡା, ଗଞ୍ଜାମ, ଓଡିଶା



# ରାୟବାହାଦୁର
# ଡଃ ଆର୍ତ୍ତବଲ୍ଲଭ ମହାନ୍ତି
## ( ୧୮୮୭- ୧୯୬୩)

ବରଦା ପ୍ରସନ୍ନ ଦାସ

ଆର୍ତ୍ତ ବଲ୍ଲଭ ମହାନ୍ତି କଟକ ଜିଲ୍ଲା ପାଟକୁର୍ା ଥାନାର ନାଗଣପୁର ଗ୍ରାମରେ ଏକ ଉଚ୍ଚ ମଧ୍ୟବିତ୍ତ ପରିବାରରେ ୧୮୮୭ ମସିହା ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ ଶନିବାର ଦିନ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ବିଦ୍ୟାରମ୍ଭ ହେଲା ୫ ବର୍ଷ ବୟସରେ । ସେ କଟକର କନକା କୋଠିରେ ରହୁଥିଲେ । କଟକ ମିଶନ ସ୍କୁଲରୁ ସେ ମାଟ୍ରିକ ପାଶ କରିଥିଲେ । ପରେ କଲିକତାରୁ ଆଇ.ଏ. ଓ ରେଭେନସା କଲେଜରେ ସଂସ୍କୃତ ଅନର୍ସ ନେଇ ପାସ କଲା ପରେ କଲିକତା ଭବାନପୁରରେ ଏଲ.ଏମ.ଏସ. କଲେଜରେ ସଂସ୍କୃତରେ ଏମ.ଏ ପଢି ଉତ୍ତିର୍ଣ୍ଣ ହୋଇଥିଲେ । ୧୯୧୪ ସାଲ ଅକ୍ଟୋବର ମାସ ୨୨ ତାରିଖ ରେ ଅଧ୍ୟାପକ ଭାବେ ରେଭେନ୍ସା କଲେଜରେ ଯୋଗ ଦେଇଥିଲେ । ଆର୍ତ୍ତ ବଲ୍ଲଭ ବେଶ ଭୂଷାରେ ନିରାଡମ୍ବର ଥିଲେ ଓ ଛାତ୍ର ବତ୍ସଳ ଥିଲେ ।

ଓଡିଆ କିଏ, ତାର ଜାତି ଓ ଦେଶ ତଥା ସଂସ୍କୃତି କଣ, ଏ ବିଷୟରେ ଆର୍ତ୍ତବାବୁଙ୍କର ଗବେଷଣା ଥିଲା ସୁଦୂରପ୍ରସାରି, ସେ ଅତ୍ୟନ୍ତ ଦେଶ ପ୍ରାଣ ଥିଲେ । ଆର୍ତ୍ତ ବଲ୍ଲଭ ଥିଲେ ଫୁଟବଲ, କ୍ରିକେଟ, ଟେନିସ, ହକି ଖେଳାଳି। ସେ ନିଜ କୃତି ଅପେକ୍ଷା ଛାତ୍ରଙ୍କ କୃତିରେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ। ଖଣ୍ଡିଏ ପୁରୁଣା ପୋଥି ଦେଖିଲେ ରଙ୍କ ରତ୍ନ ପାଇଲା ଭଳି ଆର୍ତ୍ତବଲ୍ଲଭ ଆନନ୍ଦରେ ଉଚ୍ଛୁଳି ପଡୁଥିଲେ । ଶେଷ ଜୀବନରେ ରାତି ଦୁଇଟାରେ ଉଠି ସ୍ନାନ ସାରି ସେ ବେଦ ପଢୁଥିଲେ । ସେ ବହୁ ମୂଲ୍ୟବାନ ଚିତ୍ର ସମ୍ପଦ ଓଡିଶା ମିଉଜୀୟମକୁ ଦେଇଥିଲେ। ସେ ଛବି ପୋଥିରୁ ଦେଖି, ଆଙ୍କି ଦେଇ ଆଲବମ କରା ହୋଇଥିଲେ ଓଡିଶା ଚିତ୍ରକଳାରେ ପୃଥିବୀ ବିଖ୍ୟାତ ହୋଇ ପାରିଥାନ୍ତା ବୋଲି ସେ ମତ ଦେଇଥିଲେ। ସେ ପରମ ବୈଷ୍ଣବ ଥିଲେ ଓ ତାଙ୍କ ଘରେ ବିଷ୍ଣୁପୂଜା ପ୍ରଚଳିତ ଥିଲା। ସଚ୍ଚିଦାନନ୍ଦ ରାଉତରାୟ, ଡଃ

କୃଞ୍ଜବିହାରୀ ତ୍ରିପାଠୀ, ଶ୍ରୀମତୀ ସରଳା ଦେବୀ, ଶ୍ରୀ କରୁଣାକର କର, ଜାନକୀ ବଲ୍ଲଭ ପଟ୍ଟନାୟକ ଆଦିଙ୍କର ଅଧ୍ୟାପକ ଥିଲେ ଆର୍ତ୍ତ ବଲ୍ଲଭ ସାର।

୧୯୪୩ ରେ  ରେଭେନ୍ସା କଲେଜର ଅଧକ୍ଷଙ୍କ ସୁପାରିଶ ଫଳରେ ଆର୍ତ୍ତବଲ୍ଲଭ "ରାୟ ବାହାଦୁର" ଉପାଧିରେ ସମ୍ମାନିତ ହୋଇଥିଲେ । ଆନ୍ଧ୍ର ଗବେଷଣା ସମିତି ଆର୍ତ୍ତବଲ୍ଲଭଙ୍କୁ "ବିଦ୍ୟାଭୂଷଣ, ୧୯୫୫ ରେ, ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡ଼ି.ଲିଟ ଓ ୧୯୫୯ ରେ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା । ଓଡିଶା ସାହିତ୍ୟ ଏକାଡେମି ମଧ୍ୟ ଆର୍ତ୍ତ ବଲ୍ଲଭଙ୍କୁ ବିଶିଷ୍ଟ ସାହିତ୍ୟିକ ଭାବେ ଉପଢ଼ୌକନ ସହ ସମ୍ମାନିତ କରିଥିଲେ ।

ରାୟ ବାହାଦୁର ଆର୍ତ୍ତ ବଲ୍ଲଭ ମହାନ୍ତି ଓଡିଆ ସାହିତ୍ୟ ଓ ସଂସ୍କୃତିର ଭଗୀରଥ । ତାଳପତ୍ର ସ୍ତୁପ ମଧ୍ୟରେ ଲୁଚ ରହିଥିବା ପ୍ରାଚୀନ ଓ ମଧ୍ୟ ଯୁଗୀୟ ସମୃଦ୍ଧ ଓଡିଆ ସାହିତ୍ୟ ଗଙ୍ଗାଙ୍କୁ ଲୋକ ଲୋଚନକୁ  ଆଣି ଓଡିଆ ଭାଷା ଓ ସାହିତ୍ୟ ପାଇଁ ଯେଉଁ ମହାନ କର୍ମ କରିଯାଇଛନ୍ତି ତାର ତୁଳନା ନହିଁ । ସାରଳା ମହାଭାରତ ଠାରୁ ଆରମ୍ଭ କରି ଲାବଣ୍ୟବତୀ, ବିଦଗ୍ଧ ଚନ୍ତାମଣି, ନର୍ଗୁଣ ମାହାତ୍ମ୍ୟ, ସ୍ତୁତି ଚନ୍ତାମଣି ଭଳି ବହୁ ମୂଲ୍ୟବାନ ଗ୍ରନ୍ଥକୁ ତାଳପତ୍ର ପୋଥିରୁ ନର୍ଭୁଲ ପାଠୋଦ୍ଧାର କରି ବିସ୍ତୃତ ଟୀକା  ଓ ଅର୍ଥନ୍ୟାସ ସହ ଉତ୍କଳୀୟ ପାଠକ ମାନଙ୍କ ନକଟରେ ପହଞ୍ଚାଇ ଦେଇଛନ୍ତି । ସେଥିପାଇଁ ସେ ଓଡିଆ ଜାତିର ନମସ୍ୟ ।

ଓଡିଆ ଭାଷା ଓ ସାହିତ୍ୟର ସମୃଦ୍ଧି ନମନ୍ତେ ୧୯୨୪ ମସିହାରେ ପ୍ରାଚୀ ସମିତି ପ୍ରତିଷ୍ଠା କରିଥିଲେ । ଅଧ୍ୟାପକ ଗୁରୁଚରଣ ମହାନ୍ତି, ବିଚିତ୍ର ନନ୍ଦ ଦାସ, ଅଧ୍ୟାପକ କରୁଣାକର କର, ଲକ୍ଷ୍ମୀକାନ୍ତ ଚଉଧୁରୀ, ଜଗଦାନନ୍ଦ ମହାନ୍ତି, ଭୀମ ରାଉତ ପ୍ରମୁଖଙ୍କ ମିଳିତ ଉଦ୍ୟମରେ ଆର୍ତ୍ତ ବଲ୍ଲଭ ପ୍ରାଚୀନ ପୋଥି ଗୁଡିକର ସଂଗ୍ରହ, ଶୁଦ୍ଧପାଠ, ପ୍ରକାଶନ କାର୍ଯ୍ୟରେ ନଜକୁ ଉତ୍ସର୍ଗ କରିଥିଲେ । କଠଯୋଡି ନଦୀ କୂଳରେ ଗଣେଶ ଘାଟ ନକଟରେ ପ୍ରାଚୀ ପ୍ରେସ ପ୍ରତିଷ୍ଠା କରଯାଇଥିଲା । ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଥିଲେ ପ୍ରାଚୀ ପ୍ରେସର ପରିଚାଳକ । ୧୯୧୪ ରୁ ୧୯୩୪ ମସିହା ଏହି କୋଡିଏ ବର୍ଷ ମଧ୍ୟରେ ଆର୍ତ୍ତ ବଲ୍ଲଭ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ପୁନରୁଦ୍ଧାର ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ପ୍ରାଚୀ ପ୍ରେସରେ ଛପା ହୋଇଥିବା ପୁସ୍ତକ

ଗୁଡିକରେ ବିକ୍ରୟ ପାଇଁ ପ୍ରାଚୀ ବୁକ ଷ୍ଟୋର ପ୍ରତିଷ୍ଠା କରଯାଇଥିଲା । ସେହିପରି ପ୍ରାଚୀ ପତ୍ରିକା ମାଧ୍ୟମରେ ଓଡିଆ ସାହିତ୍ୟକୁ ଓଡିଶାରେ ପରିଚତ କରାଇବାର ପ୍ରୟାସ ହୋଇଥିଲା । ୧୯୩୧ ମସିହାରେ ପ୍ରାଚୀ ପତ୍ରିକାର ସଂସ୍କରଣ ପ୍ରକାଶ ପାଏ । ଏହା ଏକ ତ୍ରୈମାସିକ ଇଂରାଜୀ ପତ୍ରିକା ଥିଲା । ଆର୍ତ୍ତ ବଲ୍ଲଭ ଏହାର ସମ୍ପାଦନା ଦାୟିତ୍ୱରେ ରହିଥିଲେ । ଉତ୍କଳ ସାହିତ୍ୟ ସମାଜର ସଭାପତି ପଦବୀ ମଣ୍ଡନ କରି ଓଡିଆ ସାହିତ୍ୟର ଉନ୍ନତି କଲେ ସେ କାର୍ଯ୍ୟ କରିଥିଲେ । ୩୦.୦୩.୧୯୬୩ ଅନ୍ତିମ ବେଳରେ ସେ ସେହି ଗୋବିନ୍ଦଙ୍କ ନାମ ଉଚ୍ଚାରଣ କରୁ କରୁ ମହାପଥରେ ଯାତ୍ରା କଲେ । ସର୍ବଦା ପୂର୍ଣ୍ଣ ପ୍ରାଣରେ ଏହି ଶାନ୍ତି ମନ୍ତ୍ରଟି ପାଠ କରୁଥିଲେ । ସେହି ମନ୍ତ୍ରଟି ଏଠାରେ ଉଲ୍ଲେଖ କରାଗଲା ।

ପୂର୍ନହ ମଦହ ପୂର୍ଣମିଦମ ପୁର୍ନାତ ପୂର୍ଣ ମୁଦଚ୍ୟତେ ।
ପୂର୍ଣସ୍ୟ ପୂର୍ଣମାଦାୟ ପୂର୍ଣମେବା ବଶିଷ୍ୟତେ ।
ଓମ ଶାନ୍ତି ଶାନ୍ତି ଶାନ୍ତି ।

କ୍ୱାଟର୍ ନଂ: VA- 21/ 2,
ୟୁନିଟ୍- ୨, ଭୁବନେଶ୍ୱର

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହଯୋଗ ଦିଅନ୍ତୁ ।




# ସମଲପୁରି କବିତା

## କମିହାଁର ସୁଖେ ଜୀବନ

ଆଶୁତୋଷ ମେହେର

ଗୁଟେ ଗୁଟେ କରି ଛିଡାଲେ କାମ କେ
ଦୁଇଟା ଯାଏସି ସରି
ପକେଇ ରଖଲେ ମିଶି ଯୁଟି କରି
ବୁଚକା ବନସି ଭ୍ରରି ।
କଧର୍ ଲୁକର କାମ ଅବାଗିଆ
ନପଟ ନସତ ଠକ
ବେଶୀ କାମ ବଲି କାମକେ ଛାଡି ଗା
ହେଉଥିସି ବକବକ ।
କମିହାଁ ଲେ୍କଟା ଏକ ଏକ କରି
ଦେଉଥିସି କାମ ସାରି
ଉସରେଇ ଦେଇ ଆଗକେ ବଢସି
ତାକେ ନେଇଁ ଲ୍ଗେ ଭ୍ରରି ।
ଇ କଥାନ୍ଁ ହେଜି ବୁତା କରିଯିବ
ହାଲକା ଧୁଲକା ମନ
ଠକ ଠକୁଥିବା ଦୁଃଖେ ଘାଣ୍ଟିହେବା
କମିହାଁ ର ସୁଖେ ଜୀବନ ।



ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ତୁମେ କହିଥିଲ

ମୂଳ ରଚନା( ବଙ୍ଗଳା) : ହିନ୍ଦୋଳ ଭଟ୍ଟାଚାର୍ଯ୍ୟ



ସନାତନ ମହାକୁଡ

ଦେଖା ହେବ ।
ଯେଉଁଠି ମୁହାଁମୁହିଁ ଈଶ୍ୱର ଏବଂ ଭକ୍ତ
ପୂଜା ଦେବେ ଏକ ଆରେକକୁ ।
ଦେଖା ହେବ ।
ଯେଉଁଠି ସମାଧି ଏବଂ
ମାଟି
ଏକାକାର ।

ବେରୁଆଁବାରୀ, ନୟାଗଡ, ଓଡିଶା

ବେଦାନ୍ତୀର ପୂଜାସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ପୂଜା ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733



# ରାଜନୀତି ଚଉତିଶା

ଉଦୟନ ସୂପକାର



କହଇ ମନ ଆରେ କର ମୋ ବୋଲ
କାହାକୁ ଏଠି ଭୋଟ ନ ଦେବା ଭଲ ॥
ଖଣ୍ଡ ଗ୍ୱେରଙ୍କ ଏଠି ଲାଗିଛି ରେ ହାଟ
ଖାଏ ପାହାର ସାଧୁ ପିଠିରେ ତ ଛାଟ ॥
ଗର୍ବେ ମଣନ୍ତି  ନେତା ଧର୍‌ କୁ ସର୍‌
ଗଲେଣି ଗ୍ୱଲି କେତେ ପାଶୋର ପର୍‌ ॥
ଘୋର ପାପେ ବୁଡିଲେ ଏମାନେ ସଦା
ଘଟ କଳଙ୍କ ପଙ୍କେ ନମଜ୍ଜିଲ୍‌  ଆହା  ॥
ଊଣା ହୋଇଲ୍‌ କରୁଣା ଯେବେ ହୃଦରୁ
ଉଭେଇଗଲ୍‌ ଧରମ ତାଙ୍କରି ମନରୁ  ॥

ଭୁବନେଶ୍ୱର,  ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com



# ଆଲାର୍ମ

ପରମିତା ମିଶ୍ର

ସବିତା ଦେବୀ ଭାରି ଗୁଣି ମଣିଷଟିଏ। ବୟସ ଏଇ ଷାଠିଏ କ ସତୁରି ହେବ। ଏଇ ଦୁଇ ବାଇ ଗ୍ୱରି ଘରଟିରେ ଏକା ରୁହନ୍ତି। ଉପର ଘରଟିକୁ ଆମ ଭଳ ପାଠ ପଢୁଆ ଝିଅ କେତେ ଜଣଙ୍କୁ ଭଡାରେ ଦେଇଛନ୍ତି। ପ୍ରାୟ ଦଶ ବର୍ଷ ହେବ ଏମିତି ଏକା ରହି ଆସୁଛନ୍ତି ସେ। ସ୍ୱାମୀ ଆଉ ନାହାନ୍ତି, ପିଲାମାନେ ବାହାରେ ରୁହନ୍ତି। ଭାରି ସମୟାନୁବର୍ତିତା ସେ, ଘର ସାରା ଆଲର୍ମ ଘଣ୍ଟା ଲାଗିଛି। କନ୍ତୁ କେବେ ବାଜିବା ଆମେ ଶୁଣିନୁ। ସବିତା ଦେବି ତ ଘରର କଲିଂଗ ବେଲ୍ ରେ ବି ଟାପ୍ ଲଗେଇ ରଖିଛନ୍ତି। କିଏ କଲିଂଗ ବେଲ ମାରିବାଯାକେ ଜାଏନ, କେହି ଦୁଆର ମୂହଁକୁ ଆସିବା ଆଗରୁ ହିଁ ଦୁଆର ଖୋଲି ଦିଆନ୍ତି ସେ, କେଜାଣି କେମିତି ଜାଣନ୍ତି।

ସକାଳ ଠିକ୍ ପାଂଚଟାରେ ଉଠନ୍ତି। ନା ଗୋଟେ କଣ୍ଟା ଏପଟ ନା ସେପଟ। ଅଲାର୍ମ ବାଜିବା ପୁର୍ବରୁ ହିଁ ତାକୁ ବନ୍ଦ କରିଦିଅନ୍ତି। ସିଧା ଯାଇ ଗ୍ୟେଷେଇରେ ଧିମା ଆଂଚରେ ଗ୍ୱହା ଚଢାନ୍ତି ଆଉ ସିଧା ଗାଧୁଆ ଘରେ ପସନ୍ତି। ଠିକ ଦଶ ମିନଟ ରେ ବାହରି ଆସନ୍ତି । ରନ୍ଧା ଘରର ଆଲର୍ମ ବନ୍ଦ କରି ସେଠୁ ଗ୍ୱ କୁ କପ୍ ରେ ଧରି ବାରଣ୍ଡାରେ ଦୁର ଦିବାକରକୁ ଗ୍ୱହିଁ ବସନ୍ତି କଛି ସମୟ। ଖିରବାଲା ବେଲ ମାରିବ ପୁର୍ବରୁ ସେଠି ବାସନ ଧରି ଠିଆ ହୋଇଯାଆନ୍ତି ସେ। କବାଟ କଣରୁ ଖବର କାଗଜଟି ବାହାର କରି ଠିକ ଟେବୁଲର ମଝିରେ ରଖନ୍ତି। ଘଡି କଣ୍ଟାରେ ଦଶ ବାଜିବା ଆଗରୁ ଡାଇନଂଗର ଆଲର୍ମକୁ ବନ୍ଦ କରି ଜଳଖିଆ ଧରି ବସି ଯାଆନ୍ତି। ଏଇମିତି ସବୁ ଜାଗାରେ ଗୋଟିଏ ଗୋଟିଏ ଆଲାର୍ମ୍ ଘଡି ସବୁ କାମ ପାଇଁ। ପ୍ରତିଦିନ ଏଇ କାର୍ଯ୍ୟକ୍ରମ ତାଂକର ସ୍ଥିର ଥାଏ। ଦିନର ସମସ୍ତ କାମ ସରିଲା ପରେ ସୋଇବା ପୁର୍ବରୁ ପୁଣି ଦ୍ୱିତୀୟ ଦିନ ସମାନ ଆଲାର୍ମ ଲଗେଇ ଦେଇ ଶୁଅନ୍ତି ସେ।

ମୁଁ ଏଠିକ ଆସିବା ବାସ କଛି ଦିନ ହିଁ ହୋଇଥିଲା। ମୋ ସହପାଠି ମାନଙ୍କଠୁ ବାସ୍ ଏସବୁ କଥା ଶୁଣିଥିଲି। ମତେ ବହୁତ କୌତୁହଳ ଲାଗୁଥିଲା ଜାଣିବା ପାଇଁ, କାହିକି ଜଣେ ମଣିଷ ଏମିତି ବାନ୍ଧି ରଖିଛି ନଜକୁ ଘଡି ଭିତରେ। ଅନୁଶାସନ ମନୁଷ୍ୟ ପାଇଁ ଆବଶ୍ୟକ, ଏମିତି ଲାଗୁଥିଲା ଯେମିତି ସେ ଘର ଭିତରେ କେହି ଜଣେ ସବିତା ଦେବୀଙ୍କୁ ବନ୍ଦି କରି ରଖିଛି ଆଉ ଏଇ ଘଡିମାନେ ତାକୁ ଅନବରତ ଗ୍ୱହିଁ ରହିଛନ୍ତି। କନ୍ତୁ କିଏ? ବହୁତଥର ଚେଷ୍ଟା କରିଛି ପଚରିବାପାଇଁ କନ୍ତୁ ସାହାସ ହୋଇନ । ଦିନେ ସଞ୍ଜ ବେଳେ ସବିତାଦେବୀ ଛାତକୁ

ଯାଉଥିଲେ ଗଛରେ ପାଣି ଦେବା ପାଇଁ, ମୁଁ ବି ତାଂକ ପଛରେ ସେଠିକି ଆସିଲି । ଏଇମିତି ଧିରେ ଧିରେ ଆମ ଦୁହିଁଙ୍କର ବନ୍ଧୁତା ହୋଇଗଲା। ସବିତା ଦେବୀ ନିଜେ କୁହନ୍ତି ମୁ ତାଙ୍କର ପ୍ରଥମ ଆଉ ବୋଧହୁଏ ଶେଷ ବନ୍ଧୁ । ଏଇମିତି କିଛିଦିନ ବିତିଗଲା ପରେ ଦିନେ ମୁଁ ସାହସ କରି ପଚାରିଲି । ଭବିଥିଲି କାଳେ ବିରକ୍ତ ହେବେ, କିନ୍ତୁ ସେମିତି କିଛି ହେଲାନି । ପ୍ରଥମ ଥର ତାଙ୍କ ଆଖିରେ ଭୟ ଦେଖିଲି, କିଛି କହିବା ପୂର୍ବରୁ ପାଖରେ ଥିବା ପାଣି ଗିଲାସଟିକୁ ପିଇଗଲେ ଆଉ କିଛିସମୟ ପରେ କହିଲେ - କିଛି ନାହିଁ, ବାସ ଅଭ୍ୟାସରେ ପଡିଗଲାଣି ଯେ ଆଉ ଯାଉନି। ମୁଁ ଉଣିଶ ବର୍ଷର ଥିଲି, ବାହା ହୋଇ ଆସିଥିଲି । ମାଁ କାନେକାନେ କହିଥିଲା ସ୍ୱାମୀ ହେଲେ ତୋର ଦେବତା । ତାଙ୍କ କଥା କୁ ଅକ୍ଷରେ ଅକ୍ଷରେ ପାଳିବୁ। ଅବାଧ ହେଲେ ବାପା ମାଁ ର ନାଁ ପଡିଯିବ। ବଧୁ ବେଶରେ ଆସିଛୁ ପୁଣି ଅସ୍ଥିରେ ବାହରିବୁ। ମୁ ଠିକ ସେୟା ହିଁ କରି ଚାଲିଲି । ସ୍ୱାମୀଙ୍କୁ ସବୁ କାମ ଏକଦମ ସମୟ ରେ ଦରକାର୍, ନା ଟିକେ ଏପଟ ନା ସେପଟ, ଶବ୍ଦ ବିଲକୁଲ ପସନ୍ଦ ନଥିଲା । ଆଲାର୍ମ ଘଡି ଗୁଡିକ ଲାଗିଛି ତ, କିନ୍ତୁ ଆବାଜ କଲା ମାତ୍ରେ ଜୋର ଜୋର କାନ୍ଥରେ ପିଟନ୍ତି ।



ମୁ ପଚାରିଲି କଣ ଘଡି ଗୁଡିକୁ?

ମୋ ଆଡେ ଚାହିଁ ସବିତା ଦେବି କହିଲେ "ନା ମତେ" ।

ମୁ ଅବାକ ହୋଇ ଚାହିଁ ରହିଲି କେବଳ ।

ଘଡିର କଣ୍ଟା ସହ ମତେ ବୁଲେଇବା ସେ ଶିଖେଇଦେଇ ଯାଇଛନ୍ତି । ମୋର ଚାରୋଟି ଛୁଆ । ହେଲେ ମୋ ସ୍ୱାମୀ କୋଳାହଳ ଜମା ସହି ପାରନ୍ତିନି । ତେଣୁ ସବୁ ଛୁଆ ମୋର ବୋର୍ଡିଂରେ ପାଠ ପଢିଲେ ଆଉ ବାପାଙ୍କ ଏତାଦୃଶ ପ୍ରକୃତି ଦେଖି ଆଉ ଘରକୁ ଆସିଲେନି।

ମୁ କିଛି ପଚାରିବା ପର୍ବରୁ ହିଁ ସେ କହିଲେ ହଁ ମୁଁ ଜାଣିଛି କଣ ପଚାରିବ । ମୁ କାହିଁକି ଏଇଠି ରହୁଛି ଏୟା ତ!

ମୁ ତାଂକୁ ବହୁତ ଭଲପାଏ । ମତେ ଲାଗେ ସେ ବି ମତେ ଭଲ ପାଉଥିଲେ, କାରଣ ଦିନ ସାରା କୌଣସି ନା କୌଣସି କାରଣରୁ ସେ ମତେ ମାରିଥାନ୍ତି । କିନ୍ତୁ ସେହିଁ ସେ ଜଖମରେ ମଲମ ବି ଲଗାନ୍ତି । ସେ ମାନୁଥିଲେ ଯେ କାଳେ ସ୍ତ୍ରୀ ସ୍ୱାମୀଙ୍କଠୁ ଆଗୁଆ ମରିବା କଥା ତାହା ହେଲେ ଯାଇଁ ତାକୁ ସ୍ୱର୍ଗ ସୁଖ ମିଳିବ। ଶେଷ ଶଯ୍ୟାରେ ପଡିଥିବା ସମୟରେ ସେ ମତେ କାନେ କାନେ କହିଥିଲେ - ସାବି ତୁ ଭାବୁଚୁ ମୋ ପରେ ତୁ ଆଜାଦ ହୋଇଯିବୁ । ଏ ଘର ଛାଡି କୁଆଡେ ବି ଯିବୁନି ସାବି । ମୁଁ ଏଇ ଆଲାର୍ମ ଘଡି ଭିତରେ ରହି ତତେ ଚାହିଁ ରହିଚି ଆଉ ଏପାରିରେ ତତେ ଅପେକ୍ଷା କରିଚି । ମୁଁ ସିନା ସେଠିକୁ ଆସିପାରିବିନି, କିନ୍ତୁ ଦିନେ ନା ଦିନେ

ତୁ ତ ଏଠିକ ଆସିବୁ, ଆଉ ସେତେବେଳେ ........। ତମେ କଣ ଭାବୁଚ ମୁ ନିଜେ ଉଠୁଚ ଘଡି ବନ୍ଦ କରିବା ପାଇଁ। ସେ ମତେ ଉଠେଇ ଦିଅନ୍ତି, ଜୋରକରି।

ଏମିତି ଏକ ତର୍କର ମୁଁ କଣ ବା ଜବାବ ଦେବି ଆଉ କଣ କହି ତାଙ୍କୁ ସେ ଭ୍ରମ ଦୁନିଆରୁ ବାହାରକୁ ଆଣିବି, ମୁଁ ବୁଝି ପାରୁନଥିଲି। କିଛି ପଗ୍ଚରିବାକୁ ଉଦିଷ୍ଟ ହେଲାବେଳେ ହିଁ ସେ କହିଲେ, ମୁଁ ଜାଣିଚ ଏସବୁ ଗୋଟେ ଭ୍ରମ, ମୋ ପିଲାମାନେ ଏ ଘରକୁ ଆସିବାକୁ ଜମା ଗ୍ଚହୁଁ ନାହାନ୍ତି, ମତେ ବହୁତ ଥର ଡାକୁଛନ୍ତି ଏଠୁ ଗ୍ଚଲିଯିବାକୁ। କିନ୍ତୁ ମୁଁ ବି ସ୍ଥିର କରିସାରିଛି ବାହା ହୋଇ ସ୍ୱାମୀ ହାତ ଧରି ଏଇ ଘରକୁ ଆସିଥିଲି, ଆଉ ଏଇଠୁ କେବଳ ମୋ ଅସ୍ଥି ହିଁ ବାହାରକୁ ଯିବ।

ହସି କି କହିଲେ ମୋର ଅଭ୍ୟାସ ହୋଇଗଲାଣି। ଏବେ, ବର୍ତ୍ତମାନ ପୂଜା ସମୟ ହୋଇଗଲାଣି। ଘଡି ବନ୍ଦ କରିବାର ଅଛି। ଯାଉଛି, କାଲି ଆସିବୁ ଘରକୁ। ନାତିର ଜନ୍ମଦିନ ତ, ପିଠା କରିବି।

ମୁଁ ଆଉ କିଛି କହିଲିନି, ହସି କି ହଁ ଭରିଲି ।

ଏଇଥିରେ ତାଙ୍କର ଖୁସି ଯଦି ସେଥିରେ ବାଧା ଦେବା ଠିକ ହେବନି।

ଏମିତି ବହୁତ ଦିନ ଗ୍ଚଲିଗଲା। ମୋର ପରୀକ୍ଷା ଆଗକୁ ଥିଲା । ମୁଁ ପଢାପଢିରେ ଟିକେ ବ୍ୟସ୍ତ ଥିଲି। ତେଣୁ ସବିତା ମାଉସି ଘର ଆଡେ ଆଉ ଧ୍ୟାନ ଦେଇନଥିଲି। ସେଦିନ ଡେରି ଯାଏଁ ପଢି ପାହନ୍ତରୁ ଟିକେ ଆଖି ଲାଗିଥିଲା। ହଠାତ ତଳ ଘରୁ ଆଲାର୍ମ ଘଡିଟି ଜୋରରେ ବାଜି ଉଠିଲା। ମୋର ନିଦ ଭାଂଗିଗଲା । ସହପାଠି ମାନେ ତଳକୁ ଧାଇଁଗଲେ।

ଆଉ ମୁଁ?

ମୁଁ ଘଟଣା ଟି ର ମର୍ମ ଅନୁମାନ କରି ସାରିଥିଲି...........................

paramita310@gmail.com

**ବେଦାନ୍ତୀର ହ୍ୱାସଟଆପ୍ ( Whatsapp) ନମ୍ବର ହେଲା- 9594993733**

**ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ ଆଉ ଲେଖା ମଧ୍ଯ ପଠାଇପାରିବେ।**

# ତୁମ ପାଇଁ.......



ପ୍ରଦେଶ କୁମାର ପ୍ରଧାନ

କହୁଥିଲ ସବୁବେଳେ
ତୁମେ ବହୁତ ଠକ,
ଦେଖ ତୁମକୁ ଠକବା ପରିବର୍ତ୍ତେ
ନିଜକୁ କପରି ଠକ ସାଜିଛି
ପ୍ରତି ମୁହୂର୍ତ୍ତରେ ।
ପରିବର୍ତ୍ତିତ ସମୟକୁ
ଆଖିଠାର ବି ମାରିପାର ତୁମେ,
ମୁଁ କିନ୍ତୁ ନିର୍ବିକାର ମୋ ସ୍ଥାନରେ
ତୁମେ କହିଥିବା କଥାକୁ ସ୍ମରଣ କରି
"ଭୁଲିଯାଅ ଅତିତର ସ୍ମୃତିରାଜି
ଯଦି ଭଲପାଅ ମୋତେ" ।
ହଁ ମୁଁ ତୁମକୁ ଭଲପାଏ
ନିଜଠାରୁ ମଧ୍ୟ ଅଧିକ,
ନ ପାଇବି କପରି?
ହୃଦୟ ତୁମ ପାଖେ
ସବୁଦିନ ପାଇଁ ସମର୍ପି ଦେଇପାରେ ।
ଅଚହ୍ନା ମଣିଷକୁ ଶିଖାଇଲ
ବନ୍ଧୁତ୍ୱର ଭାଷା
ପୁଣି ମସଗୁଲ କଲ ସ୍ପର୍ଷ ଦେଇ
ପ୍ରେମର ନିଶା
ଭୁଲିଗଲି ବନ୍ଧ ବାଡ ଯେତେ,
ପାଗଳୀ ହୋଇଗଲି ତୁମ ପାଇଁ
ସାକ୍ଷୀ ଅଛି ବଦନାମ ହେଉଥିବା
ମୋତେ ଏ ସାରା ସହର
ପଗ୍ଭରିପାର ତୁମେ
ସାହାସ ନେଇ କଛି ସାଥେ ।
ସାକ୍ଷୀ ନେଇ ପାର ତୁମେ
ମୋତେ ଆଜି
ଘୃଣା କରୁଥିବା ତୁମ ମନର,
ଯେ ପ୍ରତି କ୍ଷଣ ଖୋଜୁଥିଲା
ପାଇବାକୁ ସାନିଧ
ଚିନ୍ତା ଚେତନାରେ ।
ଖୁସିରେ ରୁହ ତୁମେ
ଭଲରେ ରୁହ ତୁମେ
ତୁମ ସ୍ୱପ୍ନର ରଙ୍ଗୀନ୍ ଦୁନିଆଁରେ,
ହଜିଯିବି ସବୁଦିନ ପାଇଁ
ସରିଯିବି ସବୁଦିନ ପାଇଁ
ଅସରନ୍ତି ଏହି ଅନ୍ଧାରି ଇଲାକାରେ
କାହିଁକି ନା
ତୁମକୁ ମୁଁ ବହୁତ ଭଲପାଏ ।


ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ଅସ୍ତିତ୍ୱ



ଶାନ୍ତିଲତା ମିଶ୍ର

ଭଲ ପାଇବା କ ଥିଲ୍ ଅପରାଧ ।
କହି ପାରିଥାନ୍ତ ତ ନ ଚରି ହୃଦ ॥
ଅନ୍ତତ ଜାଣି ଥାନ୍ତି ଦୋଷ ଟା କଣ ।
ରଖିଥାନ୍ତି ଚର ଦିନ ସ୍ମରଣ ॥
ବଞ୍ଚିବା ନେଇ ଦେଲ ମରଣ ।
ମୃତ୍ୟୁର ମୋର ହେଲ କାରଣ ॥
ନଥିଲ୍ ତ ଦୋଷ କଛି ତୁମର ।
ଧୋକା ଥିଲ୍ ଏତ ମୋର ଆଖିର ॥
ସ୍ୱପ୍ନ ଇଲ୍‌କାର ଲକ୍ଷ୍ମଣ ରେଖା ।
ଅତିକ୍ରମି ଗଲି ନକରି ଶଙ୍କା ॥
ମର୍ଯ୍ୟଦା ଲଂଘିବା ହେଲ୍ ତ ସାର ।
କବଳତ ହେଲି କେବଳ ନର୍ଶାର ॥
ସୂର୍ଯ୍ୟ ଚନ୍ଦ୍ର ମାତ୍ର ଥିଲେ ତ ଦେଖି ।
ହୋଇପାରିଲେନ ସେ ମୋ ସାକ୍ଷୀ ॥
ମୃତ୍ୟୁ ଥିଲ୍ କେବଳ ମାତ୍ର ରାସ୍ତା ।
ତୁମ ନାମ ନେଇ ଜାଳଲି ଚତା ॥
ସେବେଠୁ ମରିଛି ବଞ୍ଚିବା ନାମେ ।
ଲିପ୍ତ ସେବେଠୁ ନଜ ଶବ ଦାହ କର୍ମେ ॥
ଯେତେ ଆସୁଛନ୍ତି ପ୍ରେମ ପତଙ୍ଗ ।
ଭାବେ ସ୍ୱର୍ଗ କଏ ଭାବେ ଶ୍ମଶାନ ॥
ସମସ୍ତଙ୍କ ଅନ୍ତ ସେହି ଅନଳ ମାତ୍ର ।
ଜଳ ଜଳ ଖାଲି ଯାହା ହୁଅନ୍ତି ଲୁପ୍ତ ॥



ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ସତୀ



କାଳକଙ୍କର

ମୋ ଆଗରେ ସତୀ ବସିଥିଲା । ସତୀ ଅତ୍ୟନ୍ତ ସୁନ୍ଦରୀ । ଗୋରା ତକ ତକ ତାର ଦେହ । ଆଖିକୁ ମୃଗ ମୃଗୁଣୀର ଆଖି ସହ ତୁଳନା କଲେ ଠିକ୍ ହେବନାହିଁ କାରଣ ସେ ଆଖିକୁ ଦେଖିଲେ ପଶୁର ମନରେ ପ୍ରେମଭାବ ଜନ୍ମ ହେଉଥିଲା କି ନାହିଁ ଜଣା ନାହିଁ କିନ୍ତୁ ସତୀର ଆଖିକୁ ଦେଖିଲେ ପୁରୁଷର ମନ ମତୁଆଲା ହେବା ଥିଲା ସ୍ୱାଭାବିକ୍ ।

ସତୀର ଗାଲ ଓଠ ସବୁ କେମିତି ରସାଳୁ ପରି ଲାଗୁଥାଏ ଯେଉଁଥିରୁ ହୁଏତ ପ୍ରେମର ରସ ମିଳପାରିବ । ସେ ଗାଲ ଓ ଓଠ ଦେଖିଲେ ପୁରୁଷର ଓଠରେ ତୃଷା ଜାଗି ଉଠୁଥିଲା ଯେ ଚୁଷି ନଅନ୍ତା ସେ ଓଠ ଓ କାମୁଡି ନଅନ୍ତା ସେ ଗାଲର ଦୁଇପାଖକୁ ।

ସତୀ ଥିଲା କେଶବତୀ କନ୍ୟା । ମୁକ୍ତ କେଶ ଯେତେବେଳେ ନିତମ୍ବ ପର୍ଯ୍ୟନ୍ତ ଲମ୍ବିଯାଏ ସେତେବେଳେ ପୁରୁଷ ମନ ସବୁ ସୀମା ପରିସୀମାର ଲମ୍ବ ପ୍ରସ୍ଥ, ଆୟତନ ଓ କ୍ଷେତ୍ରଫଳ ବାହାର କରିବାରେ ବ୍ୟସ୍ତ ହୋଇଯାଏ । ସତୀର ଛାତିର ମାଂସଳ ପରିପାଟି, ନାଭି ଓ ତାର ଉତର ଓ ଦକ୍ଷିଣ ଗୋଲାର୍ଦ୍ଧ ସବୁ ଯେମିତି ହୃଦୟ ଭିତରେ କେମିତି ବୋଲ୍ଡୋଜର ଚପେଇ ଦେଇ ଗ୍ଳଲିଯାଏ ।

ସତୀ ସ୍କୁଲ ବେଳରୁ ସେମିତି ରୂପବତୀ । ତୃତୀୟ ଶ୍ରେଣୀରେ ପଢିଲା ବେଳେ ଶ୍ରେଣୀର ବାଳୁଙ୍ଗା ଗୌତମ ତାକୁ ଥରେ ଜାବୁଡି ଧରିଥିଲା ଓ ଚୁମା ଦେଇ ଦେଇଥିଲା । ସତୀ ଏ କଥା କାହାକୁ କହି ନ ଥିଲେହେଁ ସାଂଗ ଝିଅ ଦେଖି କହି ଦେଇଥିଲେ ଗୁରୁମାଙ୍କୁ । ଗୁରୁମା ବଡସାରଙ୍କୁ କହିବାରୁ ବିଚରା ଗୌତମ ପିଠିରେ ବସିଥିଲା ଏମିତି ପ୍ରହାର ଯେ ସତୀକୁ ମଧ ଭଲ ଲାଗି ନ ଥିଲା ।

ଅଷ୍ଟମ ଶ୍ରେଣୀ ବେଳକୁ ଛାତିରେ ତାର ମାଂସ ବଢି ଯାଇଥିଲା । ମାଆ ତାକୁ ତାଗିଦ୍ କରି କହିଥିଲେ ଭିତରେ ସେମିଜଟିଏ ପିନ୍ଧି ଡ୍ରେସ୍ ପିନ୍ଧିବୁ ଓ ସ୍କୁଲକୁ ଯିବୁ । କିନ୍ତୁ ସ୍କୁଲର ବାର୍ଷିକ ଉତ୍ସବ ଦିନ ରାତିରେ ପୁଣି ଗୌତମ ତାକୁ ଏକ ଅଂଧାର କୋଣକୁ ଟାଣି ନେଇ ଓଠକୁ ଚୁମି

ଦେଇଥିଲା । ଏକଥା ସତୀ କାହାକୁ କହି ନ ଥିଲା କିନ୍ତୁ ସେହି ଦିନରୁ ଗୌତମକୁ ଦେଖିଲେ ଲାଜେଇ ଯାଉଥିଲା ।

ଗୌତମ ସ୍କୁଲରୁ ଫେରିଲେ ସତୀର ଘର ବାଟ ଦେଇ ଅନେକ ଥର ଚକ୍କର ଲଗାଏ । କାଳେ ସତୀ କୁଆଡେ ଥିବ ଓ ତାକୁ ସେ ଟିକଏ ଦେଖିନେବ । ଏମିତି ଦିନ ଦଶଟାରୁ ଗୁରିଟାଯାଏଁ ଏକା ଶ୍ରେଣୀରେ ଗୌତମ ଓ ସତୀ ପାଠ ପଢନ୍ତି । ସତୀ ଡାହାଣ କଡରେ ଝିଅମାନଙ୍କ ସହ ଆଗରେ ବସେ । ଗୌତମ କିନ୍ତୁ ଶ୍ରେଣୀର ପଛରେ ବସିବାକୁ ଭଲପାଏ । ପଛରେ ବସିଲେ ସେ ସତୀକୁ ଭଲ ଭାବରେ ଦେଖିପାରେ ।

ବିଦ୍ୟାଳୟ ଏବେ ଦଣ୍ଡମୁକ୍ତ ଅଂଚଳ ହୋଇଛି । ଏଣୁ ଯଦି କେହି ସତୀକୁ ଚୁମା ଦେବା ବା ଛାତିରେ ଭିଡି ଧରିବା ଦେଖି ନଅନ୍ତି ତେବେ ମଧ୍ୟ ବିଶେଷ କଛି ହେବନାହିଁ । ହଁ, ସେ ଅନାଦି ସେଣ ସାରଙ୍କୁ ଟିକଏ ଡର । ସେ ସରକାରୀ ନୀୟମ କାନୁନକୁ ଆଦୌ ଡରନ୍ତି ନାହିଁ। ଶ୍ରେଣୀରେ ପାଠ କରି ନ ଥିଲେ ବା ଠିକ୍ ଉତର ନ ଦେଲେ ବାଇନ ପିଅନକୁ କହି ବିଶାଳ ବେତବାଡି ଆଣନ୍ତି ଓ ଗୁଏଁ ଗୁଏଁ ଛାଟ ଲଗାନ୍ତି । ଗୌତମ ମାଆଲୋ, ମଲିଲୋ, ବୋପାଲୋ, ମଲିଲୋ ଯେତେ କଲେ ମଧ୍ୟ ନସ୍ତାର ନାହିଁ । ସତୀ ଆଗରେ ତାକୁ ଏମିତି ମାଡ ହେବା ତାକୁ ବାଧେ । ତେବେ ଅଧିକ ବାଧେ ଯେତେବେଳେ ସେ ସେଣ ମାଷ୍ଟର ସତୀର ପିଠିରେ ଗୁଏଁ ଗୁଏଁ ପ୍ରହାର କରନ୍ତି । ସତୀ କଛି ନ କହି କେବଳ ଛିଡା ହୋଇ ମାଡ ସହେ ଓ କାନ୍ଦେ ।

ଗୌତମକୁ ଇଚ୍ଛାହୁଏ ସେ ସେଣ ମାଷ୍ଟରକୁ ସବକ ଶିଖାନ୍ତା । ଦିନେ ରାଗରେ ସାରଙ୍କର ସାଇକେଲରୁ ପମ୍ପ ଖୋଲି ଦେଇଥିଲା ଯେ ଷଷ୍ଠଶ୍ରେଣୀର ସେ ଝୁମୁରି ଦେଖି ନେଇଥିଲା । ଝୁମୁରିକୁ କିନ୍ତୁ ସେ ଟ୍ୟୁସନ କଲାବେଳେ ଜାଣି ନେଇଥିଲେ ଯେ ଏ କାମ ଗୌତମର । ବାସ୍, ଆଉ କାହିଁ, ପରଦିନ ଆସି ଶ୍ରେଣୀରେ କଠିନ କଛି ପ୍ରଶ୍ନ ସବୁ ପଗ୍ଚରିଲେ । ଅନେକ ହାତ ଉଠାଇଲେ ନାହିଁ ଆଉ ଗୌତମ ମଧ୍ୟ । ତେବେ ପଚରା ଗଲା ଗୌତମକୁ ଆଉ ଯେଉଁ ମାଡ । ଆହା ହା....... ।।

ସେଦିନ ଛୁଟି ହେଲାପରେ ଗୌତମ ଘରକୁ ଫେରୁଥିଲା ବେଳେ ସତୀ ତାକୁ ପାଖକୁ ଡାକ କହିଲା, ଦେଖ ତୁମକୁ ଏମିତି ମାଡ ଲାଗିଲେ ମୋତେ ଭଲ ଲାଗେ ନାହିଁ । ତୁମେ ସେ ଖରାପ କାମ ଛାଡି ମନ ଲଗାଇ ପାଠ ପଢିଲେ ହୁଅନ୍ତା ନାହିଁ ?

ସତୀର ଏଇ ପଦଟିଏ କଥା ଗୌତମକୁ ବହୁତ ଭଲ ଲାଗିଲା । ସେ ସେହିଦିନରୁ ରାତି ଅଧିକଯାଏଁ ବସି ପାଠ ପଢିଲା । ଶିକ୍ଷକ ଦେଇଥିବା ସମସ୍ତ କାର୍ଯ୍ୟ କଲା । ତାର ଏ ପରିବର୍ତନ ଦେଖି ସ୍କୁଲର ଶିକ୍ଷକ ଓ ଅନ୍ୟାନ୍ୟ ସହପାଠୀ ଅବାକ୍ । ବେଶି ଅବାକ୍ ହେଲେ ଅନାଦି ସାର୍ ।

ମନରେ ଗର୍ବକରି କହିଲେ, ଟୋକାକୁ ଏମିତି ଧୋଲେଇ କଲି ଯେ ଟୋକାର ଜ୍ଞାନ ବୁଦ୍ଧି ଏବେ ପାକଳ । ମନ ଲଗାଇ ପାଠ ପଢୁଛି । ସ୍କୁଲରେ ମଧ୍ୟ ଏବେ ଚର୍ଚ୍ଚା ଯେ ଅନାଦି ସାର୍ ବାଳୁଙ୍ଗା ଗୌତମକୁ ଠିକ୍ ବାଟକୁ ନେଇ ଆସିଲେ । ମ୍ୟାନେଜିଙ୍ଗ କମିଟି ମିଟିଙ୍ଗରେ ମଧ୍ୟ ଏ ବିଷୟରେ ଚର୍ଚ୍ଚା ହେଲା ଓ ଅନାଦି ସାରଙ୍କୁ ପ୍ରଶଂସା କରାଗଲା ।

ସେ ବର୍ଷର ବାର୍ଷିକ ଉତ୍ସବରେ ମଧ୍ୟ ଅନାଦି ସେଣ କେମିତି ଜଣେ ଦୁଷ୍ଟ ପିଲାକୁ ଶିଷ୍ଟ କଲେ ସେ କଥା ବଖାଣ କରାଗଲା । ଗୌତମର ନାମ ମଧ୍ୟ କୁହାଗଲା । ଗୌତମକୁ ମଂଚ ଉପରକୁ ମଧ୍ୟ ଡକାଗଲା । କରତାଳ ମଧ୍ୟ ପଡିଲା ।

କିନ୍ତୁ ଗୌତମ ସେତେବେଳେ ତଳେ ଆପଣାର ଭାଉଜଙ୍କ ସହ ବସିଥିବା ସତୀଙ୍କ ଆଡକୁ ଚାହିଁଲା । ଇଚ୍ଛା ହେଉଥିଲା ଯେ ସେ କହିଦେବ, ଦେଖନ୍ତୁ ସାର୍, ଆପଣ କିଛି କରି ନାହାଁନ୍ତି । ଆପଣ ତ ବାରମ୍ବାର ମୋତେ କଠିନରୁ କଠିନ ଦଣ୍ଡ ଦେଇ ବିପଥଗାମୀ କରାଉଥିଲେ । କେବେ ସ୍ନେହ, ମମତା, ଭଲପାଇବାର ସ୍ପର୍ଶ ଦେଇ ମୋର ଜୀବନକୁ ନିୟନ୍ତ୍ରିତ ବା ଶୃଂଖଳିତ କରିବାର ଚେଷ୍ଟା କରି ନାହାଁନ୍ତି ।

ମୋତେ ଭଲ ମଣିଷ କରିବାର ଶ୍ରେୟ ମୋର ପ୍ରେମ କରିଛି । ମୋ ସତୀ କରିଛି । ମୋର ଭଲ ପାଇବା କରିଛି । ଭାବିଲା ସତୀକୁ ସେହି ମଂଚକୁ ଡାକି କହନ୍ତା ହେ ଦର୍ଶକ, ହେ ଶ୍ରୋତାବୃନ୍ଦ, ଏଇ ସତୀକୁ ମୁଁ ଭଲ ପାଏଁ, ଏଇ ସତୀର ପ୍ରେରଣାରେ ମୁଁ ବଦଳି ଯାଇଛି ।

ନା, ଏମିତି ହେଲେ ସତୀ ଓ ତାର ଭଲପାଇବାକୁ ସମସ୍ତେ ଜାଣିଯିବେ । ହୁଏତ ତା ଘରେ ଓ ଗୌତମର ଘରେ ଏ ନେଇ କିଛି ଅସୁବିଧା ହୋଇପାରେ । ତା ବାପା ଜଣେ କ୍ରୋଧୀ ମଣିଷ । ଗାଁରେ ବହୁତ ଗଣ୍ଡଗୋଳ ସେ କରନ୍ତି । ଜାଣିଲେ ଘରକୁ ଆସି ଗୌତମର ବାପା ମାଆ ସହ କଳି ଝଗଡା କରିବେ ।

ତେବେ ସେଦିନ ସାହସ କରି ବିଦ୍ୟାଳୟ ବାର୍ଷିକୋତ୍ସବ ଚାଲିଥିଲାବେଳେ ସତୀକୁ ସାର୍ ଡାକୁଛନ୍ତି କହି ଡାକି ନେଇଗଲା । ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠକୁ ଯିବାପାଇଁ ନିର୍ଜନ ସଂକୀର୍ଣ୍ଣ

ପଥ । କଛି ଅଂଧାର ମଧ୍ୟ ହୋଇଥାଏ । ସେଇଠି ଗୌତମ ଆଦରରେ ଆପଣାର ଓଠ ଖୁବ୍ କୋମଳତାର ସହ ସତୀର ଓଠରେ ଲଗାଇ କହିଲା, ଧନ୍ୟବାଦ ସତୀ ମୁଁ ତୁମ ପାଇଁହିଁ ନଜକୁ ବଦଳାଇଛି । ସତୀ ମଧ୍ୟ କୌଣସି ପ୍ରତିରୋଧ ନ କରି ନୀରବ ସମର୍ଥନ ଦେବାରୁ ଉତ୍ସାହିତ ଗୌତମ ସତୀକୁ ସେହି ଅନ୍ଧାରରେ ଛାତିରେ ଭିଡି ଧରିଲା ।

ଏବେ ସତୀ ସେମିଜ୍ ଛାଡି ବ୍ଲାଉଜ୍ ପିନ୍ଧିଲାଣି କାରଣ ଛାତିର ମାଂସ ତାର ଖୁବ୍ ପୁରି ଯାଇଛି । ଗୌତମ ସେହି ପୁରିଲା ମାଂସଳ ଛାତିକୁ ବେଶ୍ ଅନୁଭବ କରି ପାରୁଥିଲା । ଏବେ ସତୀର ପିଠିକୁ ଆପଣା ଛାତି ଉପରକୁ ଭିଡିନେଇ ହାତରେ ସତୀର ମାଂସଳ ଛାତିକୁ ଧିରେ ଧିରେ ଛୁଇଁବାକୁ ଲାଗିଲା । ସତୀର ସର୍ବାଙ୍ଗ ଯେମିତି ବରଫ ହେଇଯିବ ? ସେ କହିଲା, ଦେଖ କଏ ଆସିଯିବ ? ମୋତେ ଛାଡିଦିଅ । ମନ ଦେଇ ଏମିତି ପାଠ ପଢ ଓ ଭଲ ଗ୍ଣକରୀଟିଏ କର । ମୁଁ ତୁମକୁ ଅପେକ୍ଷା କରିବି ।

ଗୌତମ ସତୀକୁ ଛାଡିଦେଲା ଓ ସତୀ ସଅଳ ପାଦରେ ଭାଉଜ ପାଖକୁ ଫେରିଗଲା ।

ସେ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଫଳ ବାହାରିଲା ଓ ଗୌତମ ପ୍ରଥମ ଓ ସତୀ ପ୍ରଥମ ଶ୍ରେଣୀରେ ପାସ୍ ହେଲେ । ସେଦିନ ସାହସ କରି ଗୌତମ ଯାଇଥିଲା ସତୀର ଘରକୁ । ହାତରେ ନେଇଥିଲା ଜଟି ଦେ ଦୋକାନରୁ କଛି ଚକୋଲେୟର ଚକୋଲେଟ୍ । ଅନେକ ଥର ସେ ସତୀକୁ ସେ ଚକୋଲେଟ ଦେଇଛି । ସତୀ ବହୁତ ଖୁସି ହୋଇଯାଏ ।

ସେଦିନ କେହି ସତୀର ଘରେ ଗୌତମର ଆସିବାକୁ ଅନ୍ୟଥା ନେଇ ନ ଥିଲେ । ସେ ଭଲ ପିଲା ଓ ଭଲ ନମ୍ବର ରଖି ପାସ୍ କରିଥିବାରୁ ସତୀର ଘରେ ମଧ୍ୟ ତାର ପ୍ରଶଂସା ହୋଇଥିଲା । ସତୀ ଓ ଗୌତମ ମଧ୍ୟ ବହୁତ ଖୁସି ହୋଇଥିଲେ । ବହୁ ସମୟ ସେମାନେ ସତୀର ଘର ବାରଣ୍ଡାରେ ବେଂଚ ଉପରେ ବସିଥିଲେ । ସତୀର ଭାଉଜ ଆଣି କଛି ପିଜୁଳ, କଦଳୀ ଓ ମିଠା ଖାଇବାକୁ ଦେଇଗଲେ ।

ଖାଅ, କହିଲା ସତୀ । ତୁମେ ମଧ୍ୟ ଖାଅ କହିଲା ଗୌତମ । ଏତିକରେ ସତୀ ପିଜୁଳ ଖଣ୍ଡ ଗୌତମକୁ ଖୁଆଇ ଦେଇ କହିଲେ ଦେଖ, ଏଥର ତୁମେ କଲେଜକୁ ପାଠ ପଢିବାକୁ ଯିବ । ମନ ଦେଇ ପାଠ ପଢିବ । ମୋର ପାଠ ପଢିବାର ନିଶ୍ଚିତତା ନାହିଁ । ବାପା କହୁଥିଲେ, ଯେତିକ ହେଲା ଯଥେଷ୍ଟ । ଝିଅ ପିଲା ବେଶି ପାଠ ପଢିଲେ ଅଡୁଆ । ଅଧିକ ପଢିଲେ ବେଶି ଖର୍ଚ୍ଚ କରିବାକୁ ପଡିବ ପୁଣି ସେମିତି ପାଠୁଆ ପୁଅ ମଧ୍ୟ ଦରକାର ହେବ ।

ତେବେ ଭଉଜ ଏ କଥାକୁ ବିରୋଧ କରି ବୁଝାଉଛନ୍ତି ଯେ ନାହିଁ, ଝିଅମାନେ ପାଠ ପଢିବା ଦରକାର । ଆଜିକାଲି ଯେଉଁ ବେଳକାଳ, ପାଠ ପଢି ରଖିଥିଲେ କାମରେ ଲାଗିବ । ସରକାର ମଧ୍ୟ ସବୁ କ୍ଷେତ୍ରରେ ନାରୀ ଶିକ୍ଷାକୁ ପ୍ରୋତ୍ସାହନ କରୁଛନ୍ତି । ତେବେ ବାପା ବୁଝିଲେ ସିନା ?

ଗୌତମର ମନଟା ଉଦାସ ହୋଇଗଲା । ହେଉ, ତୁମେ ଚେଷ୍ଟାକରି ଫର୍ମ ପକାଅ । ବାପା ମାଆଙ୍କୁ ବୁଝାଅ । ସେମାନେ ବୁଝିଗଲେ ସହରକୁ ଯାଇ ପାଠ ପଢିବା । ଦେଖା ସାକ୍ଷାତ ମଧ୍ୟ ନିୟମିତ ହୋଇପାରିବ ।

ନା, ତୁମେ ଯାଅ । ମନ ଲଗାଇ ପାଠ ପଢ । ଦେଖା ସାକ୍ଷାତ ସେ ସବୁ ଭାବ ପ୍ରବଣତା ଦରକାର ନାହିଁ । ପ୍ରଥମେ ନିଜର ଭବିଷ୍ୟତ ଗଢ । ତାପରେ ବହୁତ ସମୟ ମିଳିବ ।

ଗାଁ ଛାଡି ଗୌତମ ସହରର କଲେଜରେ ପଢିବା ପାଇଁ ଚାଲିଗଲା । ସତୀ କିନ୍ତୁ ସହର କମ୍ପା କଲେଜ ଯାଇ ପାରିଲା ନାହିଁ । ଯେତେ ବୁଝାଇଲେ ମଧ୍ୟ ସତୀର ବାପା ବୁଝିଲେ ନାହିଁ । କହିଲେ, ଝିଅ ଆଉ ପଢିବ ନାହିଁ । ଘରେ ରହି ଘର କରଣା କାମଦାମ ଶିଖୁ । ବିବାହ ପରେ କାମରେ ଲାଗିବ । ଶାଶୁ ଶ୍ୱଶୁର ସ୍ୱାମୀଙ୍କର ସେବା କରିବ ।

ବାପା ତାଗିଦ୍ କରି କହିଲେ, ତାକୁ ତରକାରୀ ରାନ୍ଧିବା ଶିଖାଅ, ଶାଗ ଖରଡିବା ଶିଖାଅ, ରାଇ ଖଟା ଆଦି ଶିଖାଅ, ବିଭିନ୍ନ ପ୍ରକାରର ଦେଶୀ ବିଦେଶି ଖାଦ୍ୟ ରାନ୍ଧିବା ଶିଖାଅ, ଚା କଫି କରିବା ଶିଖାଅ, ସବୁଦିନ ସଂଜରେ, ରାତିରେ ଘରର ଗୁରୁଜନଙ୍କୁ ପାଦ ମୋଡିବା ଶିଖାଅ ।

ବାପା ଏମିତି ଲମ୍ବା ସୂଚନା ଓ ନିର୍ଦ୍ଦେଶ ଦେଲେ । କହିଲେ ଲୁଗା କାଚବା ଓ ଇସ୍ତ୍ରୀ ଦେବା କାମ ଆଜିଠୁଁ ସତୀ କରିବ । ଘରର ଅଇଁଠା ବାସନ କୁସନ ସବୁ ସେ ସଫା କରିବ । କାଲିଠୁଁ ଧାନ ଉସେଇଁବା, ମୁଢି ଭାଜିବା, ଘରର ପିଠା ପଣା ଆଦି କରିବା ସବୁ ଶିଖିବ । ଝିଅ ବଡ ହେଉଛି । ଆଉ ବର୍ଷେ ଦୁଇବର୍ଷ ପରେ ଭଲ ଘର ଦେଖି ବାହା କରାଇ ଦେଲେ ହେଲା ।

ବାପା ଆଗରେ ଛିଡା ହୋଇ ଉତର ଦେବାର ସାହସ ଘରର କାହାର ନାହିଁ । ସେ ତ ସାମାନ୍ୟ ଝିଅ ପିଲାଟେ । ତାର ଅବା ହିସାବ କେତେ ? ଛଅ ବର୍ଷର ହୋଇଥିଲା ଯେ ପଡୋଶୀ ଘରର ଟୁଇଁ ନାନୀ ସାଂଗରେ କାହାକୁ ନ କହି ବାଟକୁ ବର କନିଆଁ ଦେଖିବାକୁ ଚାଲି ଯାଇଥିଲା ଯେ ବାପା ଦେଖି ଦେଲେ । ଘରେ ପହଂଚଲା ପରେ ଏମିତି ଏକ ଗର୍ଜନ କଲେ ଯେ ଛିଡା ଛିଡା ପେଣ୍ଟରେ ପରିସ୍ରା କରି ପକାଇଲା ।

ସତୀ ଭାବୁଛି, କଣ ହେବ ତାର ଆଉ ଗୌତମର ସଂପର୍କ । ସେ ଏବେ ପାଠ ପଢୁଛି । ପାଠ ପଢି ଚାକରୀ କେବେ କରିବ ଯେ ମୋ ଘର ଲୋକ ସେ ଦିନକୁ ଅପେକ୍ଷା କରି ରହିବେ । ଆଖିରେ ତାର ଲୁହ ଜକେଇ ଆସିଲା । ମିଛ ପ୍ରତିଶୃତି ଦେଇଛି ମୁଁ ଗୌତମକୁ । ତାର ମୋର ମିଳନ ଅସମ୍ଭବ । ହେ ଠାକୁରେ, ତୁମେ ଦୟାକର । କିଛି ଗୋଟିଏ ଉପାୟ ନିଶ୍ଚୟ ବାହାର କରିବ ।

ଗ୍ରୀଷ୍ମ ଛୁଟିରେ ଗୌତମ ଗାଁକୁ ଆସି ପ୍ରଥମେ ସତୀର ଘର ରାସ୍ତାରେ ଚକ୍କର କାଟିଲା । କେତେ ଚକ୍କର କାଟିଲା ପରେ ହଠାତ୍ ଦାଣ୍ଡ କଡ କଳକୁ ସତୀ ଯାଉଥିବାର ଦେଖିଲା । ଧିର କରି ଡାକଲା ସତୀ !

କଡ ଲେଉଟାଇ ସତୀ ଦେଖିଲା ଗୌତମକୁ । ସଂଗେ ସଂଗେ ସେମିତି ଲୁଗା ତକ ଥୋଇ ବେଢା କଡକୁ ଆସିଲା । ପତଳା ଶାଢିଟିଏ କେବଳ ତାର ଲଙ୍ଗଳା ଦେହକୁ ଢାଙ୍କିବାର ପ୍ରୟାସ କରୁଥିଲା । କିନ୍ତୁ ଛାତିର ମାଂସଳ ଦୁଇ ମନୋରମ ଭାଗ ପ୍ରୀତିର ଶୃଙ୍ଗ ଭଳି ଫୁଟି ଦିଶୁଥିଲା । ଦେହର ଅଧିକାଂଶ ଅଂଶ ସେହି ପତଳା ଶାଢିରେ ଜଳ ଜଳ ଦିଶୁଥିଲେ ମଧ୍ୟ ସେଥିପ୍ରତି ଖାତିର ନ ଥିଲା ସତୀର ।

କେବେ ଆସିଲ ? ପଚାରିଲା ସତୀ ।

କାଲି ରାତିରେ, କିନ୍ତୁ କାଲି ରାତିରୁ ମୁଁ ଏ ରାସ୍ତାରେ ଦଶ ଚକ୍କର କେବଳ ତୁମକୁ ଟିକଏ ଦେଖିବାକୁ କାଟିଲିଣି । ଯାହାହେଉ, ଆଜି ଦେବୀ ଦର୍ଶନ ହେଲା । ସୁନ୍ଦରୀ ସତୀର ସୌନ୍ଦର୍ଯ୍ୟ ଉପଭୋଗ କରୁ କରୁ କହିଲା ଗୌତମ ।

ହେଉ, ମୁଁ ଯାଉଛି ଗାଧୋଇବି । ଆଜି ସଂଧ୍ୟାରେ ଘରେ କେହି ରହିବେ ନାହିଁ । ବାଲି ମେଳା ଯିବେ । ବାପା ଆଗରୁ ପଳାଇବେ କାରଣ ସେ ବାଲିମେଳା କମିଟିର ସଦସ୍ୟ । ଭାଉଜଙ୍କୁ ଧରି ମାଆ ଚାରିଟା ବେଳକୁ ଯିବ । ମୁଁ ଯିବି ନାହିଁ ବୋଲି କହି ଦେଇଛି । ସେମାନେ ଗଲେ ଭିତରୁ କବାଟ କିଳ ରହିବି ।

ସେମାନେ ଗଲେ ତୁମେ ଆଗ ବାଟରେ ଆସିବ । ମୁଁ କବାଟ ଖୋଲି ଦେବି । ବହୁତ ଦିନରୁ କଥା ହୋଇନୁଁ, ହେବୁ । କହିଲା ସତୀ ଓ ପଛକରି ଚାଲିଗଲା ।

ପ୍ରସନ୍ନ ଭାବରେ ଘରକୁ ଫେରିଗଲା ଗୌତମ ।

ଆଜି ଆଉ ଗୌତମର କେଉଁଠି ମନ ଲାଗୁନାହିଁ । ସେ ବହୁତ ଦିନ ପରେ ସତୀକୁ ପାଖରେ କିଛି ସମୟ ପାଇବ । ଅନେକ ଖୁସି ଗପ ହେବ । ଘରେ କେହି ନ ଥିବେ । କେବଳ ସେମାନେ ଦୁଇଜଣ । ଏ କଥା ଭାବିଲା ବେଳକୁ ତାର ଦେହରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୋଇ ଯାଉଛି ।

ସଂଜ ବେଳକୁ ସତୀର ବାପା ମାଆ ଭାଉଜ ସବୁ ବାଲିମେଳା ଗ୍ଳି ଗଲେଣି । ଗଲାବେଳେ ଝିଅକୁ ତାଗିଦ୍ କରି କହିଗଲେ ଦେଖ୍, ଯିଏ ଆସିଲେ ମଧ୍ୟ କବାଟ ଖୋଲିବୁ ନାହିଁ । ଆମେ ଆସି ଡାକଲେ ଖୋଲିବୁ । ଭିତରେ ଥିବୁ, ଟି.ଭି. ଦେଖିବୁ ଅବା ଭୋକ ଲାଗିଲେ କଣ ଖାଇବୁ ।

ଏମିତି ଅନେକ ଥର ଘର ଭିତରୁ ବନ୍ଦ କରି ସତୀ ରହିଛି । ସେମିତି କିଛି ଅଘଟଣ କେବେ ଘଟିନାହିଁ ଗାଁରେ । ଅବଶ୍ୟ ଆଜିକାଲି ଗାଁରେ ମଧ୍ୟ ବହୁତ ଦୁର୍ଘଟଣା ଘଟିଲାଣି । ହତ୍ୟା, ବଳାତ୍କାର ଗାଁର ଜୀବନକୁ ଆନ୍ଦୋଳିତ କଲାଣି ।

ଠିକ୍ ସମୟରେ ଗୌତମ ଆସି ପହଂଚଛି । ଗୌତମକୁ ଘର ଭିତରକୁ ପୂରାଇ କବାଟ କଳ ନେଲା ସତୀ । ତାପରେ ଭାଉଜଙ୍କ ଘର ଭିତରକୁ ଡାକ ନେଲା । ଭାଉଜଙ୍କ ଘରର ପଲଙ୍କ ସଜଡା ହୋଇ ପଡିଛି । ଦୁଇଟି ତକିଆ ଓ ବେଶ୍ ପ୍ରେମ କରିବାର ପରିବେଶ । ସତୀକୁ ଅନାଇଁଲା ଗୌତମ । ସତୀ ତାକୁ ଅତ୍ୟଧିକ ସୁନ୍ଦରୀ ଦିଶୁଥିଲା । ଗୌତମ ପଲଙ୍କ ଉପରେ ବସିଥାଏ ଓ ପାଖରେ ସତୀ । ଗୌତମ ସତୀକୁ ଆପଣାର ଛାତି ଉପରକୁ ଭିଡି ନେଲା । ସତୀ କିଛି କହିଲା ନାହିଁ । ତାର ନରମ ଓଠ ସହ ଆପଣାର ଓଠକୁ ଲଗାଇ ପ୍ରେମର ଅମୃତ ଚୁଷିବାକୁ ଲାଗିଲା । ସତୀ ନୀରବ । ତାପରେ ଗୌତମ ସତୀର ଶାଢୀକୁ ଖୋଲିଦେଲା । ସତୀ ଏବେ କେବଳ ଏକ ଶାୟା ଓ ଏକ ବ୍ଲାଉଜରେ ଆବୃତ । ଆହୁରି ସୁନ୍ଦର ଦିଶୁଥିଲା ସତୀ । ଗୌତମ ସତୀର ବ୍ଲାଉଜର ବୋତାମ ସବୁ ଖୋଲି ଦେଲା । କିଛି କହିଲା ନାହିଁ ସତୀ । ଆଉ ଏବେ ଗୌତମ ଓ ସତୀ ଏକ ଅସମ୍ଭାଳ ଅନୁଭବ ଭିତରେ ଛଟପଟ ।

ସତୀ କହିଲା ଦେଖ ଗୌତମ, ମୁଁ ଜାଣେନ ତୁମେ ମୋତେ ଆଉ ମିଳବ କି ନାହିଁ ତେଣୁ ଆଜି ମୋର ସବୁ କିଛି ତୁମର କରିନଅ । ଏକ ଅଧିର ଆବେଗରେ ନିବେଦନ କରୁଥିଲା ସତୀ ।

ସେତିକି ବେଳେ ଆପଣାକୁ ସଂପୂର୍ଣ୍ଣ ପ୍ରସ୍ତୁତ କରି ନିଜର ଗାଡିଟିକୁ ସଂକରିଳ ରାସ୍ତା ଭିତରେ ଅତ୍ୟନ୍ତ ସହଜ ଢଙ୍ଗରେ ପଶେଇ ସାରିଥିଲା ଆରୋହୀ ଜଣକ । ରାସ୍ତାଟି ଥିଲା ସଂପୂର୍ଣ୍ଣ

ନଗ୍ନପଦ, ନର୍ଜନ, ଖୁବ୍ ପରିଷ୍କାର ପରିଚ୍ଛନ୍ନ । ସତୀର ଗୋରା ତକ ତକ ଦେହ ସେ ଘରର ଜିରୋ ହଳଦୀ ଆଲୁଅରେ ଏକ ଅନନ୍ୟ ଶୋଭା ଧାରଣ କରିଥିଲା । ସେହି ଦେହଟି ଦିଶୁଥିଲା ଏକ ଭୂଭାଗ ଆଉ ସେହି ଭୂଭାଗ ଚାରିକଡରେ କେବଳ ଶୂନ୍ୟତା । ଛାତିର ଦୁଇ ମାଂସଳ ଅଂଶ ଦୁଇ ଏଭରେଷ୍ଟ ଶୃଙ୍ଗ ଭଳି ଦେଖାଯାଉଥିଲା ଆଉ ପେଟର ତଳ ଭାଗରେ ଯେମିତି ବୋହି ଯାଉଥିଲା ଗଙ୍ଗାର ପବିତ୍ର ଧାର । ଦୁଇ କୂଳରେ ଶସ୍ୟ ଶ୍ୟାମଳ ଶସ୍ୟକ୍ଷେତ୍ର ।

ରାତି ଆଠଟା ହେଲାଣି କାଳେ ବାପା ମାଆ ଭାଉଜ ଆସିଯିବେ ତେଣୁ ତରବରରେ ନଜର ସମସ୍ତ ବସ୍ତ୍ର ସାଉଁଟିବାକୁ ଲାଗିଲା ସତୀ । ଏବେ ସତୀ ନଜର ଦେହରେ ଶାଢିକୁ ଆବୃତ କରି ଗୌତମ ଆଡକୁ ଦେଖି ହସି ପକାଇଲେ । ଉଲଗ୍ନ ଅବସ୍ଥାରେ ଛିଡା ହୋଇଥିଲେ ଗୌତମ ।

ଏବେ ତୁମେ ଶିଘ୍ର ଯାଅ, କହିଲେ ସତୀ । ଦୁହେଁ ବାହାରକୁ ବାହାରି ଆସିଲେ ଆଉ ଦେଖିଲେ ଭାଉଜ, ମାଆ ଓ ବାପା । ଭୟରେ ଆଶଂକତ ହୋଇ ଉଠିଲେ ସତୀ ଓ ଗୌତମ । ସଂଦେହ ଓ କ୍ରୋଧରେ ବାପା ଉଭୟଙ୍କର ଅସଂଜତ ଚେହେରା ଦେଖୁଥିଲେ । ମାଆ ଓ ଭାଉଜ ମଧ କେମିତି ନଶ୍ଚିତ ସନ୍ଦେହ ଭିତରେ ସେମାନଙ୍କୁ ଅନାଇଁ ହେଉଥିଲେ । ତେବେ ହାତ ଯୋଡି ପ୍ରଣାମ ଜଣାଇ ଗୌତମ କହିଲା ମୁଁ ଗାଁକୁ ଆସିଥିଲି କାଲି ଚାଲିଯିବି ବୋଲି ଆଜି ଦେଖା କରିବାକୁ ଆସିଥିଲି । ଆପଣମାନେ ନ ଥିଲେ ଆଉ ମୁଁ ଫେରି ଯାଉଥିଲି ଯେ ସତୀ ଭିତରୁ ମୋତେ ଦେଖି ଗେଟ୍ ଖୋଲି ବସାଇଲା, ଡେରି ହେଲାଣି ତେଣୁ ମୁଁ ଯାଉଛି । ଏତିକ କହି ସେ ସ୍ଥାନରୁ ପ୍ରସ୍ଥାନ କଲା ଗୌତମ ।

ଯାହାହେଉ ପ୍ରାଣ ବଂଚଲା ଗୌତମର । ତେବେ କଣ କରିବ ଯେ ସତୀ । ଭାଉଜ ଘର ଭିତରେ ପଶିଲେ ସବୁ ବୁଝିଯିବେ କାରଣ ବିଛଣାର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଛି । ଫେରିଥିଲେ ସଜାଇଥାନ୍ତି ।

ବାପା ମାଆ ଘର ଭିତରକୁ ଗଲେ ଆଉ ଭାଉଜ କଳ ପାଖକୁ ଯିବାକୁ ଡାକଲେ । ବାଧ ହୋଇ ମୁଁ ତାଙ୍କୁ ଅନୁସରଣ କଲି । କଳ ପାଖରେ ଭାଉଜ ସିଧା ପଚାରିଲେ କଣ, ତୁମେ ଗୌତମକୁ ଭଲ ପାଉଛ ? କଣ କରିବ ସତୀ ? ଏମିତି ତ କଛି କ୍ଷଣରେ ଭାଉଜ ତାଙ୍କର ଶୋଇବାଘର ବିଛଣାର ଅବସ୍ଥା ଦେଖି କଣ ନା କଣ ବୁଝିଯିବେ । ଧିର ସ୍ୱରରେ କହିଲି, ହଁ ।

ଭାଉଜ ଭିତରକୁ ଯାଇ ଅବ୍ୟବସ୍ଥ ଅବସ୍ଥାରେ ଥିବା ବିଛଣା ଦେଖି ସବୁ ବୁଝିଗଲେ । ତେବେ କଛି କହିଲେ ନାହିଁ । ପରଦିନ କନ୍ତୁ ଘରର ଦୃଶ୍ୟ ବଦଳଗଲା । ଭାଇ ସହରରୁ ଫେରି

ପ୍ରଥମେ ସତୀକୁ ବହୁତ ଗାଳଗୁଲଜ କଲେ । ଭାଇ ଓ ଭାଉଜଙ୍କର ଗାଳଗୁଲଜରେ ଆଉ ଥରେ ଉଲଗ୍ନ ହୋଇ ଯାଇଥିଲା ସତୀ ।

କେମିତି ବୁଝାଇବ ଯେ ସେ ଓ ଗୌତମ ପରସ୍ପରକୁ ଭଲ ପାଆନ୍ତି । ଭାଇ କହିଲେ, ସେ ଗୌତମ ଗାଁରେ ଅଛି ନା ସହରକୁ ଗଲାଣି ? ତାକୁ ଥରେ ପଚାରିବି ଯେ ମୋ ଭଉଣୀ ସତୀକୁ ସେ କଣ ଭାବି ଭଲ ପାଇଲା ? ଭୟ ଓ ଆଶଙ୍କାରେ ସେଦିନ ଦିନ ପରେ ରାତି ଆସିଲା । ରାତିରେ ଅନେକ ଦୁଃଖରେ ଶୋଇ ପଡିଲା ସତୀ । ଭଗବାନଙ୍କ ଉଦ୍ଦେଶ୍ୟରେ କହିଲା ହେ ଈଶ୍ୱର ସତରେ ତୁମେ ମୋତେ ସତୀ କରିଦେଲ । ମୋର ପ୍ରେମ ଜଳପୋଡି ଛାରଖାର ହୋଇଗଲା । ଆଖିରୁ ବୋହି ଚାଲିଥାଏ ଅଶ୍ରୁ ।

ରାତି ପାହିଲା ବେଳକୁ ଗାଁରେ ସବୁଆଡେ ଗହଳ ଚହଳ । ବିଚରା ଭଲ ପିଲା ଥିଲା । ଦୁଇଦିନ ତଳେ ଗାଁକୁ ଆସିଥିଲା । କିଏ ତାକୁ ରାତିରେ ଆସି ମାରି ଦେଇଗଲା । ଭାଉଜ ଆସି ଡାକଲେ ସତୀ, ସର୍ବନାଶ ହୋଇ ଯାଇଛି ।

କଣ ହୋଇଛି ଭାଉଜ ? ପଚାରିଲା ସତୀ । ଗୌତମକୁ କାଲି ରାତିରେ କିଏ ମାରି ଦେଇଛି । କହିଲେ ଭାଉଜ ।

ଚିତ୍କାର କରି ଉଠିଲା ସତୀ । ପାଗଳନୀ ପରି ସେ ଦୌଡିଲା ଗୌତମର ଘର ଆଡକୁ । ଭାଇ ବାପା ଯିଏ ଯେତେ ପ୍ରତିରୋଧ କରିବାକୁ ଚାହିଁଲେ ମଧ୍ୟ କେହି ତାର ପଥକୁ ଅବରୋଧ କରି ପାରିଲେ ନାହିଁ ।

ନଦୀ କୂଳର ଶ୍ମସାନକୁ ନିଆ ଯାଇଥିଲା ଗୌତମର ଶବ । ହୁ ହୁ ହୋଇ ଜଳୁଥିଲା ଗୌତମର ଶବ । ସତୀ ସେଠାରେ ପହଂଚ ଦେଖିଲା ଯେ ସେହି ହୁ ହୁ ହୋଇ ଜଳୁଥିବା ଗୌତମର ଶବ ଭିତରୁ ଗୌତମ ହାତ ବଢାଇ ଡାକୁଥିଲା ସତୀ, ମୁଁ ତୁମକୁ ଭଲପାଏ, ବହୁତ ଭଲପାଏ । ତୁମେ ପାଇଁ ମୋର ଏ ସତୀ ପରୀକ୍ଷା ।

ସତୀ ନଦୀର କୂଳରେ ଛିଡା ହୋଇଥିଲା ଓ ତାର ଠିକ୍ ତଳେ ଜଳୁଥିଲା ଗୌତମର ଚିତା । ଈଶ୍ୱରଙ୍କ ଆଡକୁ ହାତ ଟେକି ସେହି ଚିତା ଉପରକୁ ଜୀବନ୍ତ ଡେଇଁ ପଡିଲା ସତୀ । ଏକ ବିକଟ ଚିତ୍କାର ସହ ସେହି ଚିତାରେ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ନିଜକୁ ସତୀ କରିଦେଲା ସତୀ । ଲୋକଙ୍କର ଚେଷ୍ଟା ସତ୍ତ୍ୱେ ବଂଚ ପାରିଲା ନାହିଁ ସତୀର ଜୀବନ । ଶୋକାକୁଳ ପରିବେଶରେ

ସତୀର ପୁଣି ଚିତା ଜଳାଗଲା ନଦୀ କୂଳରେ  ଆଉ ଧୂଆଁର ଅନ୍ଧାରରେ ଏ ନିର୍ଦ୍ଦୟ ସମାଜକୁ ଉପହାସ କରି ଉଡିଗଲେ ପ୍ରେମର ସେହି ଦୁଇପକ୍ଷୀ ।

ସତୀ ମୋ ଆଗରେ ବସିଥିଲା ବୋଲି ମୁଁ ଗଳ୍ପ ଆରମ୍ଭରୁ କହିଥିଲି । ତେବେ ସତୀ ତ ସତୀ ହୋଇ ଯାଇଛି ! ହଁ ଏହା ସତ କଥା । ତେବେ ମୋ ଆଗରେ ଅନୁ ବସିଛି, ସିନୁ ବସିଛି, ସ୍ମୃତି ବସିଛି, ରକ୍ଷୀ ବସିଛି ଇତ୍ୟାଦି ଇତ୍ୟାଦି ସତୀ ହେବାର ଇଚ୍ଛାରେ, ପ୍ରତି ମୂହୂର୍ତରେ, ପୃଥିବୀର ପ୍ରତି କୋଣରେ, ସମୟର ସବୁ ଯୁଗରେ ।  ଦୁଇ ହାତ ଉପରକୁ ଟେକି ସେମାନେ କହୁଛନ୍ତି ସତୀ ! ସତୀ ! ସତୀ !

ସୌଭାଗିନୀ, ରଟିଲୋ, ରେଂଚ, ପୁରୀ

ବେଦାନ୍ତୀର ପୂଜାସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ପୂଜା ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733


# ମନେ ପଡେ...

ଶୁସାନ୍ତ କୁମାର ନାୟକ

ସବୁ ଠାରୁ ଭଲ ଲାଗେ ମୋରି ଗାଁ,
ଗାଁ ଠାରୁ ଭଲ ଲାଗେ ଗାଁ ର ନାଁ ।

ନାଁ ଠୁ ବଢିଆ ଲାଗେ ଗାଁ ର ନଈ,
ନଈ ଠୁ ବି ଭଲ ଲାଗେ ଆମ୍ବତୋଟା ର ଛାଇ ।

ସଞ୍ଜବେଳ ନଈ କୂଳ ଥଣ୍ଡା ପବନ,
ତା ଠୁ ବି ଭଲ ଲାଗେ ପୁନେଇ ଜହ୍ନ ।



ଖେତ ବାଡି ସବୁଜିମା ଆମ୍ବ ବଉଳ,
ତା ଠୁ ବି ଭଲ ଲାଗେ ମାଆ ର କୋଳ ।

ବାର ମାସେ ଲାଗେ ଏଠି ତେର ପରବ,
ମୋ ଗାଁ ପାଇଁ ଲାଗେ ମୋତେ ଗରବ ।

ଯଦି କେବେ ସ୍କୁଲ୍ ଆଡେ ବୁଲି ଆସିବ,
ପିଲାଦିନ କଥା ସବୁ ମନେ ପଡିବ ।

ଖୁଲ ସାଙ୍ଗ ଗାଁ ଆଡେ ଆସିବା ବୁଲି,
ସହର ରେ ରହି ରହି ଯିବଣି ଭୁଲି ।

# ଅସ୍ତରାଗିଣୀ

( ଧାରାବାହିକ)



ପ୍ରଫେସର ଅଜତା ପଣ୍ଡା

## ( ଭାଗ ୧୯)

ସେ ଦିନର ସନ୍ଧ୍ୟା- - ଡାଃ ନବେଦିତାଙ୍କ ପାଇଁ ସ୍ମୃତି ଦିବସ କମ୍ବା ପୁନର୍ଜନ୍ମ ଥିଲା କହିବା ବାହୁଲ୍ୟ ।

ଆରଣ୍ୟକଙ୍କ ଠାରୁ ସମୟ ନେଇ ଶ୍ରୀ ଅଧିକାରୀ ସେମାନଙ୍କ ପାଖକୁ ଆସିଥିଲେ । ଦୁହିଁଙ୍କର ଗଭୀର ଆଲୋଚନା - - - ଆଲୋଚନା ନ କହି ଏକ ଅନୁଭବୀ ନାକ, କାନ, କଣ୍ଠ( ଗଳା) ବିଶେଷଜ୍ଞଙ୍କର ଭାଷଣ କହିଲେ ଅତ୍ୟୁକ୍ତି ହେବନ । ଯିଏ ଭିତରେ ଶ୍ରୀ ଅଧିକାରୀ ଆମେରିକାର ବହୁଜଣ ଇ.ଏନ୍.ଟି ସ୍ପେଶିଆଲିଷ୍ଟଙ୍କ ସଂଗେ ଗଭୀର ଆଲେଚନା କରିସାରିଛନ୍ତି। ଯେଉଁ ଆଲୋଚନା ମାନ ଅତୀତରେ ଆରଣ୍ୟକଙ୍କୁ ପ୍ରଭାବିତ କରି ପାରିନଥଲା । ତାର ଏକମାତ୍ର କାରଣ ଥିଲା ନବେଦିତାଙ୍କ ପ୍ରତି ତାଙ୍କର ଇମୋସନ୍ ଯାହାକ ଭଏସ୍ ବକ୍ସ ଟ୍ରାନ୍ସ ପ୍ଲାଣ୍ଟ କରାଇବା ଅପେକ୍ଷା ଯଥେଷ୍ଟ ଗୁଣେ ଆଦୃତ ।

ବହୁ ସମୟ ଧରି ଭଏସ୍ ପ୍ରତ୍ୟାରୋପଣ ବିଷୟରେ ଆଲୋଚନା ହୋଇଥିଲେ ମଧ ଆରଣ୍ୟକ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ଶ୍ରୀ ଅଧିକାରୀଙ୍କର ଦୃଢ କଣ୍ଠସ୍ୱର, ଆପଣ ନବେଦିତା ଦେବୀଙ୍କର ସ୍ୱାମୀ । ତେଣୁ ଆପଣ ତାଙ୍କର ସ୍ୱଚ୍ଛନ୍ଦ ଜୀବନ ଚାହାନ୍ତି । ମୁଁ ତାଙ୍କର ଗୁରୁ, ମୁଁ ତାଙ୍କର ପୂର୍ବ କଣ୍ଠସ୍ୱର ଫେରିଚାହେଁ। ଡାଃ ଜେନଥ୍ କହନ୍ତି ନବେଦିତା ଦେବୀ ଅପରେସନ୍ ପାଇଁ ଖୁବ୍ ପ୍ରଭାବିତ, ତେଣୁ ସେ ଏକ ଆଦର୍ଶ ପ୍ରାର୍ଥୀ ।

ମୁଁ ମଧ ତାହା ଚାହେଁ ଶ୍ରୀ ଅଧିକାରୀ, ମାତ୍ର ଯେଉଁ ଅପରେସନ ର କୌଣସି ଗ୍ୟାରେଣ୍ଟି ନାହିଁ ସେଥିପାଇଁ ମୁଁ ମୋର କୋମଳ କଳୀଟିକୁ ଏତେଟା କଷ୍ଟ ଦେବାକୁ ଚାହେଁନା; କହିଲେ ଆରଣ୍ୟକ । ତା ଛଡା କେବଳ ଅଭିପ୍ରାୟ ପ୍ରଜୋଜନା ସବୁକଛି ନୁହେଁ ଶ୍ରୀ ଅଧିକାରୀ । ତାଙ୍କର ଗୋଟିଏ ଭାଇଟାଲ ଅର୍ଗାନ ଟ୍ରନସ୍ପ୍ଲାଣ୍ଟ ହୋଇସାରିଛି । ଏଇ ସାଧାରଣ ଅଙ୍ଗର ଟ୍ରାନସ୍ପ୍ଲାଣ୍ଟ କରାଇ ମୁଁ ତାଙ୍କୁ ହରାଇବାକୁ ଚାହେଁନା, ଆଇ ମିନ୍ କଷ୍ଟ ଦେବାକୁ ।

ଜାଣିଛି ଆଜ୍ଞା, ସବୁ ଜାଣିଛି । ତାଙ୍କର କଡ଼୍ନ ଟ୍ରାନ୍ସପ୍ଲାଣ୍ଟ ହୋଇଛି । ଆଉ ସେ କଡ଼୍ନଟି ମଧ୍ୟ ଆପଣଙ୍କର । ଆପଣ ନବେଦିତା ଦେବୀଙ୍କୁ ଖୁବ୍ ଭଲ ପାଆନ୍ତି ଆରଣ୍ୟକ ବାବୁ । କଡ଼୍ନ ପ୍ରତ୍ୟାରୋପଣ ପରେ ଯେଉଁ ସବୁ ଔଷଧମାନ ଗ୍ଭଲିଛି ସେ ସବୁ ଭଏସ୍ ବକ୍ସ ଟ୍ରାନସପ୍ଲାଣ୍ଟ ପରେ ମଧ୍ୟ ଆବଶ୍ୟକ ହୁଏ । ତାଙ୍କୁ ଏଥିପାଇଁ ଅଧିକ କଛି ଔଷଧ ନେବାକୁ ପଡିବ ନାହିଁ । ତେଣୁ ସାଇଡ୍ ଏଫେକ୍ଟର ପ୍ରଶ୍ନ କେଉଁଠି ଉଠୁଛି । ସର୍ବୋପରି ବ୍ୟବହାରିକ ପ୍ରତିକ୍ରିୟାରେ ତ ତାଙ୍କର କଛି ଉପକାର ହୋଇ ପାରିବନ ।

ଏଥର ସଳଖ ହୋଇ ବସିଲେ ଆରଣ୍ୟକ, ହେଲେ ନଜର ଭୟସ୍ ଦେବ ଦେବ କଏ ?

ମୃତ ବ୍ୟକ୍ତି ।

ମୃତ ବ୍ୟକ୍ତି, ଅର୍ଥାତ୍ ଡେଡ୍ ପରସନ୍ !!! ଲାଇକ୍ ଅଦର ଅର୍ଗାନ ???

ଅନ୍ୟ ଅଂଗ ବିଷୟରେ ତ ମୋର କଛି ଜ୍ଞାନ ନାହିଁ ଆଜ୍ଞା । ସେ ସବୁ ନବେଦିତା ଦେବୀଙ୍କୁ ବେଶୀ ଜଣାଥିବ । ମାତ୍ର ମୁଁ ଏତିକ ଖବର ସଂଚୟ କରିଛି ଯେ ତାଙ୍କ ପାଇଁ ମୃତବ୍ୟକ୍ତିର ଭଏସ୍ ବକ୍ସ ଉପଯୋଗୀ ।

ଭଏସ୍ ବକ୍ସ କହିଲେ କଣ କଣ ଷ୍ଟ୍ରକ୍ଚର ମୃତ ବ୍ୟକ୍ତିଙ୍କ ଠାରୁ ନେବାକୁ ପଡିବ ?

ସେ ସବୁ ଡାକ୍ତରମାନଙ୍କୁ ଜଣା ।

ନାଁ ମୁଁ କହୁଥିଲି ପୂର୍ବରୁ ତ ମୃତବ୍ୟକ୍ତିଙ୍କର ସଂପର୍କୀୟ ମାନଙ୍କୁ ଏ ବିଷୟରେ କାଉନସେଲିଂ କରିବାକୁ ପଡିବ । ସଂପୂର୍ଣ୍ଣ ଲ୍ୟାରିଙ୍ଗସ୍, ଥାଇରଏଡ୍ ଏବଂ ଟ୍ରାକିଆରୁ ଛଅ ସେଣ୍ଟିମିଟର ।

ହଁ ଏ ଗୁଡିକ ବାହାର କରିବା ପାଇଁ କେବଳ ଡାକ୍ତର ଆବଶ୍ୟ, କହିଲେ ଶ୍ରୀ ଅଧିକାରୀ ।

ଆଉ ଗୋଟିଏ ବହୁତ ଜରୁରୀ କଥା ଶ୍ରୀ ଅଧିକାରୀ - ଏଇ ଷ୍ଟ୍ରଚର ଗୁଡିକ ମଧ୍ୟ ଖୁବ୍ ହାଇଷ୍ଟାଣ୍ଡାଡର ହୋଇଥିବା ଦରକାର୍ । ଆପଣ ତ ନବେଦିତାର କଣ୍ଠସ୍ୱର ବିଷୟରେ ଖୁବ୍ ଭଲଭାବେ ପରିଚତ । ଏସବୁ ଜାଣି ଆମେ ଯଦି ତା କଣ୍ଠରେ ଏକ ଅନାମଧେୟର କଣ୍ଠ ସ୍ୱର ଆଣିଦେଉ- - - ଆପଣ ଭାବୁଛନ୍ତି ସେ ସହ୍ୟ କରି ପାରିବ ? ମାନସିକ ଆଘାତ ବର୍ତ୍ତମାନଠାରୁ ଆହୁରି କଷ୍ଟଦାୟକ ହୋଇ ଯିବନ ତ ?

ନାଇଁ ଆଜ୍ଞା, ସେ ସବୁ ମୁଁ ଟିକ ନଖି କରି ବୁଝିଛି । ଅପରେସନ ପରେ ସମସ୍ତଙ୍କର ନଜ କଣ୍ଠସ୍ୱର ଫେରିଆସେ । ସେ ସବୁର ବୈଜ୍ଞାନକ କାରଣ ମୁଁ ବୁଝାଇବାକୁ ଅକ୍ଷମ । ଆପଣ ନବେଦିତା ଦେବୀଙ୍କଠାରୁ ବୁଝିନେବେ ।

ଯଦି ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟକାରୀ ନ ହେଲା?

ଆମେ ଅଧିକ କଛି ହରାଇବାନ । ଭାଗ୍ୟକୁ ଆଦରି ରହିବା ।

ଅପରେସନ କେତେଦିନ ପରେ ସେ କଥା କହି ପାରିବ ?

ଡାଃ ଜନ୍ସନ କହୁଥିଲେ ଦୁଇ ସପ୍ତାହ ଭିତରେ ନିଶ୍ଚୟ । ହେଲେ ନରମାଲ୍ ହେବାକୁ ଧୀରେ ଧୀରେ କଛି ଦିନ ଲାଗିଯିବ ।

ଟ୍ରାକଓ ଷ୍ଟୋମୀ ଟିୟୁବଟି ମଧ ପୂର୍ବପରି ରହିବ ।

ହଁ ଡାଃ ମାରସାଲ କହୁଥିଲେ କେତେଦିନ ପାଇଁ । ଅବଶ୍ୟ କଥା କହିବାକୁ ହେଲେ ତାକୁ ବନ୍ଦ କରି କହିବାକୁ ପଡିବ । ଧୀରେ ଧୀରେ ନେକ୍ ମସଲ୍ ଷ୍ଟ୍ରଙ୍ଗ ହୋଇଗଲେ ଟିଉବ୍ ମଧ ଅପସରି ଯିବ । ଅବଶ୍ୟ ସେଥିପାଇଁ ରୀତିମତ ଏକସରସାଇଜ୍ ଦରକାର୍ । ଆଉ ଆପଣଙ୍କ ତରଫରୁ ମୋରାଲ୍ ଷ୍ଟ୍ରେଙ୍ଗଥ୍ ।

ଆପଣ ଭିନ୍ନ ଭିନ୍ନ ଡାକ୍ତର ମାନଙ୍କର ନାମ ନେଉଛନ୍ତି । ତେବେ ଆମେ କାହା ସଂଗେ କନସଲ୍ଟ କରିବା । ସେମାନେ ଗୋଟିଏ ଦଳର ଆଜ୍ଞା ।

ନବେଦିତା ପାଇଁ ଆପଣ ଏତେ ଯେ ପ୍ରୟାସ କରିଛନ୍ତି ସେଥିପାଇଁ ମୁଁ ଆପଣଙ୍କୁ କଣ ବା ଦେଇ ପାରିବି ?

କଣ ବନ୍ଧୁ ଦକ୍ଷିଣା ନା ଗୁରୁ ଦକ୍ଷିଣା କଥା କହୁଛନ୍ତି ? ଆପଣଙ୍କୁ ଆପଣଙ୍କର ପୂର୍ବ ନବେଦିତା ପ୍ରାପ୍ତ ହେବ, ସେଇ ହେବ ମୋର ବନ୍ଧୁ ଦକ୍ଷିଣା । ନବେଦିତା ଦେବୀଙ୍କର ମୁହଁରେ ଅପରେସନ ପରର ପ୍ରଥମ ହସ ମୋ ପାଇଁ ହେବ ସର୍ବୋଚ୍ଚ ଗୁରୁଦକ୍ଷିଣା-

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ



# ଜୀବନ... ତମେ କେଉଁଠି!!

ସଚ୍ଚିଦା ନନ୍ଦ ବାରିକ

ଲୋକେ କହୁଛନ୍ତି ମୁଁ କାଳେ ପାଗଳ !!
ବୋଧହୁଏ ଈର୍ଷାରେ
ମୋତେ ଜିଇଁ ଆସେନ ଡରି ଡରି
ଯେତେବେଳେ ଯାହା ଇଚ୍ଛା ମୁଁ କରିଯାଏ ବିନା
ଦ୍ୱେଧାରେ
ନାଚ ଯାଏ
ଗାଇ ଯାଏ
କାନ୍ଦି ଦିଏ
ଆଉ ବେଳେ ବେଳେ ମନ ଶାନ୍ତି ହେଲ୍ ଯାଏ
ଗାଳ ଦିଏ
ସଥ କଥା ସବୁ ବଡ ପାଟିରେ କହି ଯାଏ

ସମସ୍ତେ ଶୁଣନ୍ତି
କନ୍ତୁ ଆଡେଇ ଯାଆନ୍ତି
ଯିଏ ବୁଝେ କଛି କହେନ
ଯିଏ ବୁଝେ ଯାହା ମର୍ମକୁ ବାଧେ
ଦେଖିଲେ ଦୂର ଦୂର ମାର ମାର କରନ୍ତି

ତଥାପି ମୁଁ ଖୁସି
ମୋତେ ଖୋଲୋପା ପିନ୍ଧି ଆସେନ
ମୁଁ ଯାହା
ସମସ୍ତଙ୍କ ପାଇଁ ସେଇଆ
ମୋଖୁସି ରେ ହସି ଦିଏ ଦୁନଆ ଆଗରେ
ମୋ ଦୁଃଖରେ କାନ୍ଦି ଯାଏ ବିଚ ରସ୍ତାରେ
ମୋତେ ଡର ନାହିଁ ଏ ଦେଖଣାହାରୀ
ସମାଜରେ
ମୁଁ ମୁକ୍ତ ପକ୍ଷୀଟିଏ ଏ ସ୍ୱାର୍ଥବାଦୀ ଦୁନଆରେ

ମୋ ପାଖରେ କଛି ନାହିଁ
ରହୁଛି କେଉଁଠି ଖାଉଛି କଣ
କାହା ପାଖରେ ଖବର ନାହିଁ
ଏ ଦୁନଆ ଭିତରେ ମୁଁ ଏକା
ତଥାପି ଜୀବନ ଜିଉଁଛି ତ
କଏ କଣ ଆଜି ଯାଏଁ ନେଇକ ଯାଇଛି ଯେ ମୁଁ ଯିବି
ଏ ମାଟିରେ ପିଣ୍ଡ ପାଇଁ ସବୁ ମୋରେ ମୋର କହି
ଅଯଥା
ସଂସାରର ବୋଝ ବୋହିବି!!
ମୋତେ କେହି କେବେ ପଗ୍ଚରିନ
ମୋ ଅତୀତ ବିଷୟରେ
କନ୍ତୁ ଏ ଭଲ ଲୋକ ସମାଜରେ
ଏବେ ବି ଅନେକ ମୁହଁ ଲୁଚେଇକ ଯା ଆସ କରନ୍ତି
ବର୍ତ୍ତମାନ ଆଗରେ ଅତୀତଟା ଧରା ପଡିଯିବା
ଭୟରେ
ତମେ ବାହାରକୁ ବହୁତ ଖୁସି
ତମେ ଧନୀ ପ୍ରତିପତ୍ତିଶାଳୀ
ତମେ ବହୁତ ଶକ୍ତିଶାଳୀ
କନ୍ତୁ ଘରେ ମରି ମରି ଜିଇଁବା
ତମ ପାଇଁ ନୀତିଦିନଆ ଘଟଣା

ମୁଁ ବିନ୍ଦାସ
ସବୁ କରିପାରେ ଖୋଲା ଆକାଶ ତଳେ
ସବୁକଛି ନସଙ୍କୋଚ ରେ
ଭଲ ଲାଗେ ଏ ଜୀବନକୁ
ଜିଇଁବା କୁ ସ୍ୱଇଚ୍ଛାରେ

ମୁଁ ଦେଖିଛି
ମନ ତଳର କୋହକୁ ଯେତେ ଲୁଚେଇଲେ ବି
ସେ ଅଧା ଭିଜା ରୁମାଲ
ଆଉ ସେ ତକଆ
ବଖାଣୁଥାଏ ଖୋଳୋପା ଭିତର ଅସହାୟତାକୁ
ନରବରେ

ବାପୁଜୀ ନଗର, ଭୁବନେଶ୍ୱର

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

"ଉତ୍କଳ ଜନନୀ ଅଛନ୍ତି ଗୃହିଁ
କର କଛି କାର୍ଯ୍ୟ ଲୋକଙ୍କ ପାଇଁ
ପଛଘୁଞ୍ଚା ଦେଲେ କାର୍ଯ୍ୟ ସାଧନେ
କବା ପ୍ରୟୋଜନ ସେହି ଜୀବନେ ।"

- ଫକୀରମୋହନ ସେନାପତି


# ମହିଷାମର୍ଦ୍ଦିନୀ



ଦୀପକ ଷଡଙ୍ଗୀ

ଆଶ୍ୱିନ ମାସର ଅୟମାରମ୍ଭରେ
ଆସ ଗୋ ମା  ମହାମାୟୀ
ସୁଜଳା ସୁଫଳା ହୋଇଯାଏ ଧରା
ତୁମ ଆଗମନ ପାଇଁ ।

ଆସ ଯେବେ ତୁମେ ଗଜ
ବାହାନ କ ଦୋଳା ବାହାନରେ ଚଢି
ଫଳ, ପୁଷ୍ପ ସବୁଜିମାରେ ଭରିଯାଏ  ଧରା
ଲାଗେ ସତେ କ ଏକ ରଙ୍ଗବେରଙ୍ଗ ର ଶାଢୀ ।



ନବରାତ୍ରର ଜାଗରଣ କରି
ଭକତ ନଜର ସୁଖକୁ ମନାସୁ ଥାଏ
ଅଭୟଦାୟିନୀ କଷ୍ଟନିବାରିଣୀ ବୋଲି
ପରା ଜଗତ ତୁମକୁ ବୋଲାଉ ଥାଏ ।

ଧରାପୃଷ୍ଠରେ ଦୁଷ୍ଟ ଦାନବର ବଢିଥାଏ
ଯେବେ ଯେବେ  କ୍ରୁରତାର ଅତ୍ୟାଚାର
ସଂହାର କରିବା ପାଇଁ ନେଇଥାଅ
ତୁମେ ଦଶଭୂଜା ଦୁର୍ଗାର  ଅବତାର ।

ଧର୍ମ କୁ ଢାଲ କରି ଏ ସଂସାରେ
ବାହାରିଲେଣି ଶହ ଶହ ମହିଷାସୁର

ମହିଷାମର୍ଦ୍ଦିନୀ ହୋଇ ସଂହାର କର
'ମା' ଶାନ୍ତ ହେଉ ଆମ ବିଶ୍ୱପୁର ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ବୟସର କୃଷ୍ଣଚୂଡା



ସୁବ୍ରତ କୁମାର ମୁଦୁଲି

ହଳଦୀ ରଙ୍ଗର ଝିଅ ଦେଖିଲେ ନିଜ ଅଜାଣତରେ ମନ ଉଡିଯାଏ ଠିକ ତା'ରି ପାଖକୁ । ଲାଗେ ଯେମିତି ମୋ' ବୟସର କୃଷ୍ଣଚୂଡା ଆଜି ବି ସେମିତି ସତେଜ ଯେମିତି ପନ୍ଦର ବର୍ଷ ପୂର୍ବେ ଥିଲା । ଇଚ୍ଛା ହୁଏ ଲୁଚଲୁଚ ତାକୁ ପଛରୁ ଦେଖିବାକୁ ଆଉ ମନକଥା ଖୋଲି କହିବାକୁ ଯାଇ ହଜାରେ ଚେଷ୍ଟା ସତ୍ତ୍ୱେ ଥରିଥରି ଆଶଙ୍କାର ବହଳଆ ଛେପକୁ ଢୋକଢୋକ ବିବେକର ଗୁବୁକ ପାହାରରେ ପୁଣି ପଛକୁ ଫେରିବାକୁ । ସାଙ୍ଗମାନେ ସମସ୍ତେ କହନ୍ତି ମୁଁ କାଳେ ଗୋଟେ ବିଚିତ୍ର ପ୍ରେମିକ ଯିଏ ଆଜିଯାଏ ଶତ ଚେଷ୍ଟା ସତ୍ତ୍ୱେ ତାକୁ ଭୁଲି ପାରିନି ଯିଏ କେବଳ ମତେ ଦୁଃଖ ଦେଇଛି । ମୁଁ କିନ୍ତୁ ସେମାନଙ୍କ ସହ ଏକମତ ନୁହେଁ କାହିଁକି ନା ଜୀବନରେ ଯଦି ମୁଁ ତାକୁ ପାଇଥାଆନ୍ତି ହଳଦୀ ମଖା ଗୋରା ଦେହଟା ତା'ର ମଳିନ ପଡିବାପରେ ଏବେ ତା' ପାଇଁ ଝୁରି ହେଉନଥାନ୍ତି । ପ୍ରାୟ ଦଶ ବାର ବର୍ଷ ହେବ ତାକୁ ମୁଁ ଦେଖିନି, ଦେଖିବାକୁ ବି ଚାହୁଁନି ମୁଁ ଜାଣେ ସେ ମୋ' ସ୍ୱପ୍ନର ନାୟିକା । ତା' ମୁହଁରେ ସମୟର ରଙ୍ଗ ଛଡା ଉପହାର ମୁଁ ସହି ପାରିବିନି । ଏ ତ ମୋ' ଜୀବନ ଗପର ଗୋଟେ ଛୋଟିଆ ଅଂଶ ଯାହାକୁ ମୋ' ରୁମମେଟ ସାଗର କାଲି ପଢି ବହୁତ ହସିଲା ଆଉ ମୁଁ ବି ହସିଲି । ସମସ୍ତେ ଶୋଇଗଲା ପରେ ଆଉ ସମ୍ଭାଳି ପାରିଲିନି, ଜାଣିଶୁଣି ମୋ' ଭାବନାକୁ କ୍ଷତାକ୍ତ କଲି । ଅନ୍ଧାର କୋଠରୀରେ ଆଖିରେ ଆଖିଏ ଲୁହଧରି ତାକୁ ମୁଁ ଖୋଜୁଥିଲି ଏକା ଏକା । ସମସ୍ତଙ୍କୁ ଲୁଚାଇ ରଖିଥିବା ତା'ର ସେଇ ଗୋଟିଏ କଥା ବାରମ୍ବାର ମୋ' କାନରେ ଶୁଭୁଥିଲା ..........ତମର ଓକାତ କ'ଣ ମୁଁ ଜାଣିଛି । ତମେ ଯଦି ପ୍ରକୃତରେ ମତେ ଭଲ ପାଉଥାଅ ଜୀବନରେ ଆଉ କେବେ ବି ମୋ' ସାମ୍ନାକୁ ଆସିବନି ।

ଦେଉଳ, ଏରସମା, ଜଗତସିଂହପୁର

# ଅଖଣ୍ଡ ଭାରତର ସ୍ୱପ୍ନ



ଡ. ସୌମ୍ୟ ରଞ୍ଜନ ମିଶ୍ର

ଅଗଷ୍ଟ ପନ୍ଦର ଦିନ ସକାଳୁ ସକାଳୁ ସୁଦର୍ଶନ ମୋ ଦୁଆରେ ହାଜର। ସେତେବେଳକୁ ରାତି ଠିକରେ ପାହି ନଥିବ। ଆଖି ମଳମଳ ଉଠିଲି ମୁଁ। ଶୀଘ୍ର ବାହାରି ପଡ ଭାଇନା। ପ୍ୟାରେଡ ଦେଖିବାକୁ ଯିବା ପରା – କହିଲା ସେ। ମୋର ପ୍ୟାରେଡ ଦେଖିବାକୁ ମୋଟେ ଇଚ୍ଛା ନଥାଏ। ସତ କହିବାକୁ ଗଲେ ପୁଲିସ୍ ପ୍ୟାରେଡ୍ ଦେଖିଲେ ମୋତେ ହସମାଡେ। କାହିଁକି ଏପରି ହୁଏ ମୁଁ ଜାଣେନା। ହଉ, ତୁ ବସିଥା, ମୁଁ ଏଇ ସଙ୍ଗେ ସଙ୍ଗେ ବାହାରୁଛି – କହିଲି ମୁଁ। ସୋଫାରେ ବସି ସେ ପୁରୁଣା ଖବରକାଗଜ ଓଲଟାଇବାରେ ଲାଗିଲା। ମୁଁ ପଶିଲି ଗାଧୁଆ ଘରକୁ। ନିତ୍ୟକର୍ମ ସାରି ବାହାରିଲା ବେଳକୁ ଦେଖିଲି ରବିବାର ଖବରକାଗଜରେ ମନୋନିବେଶ କରିଛି ସୁଦର୍ଶନ। ଭାରତ ବିଭାଜନ ହୋଇନଥିଲେ କ'ଣ ହୋଇଥାନ୍ତା? ଯେତ ବଢିଆ କଥା ଲେଖା ହୋଇଛି ଭାଇନା – ଖୁସି ହୋଇ କହିଲା ସେ। ଆରେ, ସେଗୁଡା କାଗଜ ଭରିବା ପାଇଁ ଆଉ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ – ମୁହଁ ପୋଛୁପୋଛୁ ସୁଦର୍ଶନକୁ ପଚ୍ଛକରି କହିଲି ମୁଁ। ଏତିକି ଘିଅ ଢାଳିବା ଯଥେଷ୍ଟ ଥିଲା ସୁଦର୍ଶନର ଦେଶପ୍ରେମ ବହ୍ନିକୁ ଆହୁରି ପ୍ରଜ୍ୱଳିତ କରିବାକୁ।

ତୁମେ ତ ସବୁକଥାରେ ଭାଇନା ନେଗେଟିଭ୍ ହିଁ ଖୋଜ। ଦେଖ, କ'ଣ ଲେଖା ହୋଇଛି। ବିଭାଜନ ହୋଇନଥିଲେ ଭାରତ ହୋଇଥାନ୍ତା ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର। ବିଶ୍ୱର ସର୍ବାଧିକ ସୈନ୍ୟ ଭାରତୀୟ ସେନାରେ ହିଁ ଥାନ୍ତେ। ବର୍ଡର, ଏଲ୍.ଓ.ସି. କାରଗିଲ୍ ଭଳି ଫିଲ୍ମ ନିର୍ମାଣ କରାନଯାଇ ସ୍ୱାଧୀନତା ସଂଗ୍ରାମ ଉପରେ ଅଧିକ ଫିଲ୍ମ କରାଯାଇଥାନ୍ତା। ସବୁଠାରୁ ରୁଚକ କଥା ହେଲା, ଭାରତର ବ୍ୟାଟିଂ ଆଉ ପାକିସ୍ଥାନ ଓ ବାଂଲାଦେଶର ବୋଲିଂ ମିଶିଯାଇଥିଲେ ଆମେ ହୋଇଥାନ୍ତୁ ଅଜୟ। ଏତକ କହି ସୁଦର୍ଶନ ଦମ୍ ନେଲା। ସରିଲା ତୋ'ର ଭାଷଣ। ଏଥର ମୋ ପଜେଟିଭ୍ କଥା ଶୁଣ୍। ଖବରକାଗଜରେ ଆହୁରି ବି କିଛି ଲେଖା ହୋଇଛି। ବିଭାଜନ ହୋଇନଥିଲେ ଭାରତ ଏବେ ବିଶ୍ୱର ସର୍ବାଧିକ ମୁସଲିମ୍ ବହୁତ ରାଷ୍ଟ୍ରର ମାନ୍ୟତା ପାଇଥାନ୍ତା। ଆତଙ୍କବାଦୀମାନେ ଇରାନ୍, ଇରାକ୍ ଓ ଆଫଗାନିସ୍ଥାନ ଆଦି ସ୍ଥାନରେ

ଲୁଚଥାନ୍ତେ । ଭାରତରେ ଅନୁପ୍ରେବଶ ସମସ୍ୟା ସୃଷ୍ଟି ହୋଇନଥାନ୍ତା । କାଶ୍ମୀର ବାସ୍ତବରେ ଭାରତର ସ୍ୱର୍ଗ ମାନ୍ୟତା ପାଇଥାନ୍ତା । କିନ୍ତୁ କିଏ ଜାଣିଛି, ଭାରତ ବିଭାଜନ ହୋଇନଥିଲେ ଆତଙ୍କବାଦୀଙ୍କୁ ଆଦୌ ଲୁଚିବାକୁ ପଡିନଥାନ୍ତା । ଅନୁପ୍ରବେଶ ସମସ୍ୟାହିଁ ନଥାନ୍ତା ଆଉ ପ୍ରତ୍ୟେକ ରାଜ୍ୟ କାଶ୍ମୀର ପାଲଟିଥାନ୍ତା ।

ମୋତେ କେବଳ ବଲବଲ କରିଚାହିଁ ରହିଥିଲା ସୁଦର୍ଶନ । ମୁଁ ପଜିଟିଭ୍ କମ୍ବା ନେଗେଟିଭ୍ ମନେମନେ ନିର୍ଣ୍ଣୟ କରୁଥିଲା ସିଏ । ଯାହା ଭାବୁଛି ଗୋଟିଏ ଆଉ ଭାବ । ନେହେଲେ ତୋ ମସ୍ତିଷ୍କରେ ବିସ୍ଫୋରଣ ସମ୍ଭାବନା ଅଛି । ହସିହସି କହିଲି ମୁଁ । ହସର ରେଖାଟିଏ ତା' ମୁହଁରେ ବି ଆସି ମିଳାଇଗଲା । ଏମିତି କ'ଣ ବିଡ୍ ବିଡ୍ ହୋଇ ହସୁଛ – ଘରଣୀ ହଲାଇଦେଲେ ମୋତେ । ଏଥର ସତକୁ ସତ ଆଖି ମଳମଳ ଉଠିଲି ମୁଁ ।

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା



# ଶୁନ୍ ବିଦେଶି



ଶୁଭମ ନାୟକ

କଥା ଅଛେ ଭ୍‌ରତ ବାସି
ଆମେ ଆଉଁ ସାହାଁସି
ଶତ୍ରୁ ଆସୁଛେ ଭ୍‌ରତ ପଶି
ଆମେ ଦେଖୁଥିମା କାଏଁ ବସି ।
ବଣିଜ ବେପାର କରି ଯାଏସି
ଆମର ର୍‌ଏଜେ ଆସି
ଆମେ ନାଇଁ ଦେଲେ ପଶି
ବେପାର ଯାଏତା ଭ୍‌ସି ।
ଘିନୁଛୁଁ ବଲି ତାର୍ ସାମାନ୍
ବଢି ଯାଉଛେ ତାର୍ ମନ୍
ନାଇଁ ଘିନଲେ ତାର୍ ସାମାନ୍
କାହୁଁ ପାଏତା ଧନ୍ ।
ମେକଇଙ୍ଗ୍ ଇଣ୍ଡିଆ କରମା
ଆମେ ଦେଖୁଛୁଁ ସପନ୍
ହେଲେ କେନ୍ତା ସପନ୍ ଫଲବା
ବିଦେଶ୍ ଗଲେ ଧନ୍ ।

ଇଂରେଜ ଦିନେ ଡରି ପଲ୍‌ଲ୍
ଆମେ ସେ ଭ୍‌ରତ୍ ବାସି
ଗଣତନ୍ତ୍ର ଶାସନ ଆମର୍
ଆମେ ନହୁଁ କାହାର୍ ଦାସୀ ।
ଗାନ୍ଧୀ ପାଠ୍ ପଢେଇ ଛନ୍
କ୍ଷମା ପାଠ୍ ପଢେଇ ଛନ୍
କ୍ଷମା ଅହିଂଶା ନତି
ତାର୍ ଲ୍‌ଗି ଲହୁ ତାତଲେ ଭି
ପଛକେ ଯାଏସୁଁ ଘୁଚ ।

ତସଲ୍‌ଡିହି, ସୁନ୍ଦରଗଡ, ଓଡିଶା



# ଇମ୍ଫାଲ, ମଣିପୁର

## ( କୋହିମା ହୋଟେଲରେ ତିନଟି ଛବି: ତିନ ଦିଗନ୍ତ )

ପ୍ରିୟବ୍ରତ ପାତ୍ର

- ଧାରାବାହିକ ଭ୍ରମଣ କାହାଣୀ-

କୋହିମାରେ ଆମେ ରହୁଥିବା ହୋଟେଲଟି ଥିଲା ନହାତି ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର। ଅନ୍ୟ ହୋଟେଲ୍ ଗୁଡିକ ଭଡା ଦୃଷ୍ଟିରୁ ଥିଲେ ଅପହଞ୍ଚ, ଆଉ କଛିରେ ରୁମ୍ ଖାଲି ନଥିଲା ଓ ଆଉ କଛି ମୂଳ ବଜାରଠୁ ଏତେ ଦୂରରେ ଥିଲେ ଯେ ଯିବା ଆସିବା ଜନତ ବ୍ୟୟ ବହୁଳତା ଦୃଷ୍ଟିରୁ ସେଗୁଡିକ ଉପଯୁକ୍ତ ନଥିଲେ। ଆମେ ରହୁଥିଲୁ ଭୂଗର୍ଭ କୋଠରୀରେ, ଯେଉଁଠାକୁ ସୂର୍ଯ୍ୟାଲୋକ ଓ ସ୍ୱଚ୍ଛ ପବନ ପଶିପାରୁ ନଥିଲେ। ଉପର ମହଲାରେ ସମସ୍ତ କୋଠରୀ ଆଗରୁ ଭରି ହୋଇ ରହିଥିଲା। କରେଣ୍ଟ ଗ୍ଲଲିଗଲେ ମୋ କୋଠରୀରେ ମହମବତୀ ଜାଳ କାମ ଚଳେଇବା ଏକମାତ୍ର ବିକଳ୍ପ ଥିଲା । ସାରା ହୋଟେଲଟି ମଦଗନ୍ଧ, କଞ୍ଚାମାଂସ ଗନ୍ଧରେ ଫାଟି ପଡୁଥିଲା। ଏ ଦୁଇଟି ଗନ୍ଧ ନାଗାମାନଙ୍କୁ ମତୁଆଲ୍ କରିଦିଏ। ତେଣୁ ଏ ସମସ୍ତ ଆବର୍ଜନା ଓ ଅପରିଷ୍କାର ସତ୍ତ୍ୱେ ସାରା କୋହିମା ସହରରେ ତାହା ଥିଲା ଏକ ଲୋକପ୍ରିୟ ହୋଟେଲ୍। ପାଣି ଗୋଳଆ ହେଲେ, ମାଛ ଯେମିତି ବାରମ୍ବାର ଜଳର ଉପର ସ୍ତରକୁ ଆସି ନଶ୍ୱାସ ନେଇଥାଏ, ମୋ ଅବସ୍ଥା ବି ସେୟା ଥିଲା। ମୁଁ ବାରମ୍ବାର ଅକାରଣେ ଉପରକୁ ଆସି ଯାଉଥିଲି, କଛି କାମ ନଥିଲେ ରାସ୍ତା ଆଡେ ଗ୍ଲହିଁ ରହୁଥିଲି ବା ସ୍ୱାଗତିକା କକ୍ଷରେ ଚେୟାର ଖଣ୍ଡେ ଅକ୍ତିଆର କରି ଯିବା ଆସିବା ଲୋକଙ୍କୁ ଦେଖୁଥିଲି। ହୋଟେଲ୍ ପରିଗ୍ଳଳକଙ୍କୁ ଫୋନ୍ ଆସୁଥିଲା, ବା କାମ କରୁଥିବା ପିଲାଙ୍କ ଦ୍ୱାରା ଡଟାଉ ଆସୁଥିଲା - ଅମୁକ ରୁମକୁ ମଦ ଯୋଗାଅ, ଅମୁକ ରୁମ୍ କୁ ଘୁଷୁରୀ, ଗାଈ ବା କୁକୁର ମାଂସ ଯୋଗାଅ। ଏସବୁ ନାଗାମାନଙ୍କର ଏକ ସ୍ୱାଭାବିକ ଓ ଲୋକାଦୃତ ଖାଦ୍ୟ।

ସ୍ୱାଗତିକା କକ୍ଷରେ ଥିଲା ତିନଟି ବଡବଡ ତୈଳଚତ୍ର, ତିନୋଟିଯାକ ନାଗା ଜନଜୀବନ ସହ ଜଡିତ ଏକ ଏକ ନର୍ଦ୍ଦିଷ୍ଟ ଦିଗନ୍ତକୁ ଆଙ୍ଗୁଳ ନର୍ଦ୍ଦେଶ କରୁଥିଲେ। ଗୋଟିଏ ଥିଲା ନାଗା ମାନଙ୍କ ଲୋକପ୍ରିୟ ନେତା ଫିଜୋଙ୍କର ଚତ୍ରପଟ, ଆଉ ଗୋଟିଏ ଥିଲା ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ନାଗାଲାଣ୍ଡର ମାନଚତ୍ର, ସବାଶେଷଟି ଥିଲା ଧାନକଆରି ମଝିରେ ପୋତା ଯାଇଥିବା ଏକ ବାଉଁଶ ଖୁଣ୍ଟର ଚତ୍ର। ତିନୋଟିଯାକ ଚତ୍ରକୁ ଯଦି ପୂର୍ବାପର ସଙ୍ଗତି ସହ ବର୍ଣ୍ଣନା କରାଯାଏ, ତେବେ ଗୋଟିଏ ଗୋଟିଏ ଗ୍ରନ୍ଥ ହୋଇଯିବ।

ଫିଜୋଙ୍କ ଫଟୋ ତଳେ ଲେଖାଥିଲା A.Z. PHIZO ବା ଓଡିଆରେ ଆଙ୍ଗାମା ଜାପୋ ଫିଜୋ। ସେ ଆଙ୍ଗାମୀ ଜାତିର ନାଗା ଥିଲେ। ଫିଜୋର ଅର୍ଥ ସୁବିଦିତ, ସୁପ୍ରସିଦ୍ଧ ତଥା ସର୍ବଜନ ପ୍ରଶଂସିତ ବ୍ୟକ୍ତି। ଖୋନୋମା ହେଉଛି ଇତିହାସ ପ୍ରସିଦ୍ଧ ଆଙ୍ଗାମୀ ରଣାଙ୍ଗନ, ଯେଉଁଠି ଇଂରେଜମାନଙ୍କ ସହ ନାଗାମାନଙ୍କର ୧୮୩୫ରୁ ୧୮୮୦ ମଧ୍ୟରେ ଅନେକବାର ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଫିଜୋ ଥିଲେ ସେହି ଖାନୋମା ଗାଁର ଜଣେ କୃଷକ ସନ୍ତାନ। ମାତ୍ର ଦଶମ କ୍ଲାସ ଯାଏ ପାଠ ପଢିଥିବା ଫିଜୋ, ଯୁବକ ଅବସ୍ଥାରେ କେବେ ବାଇବେଲ୍ ବିକୁଥିଲେ ତ କେବେ କରାଣୀ ଦୋକାନ ବା ପୁରୁଣା ଟାୟାର ରିସୋଲିଂ କରି ଜୀବିକା ନିର୍ବାହ କରୁଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନେତାଜୀଙ୍କ ଇଣ୍ଡିଆନ୍ ନ୍ୟାସନାଲ୍ ଆର୍ମିରେ ଭର୍ତ୍ତି ହୋଇ ନିଜ ସହର କୋହିମାରେ ଇଂରେଜଙ୍କ ବିରୁଦ୍ଧରେ ଲଢିଥିଲେ। ଗୁପ୍ତ ସମ୍ବାଦଦାତା ରୂପେ ଫିଜୋ ଥିଲେ ଜାପାନୀମାନଙ୍କ ପ୍ରିୟଭାଜନ। ଜାପାନୀମାନେ କଥା ଦେଇଥିଲେ, ଯଦି ସେମାନେ ବିଜୟୀ ହୁଅନ୍ତି, ତେବେ ସ୍ୱତନ୍ତ୍ର ନାଗାଲାଣ୍ଡ ଗଠନରେ ନିଶ୍ଚୟ ଅନୁମତି ଦେବେ। ଏହି ପ୍ରତିଶ୍ରୁତିଟି ଫିଜୋଙ୍କ ମନରେ ପ୍ରଚଣ୍ଡ ଭାବେ ପ୍ରଭାବ ବିସ୍ତାର କରିଥିଲା।

୧୯୪୭ ମସିହା ଅଗଷ୍ଟ ୧୪ ରାତିରେ ଯେବେ ଭାରତ ସ୍ୱାଧୀନ ହେଲା ବୋଲି ଘୋଷଣା କଲା, ଠିକ୍ ସେଇ ସମୟରେ ଖୋନମା ଗ୍ରାମରେ ଫିଜୋ ମଧ୍ୟ ନାଗାଭୂମି ସ୍ୱାଧୀନ ହେଲା ବୋଲି ଘୋଷଣା କଲେ। ନାଲି, ସବୁଜ ଓ ହଳଦିଆ ରଙ୍ଗ ଥିବା ନାଗାରାଜ୍ୟର ଜାତୀୟ ପତାକା ଫରଫର ହୋଇ ଉଡିଲା, ସତେକି ତ୍ରିରଙ୍ଗା ପତାକାକୁ ସମ୍ମୁଖ ରଣ ପାଇଁ ଆହ୍ୱାନ କରୁଥିଲା।

ଫିଜୋଙ୍କୁ ଏକାଦିକ୍ରମେ ଚୀନ ଓ ବ୍ରହ୍ମଦେଶରୁ ସମସ୍ତ ପ୍ରକାରର ସମର୍ଥନ ମିଳିଲା। ଗରିଲା ଯୁଦ୍ଧର ରଣ କୌଶଳ, ଆଧୁନିକ ଅସ୍ତ୍ରଶସ୍ତ୍ର, ଅର୍ଥ, ରାଜନୈତିକ ସମର୍ଥନ ସବୁକିଛି ମିଳିଲା। ନାଗା ଟ୍ରାଇବଙ୍କ ଦୃଷ୍ଟିରେ ଫିଜୋ ଥିଲେ ବାଇବେଲ ବର୍ଣ୍ଣିତ ମୋଜେସ୍, ଦୁର୍ଦ୍ଦିନରେ ଅଭୟ ଦେଉଥିବା ତ୍ରାଣକର୍ତ୍ତା। ଫିଜୋଙ୍କ ଅଲୌକିକ ଶକ୍ତି ବିଷୟରେ ଗାଁ ଗହଳରେ, ଲୋକମୁଖରେ ନାନା ବିସ୍ମୟକର ଖବର ପ୍ରଚାରିତ ହୋଇଗଲା। ତାଙ୍କର କୁହୁକ ବିଦ୍ୟା ଏପରି ଯେ ଏକ ସମୟରେ ସେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଦେଖାଦେଇ ପାରନ୍ତି ଓ ସଭାସମିତିରେ ଯୋଗ ଦେଇ ପାରନ୍ତି - ଏଭଳି ଏକ ବିଶ୍ୱାସ ସର୍ବତ୍ର ବ୍ୟାପି ଯାଇଥିଲା।

୧୯୫୩ ସେପ୍ଟମ୍ବର ମାସରେ ନାଗାଲାଣ୍ଡ ବିଧିବଦ୍ଧ ଭାବରେ ଏକ ସ୍ୱାଧୀନ ସାର୍ବଭୌମ ନାଗାରାଷ୍ଟ୍ର ହେଲା ବୋଲି ଫିଜୋ ଘୋଷଣା କଲେ। ରାଷ୍ଟ୍ରର ନାମ ହେଲ "ଖୁନାକ୍ କୌତାଙ୍ଗ ନୈଖୁଁମ୍", ଅର୍ଥାତ ପିପୁଲସ୍ ଶୋଭରେନ୍ ରିପବ୍ଲିକ ଅଫ୍ ଫ୍ରି ନାଗାଲାଣ୍ଡ। ଧୋଙ୍ଗଡି ରାଙ୍ଗ୍ ହେଲେ ଗରିଲା ବାହିନୀର କମାଣ୍ଡର ଇନ୍ ଚଫ୍, ହୋନକଙ୍ଗ୍ ହେଲେ ରାଷ୍ଟ୍ରପତି। ଆରମ୍ଭ ହୋଇଗଲା ଭୀଷଣ ଗରିଲା ଯୁଦ୍ଧ, ଭାରତୀୟ ସେନାଙ୍କର ହେଲା ଅଶେଷ କ୍ଷୟକ୍ଷତି। ୧୯୫୮

ରେ ଫିଜୋ କୌଶଳକ୍ରମେ ଗ୍ଲିଗଲେ ଇଂଲଣ୍ଡ, ଶେଷ ପର୍ଯ୍ୟନ୍ତ ରହିଗଲେ କେଣ୍ଟ ନଗରୀରେ । ଜଣେ ଇଂଲଣ୍ଡ ନାଗରିକ ଭ୍ବେ ସେଠାରେ ରହି ସେ ପରିଗ୍ଳକ କରୁଥିଲେ ନାଗାମାନଙ୍କ ଗରିଲ୍ ବାହିନୀକୁ । ସମୟକ୍ରମେ ନୂଆ ନେତୃତ୍ୱ ଆସିଲ୍, ନାଗା ସଂଗଠନ ସବୁର ଆଭିମୁଖ୍ୟ ବଦଳଗଲ୍ । ତରୁଣ ଗୋଷ୍ଠୀ କହିଲେ - "ଫିଜୋ ଇଂଲଣ୍ଡରେ ରହି ଅୟସ କରୁଛନ୍ତି, ଆମେ ଏଠାରେ ଗୁଳ ଖାଉଛୁ । ଫିଜୋଙ୍କର ଏଣିକ କହିବା ବନ୍ଦ ହେଉ ।"

ନାଗାଲ୍ଣ୍ଡରେ ରହନ୍ତି ବିଭିନ୍ନ ଜାତିର ନାଗା, ଯଥା - ଆଙ୍ଗାମୀ, ଆଓ, ଶେମା, ଲ୍ହୋଥା, ଛାକେଶାଙ୍ଗ୍, ଗ୍ଙ୍ଗ୍, ଫେମ୍, ଶଙ୍ଗତାମ୍, କୋନ୍ୟାକ୍, ରେଙ୍ଗମା ଇତ୍ୟାଦି । ସେମାନେ ପରସ୍ପର ଭିତରେ ଲଢୁଥିଲେ, ରକ୍ତ ପିପାସୁ ଥିଲେ । ସେମାନଙ୍କୁ ଏକଜୁଟ କର୍ଇ ଏକ ନ୍ର୍ଦିଷ୍ଟ ଲକ୍ଷ୍ୟ ଦିଗେ ପରିଗ୍ଳକ କରିବା ସତରେ ଥିଲ୍ ଅସମ୍ଭବ । ଫିଜୋ ତାହା କରି ପାରିଥିଲେ । ପାଶ୍ଚାତ୍ୟ ଶାସନ ବ୍ୟବସ୍ଥା, ସମାଜ ବ୍ୟବସ୍ଥା, ଗ୍ଜନୀତି, ସାମରିକ ଆୟୋଜନ ଆଦିରେ ଫିଜୋଙ୍କ ଥିଲ୍ ଅସାଧାରଣ ନୈପୁଣ୍ୟ । ମାଓ ସେ ତୁଙ୍ଗ୍, ହୋଚମିନ୍ ଙ୍କ ସମକକ୍ଷ କୌଣସି ଏକ ଦୁର୍ଦ୍ଧର୍ଷ ନେତାଙ୍କୁ ଯଦି ଭ୍ରତରେ ଖୋଜାଯାଏ, ତେବେ ଫିଜୋହିଁ ହେବେ ଏକମାତ୍ର ବ୍ୟକ୍ତି । ନାଗାଲ୍ଣ୍ଡରେ ରହିଛି ଗ୍ରୀସ୍ ପରି ପାହାଡ, ଭିଏତନାମ ପରି ଧାନକ୍ଷେତ, ମାଳୟ ପରି ଘନ ଜଙ୍ଗଲ ତଥା ଚୀନ ଭଳ ମାଇଲ୍ ମାଇଲ୍ ବ୍ୟାପି ଜନମାନବହୀନ ଅପହଞ୍ଚ ଇଲ୍କା । ଏସବୁ ଭୌଗୋଳକ ପରିସ୍ଥିତିରେ ଫିଜୋ ଚଳେଇଥିଲେ ଗରିଲ୍ ଯୁଦ୍ଧର ବିଭୀଷିକା । ଇଂରେଜ ଓ ଭ୍ରତୀୟମାନେ ନାଗାମାନଙ୍କୁ ନେକେଡ୍ ନାଗା ବୋଲି କହୁଥିଲେ । ସେଇ ଚନ୍ତାରେ ଆମୂଳଚୂଳ ପରିବର୍ତ୍ତନ ପାଇଁ କୋଟ୍ ପେଣ୍ଟ୍ ଟାଇ ତଥା ଆଧୁନକ ଇଉରୋପୀୟ ବେଶରେ ସଜବାସ ହେବାପାଇଁ ନାଗାମାନଙ୍କୁ ଫିଜୋ ଆହ୍ୱାନ ଦେଇଥିଲେ । କୋଟ୍ ଉପରେ ନାଗା ସାଲ୍ ଟିଏ ପକାଇବା ଏକ ଗ୍ଷ୍ଟ୍ରୀୟ ପରମ୍ପର୍ ହୋଇଗଲ୍ । ଏବେ ନାଗାମାନେ ଆଧୁନକ ଖ୍ରୀଷ୍ଟିଆନ୍ । ଭ୍ରତରେ କୌଣସି ଗ୍ଜ୍ୟରେ, ସମାଜର ସବୁ ବର୍ଗର ଲ୍ପେକେ ଏପରି ଚଇନ ଚକ୍କଣ ରହିବା ଦେଖାଯାଏନ । ନାଗାମାନଙ୍କ ମାନସିକ ବିପ୍ଳବ ଓ ନୂତନ ଜୀବନ ସଞ୍ଚାର କର୍ଇବାରେ ଫିଜୋଙ୍କ ଅବଦାନ ଥିଲ୍ ଅଭୂତପୂର୍ବ । ଫିଜୋଙ୍କ ଦେହାନ୍ତ ହେବା ବହୁବର୍ଷ ବିତିଗଲ୍ଣି । ଫିଜୋ ଆଜି ବି ନାଗାଙ୍କ ଅତି ପ୍ରିୟ ନେତା, ତ୍ରାଣକର୍ତ୍ତା । ଦୁର୍ଭାଗ୍ୟ, ତାଙ୍କର ସମସ୍ତ ଶକ୍ତି, ସାମର୍ଥ୍ୟ ଭ୍ରତ ବିରୁଦ୍ଧରେ ନୟୋଜିତ ଥିଲ୍ । ତେଣୁ ଭ୍ରତ ଆଖିରେ ସେ ଜଣେ ବିଭେଦନକାରୀ, ବିନଷ୍ଟକାରୀ ଖଳନାୟକ ହୋଇ ରହିଗଲେ । ଖଳନାୟକ ଛାପ ତଳେ ଲୁଚଗଲ୍ ତାଙ୍କର ନେତୃତ୍ୱ ଓ ସାହସ ।

ଫିଜୋଙ୍କ ଚତ୍ର ପାଖକୁ ଯାଇ, ହୋଟେଲ୍ ପରିଗ୍ଳକଙ୍କୁ ପଗ୍ଋରିଲି - ଫିଜୋଙ୍କ ମୁହଁଟି ଏମିତି ବଙ୍କା କାହିଁକି ଦିଶୁଛି? ଉତ୍ତର ଥିଲ୍ - ୧୯୪୨ ମସିହାରେ ଜେଲ୍ ଭିତରେ ଶାରୀରିକ ଯନ୍ତ୍ରଣାର ଶିକାର ହୋଇ ଏପରି ହୋଇଛି । ମୁଁ ଜାଣିଥିଲି - ଫିଜୋଙ୍କ ଯୁଦ୍ଧ ସଂଘାତ ଜର୍ଜରିତ

ଜୀବନକୁ ଆଉ ଟିକେ ନାଟକୀୟ କରିବା ପାଇଁ ସେ ସେପରି କହୁଥିଲେ । ଅସଲ କଥା ହେଲା, ଏକଦା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେବାବେଳେ ଫିଜୋଙ୍କ ମୁହଁ ଏପରି ବଙ୍କେଇ ଯାଇଥିଲା । ଏଭଳ ଅତିରଞ୍ଜିତ କଥା ସବୁ ନାଗାଙ୍କ ପାଇଁ ସତ! ଟାଇଫଏଡ୍ ରେ ଜଣକର ଯଦି ଆଖିଟି ନଷ୍ଟ ହୋଇଯାଇଛି, ତଥାପି ସେ ଅନ୍ୟକୁ କହୁଥିବ ଯେ ଜଣକ ସହ ଝଗଡାବେଳେ ବିଷାକ୍ତ ତୀର ବାଜି ତାର ଆଖିଟି ସେପରି ହୋଇଛି ।



**(A.Z. Phizo)**

ହୋଟେଲ୍ କାନ୍ଥରେ ଦ୍ୱିତୀୟ ଚିହ୍ନ ଥିଲା ଏକ ବଡ ମ୍ୟାପ୍ । ମଣିପୁରର କିଛି ଅଂଶ, ତ୍ରିପୁରାର କିଛି ଅଂଶ, ବର୍ମାର କିଛି ଅଂଶ ତଥା ଏବର ପୂର୍ବ ନାଗାଲାଣ୍ଡକୁ ନେଇ ତିଆରି ହୋଇଛି ଗ୍ରେଟେର୍ ନାଗାଲାଣ୍ଡର ମ୍ୟାପ୍ । ଅତୀତରେ ବିଭିନ୍ନ ଜାତିରେ ନାଗାଙ୍କ ଭିତରେ ଭୀଷଣ ନରସଂହାର ଚାଲିଥିଲା । ଏବେ କିନ୍ତୁ ସମସ୍ତେ ଏକଜୁ, ନିଜ ପାଇଁ ଅଲଗା ରାଷ୍ଟ୍ରଟିଏ କରିବା ପାଇଁ ବଦ୍ଧ ପରିକର । ସେମାନଙ୍କ ଚରମ ସ୍ୱାଧୀନତା ପିପାସାର ଏହା ଏକ ସଂଘବଦ୍ଧ ସ୍ୱର । ଦୀର୍ଘଦିନ ଧରି ଭାରତ ସରକାରଙ୍କ ସହ ଯୁଦ୍ଧ ଲାଗି ରହିଛି । ସେପଟେ ଚିନ୍, ଏପଟେ ମିଆଁମାରର ସରକାର ସେମାନଙ୍କୁ ଅସ୍ତ୍ରଶସ୍ତ୍ର, ଶରଣ ତଥା ଯୁଦ୍ଧକଳା ଶିକ୍ଷା ଦେଉଛନ୍ତି ।

ଏନ୍.ଏସ୍.ସି.ଏନ୍.( ନ୍ୟାସନାଲ୍ ସୋସାଲିଷ୍ଟ କାଉନସିଲ୍ ଅଫ୍ ନାଗାଲାଣ୍ଡ) , ସମସ୍ତ ନାଗା ଜନଜାତିକୁ ନେଇ ଏକଜୁ ଓ ଏକ ଶାସନାଧୀନ କରିବା ପାଇଁ ୧୯୮୦ରେ ଏକ ମାନିଫେଷ୍ଟୋ ଘୋଷଣା କରିଥିଲା । ଯଦିଓ ନାଗାମାନେ ଖ୍ରୀଷ୍ଟ ଧର୍ମାବଲମ୍ବୀ, ଚଳଣି ଓ ସଂସ୍କୃତିରେ ପ୍ରଚଣ୍ଡ ଭାବେ ପାରମ୍ପାରିକ, ତଥାପି ମାଓ- ସେ- ତୁଙ୍ଗ୍ ଙ୍କ ବିଚାରଧାରାରେ ଅନୁପ୍ରାଣିତ । ମାଓ- ସେ-

ତୁଙ୍ଗ୍ ଙ୍କୁ ରାଜନୀତିରେ ଗୁରୁ କରିବା ଯୋଗୁଁ ଚୀନ୍ ଠାରୁ ପାଇଲେ ସାମରିକ ଅସ୍ତ୍ରଶସ୍ତ୍ର ଓ ଗରିଲା ଯୁଦ୍ଧର ତାଲିମ । ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ହେବାଯୋଗୁଁ ମୌଳବାଦୀ ଖ୍ରୀଷ୍ଟୀୟ ସଂଘ, ଇଉରୋପରୁ ପାଇଲେ ଆର୍ଥିକ ଓ ଶିକ୍ଷାଗତ ସାହାଯ୍ୟ । ସେମାନେ ନିଜ ସ୍ୱଭାବ, ପରମ୍ପରା ଓ ପର୍ବପର୍ବାଣୀକୁ ନେଇ ବଞ୍ଚିବା ଯୋଗୁଁ ପାଇଲେ ଅକୁଣ୍ଠ ସମର୍ଥନ ଓ ନିରଙ୍କୁଶ ସାହାଯ୍ୟ । ଏହି ତିନି ପୁଞ୍ଜିକୁ ପାଥେୟ କରି ନାଗାମାନେ ଆଜି ଭାରତ ବିରୋଧୀ । ରାଜ୍ୟରେ ଫିଜୋ ସମର୍ଥିତ ଫେଡେରାଲ ଗଭର୍ଣ୍ଣମେଣ୍ଟ ଥାଉ ବା କଂଗ୍ରେସ ସରକାର କ୍ଷମତାରେ ଥାଉ, ଏନ୍.ଏସ୍.ସି.ଏନ୍. କାହାରିକୁ ଖାତିର କରେନା । ସମସ୍ତ ସରକାରୀ, ବେସରକାରୀ ବ୍ୟବସାୟୀଙ୍କଠାରୁ ସେମାନେ ବଟି ଆଦାୟ କରନ୍ତି । ନାଗାଲାଣ୍ଡରେ ଭାରତର ସମ୍ବିଧାନ ଲାଗୁ ହୁଏନାହିଁ । ଯୁଦ୍ଧ ବିରତି ଚୁକ୍ତି ଅନୁସାରେ ଭାରତ ନାମକୁ ମାତ୍ର ଶାସନ ଚଳାଉଛି, ଅସଲ ଶାସନ ତ ବିଭିନ୍ନ ସଂଗଠନ ହାତରେ ।


ଭାରତର ରାଜନୈତିକ ଦଳସବୁ ପଙ୍କିଳ ରାଜନୀତିରେ ବ୍ୟାପୃତ । ଶିକ୍ଷିତ ବ୍ୟକ୍ତିମାନେ କାଦୁଅକୁ ନଯାଇ, କଡରେ ବସି ତାସ୍ ଗଣୁଛନ୍ତି । ଲେଖକ, କବିବର୍ଗ ନିଜ ନିଜ ପଦ୍ମଭୁକ୍ ସ୍ୱଭାବରେ ମସଗୁଲ୍ । ତରୁଣମାନେ ସିନେମା, ବିଶ୍ୱସୁନ୍ଦରୀ ପ୍ରତିଯୋଗିତା, ତଥା କ୍ରିକେଟରେ ବାୟା । ନାଗାଲାଣ୍ଡରେ ବିଚ୍ଛିନ୍ନତାବାଦ କର୍କଟରୋଗ ପରି ବ୍ୟାପି ଗ୍ଲାଲିଛି, କାହାର ନିଘା ନାହିଁ । ଗ୍ରେଟେର୍ ନାଗାଲାଣ୍ଡର ମ୍ୟାପ୍ ଦର୍ଶନ, ମୋ ପାଇଁ ଏକ ଦୀର୍ଘଶ୍ୱାସର କାରଣ ହେଇଗଲା ।

କାନ୍ଥ ଉପରେ ଥିବା ତୃତୀୟ ଚିତ୍ରଟି ଥିଲା ଏକ ବିଭୀଷିକାର ଖର୍ବକାୟ ରୂପ । ଗୋଟିଏ ଧାନ କିଆରି ମଝିରେ ପୋତା ଯାଇଛି ଏକ ଲମ୍ବା ବାଉଁଶ, ବାଉଁଶ ଆଗରେ ଅଛି ଗୋଟିଏ ମଣିଷର ଖପୁରି । ଖପୁରି ଦେହରେ, ଆଖିଥିବା ଜାଗାରେ ବସା କରିଛି ଗୋଟିଏ ଛୋଟ ପକ୍ଷୀ । ଆଖିଖୋଲରୁ ବାହାରକୁ ମୁଣ୍ଡକାଢି ଚଢେଇଟି ଅନେଇ ରହିଛି । ଏହା ଥିଲା ଚିତ୍ରଟିର ମୋଟାମୋଟି ସଙ୍କେତ । ଚିତ୍ରଟି ସତରେ ଏକ ବାସ୍ତବ ଦୃଶ୍ୟର ଛବି ନା ଏକ ଉଦ୍ଭଟ କଳ୍ପନା, ସେଥିରେ ମୁଁ ଥିଲି ସନ୍ଦିହାନ । ମୁଁ ପୁଣି ଥରେ ସେହି ଚିତ୍ରଟିକୁ ନିରେଖି କରି ଗ୍ଲହିଁଲି । ସ୍ୱାଗତିକା କକ୍ଷରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମୋ ପାଟିରୁ ବାହାରି ପଡିଲା –ସତରେ ଏମିତି ଚଢେଇ ଅଛନ୍ତି ନା କଣ!

ମୋତେ ଅଣନାଗା ବୋଲି ଜାଣିବା ପରେ ମୋ କଡରେ ସୋଫାରେ ବସିଥିବା ଜଣେ ଅର୍ଦ୍ଧ ନିଶାଗ୍ରସ୍ତ ପ୍ରୌଢ ହୋ ହୋ ହେଇ ହସିବା ଆରମ୍ଭ କଲେ ।

"ସବୁ ସ ତମହାଶୟ, ସବୁ ସତ । ଆମ ନାଗାଲାଣ୍ଡର ଗାଁ ଗାଁରେ ଏମିତି ଦୃଶ୍ୟ ଥିଲା । ଏ ଚଢେଇମାନେ ଥିଲେ । ଏବେ ଏ ଚଢେଇ ଲୁପ୍ତ, ଭାରତ ସରକାରଙ୍କୁ ଚିନ୍ତା ନାହିଁ । ସରକାର ଖାଲି ଟ୍ରାଗୋପାନ୍ ସରିଗଲେ ବୋଲି ଚିନ୍ତିତ । ବାରଏଲ୍ ରେଞ୍ଜ୍ ପର୍ବତମାଳାରେ

ଟ୍ରାଗୋପାନ୍ ଗଦାଗଦା । କନ୍ତୁ ଏ ଚଢେଇ....ସରି ସାର୍....ଏ ଖାଲି ଚନ୍ଦ୍ରରେ, କଥାରେ ।" କହିରେଖେ, ଟ୍ରାଗୋପାନ୍ ହେଉଛି ନାଗାଲାଣ୍ଡରେ ଦିଶୁଥିବା ଏକ ବିଲୁପ୍ତପ୍ରାୟ ସୁନ୍ଦର ଚଢେଇ ।



( Tragopan Bird)

ମୋର ଉତ୍କଣ୍ଠା ବଢିଲା, ଚନ୍ଦ୍ରରେ ଥିବା ଏହି ବିଲୁପ୍ତ ଚଢେଇର ନାଁଟା କଣ ହୋଇପାରେ?

କୁତ୍ ସୁଖେକେ । ପ୍ରୌଢଙ୍କ ଉତ୍ତର ଥିଲା ତୀବ୍ର । ପ୍ରୌଢ ଏଥର ଶୂନ୍ୟକୁ ଲକ୍ଷ୍ୟକରି ଗାଳିଦେବା ଆରମ୍ଭ କଲେ । "ଭାରତ ସରକାରଙ୍କ ଆଖିରେ କୁତ୍ ସୁଖେକେ ବସାବାନ୍ଧୁ ।"

ନାଗାମାନଙ୍କ ଲୋକକଥାରେ ଅଛି, କୁତ୍ ସୁଖେକେ ହେଉଛି ଏକ ଜଙ୍ଗଲୀ ପକ୍ଷୀ, ଯିଏକ ମଣିଷର ଆଖିଡୋଳାକୁ ଝାମ୍ପିନଏ । ଏହି ଚଢେଇଟି କ୍ଷୁଆଡେ ମଲା ମଣିଷର ଖପୁରି ଭିତରେ ପଶି, ଆଖିଡୋଳା ଥିବା ଜାଗାରେ ବସାବାନ୍ଧେ । ତେଣୁ ନାଗାମାନଙ୍କ ବହୁ ପ୍ରଚଳିତ ଗାଳି ହେଉଛି – ତୋ ଆଖିରେ କୁତ୍ ସୁଖେକେ ବସାବାନ୍ଧୁ । ପ୍ରୌଢ ଥିଲେ ଅଦମନୀୟ, ଅନମନୀୟ, ଜଣେ ହାର୍‌ହାରି ନାଗା ମାନସିକତାର ପ୍ରତୀକ । ସେ ଜଣେ ନିଚ୍ଛକ ଖୋଲା ମେଲା ମଣିଷ ଥିବାରୁ ଭାରତ ପ୍ରତି ତାଙ୍କର କ୍ରୋଧ ଓ ଘୃଣା ଧରାପଡି ଯାଉଥିଲା ।

ଆମ ହାତରୁ ଧନୁଶର ନେଇଗଲେ । ବିଷ ଲଗା ବର୍ଚ୍ଛାକୁ ନିଷିଦ୍ଧ କରିଦେଲେ । ବର୍ଚ୍ଛା ଏବେ ଖାଲି ଗୋଟେ ସୌଖୀନ ଉପହାର, ଦେବାନେବା ପାଇଁ । ମଣିଷ ମୁଣ୍ଡ ଶିକାର ତ ବନ୍ଦ ହୋଇଗଲା । ଆମ ନାଗା ଦାଓ (ନାଗାଜାତି) ଏବେ ଖାଲି ବାଉଁଶ ଗଛ ହାଣୁଛି । ଆମକୁ ଭାରତ ସରକାର ହିଞ୍ଜିଡା କରି ଦେଲାରେ..... । ଏବେ ଲୋକେ ଖାଲି ଜରରେ ମରୁଛନ୍ତି, ବୁଢାହେଇ ମରୁଛନ୍ତି, ଗାଡି ଚକ ତଳେ ମରୁଛନ୍ତି । ସମସ୍ତେ ପଶୁଛନ୍ତି କବର ଭିତରେ । ଖପୁରି କାହିଁ ଯେ ତା ଆଖି ଖଣାରେ ପକ୍ଷୀ ବସା ବାନ୍ଧିବେ! ଏହା ଥିଲା ପ୍ରଳାପର କୟଦଂଶ ।

ମୁଁ ଜଣେ ଭାରତୀୟ ବୋଲି, ଟିକଏ ବ୍ୟଙ୍ଗ ଦୃଷ୍ଟିରେ ଦେଖି ନାଗା ପ୍ରୌଢ ପୁଣି ଆରମ୍ଭ କଲେ – ତୁମର ଜାତୀୟ ସଙ୍ଗୀତ କେଡେ ମାନ୍ଦା । ଜନ ଗଣ ମନ ଅଧିନାୟକ.... । ଧାତ୍ । ଏଇଟା

ଗାଇଲେ କଣ ରକ୍ତ ଗରମ ହେଉଛି । ଆମର ଜାତୀୟ ସଙ୍ଗୀତ ଶୁଣିବ, ଆମେ ସବୁଠି ଗାଉ, ନାଚରେ, ଗୀତରେ, ସଭାରେ ଯୁଦ୍ଧରେ ସବୁଠି । ସେଥିରେ ରହିଛି ପୁରୁଷାର୍ଥ, ଯୋଦ୍ଧାର ରଣହୁଙ୍କାର, ନଜ ମାଟି, ମା' ଓ ମାଇଜି ( ସ୍ତ୍ରୀ) ପାଇଁ ଜୀବନକୁ ବାଜି ଲଗେଇବାର ଉଚ୍ଛ୍ୱାସ । ଶୁଣ ଆମ ଗୀତ:

God bless my Nagaland
Land that I love:
Stand beside her and guide her,
Through the right with light from above;
From the mountains through the valley;
To the meadows where I roam:
God bless my Nagaland;
My home, sweet home.

ଧୀରେ ଧୀରେ ପ୍ରୌଢଙ୍କ ଗମ୍ଭୀର ସ୍ୱର ବଦଳଗଲା । ହାତଟେକ କୁକ୍ ନାଲିମ୍, କୁକ୍ ନାଲିମ୍ ବୋଲି କହି କ୍ରମଶଃ ସେ କଠୋର ହୋଇ ଉଠୁଥିଲେ । କୁକ୍ ନାଲିମ୍ ର ଅର୍ଥ ହେଲା – ଗ୍ଲୋରି ଟୁ ନାଗାଲାଣ୍ଡ୍ ବା ନାଗା ରାଜ୍ୟର ଜୟ ହେଉ ।

ଠିକ୍ ଏତିକବେଳେ ଗ୍ରରିଜଣ ନାଗା ସ୍ତ୍ରୀ ଲୋକ ହୋଟେଲ୍ ଭିତରକୁ ପଶି ଆସିଲେ । ସେମାନଙ୍କ ପଛପଟେ ବନ୍ଧାଥିବା ଛୁଆମାନେ ଆମକୁ ଗ୍ରହୁଁଥିଲେ । ସ୍ତ୍ରୀ ଲୋକମାନଙ୍କ ମୁଣ୍ଡବାଳ ସବୁ ବବ୍ କଟ୍ ଥିଲା, ସମସ୍ତେ ପିନ୍ଧିଥିଲେ ଜିନ୍ସ ଓ ଦେହରେ ଥିଲା ଆକର୍ଷଣୀୟ ଟି ସାର୍ଟ ବା ଟପ୍ସ । ଏହା ହେଉଛି ଆଜିର ନାଗା ସ୍ତ୍ରୀ ଲୋକଙ୍କ ପୋଷାକ । ସେମାନେ ଫୁଲ ପ୍ରିୟ ସତ, ମୁଣ୍ଡରେ କେବେ ଫୁଲ ଲଗାନ୍ତି ନାହିଁ କ ପାଦରେ କେବେ ଅଳଙ୍କାର ପିନ୍ଧନ୍ତି ନାହିଁ । ପଏଣ୍ଟେଡ୍ ହିଲ୍ ଲଗା ଫୁଙ୍ଗୁଳା ପାଦସବୁ କ ସୁନ୍ଦର ଛନ୍ଦମୟ କବିତା ପରି ଗ୍ରଲିଥିଲେ! ସେମାନେ ଠୋ ଠୋ ହସୁଥିଲେ, ଅତି କମରେ ଗ୍ରରିଟା ଘରକୁ ଶୁଭିଲା ପରି ସେ ହସ । ସେମାନେ ଦାନ୍ତ ଚପି, ଲାଜମିଶା ମୁରୁକ ହସାରେ ମଜା ପାଆନ୍ତି ନାହିଁ । ସେମାନେ ଖୁବ୍ ମୁକ୍ତ, ଖୁବ୍ ସ୍ୱାଧୀନ । ଭାରତର ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଶଙ୍ଖିନୀ ଓ ପଦ୍ମିନୀଙ୍କଠାରୁ ଏମାନେ ଢେର୍ ଅଲଗା ।

ନାଗା ମହିଳାଙ୍କ ଉପରେ ଏକ ଦୀର୍ଘ ପ୍ରବନ୍ଧ ଲେଖାଯାଇପାରେ । ମୁଁ ବିସ୍ଫୋରିତ ଆଖିରେ ଏହି ବିଶ୍ୱ ପ୍ରସିଦ୍ଧ ମହିଳାମାନଙ୍କୁ ଦେଖୁଥିଲି । ତାଙ୍କ ପିଠିପଟେ ବନ୍ଧା ଶିଶୁମାନେ ଆମକୁ ଦେଖୁଥିଲେ, ହାତ ହଲାଉଥିଲେ । ପିଲାଙ୍କୁ ଏମିତି ପଛରେ ବାନ୍ଧି ବିଭିନ୍ନ କାର୍ଯ୍ୟରେ ଲିପ୍ତଥିବା ମହିଳାଙ୍କୁ ଏ ଲେଖକ କୋହିମାରେ ଦେଖିଛି । ଉଡାଜାହାଜରେ ବସିବା, କାର୍ ଡ୍ରାଇଭିଙ୍ଗ୍

କରିବା, ଗୃଷ କରିବା, ଦୋକାନ ଚଳେଇବା, ଘୁଷୁରୀ କାଟିବା ଆଦି ସବୁକାମ ଏମାନେ ପଛପଟେ ପିଲ୍ଙ୍କୁ ବାନ୍ଧି ସୁଗ୍ଧରୁ ରୂପେ କରି ପାରନ୍ତି ।

ଏତିକବେଳେ ପ୍ରୌଢଙ୍କ ଅବସ୍ଥା ଦେଖିବା କଥା । ତାଙ୍କ ପାଟିରେ ନାଗା ରାଜ୍ୟର ଜୟହେଉ ନାଗ୍ କ୍ରମଶଃ ଫିକା ପଡି ଆସୁଥିଲ୍ । ସେ ଉଠି ଠିଆହେଲେ, କୋଟ୍ ପେଣ୍ଟ୍ ତଥା କାନ୍ଧରେ ପଡିଥିବା ନାଲି- କଳା ଶାଲଟିକୁ ସଜାଡି ନେଲେ ଏବଂ ପକେଟରେ ହାତ ପୂରାଇ ଧୀରେ ଧୀରେ ମହିଳାମାନଙ୍କୁ ପଛରେ ଗ୍ଲିଲେ । ତାଙ୍କ ମଦୁଆ ନାଲି ଆଖିଗୁଡିକ ସତେକି ଆଖିଖୋଲରୁ ବାହାରି ଡେଇଁ ପଳାଇବାକୁ ତତ୍ପର ଥିଲ୍, ମହିଳାମାନଙ୍କ ସାଥିରେ । ପ୍ରୌଢ ଗ୍ଲିଯିବା ପରେ, ଦୀର୍ଘ ସମୟ ଧରି ନୀରବ ଥିବା ପରିଗ୍ଳକ ମତେ କହିଲେ – ମୋଧୁ (ସ୍ଥାନୀୟ ମଦ) ଟିକଏ ଜୋର୍ ହୋଇଯାଇଛି । ବୁଢା କଥା ମୋଟେ ଧରିବେନି । ଧରିଲେ ମନଦୁଃଖ ହେବ । ଅସଲ କଥା ହେଲ୍ ନାଗାଲ୍ଣ୍ଡରେ ପିଉ ନଥିବା ଲ୍କେ ମିଳବେ ନାହିଁ କି ପିଇ ନଥିବ ଲ୍କେ ମିଳବେ ନାହିଁ ।

କୋହିମା ବଜାରରେ ସୌଖୀନ ବେଶ ପୋଷାକରେ ଘୂରି ବୁଲୁଥିବ ଯୁବକ ଯୁବତୀଙ୍କୁ ଦେଖିଲେ ବିଶ୍ୱାସ କରିହୁଏ ନାହିଁ ଯେ ଏହି ଜାତି ଆଜକୁ ପଗ୍ଶ/ ଷାଠିଏ ବର୍ଷ ତଳେ ଜଘନ୍ୟ ନରମୁଣ୍ଡ ଶିକାରରେ ବ୍ୟାପୃତ ଥିଲେ । ବଡ ଗାଁ ବୋଲି କୁହାଯାଉଥିବା ବୃହତ୍ତମ ଜନବସତିର ପ୍ରବେଶ ଦ୍ୱାର ସବୁରେ ବଡ ବଡ କାଠ କବାଟ ରହିଛି । ସେଥିରେ ରହିଛି ନରମୁଣ୍ଡ ଶିକାରୀ ନାଗାବୀରଙ୍କ ଖୋଦେଇ ହୋଇଥିବା ଛବି । ଏହି ବୀରମାନେ ଶତ୍ରୁ ଗାଁରୁ ମଣିଷ ମୁଣ୍ଡ ଶିକାର କରି, ଚୁଟି ସବୁକୁ ଧରି ବୀର ଦର୍ପରେ ଗାଁକୁ ପ୍ରବେଶ କରୁଥିଲେ । ସେଇ ଖପୁରି ଗୁଡିକ ଗାଁ ଦାଣ୍ଡରେ ସଜାହୋଇ ରହୁଥିଲ୍ ବା ଭଲ ଫସଲ ପାଇଁ ଧାନ କ୍ଷେତ ମଝିରେ ବେଲ୍ଳସେନର ମୁଣ୍ଡ ପରି ଲଟକି ରହୁଥିଲ୍ । ମୁଁ ଦେଖୁଥିବା ସେଇ ତୃତୀୟ ଛବିଟି ମତେ ନାଗାମାନଙ୍କ ବିଭତ୍ସ ପରମ୍ପରାକୁ ପୁଣିଥରେ ମନେ ପକାଇ ଦେଉଥିଲ୍ ।



**(Kohima Market)**

ଆଠ ହଜାର ବର୍ଷର ପୁରୁଣା ଭାରତ ବର୍ଷର ସଭ୍ୟତାରେ ଏହି ନାଗା ହିଲସରେ ରହୁଥିବା ଆଦିବାସୀ ମାନଙ୍କୁ କରାତ ବୋଲି କୁହାଯାଉଥିଲା । ଆଶ୍ଚର୍ଯ୍ୟ, ଏତେ ବର୍ଷ ଭିତରେ ମହାନ୍ ପ୍ରଜ୍ଞା ଓ ପରମ୍ପରାର ଦେଶ ଭାରତ ଏମାନଙ୍କ ଉପରେ ପ୍ରଭାବ ପକାଇ ପାରିନି । ଏତେ ବଡ ଦେଶର ଧର୍ମଧାରଣା, ପରମ୍ପରା, ପର୍ବପର୍ବାଣି କଛି ମଧ୍ୟ ଏଠାରେ ପ୍ରବେଶ କରିପାରିନ । କଛି କହନ୍ତି ତିବ୍ବତରୁ ଆସି ବର୍ମା ଦେଇ ଉଚ୍ଚ ପର୍ବତାଞ୍ଚଳରେ ରହୁଥିବା ଲୋକେ କ୍ରମେ ନାଗା-ଜନଜାତି ରୂପେ ପରିଚତ ହୋଇଗଲେ । ମାଳୟରେ ଏବେ ବି ରହନ୍ତି ଗୋଟିଏ ଜନଜାତି ଯେଉଁମାନେ ନରମୁଣ୍ଡ ଶିକାର କରନ୍ତି ଏବଂ ସେମାନଙ୍କ ନାମ ନାକା- ଜନଜାତି । କଛି ନୃତତ୍ତ୍ୱବିତଙ୍କ ମତରେ ମାଳୟରୁ ଆସି କ୍ରମେ ନାକାମାନେ, ଏଠାକାର ନାଗା ଅଧିବାସୀ ହୋଇଗଲେ । ବିଖ୍ୟାତ ନୃତତ୍ତ୍ୱବିତ୍ ଭେରିୟର୍ ଏଲୱିନ୍ ଦଶବର୍ଷ କାଳ କୋରାପୁଟର ବଣ୍ଡାମାନଙ୍କ ଗହଣରେ ରହିବା ପରେ, ନାଗାଲାଣ୍ଡ ଆସି ନାଗାମାନଙ୍କ ଗହଣରେ ରହିଥିଲେ । ଅନେକ ବିଷୟରେ ନାଗାମାନେ ବଣ୍ଡାମାନଙ୍କ ପରି ବୋଲି ସେ ଉଲ୍ଲେଖ କରିଛନ୍ତି । ସବୁଠୁ ଯାହା ଅଲଗା କଥା, ତାହା ହେଲା ନାଗାମାନଙ୍କ ପ୍ରଚୀନ ନରମୁଣ୍ଡ ଶିକାର କଥା, ଯାହାକ ଭାରତର ଅନ୍ୟ କୌଣସି ଜାତିରେ ଦେଖାଯାଏନ ।



**(Angami Naga)**

ଅତୀତରେ, ବିଶେଷ କରି ଇଂରେଜ ଶାସନର ଶେଷ ପର୍ଯ୍ୟନ୍ତ ନାଗାମାନଙ୍କ ଭିତରେ ଜାତିକୁ ନେଇ, ଗାଁକୁ ନେଇ ଥିଲା ଭୀଷଣ ଶତ୍ରୁତା । ଗୋଟିଏ ଗାଁର ଲୋକ ଆଉ ଗୋଟେ ଗାଁ ଲୋକଙ୍କୁ ଆକ୍ରମଣ କରୁଥିଲେ, ଶିର ଛେଦନ କରି ମୁଣ୍ଡ ନେଇ ଆସୁଥିଲେ ବା ଲୋକଙ୍କୁ ବାନ୍ଧି ଆଣି ନଜ ଗାଁରେ କ୍ରୀତଦାସ କରି ରଖୁଥିଲେ । ଗାଁର ଦୁର୍ଦ୍ଧର୍ଷ ଯୁବକମାନେ ବୀରବେଶରେ ଶିଙ୍ଗା ବଜାଇ ବାହାରୁଥିଲେ । ତାଙ୍କ ସ୍ତ୍ରୀମାନେ ସେମାନଙ୍କୁ ବୀରବେଶରେ ସଜାଇ ଦେଉଥିଲେ । ୧୯୫୮ ରେ ଟୁଏନସାଙ୍ଗ୍ ଜିଲ୍ଲାରେ ସମ୍ଭବତଃ ଶେଷ ନରମୁଣ୍ଡ ଶିକାର ସଂଗଠିତ ହୋଇଥିଲା ।

ନାଗାମାନେ ବିଶ୍ୱାସ କରନ୍ତି ଯେ ନରମୁଣ୍ଡରେ ଭର୍ତ୍ତିହୋଇ ରହିଛି ତାର ସମସ୍ତ ଶକ୍ତି ଓ ସାମର୍ଥ୍ୟର ଭଣ୍ଡାର । ତାକୁ ହାସଲ କଲେ ଗାଁରେ ଫସଲ ଭଲହେବ, ସମ୍ପତ୍ତି ବଢିବ, କୁଟୁ ବଢିବ, ସ୍ତ୍ରୀମାନେ ବେଶି ବେଶୀ ବଳୁଆ ସନ୍ତାନ ଜନ୍ମ କରିବେ । ମୁଣ୍ଡକାଟରେ ଦୟାମାୟାର ସ୍ଥାନ ନଥିଲା । ଗର୍ଭଣୀ ସ୍ତ୍ରୀ, ଶିଶୁ, ଯୁବତୀଠୁ ଆରମ୍ଭ କରି ଭେଣ୍ଡିଆ ପର୍ଯ୍ୟନ୍ତ କେହି ମଧ୍ୟ ସେହି ହାଣ ମୁହଁରୁ ବର୍ତ୍ତୁ ନଥିଲେ । ଲମ୍ବକେଶୀ ମହିଳାଙ୍କ ମୁଣ୍ଡ ଆଣି ପାରିଲେ ତାହା ଥିଲା ସବୁଠୁ ସୌଭାଗ୍ୟର କଥା । ଶିଶୁମାନଙ୍କ ମୁଣ୍ଡରୁ ଦାନ୍ତଗୁଡିକୁ ଉପାଡି ସେଥିରେ ମାଳକରି ନାଗା ବିଜୟୀ ନଜ ସ୍ତ୍ରୀକୁ ଉପହାର ଦେଉଥିଲା । ନାଗା ଗରିଲା ବାହିନୀର ଜନୈକ ପ୍ରମୁଖ ( ଫିଜୋ ନୁହନ୍ତି) ତାଙ୍କ କାର୍ଯ୍ୟାଳୟରେ କୌଣସି ଏକ କୋମଳ ଶିଶୁର ଖପୁରିକୁ ପେପର୍ ୱେଟ୍ ଭାବେ ବ୍ୟବହାର କରୁଥିଲେ । ତାଙ୍କ ବାପା, ଥରେ କୁଆଡେ ଶତ୍ରୁ ଗାଁ ଆକ୍ରମଣ ବେଳେ କୌଣସି ଆସନ୍ନ ପ୍ରସବା ମହିଳାଙ୍କୁ ହତ୍ୟାକରି, ତାର ଗର୍ଭସ୍ଥ ଶିଶୁର ମୁଣ୍ଡଟିକୁ ନେଇ ଆସିଥିଲେ । କେବେ ସୂର୍ଯ୍ୟାଲୋକ ଦେଖିନଥିବା ବା ପୃଥିବୀକୁ ଆସି ନଥିବା ଶିଶୁର ମୁଣ୍ଡରେ ତିଆରି ପେପର୍ ୱେଟ୍, ସେଇ ପ୍ରମୁଖ ସେନାନାୟକଙ୍କୁ କୁଆଡେ ଅଧିକରୁ ଅଧିକ ଦୁର୍ଦ୍ଧର୍ଷ ଓ କ୍ରୁର ହେବାପାଇଁ ଶକ୍ତି ଯୋଗାଉଥିଲା ।

ବୀରତ୍ୱର ପ୍ରତୀକ ଥିଲା ଶିରଚ୍ଛେଦନ, କୃଷିର ବିପୁଳ ଅମଳର କାରଣ ଥିଲା ଶିରଚ୍ଛେଦନ, ପ୍ରଣୟ ଓ ପରିଣୟରେ ବିଜୟ ହାସଲର ପ୍ରଶସ୍ତ ମାର୍ଗ ଥିଲା ଏହି ଶିରଚ୍ଛେଦନ । ଆଜି ସେସବୁ ଅତୀତ ହୋଇ ଯାଇଛି କନ୍ତୁ ନାଗା ସମାଜରେ ଶୌର୍ଯ୍ୟ, ବୀର୍ଯ୍ୟ ଓ ବୀରତ୍ୱର ଆଦର ଓ ପ୍ରଶଂଶା ଏବେ ବି ସୁପ୍ରତିଷ୍ଠିତ ।

ଭୀରୁ ହେବା ଅପେକ୍ଷା, ପ୍ରବଞ୍ଚକ ହେବା ଅପେକ୍ଷା ହିଂସ୍ର ହେବା ଯେଥେଷ୍ଟ ସମ୍ମାନନୀୟ । କେତେ ଭଲ ହୁଅନ୍ତା ଯଦି ମଣିଷର ବୀରତ୍ୱ ଶିଶୁ, ମହିଳା ତଥା ଅସହାୟମାନଙ୍କୁ ସୁରକ୍ଷା ଦେବାରେ ନୟୋଜିତ ହୋଇଥାନ୍ତା, ସମାଜରେ ବର୍ବରମାନଙ୍କୁ, ଶଠ ଓ ପ୍ରବଞ୍ଚକମାନଙ୍କୁ ନୟନ୍ତ୍ରଣ କରିବାରେ ନୟୋଜିତ ହୋଇଥାନ୍ତା, ମାନବିକତାର ଶତ୍ରୁମାନଙ୍କୁ ଦମନ କରିବାରେ ବ୍ୟବହୃତ ହୋଇଥାନ୍ତା! ଏହଳ କଛି ବୀରତ୍ୱର ସମ୍ଭାବନା ଯଦି ନାଗାମାନଙ୍କଠାରେ ଦେଖିବାକୁ ମିଳୁଛି, ତେବେ ମୋର ମଧ୍ୟ କହିବାରେ ଦ୍ୱିଧା ନାହିଁ – ନାଗାରାଜ୍ୟର ଜୟ ହେଉ, ନାଗାଙ୍କ ଜୟ ହେଉ ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା

# ଦରଦ୍



ଫିରୋଜ କୁମାର ପଟେଲ

ଜୀବନର୍ ମେଘୁଆ ଆକାଶେ
ମୁଇଁ ଏନ୍ତା ଗୁଟେ ପାର୍
ସପନ ଲାଗି ଭଙ୍ଗାମନ୍ ମୋର
ସପନ୍ ଲାଗି ଉଠେ ଆକାଶ ସାର୍ ।୧ ।

ଆଁଖିକେ ଅଜନା ଆଁଖଲ୍ କଥା ମୋର
ଛାତି ପଥର କରି ରହିଛେଁ
ପାହାଚଲ୍ ବାଟର୍ ପଥ ମୁଇଁ
କେତେ କେତେ ପାହାର୍ ସହିଛେଁ ।୨ ।



ଆକାଶ ନବୁଝେ ମୋର କଇଁପନ
ଜନ ହଜିଜିସି ଗତି
ଲୁକ ଲୁକ ଉଜଲ ଅନ୍ଧାର ଭିତରେ
ଜୁଏ ଜାଲୁଥିସି ଛାତି ।୩ ।

ଛନ୍ଦହୀନ ମୋର ଜୀବନ କବିତା
ବେସୁର୍ ଜୀବନର୍ ଗୀତ
ମୁନୁଷ ଲାଗି ପିରତି ଅବୁଝା
କେନତା ବନାମି ମିତ ।୪ ।

ଭଙ୍ଗାମନ ମୋର ତୁନ ପଡିଛେ
କାଏଁ ଯେ କେନ୍ତା ଜନାନାଇଁ
କାଟୁଛେଁ ଜୀବନର୍ ଫି ଆୟୁଷ
ଦରଦ୍ ବିଷ ପିଇ ପିଇ ।୫ ।

ଅବନକେଲ୍, ସୁନ୍ଦରଗଡ, ଓଡିଶା



# ମା

ପ୍ରଶାନ୍ତ କୁମାର ନାଥ

ମଧୁଠୁଁ ମଧୁର ଅଟେ ନାଁ ଯାହାର
ସିଏ ପରା ଅଟେ ପ୍ରିୟ ମା ଆମର ।
ଦଶମାସ ଦଶଦିନ ଗର୍ଭରେ ଧରି
ସାଜିଛି ପରା ଜନ୍ମଦାତ୍ରୀ ଆମରି ।
ସ୍ନେହ ପ୍ରେମ ସବୁ ଅଜାଡି ଦେଇ
ମଣିଷ କରିଛି ଦୁଃଖ କଷ୍ଟ ସହି ।
ସ୍ନେହ ମମତାର ସେ ଗନ୍ତାଘର
ଆମ ପାଇଁ ତା ଓଠେ ହସ ଜୁଆର ।
ଆଖିର ଲୁହକୁ ସେ ଓଠରେ ପିଇ
ହସୁଥାଏ ସଦା ସେ ଆମରି ପାଇଁ ।
ଆମପାଇଁ କରେ ଶହେ ମାନସିକ
ଆମେ ପରା ଅଟନ୍ତି ତାର ସନ୍ତକ ।
ଆମ ଆଖିରେ ସେ ଦେଖିଲେ ଲୁହ
ଛାତିରେ ଭରେ ତା ଛାତିଏ କୋହ ।
ମା'କୁ ହତାଦାର କରନ କେହି
ପାରିବନ ଜୀବନେ ଶାନ୍ତିରେ ରହି ।
ଜିଇଁ ଥିବାଯାଏ ତାର ସେବା କରିବା
ଜୀବନ ସାରା ଆମେ ସୁଖେ ଜିଇଁବା ।



ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର

# ଧ୍ୱଂସାବିମୁଖୀ



ପ୍ରସନ୍ନ ପ୍ରୟାସ ଭୁଏ

ପଙ୍କରେ ରହିଲେ ଗୋଡ କଏ ବା
ହୋଇବ କ ପଙ୍କଜିନୀ,
ଜ୍ଞାନୀ ଗୁରୁଜନେ ବସିଲେ ମୁରୁଖ
ବୋଲାଇବ କ ଗୁଣୀ ।

ପୁଚ୍ଛ ଉଠେଇ ନାଚଲେ ବଗୁଲି
ହୋଇବ କ ମୟୁର,
କାଉ ଯେତେ କର୍କଶେ ଡାକଲେ
ହେବ କ କୋଇଲି ସ୍ୱର ।

ମହମହ ବାସେ ଫଗୁଣ ବଉଳ
ବାସିବ କ ସୁନ୍ଦର ପଲାଶ,
ନିଷ୍ଠୁର ହୃଦୟେ ନ ଥାଏ ପ୍ରେମ
ଭରପୁର ଝଡ ବତାସ ।

ସମ୍ମାନ ପାଉଛି ସଂପ୍ରତି ଯୁଗରେ
କରେ ଯେ ଚୋରି ଭ୍ରଷ୍ଟାଚାର,
ଦରିଦ୍ର ଏଠି ଦୟା କ୍ଷମା ସତ୍ୟ ଅହିଂସା
ନାହିଁ ତାର ସମ୍ମାନ ବିଚାର ।

ମଣିଷ ଜଳୁଛି ମଣିଷକୁ ଆଜି
ବକ୍ଷେ ରଖି ଇର୍ଷା ଅହଂକାର,
ହଜିଯାଇଛି ମାନବର ଦୁର୍ଲ୍ଲଭ ମାନବିକତା
ବଞ୍ଚିବ କେମିତି ଏ ସଂସାର ।

ସଂସାରେ ବଢୁଛି ପାଶବିକ ଚନ୍ତାଧାର୍
ହତ୍ୟା ହୁଏ ନରୀହ ନର ।
ଗୋଡାଉଛନ୍ତି ବ୍ୟାଘ୍ର ହୋଇ ପଛେ ପଛେ
ପାଇବାକୁ ସୁନା ହରିଣୀ ।
କୁଆଡେ ଆମେ ଗତି କରୁଛୁ
ପାରୁନାହୁଁ ନିଜେ ଜାଣି ।

ଧଳା ରଙ୍ଗ ବୋଲି ଲଚକ ଗ୍ବଲିଲେ ବତକ
ହୋଇବ କି ହଂସ,
ଜ୍ଞାନୀ ଗୁଣୀ ମଧ୍ୟେ ପୂଜିତ ହେଲେ ମୂର୍ଖ
ନିଶ୍ଚେ ଯୁଦ୍ଧେ ହେବ ଧ୍ବଂସ ।

ରାଞ୍ଚି, ଝାରଖଣ୍ଡ

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସିଖଖା ନେଇ ଇ କବିତା

ଏମ୍. ବିଜୟ କୁମାର

ସିଖଖା ନେଇ ଇ କବିତା
ସିଖଖା ଆରୁ କାଣା ସିଖଖା
ହେଇ ରହିଛକେ ଭ୍ରତନ
ସିଖଖାତ ଦୁର୍ନିତୀ ବୁଏଡେଁ
ଡୁବକ ମାରି ଡୁବି ଗଲ୍ନ

ସିଖଖାକେ ନେଇ ଇ କବିତା
ଭଲ କଥାଟେ ଭ୍ଲୁଛୁ ହରି
ନାଇ ଲେଖଲେ ନାଇ ଚଳେତ
ଲୋକର କଥାକେ ହେତୁକରି

ସିଖଖା ଆର ସିଖଖାଦାନ
ଗୁରୁଗିଆନ ନାଇ ଦେବାର
ସିଖଖାଥି କେଚଡା ମଏଲ୍
ଭରି କେତେ କାଣା କଲେ ଆର

ସରକାରୀ ଇସ୍କୁଲର କଥା
ନାଇ କହେ ବାରଟା ହିଁ ଭଲ
ପାଟ୍ ପଢଲେ ମୁରୁଖ୍ ହେବୁ
ଦଳର ଲୋକ ତଳକେ ତଳ
ପଏସା ଦେଲେ ଇଂଲିସ ପାଟ
ପବଲିକ ସ୍କୁଲବେ ପଢବୁ
ନାଇ ହେଲେ ଗବଡା ଗଦାର
ମଏଲ୍ ମାଟ ହେଇ ସଢିବୁ
ପିଲ୍କେ ପଢାଉଛେ ଇଂଲିସ
ଇସ୍କୁଲନେ ଓଡିଆ ମାଷ୍ଟର

ଅଙ୍ଗାନାବାଡିର ଛୁଆଟା ବି
ପ୍ରାଏଭେଟ ଦି ଗୋଡଟା ତାର
ପଢା ଭଲସେ ହେଉଥିତାତ
କୋଚିଂଗ କେ କାଏଜେ ଆସର୍
ମାଷ୍ଟ୍ ହେଇ ପଢାଉଅଛେ
ନଜେ ପଏସା ଦେଇ ବୁପର୍
ଇ ଘିନୁଆ – ବିଚନା ବେପାର
ଲାଞ୍ଚ ଦେଲେ ମିଲୁଛେ ଗ୍ଷକରି
କେତେ ଦିନ ତକ କରୁଥିମା
ଗୁପାତମକ ସିଖଖା ବଲି
ମୁନୁସ ଗଢା କାରଖାନାଟା
ପଏସା ବନା ମେସିନ ହେଲ୍
କେନୁ ଏତେ ଟଁକା ପାଏବାଜେ
ପାଟ୍ ପଢବା ଗରିବ ପିଲ୍
ଜୀ ଥାଇ ମରନ ବେଜସତା
ସଭୁ ଦୁଆର ବଅଁଜ ହେଲ୍
ଇମାଟିର ଖୁଁଟ କଟା ଲୋକ
ଏଲ୍.ପି.ଜି ଫାସେ ଝୁରିମଲ୍
ସଉକର ଲାଗିତ ସମାନ
ବିଗ୍ପର ଆର କରବ କେଭେ
ଥାପନା ହେଉ ଗୁଟେ ଇସ୍କୁଲ
ପାଟ ପଢବେ ଜେନତା କ ସଭେ

ଉତ୍ତର୍, ଗଙ୍ଗୋତ୍ରନଗର,
ଭୁବନେଶ୍ୱର

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/ ୦୯/ ୨୦୧୭ | ଇଦଲ୍ଜୁହା, ପାର୍ଶ୍ୱପରିବର୍ତ୍ତନ ଏକାଦଶୀ, ବାମନ ଜନ୍ମ |
| ୦୩/ ୦୯/ ୨୦୧୭ | ଶ୍ରୀମନ୍ଦିରେ ବାମନ ଜନ୍ମ, ସୁନଆଁ |
| ୦୪/ ୦୯/ ୨୦୧୭ | ଶିବଚତୁର୍ଦ୍ଦଶୀ ଉପବାସ |
| ୦୫/ ୦୯/ ୨୦୧୭ | ଅନନ୍ତ ବ୍ରତ, ଗୁରୁ ଦିବସ, ଚନ୍ଦ୍ରପୂଜା |
| ୦୬/ ୦୯/ ୨୦୧୭ | ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭଗବତ ଜନ୍ମ ଓ ଅପରପକ୍ଷାରମ୍ଭ |
| ୧୦/ ୦୯/ ୨୦୧୭ | ଅଶ୍ୱ ପଞ୍ଚମୀ |
| ୧୩/ ୦୯/ ୨୦୧୭ | ମୂଳାଷ୍ଟମୀ, ଦ୍ୱିତୀବାହାନ ଓଷା, ଦେବ୍ୟୁଦ୍ଧାପନ |
| ୧୬/ ୦୯/ ୨୦୧୭ | ଇନ୍ଦିରା ଏକାଦଶୀ, ମାସାନ୍ତ |
| ୧୭/ ୦୯/ ୨୦୧୭ | କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା |
| ୧୯/ ୦୯/ ୨୦୧୭ | ମହାଳୟା ଶ୍ରାଦ୍ଧ, ଫୁଲ୍ଲେରୀ ଓଷା, ଚନ୍ଦ୍ରକ୍ଷୟ ଓ ନଶିପାଳନ |
| ୨୦/ ୦୯/ ୨୦୧୭ | ଅମାବାସ୍ୟା ଓ ଶ୍ରୀଦୁର୍ଗାଦେବ୍ୟାଃ ନବବିନାତ୍ମକ ପୂଜାରମ୍ଭଃ |
| ୨୧/ ୦୯/ ୨୦୧୭ | ଚନ୍ଦ୍ର ଦର୍ଶନ, ମା ବିରଜାଦେବୀଙ୍କ ରଥଯାତ୍ରା |
| ୨୫/ ୦୯/ ୨୦୧୭ | ତପଃ ଷଷ୍ଠୀ |
| ୨୭/ ୦୯/ ୨୦୧୭ | ମୃଣ୍ମୟୀ ଦେବୀଙ୍କ ତ୍ରିଦିନାତ୍ମକ ପୂଜା, ପୀଠେ ମହାଷ୍ଟମୀ |
| ୨୮/ ୦୯/ ୨୦୧୭ | ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ସନ୍ଧିପୂଜା, ପୀଠେ ମହାନବମୀ |
| ୨୯/ ୦୯/ ୨୦୧୭ | ପୀଠେ ବିଶ୍ରାମ, ମୃଣ୍ମୟୀ ଦେବୀଙ୍କ ମହାନବମୀ |
| ୩୦/ ୦୯/ ୨୦୧୭ | ପୀଠେ ଓ ମୃଣ୍ମୟୀ ଦେବୀଙ୍କ ଦଶହରା ପର୍ବ ଓ ସୋମନାଥ ବ୍ରତ ସମାପନ |

# ଟିକିଏ ହସନ୍ତୁ

ପପୁ, ତୁ ଆରତୀ ଜାଣିଛୁ ନା?

ପପୁ – ହଁ ବୋଉ, ସେ ଗୋରୀ ହେଇକ ପତଳୀଟିଏ ସେ ରାମ ଅଙ୍କଲଙ୍କ ଝିଅ କଥା କହୁଚୁ ତ?

ବୋଉ – କୁଳାଙ୍ଗାର, ମୁଁ ଠାକୁର ପୂଜା ଆରତୀ କଥା କହୁଛି ।

---

ପତ୍ନୀ – ( ସ୍ୱାମୀଙ୍କୁ) – ମୋର ଆଜି ଜନ୍ମଦିନ ଗିଫ୍ଟ କାହିଁ ।

ସ୍ୱାମୀ – ସେ ରାସ୍ତା ଉପରେ ଯେଉଁ ନାଲି ରଙ୍ଗର କାର ଦେଖୁଛ!

ପତ୍ନୀ – ଖୁସିରେ ପୂରା ନାଚ ଉଠି କହିଲା, କାର ରଙ୍ଗଟା ବହୁତ ବଢ଼ିଆ ହୋଇଛି ।

ସ୍ୱାମୀ – ଏହି କଲରର ନେଲ୍ ପଲିସ୍ ତୁମ ପାଇଁ ଆଣିଛି ।

---

ମୁଁ ହୋଟେଲରେ ଖାଇଲା ବେଳେ ୱେଟରକୁ ପଚାରିଲି – ଭାଇ ତମ ପଲାଉରେ ଏତେ ଗୋଡି କାହିଁକି?

ୱେଟର- ସାର୍ ଆପଣ କାଶ୍ମିର ପଲାଉ ଅଡର୍ କରିଥିଲେ ତ, ସେଇଥିପାଇଁ! ! !

---

ବାପା – ଆରେ, ଏତେ କଷ୍ଟ କରି କୋବି ଲଗାଇଥିଲି, ମାଙ୍କଡ ସବୁ ଖାଇଗଲା, ତୁ ବସି କଣ କରୁଛୁ?

ପୁଅ – ବାପା, ତୁମେ ପରା କହିଥିଲ, ପରିଶ୍ରମ କରିବ, କିନ୍ତୁ ଫଳକୁ କେବେ ଆଶା ରଖିବନି! ! !

---

ଦିନେ ମୁଁ ଗୋଟିଏ ବାଘ ମୁହଁରେ ମୁଥାଟିଏ ମାରିଲି, ଗୋଟିଏ ଚିତା ଲାଞ୍ଜ ଟାଣିଦେଲି, ଗୋଟେ ହାତୀକୁ ବାମ ହାତରେ ଧରି ଉଠେଇ ଫିଙ୍ଗି ଦେଲି.....

ତା ପରେ କଣ ହେଲା? ? ? ? ?

ଆଉ କଣ ହେବ, ଖେଳନାବାଲା ମୋତେ ତା ଦୋକାନରୁ ବାହାରକୁ ବାହାର କରିଦେଲା ।

---

ଶିକ୍ଷକ ( ପପୁକୁ) ପଚାରିଲେ – ଯଦି ବିଶ୍ୱ ଯୁଦ୍ଧ ୩ ହୁଏ, ତାହେଲେ ତାର ପରିଣାମ କଣ ହେବ?

ପପୁ – ଆମ ଇତିହାସ ବହିରେ ଆଉ ଗୋଟିଏ ବିଷୟ ବଢ଼ିଯିବ ।

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com



ଧିରେ ଧିରେ ଚଲ୍ କହ୍ନେଇ ଭାଇତୁ
କାଦୁଅକୁ କର ପାର
ରାସ୍ତାକୁ ତ ପାର କରିବାକୁ ହେବ
କିଛି ନାହିଁ ପନ୍ଥା ଆମର

( ବିଜେତା: ମନୋରଞ୍ଜନ ଶତପଥୀ, ବାଙ୍ଗାଲୋର)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ବ ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ। ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com**। ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**